# ଧରିତ୍ରୀ
DHARITRI

ମଙ୍ଗଳବାର, ଏପ୍ରିଲ ୧୪/୨୦୨୦ (୨୦ ପୃଷ୍ଠା) Tuesday, April 14/2020

୪୬ଶ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ପୁସ୍ତକ ରଚନା କରୁଛନ୍ତି ମାରିଜନେ**

ଲକ୍‌ଡାଉନ୍ ଯୋଗୁ ଫାଙ୍କା ସମୟରେ ବହି ଲେଖିବାରେ ନିଜକୁ ନିୟୋଜିତ କରିଛନ୍ତି ଭାରତୀୟ ମହିଳା ହକି ଦଳର କୋଚ୍ ଜୋର୍ଡ ମାରିଜନେ।

୨୦

୦୭

**ଫିଲ୍ମ ଗୀତରେ ଝୁମିଲେ ଜାହ୍ନବୀ**

ବଲିଉଡ୍ ଷ୍ଟାରକିଡ୍ ଜାହ୍ନବୀ କପୁର ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରି 'ଉମ୍‌ରାଓ ଜାନ୍' ଫିଲ୍ମର ଗୀତ 'ସଲାମ୍'ରେ କ୍ଲାସିକାଲ ଡ୍ୟାନ୍ସ ପ୍ରାକ୍ଟିସ୍ କରୁଥିବା ଦେଖାଯାଇଛି।



# ଲକ୍‌ଡାଉନରେ କଟକଣା କୋହଳ

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

ସମ୍ପ୍ରତି କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନକୁ ଏପ୍ରିଲ ୧୫ରୁ ୩୦ତାରିଖ ପର୍ଯ୍ୟନ୍ତ ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ଲକ୍‌ଡାଉନ କଟକଣା ବଳବତ୍ତର ରହିଥିଲେ ସୁଦ୍ଧା ଚାଷ କାର୍ଯ୍ୟ, କୃଷି, ପରିବହନ, ଯୋଗାଣ ଇତ୍ୟାଦି କିଛି କ୍ଷେତ୍ରପାଇଁ କଟକଣାକୁ କୋହଳ କରାଯାଇଛି। ଆସନ୍ତା ୨୬ତାରିଖରେ ଅକ୍ଷୟ ତୃତୀୟା ପଡୁଛି। ସେହିଦିନ ଚାଷୀ ବର୍ଷକ ପାଇଁ ଚାଷ ଅନୁକୂଳ କରିବ। ଲକ୍‌ଡାଉନ ଯୋଗୁ ଚାଷୀଙ୍କୁ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରାଜ୍ୟ ସରକାର ଚାଷ ଓ ଏହାର ଆନୁଷଙ୍ଗିକ କ୍ଷେତ୍ରକୁ କୋହଳ କରିଛନ୍ତି। ଲକ୍‌ଡାଉନରୁ ଚାଷ କାର୍ଯ୍ୟକୁ ବାଦ୍ ଦିଆଯାଇଛି। ଚାଷୀମାନେ ନିଜ ବିଲକୁ ଯାଇ ଚାଷ କରି ପାରିବେ। ଧାନ ବୁଣାଠାରୁ ଆରମ୍ଭ କରି ରୁଆ, ବେଉଷଣ, ଫସଲ ଅମଳ ଆଦି କାର୍ଯ୍ୟ କରାଯାଇ ପାରିବ। ପନିପରିବା ଏବଂ ଫଳ ଯୋଗାଣ କରୁଥିବା ସମସ୍ତ ବ୍ୟବସାୟ, ଉଦ୍ୟାନ କୃଷିଜାତ ଦ୍ରବ୍ୟ ପରିବହନ କରାଯାଇପାରିବ। ତେବେ ଭୁବନେଶ୍ୱର ବ୍ୟତୀତ ରାଜ୍ୟର ଅନ୍ୟଅଞ୍ଚଳ ପାଇଁ ଏହି କଟକଣାକୁ କୋହଳ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ୍ତ କୁମାର ଜେନା ସୋମବାର ଏହି ସୂଚନା ଦେଇଛନ୍ତି।

ଏକ ଖବରଦାତା ସମ୍ମିଳନୀରେ ଏସ୍‌ଆର୍‌ସି ଜେନା କହିଛନ୍ତି ଯେ, ବର୍ତ୍ତମାନ ରବି ଫସଲ ଅମଳ ସମୟ ଆସିଯାଇଛି। ତେଣୁ ଏହାର ଅମଳ ପାଇଁ କୌଣସି କଟକଣା ରହିବ ନାହିଁ। ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲାରହିବ। ଚାଷୀମାନଙ୍କୁ ଗାଁରୁ ମଣ୍ଡିକୁ ଓ ମଣ୍ଡିରୁ ଗାଁକୁ ଟ୍ରାକ୍ଟର ଚଳାଇବାକୁ ଅନୁମତି ଦିଆଯାଇଛି। ସେହିପରି ଖରିଫ ଫସଲ ଲାଗି ଜମି ପ୍ରସ୍ତୁତ ପାଇଁ ଅନୁମତି ଦିଆଯାଇଛି। ଧାନବୁଣା, ତଳିପକା ପାଇଁ ଭୂମି ପ୍ରସ୍ତୁତି, ଜଳସେଚନ କାର୍ଯ୍ୟ କରାଯାଇ ପାରିବ। ମାଛ, ମାଂସ, ଅଣ୍ଡା, ଦୁଗ୍ଧ ଉତ୍ପାଦନ, ପରିବହନ ଓ ଯୋଗାଣ ଆଦି କାର୍ଯ୍ୟ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ସମୟରେ କରାଯାଇପାରିବ। ଏହି ସମୟରେ ସାର, କୀଟନାଶକ, କୃଷି ଯନ୍ତ୍ରପାତିର ଉତ୍ପାଦନକାରୀ ସଂସ୍ଥା, ଗୋଦାମ ଘର, ପ୍ୟାକେଜିଂ ସଂସ୍ଥା, ଏହାର ହୋଲ୍‌ସେଲର, ଡିଲର ଏବଂ ଏସମ୍ପର୍କିତ ଖୁଚୁରା ଦୋକାନ, ଶୀତଳଭଣ୍ଡାର ଆଦି ଖୋଲା ରହିବ ବୋଲି ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ହେଲେ ଏହି କୋହଳ ନିୟମ ଭୁବନେଶ୍ୱର ପାଇଁ ଲାଗୁ ହେବ ନାହିଁ। କାରଣ ରାଜ୍ୟର ସର୍ବାଧିକ କରୋନା ଆକ୍ରାନ୍ତ ଭୁବନେଶ୍ୱରରୁ ବାହାରିଥିବାରୁ ଏହି ସହର ପାଇଁ ଲକ୍‌ଡାଉନ ନିୟମ କଡ଼ାକଡ଼ି କରାଯିବ। ଭୁବନେଶ୍ୱର ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଏସ୍‌ଆରସି କହିଛନ୍ତି।

ରାଜ୍ୟବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ବେଳେ ସରକାର କିଛିଟା କଟକଣା କୋହଳ କରିଛନ୍ତି। ଫଳରେ ରାଜ୍ୟରେ ଜରୁରୀ ସେବା ବ୍ୟତୀତ ଆଉ କିଛି ଦରକାରୀ କାର୍ଯ୍ୟ ମଧ୍ୟ ଲୋକମାନେ କରି ପାରିବେ। ହେଲେ ଏ ସବୁ ମଧ୍ୟରେ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଏଥିରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଏସ୍‌ଆର୍‌ସି ସ୍ପଷ୍ଟ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ବେଳେ ଲୋକମାନେ ଅଯଥା ବଜାରରେ ଗହଳି ନ କରି ଅନ୍‌ଲାଇନରେ ଅତ୍ୟାବଶ୍ୟକ ସାମଗ୍ରୀ ମଗାଇପାରିବେ। ଏପରି କି ହୋଟେଲ ଓ ଢାବାରେ ନ ଖାଇ ଘରକୁ ଖାଦ୍ୟ ମଗାଇ ହେବ। ଏଥିସହିତ କେନ୍ଦୁ ପତ୍ର ତୋଳିବା, ଏହାର ପ୍ରକ୍ରିୟାକରଣ ଏବଂ ବିକ୍ରି ଆଦି କାର୍ଯ୍ୟ କରାଯାଇ ପାରିବ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଚାଲୁ ରହିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ନିର୍ମାଣ କାର୍ଯ୍ୟ ଜାରି ରହିବ। ସେହିପରି ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିନରେ କାର୍ଯ୍ୟ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ସମ୍ପୃକ୍ତ ଅଞ୍ଚଳର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଉତ୍ପାଦନ ଓ ବିପଣନ କାର୍ଯ୍ୟ ଜାରି ରଖିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।



- କୃଷି କ୍ଷେତ୍ର, ଚାଷ କାର୍ଯ୍ୟକୁ ଗୁରୁତ୍ୱ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ଚାଲିବ
- ସାମାଜିକ ଦୂରତ୍ୱ କଡ଼ାକଡ଼ି ପାଳନ ହେବ
- ଭୁବନେଶ୍ୱର ପାଇଁ ହେବ ସ୍ୱତନ୍ତ୍ର ନିର୍ଦ୍ଦେଶନାମା

## ଲକ୍‌ଡାଉନ ବେଳେ କ'ଣ ସବୁ ଚାଲୁରହିବ

- ଧାନବୁଣା, ତଳିରୁଆ, ଫସଲ ଅମଳ
- ପୋଖରୀ ଖୋଳାରେ ଶ୍ରମିକ ନିୟୋଜିତ
- ଟ୍ରାକ୍ଟର ଜରିଆରେ ଫସଲ ପରିବହନ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଚାଲିବ
- ପ୍ରଧାନମନ୍ତ୍ରୀ, ବିଜୁ ପକ୍କାଘର କାମ ହେବ
- କୃଷି ଯନ୍ତ୍ରପାତି, ବିହନ, ସାର ଦୋକାନ, ଧାନମଣ୍ଡି ଖୋଲା ରହିବ
- ପ୍ରାଣୀ ଚିକିତ୍ସାଳୟ, ଟିକାକରଣ କେନ୍ଦ୍ର ଖୋଲା ରହିବ
- ପୋଖରୀ ମାଛ, ସମୁଦ୍ର ମାଛଧରା, ଯାଆଁଳ ଉତ୍ପାଦନ , ଜାଲ ତିଆରି କାରଖାନା ଚାଲୁ ରହିବ
- ରାଜ୍ୟ ସମବାୟ ବ୍ୟାଙ୍କ, ଜିଲା କେନ୍ଦ୍ର ସମବାୟ, ପ୍ୟାକ୍ସ, ଲ୍ୟାମ୍ପ୍ସ ଖୋଲା ରହିବ
- ଗୋଶାଳା, ବୁଲାଜୀବଜନ୍ତୁଙ୍କୁ ଖାଦ୍ୟ ଦେବା
- ପାନୀୟ ଜଳ ଯୋଗାଣ, ନଳକୂପ ମରାମତି ଚାଲୁ ରହିବ
- ମିଶନ ଶକ୍ତି କାର୍ଯ୍ୟକ୍ରମ ଜାରି ରହିବ

## କେବଳ ଗରିବଙ୍କୁ ମିଳିବ ମାଗଣା କୋଭିଡ୍ ପରୀକ୍ଷା ସୁବିଧା

**ନିର୍ଦ୍ଦେଶନାମା ବଦଳାଇଲେ ସୁପ୍ରିମକୋର୍ଟ**



**ନୂଆଦିଲ୍ଲୀ,୧୩।୪**

କୋଭିଡ୍-୧୯ ପରୀକ୍ଷା ଦେୟ ଦେବାକୁ ଯେଉଁମାନେ ଅକ୍ଷମ କେବଳ ସେମାନଙ୍କୁ ଘରୋଇ ଲାବରେଟୋରିଗୁଡ଼ିକ ମାଗଣା ପରୀକ୍ଷା ସୁବିଧା ଯୋଗାଇଦେବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ସଂସ୍ଥାରେ କୋଭିଡ୍-୧୯ ପରୀକ୍ଷା ପାଇଁ ୪୫୦୦ ଟଙ୍କା ଦେୟ ଦେବାକୁ ପଡୁଛି। ସମସ୍ତଙ୍କୁ ମାଗଣାରେ ଏହି ପରୀକ୍ଷା ସୁବିଧା ଯୋଗାଇଦେବାକୁ ଗତ ସପ୍ତାହରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ପୂର୍ବ ନିର୍ଦ୍ଦେଶନାମାରେ ସଂଶୋଧନ କରିଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ କରୋନା ପରୀକ୍ଷା ଦେୟ ଦେବାକୁ ପଡ଼ିବ ନାହିଁ ବୋଲି କୋର୍ଟ କହିଛନ୍ତି। ଅନ୍ୟ ଆର୍ଥିକ ଦୁର୍ବଳ ☞ପୃଷ୍ଠା-୪

# ଦେଶରେ କରୋନା ନେଲାଣି ୩୫୮ ମୁଣ୍ଡ

**ନୂଆଦିଲ୍ଲୀ,୧୩।୪**

ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କରୋନା ଭୂତାଣୁ ଗୋଟିକ ପରେ ଗୋଟିଏ ମୁଣ୍ଡ ନେଇ ଲାଗିଛି। ସୋମବାର ଦେଶରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୧୦,୪୫୩ରେ ପହଞ୍ଚିଥିବାବେଳେ ୩୫୮ ଜଣଙ୍କ ମୃତ୍ୟୁ ଘଟିଲାଣି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ତାଲିକାରେ ରହିଛି ମହାରାଷ୍ଟ୍ର। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୨,୩୩୪ରେ ପହଞ୍ଚି ଥିବାବେଳେ ମୃତ୍ୟୁସଂଖ୍ୟା ୧୬୦ ରହିଛି। ଗୋଟିଏ ଦିନରେ ଏଠି ୩୫୨ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ତାମିଲନାଡୁରେ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୧,୧୭୩ରେ ପହଞ୍ଚିଛି। ଏହି ରାଜ୍ୟରେ ୧୧ଜଣ ବ୍ୟକ୍ତି କରୋନା ଭୂତାଣୁରେ ପ୍ରାଣ ହରାଇଛନ୍ତି।



- ଆକ୍ରାନ୍ତଙ୍କ ସଂଖ୍ୟା ୧୦,୪୫୩କୁ ବୃଦ୍ଧି
- ମହାରାଷ୍ଟ୍ରରେ ଗଲାଣି ୧୬୦ ଜୀବନ
- ତାମିଲନାଡୁରେ ୨୪ ଘଣ୍ଟାରେ ୯୮ ଆକ୍ରାନ୍ତ

ଗତ ୨୪ ଘଣ୍ଟାରେ ଏଠାରେ ୯୮ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜଧାନୀ ଦିଲ୍ଲୀରେ ଏହି ମହାମାରୀ ଭୂତାଣୁ ୧,୫୧୦ ଲୋକଙ୍କୁ କବଳିତ କରିଥିବା ବେଳେ ମୃତ୍ୟୁସଂଖ୍ୟା ୨୮କୁ ଛୁଇଁଛି। ରାଜସ୍ଥାନରେ ଅଦ୍ୟାବଧି ୮୯୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ଏଠାରେ ୧୧ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ମଧ୍ୟପ୍ରଦେଶରେ ୫୦ ମୁଣ୍ଡ ଗଡ଼ିଲାଣି। ନୂଆ ୫୨ ସଂକ୍ରମିତଙ୍କୁ ମିଶାଇ ଏଠାରେ ମୋଟ ୬୧୪ ରୋଗୀ ରହିଥିବା ଜଣାପଡ଼ିଛି। ଗୁଜରାଟରେ ୫୭୨ ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ୨୬ ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତେଲଙ୍ଗାନାରେ ୫୯୨ ସଂକ୍ରମିତ ଥିବାବେଳେ ମୃତ୍ୟୁସଂଖ୍ୟା ୧୭ ରହିଛି। ସେହିଭଳି କେରଳରେ ୨ ଜୀବନ ଯାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୩୭୮ରେ ପହଞ୍ଚିଛି। ଉତ୍ତରପ୍ରଦେଶରେ ୫୫୮ କରୋନା ଆକ୍ରାନ୍ତ ରହିଥିବା ବେଳେ ମୃତ୍ୟୁସଂଖ୍ୟା ୫ ରହିଛି। ଆନ୍ଧ୍ରପ୍ରଦେଶରେ ୪୩୯, କର୍ଣ୍ଣାଟକରେ ୨୪୭, ଜମ୍ମୁ-କଶ୍ମୀରରେ ୨୭୦, ପଞ୍ଜାବରେ ୧୭୬, ହରିୟାଣାରେ ୧୯୬ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଲକ୍‌ଡାଉନ୍ ସମୟରେ ସମସ୍ତେ ଘରେ ରହିବା ସହ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ଲାଗି କୁହାଯାଇଛି। ତଥାପି କରୋନା ଭୂତାଣୁ କାୟାବିସ୍ତାର କରିବାରେ ଲାଗିଛି। ସଂକ୍ରମଣର ମାତ୍ରା ବୃଦ୍ଧିପାଇବାରେ ଲାଗିଛି। ଯାହାକି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସାରା ଦେଶରେ ଲାଗୁ ହୋଇଥିବା ଲକ୍‌ଡାଉନ୍ ଅବଧି ମଙ୍ଗଳବାର ଶେଷ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଦେଶବାସୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ସମୟରେ ପ୍ରଧାନମନ୍ତ୍ରୀ ଲକ୍‌ଡାଉନ୍‌କୁ ଆଉ କିଛିଦିନ ବୃଦ୍ଧି କରିପାରନ୍ତି ବୋଲି ଆଲୋଚନା ହେଉଛି।

## ବମିଖାଲରୁ ଆଉ ଜଣେ ସଂକ୍ରମିତ ଚିହ୍ନଟ

- ୪ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି
- ରାଜ୍ୟରେ କରୋନା ପିଜିଟିଭ୍ ସଂଖ୍ୟା ୫୫କୁ ବୃଦ୍ଧି
- ଭୁବନେଶ୍ୱରର ଆଉ ୫ ଆକ୍ରାନ୍ତ ଆରୋଗ୍ୟ
- ୪ ଅଞ୍ଚଳରୁ ହଟିଲା କଣ୍ଟେନମେଣ୍ଟ ଜୋନ୍ କଟକଣା

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

ରାଜ୍ୟରେ ସୋମବାର ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ହେଲେ ଭୁବନେଶ୍ୱର ବମିଖାଲ ଜୟଦୁର୍ଗା ନଗରସ୍ଥିତ ବେବିଲୋନ୍ ଆପାର୍ଟମେଣ୍ଟରେ ରହୁଥିବା ଜଣେ ୩୫ ବର୍ଷୀୟ ଯୁବକ। ସେ ବମିଖାଲର ୭, ୮, ୨୨ ଓ ୩୯ ନମ୍ବର ଆକ୍ରାନ୍ତଙ୍କ ପଡ଼ୋଶୀ। ଯୁବକ ଜଣକ ସେମାନଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗଚୀ ସୂଚନା ଦେଇଛନ୍ତି।

ଏଥିସହ ଏହି ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ମଧ୍ୟ ଜାରି କରାଯାଇଛି। ସେ ମାର୍ଚ୍ଚ ୨୨ରୁ ଏପ୍ରିଲ୍ ୧୨ ପର୍ଯ୍ୟନ୍ତ ବମିଖାଲ୍ ଜୟଦୁର୍ଗା ନଗରସ୍ଥିତ ନିଜ ଘରେ ରହିଥିଲେ। ତାଙ୍କଠାରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲେ ମଧ୍ୟ ସନ୍ଦେହରେ ସ୍ୱାସ୍ଥ୍ୟ ବିଭାଗ ନମୁନା ☞ପୃଷ୍ଠା-୪

## କରୋନାର ସୁପର ସ୍ପ୍ରେଡର ଆମେରିକା ଔଷଧ କମ୍ପାନୀ

**ବୋଷ୍ଟନ,୧୩।୪**

ଆମେରିକାର ପ୍ରମୁଖ ଔଷଧ କମ୍ପାନୀ 'ବାୟୋଜେନ୍'କୁ କରୋନା ଭୂତାଣୁର ସୁପର ସ୍ପ୍ରେଡର (ସର୍ବାଧିକ ସଂକ୍ରମଣ କରାଇଥିବା ସଂସ୍ଥା) ବୋଲି କୁହାଯାଉଛି। ମାର୍ଚ୍ଚ ପ୍ରଥମ ସୋମବାର ପର୍ଯ୍ୟନ୍ତ ଏହି କମ୍ପାନୀରେ ସବୁକିଛି ଠିକ୍‌ଠାକ୍ ଥିବା କୁହାଯାଉଥିଲା। ଦୀର୍ଘବର୍ଷ ପରେ କମ୍ପାନୀର ନୂଆ ଆଲଜିମର ଔଷଧ ଆୟକୁ ଯଥେଷ୍ଟ ବଢ଼ାଇଦେଇଛି। ଏହା କମ୍ପାନୀର ଏକ ଉଲ୍ଲେଖନୀୟ ଜୟଯାତ୍ରା ବୋଲି ବୋଷ୍ଟନଠାରେ ଏକ ସ୍ୱାସ୍ଥ୍ୟସେବା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ମିଚେଲ ଭୌନାଟ୍‌ସୋସ୍ କହିଥିଲେ। ହେଲେ ସେ ଜାଣି ନ ଥିଲେ ସେତେବେଳକୁ କରୋନା ଭୂତାଣୁ ନୀରବରେ ଉକ୍ତ କମ୍ପାନୀର ବହୁ ବରିଷ୍ଠ କାର୍ଯ୍ୟନିର୍ବାହୀଙ୍କୁ କବଳିତ କଲାଣି। ଏହି ଅଧିକାରୀମାନେ କମ୍ପାନୀର ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ଖାଲି ସେତିକି ନୁହେଁ, ସେମାନଙ୍କଠାରେ କୌଣସି ଲକ୍ଷଣ ଦେଖାଯାଉ ନ ଥିବାରୁ ସେମାନେ ଅନ୍ୟ ଯାତ୍ରୀମାନଙ୍କ ସହ ବିଦେଶକୁ ବିମାନ ଯାତ୍ରା କରିଥିଲେ ଓ ପରିବାର ସହ ରହିଥିଲେ। ସେମାନଙ୍କ ଯୋଗୁ ଆମେରିକାର ୬ଟି ରାଜ୍ୟ ଏବଂ ୩ଟି ଦେଶକୁ କରୋନା ଭୂତାଣୁ ବ୍ୟାପିଲା ବୋଲି କୁହାଯାଉଛି। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀମାନେ ଏହି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ମାରୁଛି ଗୁଜବ

**ଆଜିର ମନ୍ତବ୍ୟ**

"ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀ ଓ ଅନ୍ୟ ଅଭାବୀ ଲୋକଙ୍କୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଜଣ ପିଛା ୧୦ କେ.ଜି. ଖାଦ୍ୟଶସ୍ୟ ଦିଆଯାଉ।

**-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା**

# ସାଇବର ଅପରାଧୀଙ୍କ ଅସ୍ତ୍ର ହୋଇପାରେ 'ଜୁମ୍' ଆପ୍

**ନୂଆଦିଲ୍ଲୀ, ୧୩।୪**

କରୋନା ଭାଇରସ୍ ଯୋଗୁ ଏବେ ବିଶ୍ୱର ପ୍ରାୟ ସବୁଠି ଲକ୍‌ଡାଉନ ସ୍ଥିତି। ବହୁ କମ୍ପାନୀ ଓ ଘରୋଇ ସଂସ୍ଥା ନିଜର କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ କହିଛନ୍ତି। ଲକ୍‌ଡାଉନ ଯୋଗୁ ଘରୁ ବାହାରି ହେଉ ନ ଥିବାରୁ ଅଫିସ୍ କାର୍ଯ୍ୟ ପରିଚାଳନା ପାଇଁ କିଭଳି ମିଟିଂ କରାଯିବ ସେନେଇ ଚିନ୍ତା କରାଯାଉଛି। ଏହି ସମୟରେ ସହାୟକ ହୋଇପାରିଛି ଭିଡିଓ କନ୍‌ଫରେନ୍ସ ଆପ୍, ଯାହାର ନାଁ ହେଉଛି 'ଜୁମ୍'। ଏବେ ଏହି ଆପ୍ ଖୁବ୍ ଚର୍ଚ୍ଚାରେ। ଏହା ଜରିଆରେ ଏକା ଥରକେ ୧୦୦ ଜଣ ଲୋକ ଭିଡିଓ କଲିଂ କରିପାରୁଛନ୍ତି। ଅର୍ଥାତ୍ ୧୦୦ ଜଣ ଲୋକ ପରସ୍ପରକୁ ଦେଖିପାରୁଛନ୍ତି ଏବଂ କଥା ହୋଇପାରୁଛନ୍ତି। ଏଥିପାଇଁ 'ଜୁମ୍' ଆପ୍‌ର ଲୋକପ୍ରିୟତା କେବଳ ଭାରତରେ ନୁହେଁ ସାରା ବିଶ୍ୱରେ ବଢ଼ିବାରେ ଲାଗିଛି। ହେଲେ ଏହି ଆପ୍‌ରେ ବ୍ୟବହାରକାରୀଙ୍କ ଡାଟା ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ ଉଠିଛି। ଅର୍ଥାତ୍ ଏହି ଆପ୍ ଦ୍ୱାରା ବ୍ୟବହାରକାରୀଙ୍କ ମୋବାଇଲ ଫୋନ ଓ ଲାପ୍‌ଟପ୍ ଡାଟା ଅନ୍ୟ କାହାରି ହାତରେ ଲାଗିପାରେ, ଯାହାକି ବଡ଼ ଚିନ୍ତାର ବିଷୟ।

ସାଇବର ସିକ୍ୟୁରିଟି ପାଇଁ ଭାରତରେ ଏକ ରାଷ୍ଟ୍ରୀୟ ନୋଡାଲ ଏଜେନ୍ସି ରହିଛି। ତାହା ହେଉଛି ସିଇଆର୍‌ଟି-ଇନ୍(ଦ ଇଣ୍ଡିଆନ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍‌ପନ୍ସ ଟିମ୍)। ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଥିବା ଏହି ଏଜେନ୍ସି 'ଜୁମ୍'ରେ ଡାଟା ସୁରକ୍ଷାକୁ ଦୃଷ୍ଟିରେ ରଖି ଭାରତୀୟଙ୍କୁ ଯଥେଷ୍ଟ ସାବଧାନ ରହିବାକୁ ସତର୍କ କରାଇଛି। ଏହି ଆପ୍ ବ୍ୟବହାରବେଳେ ସତର୍କ ନ ରହିଲେ ତାହା ସାଇବର ଆଟାକ୍‌ର ମାଧ୍ୟମ ହୋଇପାରେ। ଏହାସହିତ ବ୍ୟବହାରକାରୀଙ୍କ ସମ୍ବେଦନଶୀଳ ତଥ୍ୟ ଲିକ୍ ହୋଇ ସାଇବର ଅପରାଧୀଙ୍କ ପାଖକୁ ଯିବାର ଯଥେଷ୍ଟ ଆଶଙ୍କା ରହିଥିବା ଏଜେନ୍ସି କହିଛି।



- ବ୍ୟକ୍ତିଗତ ଗୋପନୀୟତା ପାଇଁ ବିପଦ
- ଚିନ୍ତା ବ୍ୟକ୍ତ କଲେ ସାଇବର ସୁରକ୍ଷା ବିଶେଷଜ୍ଞ
- ୯୦ ଦିନ ମଧ୍ୟରେ ସମାଧାନ ପାଇଁ କମ୍ପାନୀର ପ୍ରୟାସ

ଅନ୍ୟପକ୍ଷରେ ଆମେରିକାର କାଲିଫର୍ନିଆରେ ଏହି ଆପ୍ ବିରୋଧରେ ୩ଟି ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ତାହା ହେଉଛି ଜୁମ୍ ବ୍ୟବହାରକାରୀଙ୍କ ଡାଟା ଫେସ୍‌ବୁକ୍‌ରେ ଶେୟାର ହେବା। ଦ୍ୱିତୀୟରେ ଏହି ଆପ୍ ଏଣ୍ଡ-ଟୁ-ଏଣ୍ଡ ଏନ୍‌କ୍ରିପ୍‌ଶନ ସୁବିଧା ନ ଦେବା। ଏହି ସୁବିଧା ହ୍ୱାଟ୍‌ସଆପ୍ ବ୍ୟବହାରକାରୀଙ୍କୁ ମିଳୁଛି। ଏହି ସୁବିଧା ଦ୍ୱାରା କେବଳ ଯୋଗାଯୋଗ କରୁଥିବା ୟୁଜର୍ସ ହିଁ ମେସେଜ୍ ପଢ଼ିପାରିବେ। ସେହିପରି ତୃତୀୟ ଅଭିଯୋଗ ହେଲା 'ଜୁମ୍' ଦ୍ୱାରା ସହଜରେ ବ୍ୟବହାରକାରୀଙ୍କ ୱେବ୍ କ୍ୟାମେରାକୁ ମଧ୍ୟ ଉପଯୋଗ କରିହେଉଛି। 'ୱାଶିଂଟନ ପୋଷ୍ଟ' ପକ୍ଷରୁ ଏହାକୁ ନେଇ ଯାଞ୍ଚ କରାଯିବାରୁ 'ଜୁମ୍' ଆପ୍ ବ୍ୟବହାର କରୁଥିବା ହଜାର ହଜାର ଲୋକଙ୍କ ବ୍ୟକ୍ତିଗତ ଜୁମ୍ ଭିଡିଓ ଇଣ୍ଟରନେଟ୍‌ର ଫ୍ରି ସ୍ପେସ୍‌ରେ ଉପଲବ୍ଧ ଥିବା ଜଣାପଡ଼ିଥିଲା। ଅର୍ଥାତ୍ ୟୁଜର୍ସମାନେ ଜୁମ୍ ଆପ୍ ମାଧ୍ୟମରେ ଯେଉଁ ଭିଡିଓ ଆଳାପ କରିଥିଲେ ତାହାସବୁ ଇଣ୍ଟରନେଟ୍ ମାଧ୍ୟମରେ କେହି ତୃତୀୟ ତଥା ଅପରିଚିତ ବ୍ୟକ୍ତିଙ୍କ ଦେଖିବା ପାଇଁ ଉପଲବ୍ଧ ରହିଛି। ସେହି ଭିଡିଓଗୁଡ଼ିକୁ ଆଧାର କରି 'ୱାଶିଂଟନ ପୋଷ୍ଟ' ପକ୍ଷରୁ ୫ଜଣଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେମାନେ କେହି ମଧ୍ୟ ସେମାନଙ୍କ ଭିଡିଓ ଲିକ୍ ହୋଇ ଇଣ୍ଟରନେଟ୍‌ରେ ଥିବା ବିଷୟରେ ଅବଗତ ନ ଥିଲେ।

କାଲିଫର୍ନିଆର ସାନ ଜୋସ୍‌ରେ ରହିଛି ଜୁମ୍ ଆପ୍‌ର ହେଡ୍‌କ୍ୱାର୍ଟର୍ସ। ଏହାର ପ୍ରତିଷ୍ଠାତା ତଥା ସିଇଓ ହେଉଛନ୍ତି ଏରିକ୍ ୟୁଆନ, ଯିଏକି ଜଣେ ଚାଇନିଜ୍ ଆମେରିକୀୟ। ମାତ୍ର ୩ ମାସ ମଧ୍ୟରେ ତାଙ୍କ ସମ୍ପତ୍ତି ୧୧୨% ବୃଦ୍ଧି ପାଇ ୭.୫ ବିଲିୟନ ଡଲାର ହୋଇଯାଇଛି। ସେ ଏବେ ବ୍ଲୁମ୍‌ବର୍ଗର ବିଲିୟନେୟାର୍ସଙ୍କ ତାଲିକାର ୧୯୨ ନମ୍ବରରେ ରହିଛନ୍ତି। ୨୦୧୯ ଡିସେମ୍ବରରେ 'ଜୁମ୍' ଆପ୍‌ର ଆକ୍ଟିଭ ୟୁଜର୍ସ ସଂଖ୍ୟା ୧ କୋଟି ଥିବାବେଳେ ମାର୍ଚ୍ଚରେ ତାହା ୨୦ କୋଟିରେ ପହଞ୍ଚିଥିଲା। ଗତ ମାସରେ ଏହି ଆପ୍‌ର ଡାଉନଲୋଡ୍ ପେଜ୍‌କୁ ଦୈନିକ ଯାଉଥିବା ଲୋକଙ୍କ ସଂଖ୍ୟାରେ ୫୩୫% ବୃଦ୍ଧି ଘଟିଥିଲା। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ଭଳି ବହୁ ରାଜନେତା ଓ ☞ପୃଷ୍ଠା-୪

**ଆତଙ୍କବାଦୀ ଆକ୍ରମଣରେ ଏସ୍‌ପିଓ ଶହୀଦ**

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ସୋମବାର ଅପରାହ୍ନରେ ଆତଙ୍କବାଦୀଙ୍କ ଆକ୍ରମଣରେ ଜଣେ ଏସ୍‌ପିଓ ଶହୀଦ ହୋଇଛନ୍ତି। ଡାଚାନ ଅନ୍ତର୍ଗତ ତଣ୍ଡାର ଗ୍ରାମରେ ଡ୍ୟୁଟିରେ ଥିବା ଦୁଇଜଣ ଏସ୍‌ପିଓଙ୍କ ଉପରକୁ ଆତଙ୍କବାଦୀ ଗୁଳି ଚଳାଇଥିଲେ। ଏଥିରେ ଜଣେ ଶହୀଦ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଆତଙ୍କବାଦୀମାନେ ଏସ୍‌ପିଓଙ୍କ ସର୍ଭିସ୍ ରାଇଫଲ ନେଇ ପଳାଇଛନ୍ତି।

# ଜୀବନରେ ପଡ଼ିଛି କୋଭିଡ୍ ତାଲା



ଘାତକ ଭୂତାଣୁ କରୋନା କରିଛି ଅଭୂତପୂର୍ବ ଅବସ୍ଥା। କୋଭିଡ୍-୧୯ ମୁଣ୍ଡ ପରେ ମୁଣ୍ଡ ନେଇ ଚାଲିଥିବାବେଳେ ଏହାର ମୁକାବିଲା ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଦେଶରେ ଏହି ମିଆଦ ମଙ୍ଗଳବାର ଶେଷ ହେଉଥିବାବେଳେ ଅବଧି ବୃଦ୍ଧି ନେଇ ଘୋଷଣା କରିପାରେ କେନ୍ଦ୍ର। ସୋସିଆଲ ଡିଷ୍ଟାନ୍ସିଂ ଲାଗି ଦୋକାନ ବଜାର ବନ୍ଦ, ରାସ୍ତାଘାଟ ଶୂନଶାନ୍, ସବୁକିଛି ଠପ୍। ମନେହେଉଛି ସତେ ଯେପରି ଦେଶବାସୀଙ୍କ ଜୀବନରେ ତାଲା ପକାଇଦେଇଛି କୋଭିଡ୍ ଭାଇରସ୍। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜାତି ଉଦ୍ଦେଶ୍ୟରେ ଦେବାକୁ ଥିବା ବାର୍ତ୍ତାକୁ କେବଳ ଭାରତ ନୁହେଁ, ବରଂ ଅପେକ୍ଷା କରିଛି ସାରା ବିଶ୍ୱ।



ଉତ୍ତରପ୍ରଦେଶର ଗାଜିଆବାଦ କୋଭିଡ୍-୧୯ ହଟ୍‌ସ୍ପଟ ପାଲଟିଥିବାବେଳେ ରାଜନଗର ଏକ୍ସଟେନ୍‌ଶନରେ ଥିବା ଏକ ଏସ୍‌ଏସ୍‌ସି ସୋସାଇଟିକୁ କ୍ଷୀର ନେଇଯାଇଛନ୍ତି ସ୍ଥାନୀୟ ମହିଳା।

## ଲକ୍‌ଡାଉନ ବୃଦ୍ଧି ଘୋଷଣା ଆଜି

ନୂଆଦିଲ୍ଲୀ,୧୩।୪(ପି.ଟି.)

ଦେଶରେ ଜାରି ହୋଇଥିବା ୨୧ ଦିନିଆ ଲକ୍‌ଡାଉନ ମଙ୍ଗଳବାର ଶେଷ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଦେଶବାସୀଙ୍କୁ ସମ୍ବୋଧିତ କରିବେ। ରାଜ୍ୟଗୁଡ଼ିକର ଅନୁରୋଧକ୍ରମେ ସେ ଲକ୍‌ଡାଉନ ସମୟସୀମାକୁ ଆଉ ୨ ସପ୍ତାହ ବଢ଼ାଇପାରନ୍ତି ବୋଲି ସୂଚନା ମିଳୁଛି। ତେବେ ଅର୍ଥନୈତିକ କାର୍ଯ୍ୟ ବଢ଼ାଇବା ପାଇଁ ଲକ୍‌ଡାଉନ ନିୟମରେ କିଛିଟା କୋହଳ ହୋଇପାରେ ବୋଲି ଆଶା କରାଯାଉଛି।

ଏପ୍ରିଲ ୧୪ ପରେ ଲକ୍‌ଡାଉନ ଆଉ ୨ ସପ୍ତାହ ବଢ଼ାଇବା ସପକ୍ଷରେ ଅଧିକାଂଶ ରାଜ୍ୟ ମତ ଦେଇଛନ୍ତି। କେନ୍ଦ୍ର ସରକାର ମୁଖ୍ୟତଃ ଦୁଇଟି କାର୍ଯ୍ୟଯୋଜନା ଉପରେ ଅଧିକ ଧ୍ୟାନ ଦେଉଛନ୍ତି।



**ରାଷ୍ଟ୍ରକୁ ସମ୍ବୋଧିତ କରିବେ ମୋଦି**

**ଅର୍ଥନୈତିକ କାର୍ଯ୍ୟ ଲାଗି କୋହଳ ହୋଇପାରେ ନିୟମ**

ତାହା ହେଲା ଦେଶରେ କୋଭିଡ୍-୧୯ ସଂକ୍ରମଣ କମାଇବା ଏବଂ ଅର୍ଥନୈତିକ କାରବାରକୁ ପୁନର୍ବାର ଚାଲୁକରିବା ବୋଲି ପିଏମ୍‌ଓ ପକ୍ଷରୁ କୁହାଯାଇଛି। ଶନିବାର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ଆଲୋଚନା ବେଳେ ଅର୍ଥନୈତିକ କାରବାର ଉପରେ ଗୁରୁତ୍ୱ ଦେଇଥିଲେ। ଜୀବନ ସହ ଜୀବିକା ବଞ୍ଚାଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ।

ଦେଶରେ କରୋନା ଜନିତ ମୃତ୍ୟୁସଂଖ୍ୟା ୩୪୨ ଛୁଇଁଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୧୦,୦୭୫ରେ ପହଞ୍ଚିଲାଣି। ତେଣୁ ସଂକ୍ରମଣ ରୋକିବା ଲାଗି ଲକ୍‌ଡାଉନ୍ ଜରୁରୀ ବୋଲି ଅଧିକାଂଶ ରାଜ୍ୟ ଯୁକ୍ତି ଦର୍ଶାଉଛନ୍ତି। ତେବେ ଆର୍ଥିକ ଅଭିବୃଦ୍ଧି ଗତ ୬ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଲକ୍‌ଡାଉନ ଯୋଗୁ ଦେଶର ଅର୍ଥନୀତି ଆହୁରି ନିମ୍ନଗାମୀ ହେବ। କୋଟି କୋଟି ଲୋକ କାମଧନ୍ଦା ନ ପାଇ ହାତବାନ୍ଧି ବସିଛନ୍ତି। ଛୋଟ ଦୋକାନୀ ଓ ଶିଳ୍ପସଂସ୍ଥାଗୁଡ଼ିକ ଗୁରୁତର କ୍ଷତିଗ୍ରସ୍ତ ହୋଇଛନ୍ତି। ତେଣୁ ୧୪ ତାରିଖ ପରେ ଆର୍ଥିକ କାରବାର ବଢ଼ାଇବା ପାଇଁ ଦେଶକୁ ୩ଟି ଜୋନ୍‌ରେ ବିଭକ୍ତ କରିବାକୁ ଯୋଜନା ହେଉଛି। ପ୍ରଭାବିତ ହୋଇ ନ ଥିବା ୪୦୦ ଜିଲାକୁ ସବୁଜ ଜୋନ୍‌ରେ ରଖାଯାଇ ସେଠାରେ ସାମାଜିକ ଦୂରତ୍ୱ ରକ୍ଷା କରି କୃଷି, ନିର୍ମାଣ ଓ ଉତ୍ପାଦନ କାର୍ଯ୍ୟ କରିବା ଲାଗି ଅନୁମତି ଦିଆଯିବ ବୋଲି ଜଣାପଡ଼ିଛି।

## ବିଦେଶରେ ଫସିଛନ୍ତି ୪୦ ହଜାର ଭାରତୀୟ

ୱାଶିଂଟନ,୧୩।୪



ବର୍ତ୍ତମାନ ଇଟାଲୀରେ ଥିବା ଏମ୍‌ଏସ୍‌ସି ଗ୍ରାଣ୍ଡିଓସାରେ ଫସିରହିଛନ୍ତି ଭାରତୀୟ କ୍ରିଉ ମେମ୍ବର।

ମହାମାରୀ କରୋନା ବିଶ୍ୱବ୍ୟାପୀ ଅଚଳାବସ୍ଥା ସୃଷ୍ଟି କରିଛି। ଏହି ଭୂତାଣୁ ସଂକ୍ରମଣ ରୋକିବା ପାଇଁ ବିଶ୍ୱର ବିଭିନ୍ନ ଭାଗରେ ଲକ୍‌ଡାଉନ୍ ଜାରି ହୋଇଥିବାରୁ ପ୍ରାୟ ୪୦ ହଜାର ପ୍ରବାସୀ ଭାରତୀୟ ଫସିରହିଛନ୍ତି। ସେମାନେ ନିଜ କର୍ମକ୍ଷେତ୍ରରୁ ଘରକୁ ଫେରିପାରି ନାହାନ୍ତି। କାର୍ଗୋ ଓ କ୍ରୁଜ୍ ଜାହାଜଗୁଡ଼ିକରେ ଫସିଥିବା ହଜାର ହଜାର ଭାରତୀୟ କ୍ରିଉ ମେମ୍ବର ଘରକୁ ଫେରିବା ପାଇଁ ଆକୁଳ ହୋଇ ଅପେକ୍ଷା କରିଛନ୍ତି। ଏନେଇ ଆମେରିକାର ମିଆମି ବନ୍ଦର ନିକଟରେ ଲାଗିଥିବା ଏମ୍‌ଏସ୍‌ସି ଡିଭିନା କ୍ରୁଜ୍ ଶିପ୍‌ର କ୍ରିଉ ମେମ୍ବରମାନଙ୍କ ମଧ୍ୟରୁ ଅନ୍ୟତମ ଆନନ୍ଦ କୁମାର କହିଛନ୍ତି, ଭାରତୀୟ ସରକାର ଆମ ସମସ୍ତଙ୍କୁ ଅଣଦେଖା କରିଛନ୍ତି। ଆମେ ସ୍ୱଦେଶକୁ ଫେରି କ୍ୱାରାଣ୍ଟାଇନ୍‌ରେ ରହିବାକୁ ଆଗ୍ରହୀ। ହେଲେ ଆମକୁ ଅନ୍ତତଃ ଭାରତକୁ ନେଇଯାଆନ୍ତୁ। ୱାଶିଂଟନସ୍ଥିତ ଭାରତୀୟ ଦୂତାବାସ ଓ ଆଟଲାଣ୍ଟାରେ ଥିବା କନ୍‌ସୁଲେଟରେ ପହଞ୍ଚିବା ଲାଗି ଆମେ ଉଦ୍ୟମ କରୁଛୁ। କିନ୍ତୁ ଭାରତ ସରକାରଠାରୁ ଆମ ସମ୍ପର୍କରେ କୌଣସି ଅପ୍‌ଡେଟ୍ ନାହିଁ ବୋଲି ସେମାନେ କହୁଛନ୍ତି।

ଭାରତର ଜାହାଜ ମାଲିକ, ଜାହାଜ ପରିଚାଳକ ଓ ଏଜେଣ୍ଟମାନଙ୍କୁ ନେଇ ଗଠିତ ମାରିଟାଇମ୍ ଆସୋସିଏଶନ (ଏମ୍‌ଏଏସ୍‌ଏସ୍‌ଏ)ର ଆକଳନ ଅନୁସାରେ ବିଦେଶରେ ଫସିରହିଥିବା ଭାରତୀୟ କ୍ରିଉ ମେମ୍ବରଙ୍କ ସଂଖ୍ୟା ପ୍ରାୟ ୪୦,୦୦୦। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୪ ତାରିଖରେ ଦେଶବ୍ୟାପୀ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଥିଲେ। ଏହି ତାଲାବନ୍ଦ ଘୋଷଣା ପରଠୁ ସମସ୍ତ ଅନ୍ତର୍ଜାତୀୟ ବିମାନ ଚଳାଚଳକୁ ବାତିଲ କରାଯାଇଥିବାରୁ କୌଣସି କ୍ରିଉ ମେମ୍ବର ନିଜ ଘରକୁ ଫେରିନାହାନ୍ତି। କ୍ରୁଜ୍ ଲାଇନ୍ସର ଅଧିକାଂଶ ଭାରତକୁ ଭାରତୀୟ କର୍ମଚାରୀଙ୍କୁ ଫେରାଇବା ପାଇଁ ପ୍ରସ୍ତୁତ ଅଛନ୍ତି। ତେବେ ଭାରତ ସରକାର ସେମାନଙ୍କୁ ଏଥିଲାଗି ଅନୁମତି ଦେଉନାହାନ୍ତି ବୋଲି କ୍ଷୋଭବ୍ୟକ୍ତ କରିଛନ୍ତି । ଇତିମଧ୍ୟରେ କେତେଜଣ ଭାରତୀୟ କର୍ମଚାରୀ ଜାହାଜରେ ପ୍ରାଣ ହରାଇସାରିଲେଣି।

### ୩୦ ଯାଏ ବଢ଼ାଇଲା ତାମିଲନାଡୁ

ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପଲାନିସାମୀ ରାଜ୍ୟରେ ଲକ୍‌ଡାଉନ ଏପ୍ରିଲ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଓଡ଼ିଶା, ପଞ୍ଜାବ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, କର୍ଣାଟକ ଓ ତେଲଙ୍ଗାନା ଲକ୍‌ଡାଉନ ସମୟସୀମା ବଢ଼ାଇସାରିଛନ୍ତି। ଶନିବାର ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନାବେଳେ ଲକ୍‌ଡାଉନ ବଢ଼ାଇବା ପାଇଁ ସେ ପ୍ରସ୍ତାବ ଦେଇଥିଲେ।

### ବିଦେଶୀଙ୍କ ଭିଜା ମିଆଦ ୩୦କୁ ବୃଦ୍ଧି

କୋଭିଡ୍-୧୯ ଯୋଗୁ ଭାରତରେ ଅଟକି ରହିଥିବା ବିଦେଶୀ ନାଗରିକଙ୍କ ନିୟମିତ ଭିଜା ଓ ଇ-ଭିଜା ଅବଧିକୁ ସରକାର ଏପ୍ରିଲ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫେବୃୟାରୀ ୧ ମଧରାତ୍ରରୁ ଯେଉଁମାନଙ୍କର ଭିଜା ଅବଧି ପୂରଣ ହୋଇଛି ବା ହେବାକୁ ଯାଉଛି, ତାହାକୁ ଏପ୍ରିଲ ୩୦ ମଧରାତ୍ର ପର୍ଯ୍ୟନ୍ତ ବଢ଼ାଇ ଦିଆଗଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### କମିପାରେ ସଂକ୍ରମଣ

ଆସନ୍ତା ସପ୍ତାହରୁ ଭାରତରେ କୋଭିଡ୍-୧୯ ସଂକ୍ରମଣ ସଂଖ୍ୟା ହ୍ରାସ ପାଇବା ଆରମ୍ଭ ହୋଇପାରେ। ଲକ୍‌ଡାଉନ ସଫଳ ହେଲେ ଓ ଲୋକେ ପ୍ରତିକାର ପଦକ୍ଷେପଗୁଡ଼ିକୁ ପାଳନ କଲେ ଏପ୍ରିଲ ୩୦ ସୁଦ୍ଧା ସଂକ୍ରମଣ ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ଏକ ଅଧ୍ୟୟନରେ କୁହାଯାଇଛି। କେବଳ ୨୧ ଦିନିଆ ଲକ୍‌ଡାଉନ ସହିତ ସାମାଜିକ ଦୂରତ୍ୱ ରକ୍ଷା ଏବଂ ସୀମା ସିଲ୍ ଜାରି ରହିଲେ, ଏହି ସୁଫଳ ମିଳିପାରିବ ବୋଲି ମିଚିଗାନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଭ୍ରମହର ମୁଖାର୍ଜୀଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି।

## ଲକ୍‌ଡାଉନ୍ ଯୋଗୁ ଏମିତି ଅବସ୍ଥା



କୋଲ୍‌କାତାରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ବଣ୍ଟନ କରାଯାଉଥିବା ଖାଦ୍ୟ ପାଇଁ ଅନେଇ ବସିଛନ୍ତି ଲୋକେ।

### ସେପ୍ଟେମ୍ବର ଯାଏ ଗରିବଙ୍କୁ ମିଳୁ ମାଗଣା ରାଶନ: ସୋନିଆ

ଗରିବଙ୍କୁ ମାଗଣା ରାଶନ ସେପ୍ଟେମ୍ବର ପର୍ଯ୍ୟନ୍ତ ଯୋଗାଇଦେବାକୁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଦାବି କରିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ସେପ୍ଟେମ୍ବର ପର୍ଯ୍ୟନ୍ତ ମାଗଣା ଖାଦ୍ୟଶସ୍ୟ ଯୋଗାଇବାକୁ ସରକାର ନିଷ୍ପତ୍ତି ନେଇଥିବାରୁ ସୋନିଆ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ରାଶନ କାର୍ଡ ନ ଥାଇ ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଥିବା ଲୋକଙ୍କୁ ୬ ମାସ ଯାଏ ଜଣପିଛା ୧୦ କିଲୋଗ୍ରାମ ଖାଦ୍ୟଶସ୍ୟ ଯୋଗାଇଦେବା ଲାଗି ବିଚାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ଦାଦନ ଶ୍ରମିକମାନଙ୍କର ରାଶନ କାର୍ଡ ନାହିଁ। ଏହା ବ୍ୟତୀତ ଅନେକ ଗରିବ ଏହି ସୁବିଧାରୁ ବାଦ୍ ପଡିଛନ୍ତି। ୨୦୧୧ରୁ ଲୋକସଂଖ୍ୟା ବହୁତ ବଢ଼ିଲାଣି। ତେଣୁ ରାଶନ କାର୍ଡ ସଂଖ୍ୟା ବଢ଼ିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଯେଉଁଠି ଅଛ ସେଇଠି ଥାଅ

**ବ୍ରିଟେନରେ ଅଟକିଥିବା ଭାରତୀୟ ଛାତ୍ରଙ୍କୁ ସିଜେଆଇଙ୍କ ପରାମର୍ଶ**

ନୂଆଦିଲ୍ଲୀ,୧୩।୪: କରୋନା ସଂକ୍ରମଣଜନିତ ଲକ୍‌ଡାଉନ ଯୋଗୁ ବ୍ରିଟେନରେ ଅଟକି ରହିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ବର୍ତ୍ତମାନ ଫେରାଇ ଆଣିବା ସମ୍ଭବ ନୁହେଁ ବୋଲି ସୁପ୍ରିମକୋର୍ଟ ଅନୁଭବ କରିଛନ୍ତି। ତେଣୁ ପିଲାମାନେ ଯେଉଁଠି ଅଛନ୍ତି, ସେଇଠି ଥାଆନ୍ତୁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ କହିଛନ୍ତି। ବ୍ରିଟେନରେ ଅଟକି ଥିବା ପିଲାମାନଙ୍କୁ ଫେରାଇ ଆଣିବା ଲାଗି ଦାଏର ଦୁଇଟି ଜନସ୍ୱାର୍ଥ ମାମଲାର ଶୁଣାଣି କରିବା ପରେ ସିଜେଆଇଙ୍କ ସମେତ ଜଷ୍ଟିସ୍ ଏଲ୍.ଏନ୍. ରାଓ ଏବଂ ଏମ୍.ଏମ୍. ଶାନ୍ତନଗୌଦରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ମତ ଦେଇଛନ୍ତି। ବ୍ରିଟେନରେ ୫୦,୦୦୦ ଭାରତୀୟ ଛାତ୍ରୀଛାତ୍ର ଅଟକି ରହିଛନ୍ତି। ଏତେ ସଂଖ୍ୟାରେ ପିଲାଙ୍କୁ କିପରି ଫେରାଇ ଅଣାଯିବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।



ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ

## ଖାଇବାକୁ ଦେଇ ନ ପାରି ୫ ପିଲାଙ୍କୁ ଗଙ୍ଗାରେ ଫିଙ୍ଗିଦେଲେ ମାଆ

**ଭଦୋହି, ୧୩।୪:** ଗରିବଙ୍କ ଦୁଃଖ ବଢ଼ାଇ ଦେଇଛି ଲକ୍‌ଡାଉନ। କାମଧନ୍ଦା ନ ପାଇ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଉତ୍ତରପ୍ରଦେଶର ଭଦୋହି ଜିଲା ଅନ୍ତର୍ଗତ ଜେହଙ୍ଗୀରବାଦ ଅଞ୍ଚଳରେ ଜଣେ ମହିଳା ତାଙ୍କର ୫ ପିଲାଙ୍କୁ ଖାଇବାକୁ ଦେଇ ନ ପାରି ଗଙ୍ଗାନଦୀରେ ଫିଙ୍ଗିଦେବା ଭଳି ଦୁଃଖଦ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ମହିଳା ଜଣଙ୍କୁ ଗିରଫ କରାଯାଇଛି। ସେ ମାନସିକ ବିକୃତ ଭଳି ଜଣାପଡୁଥିବା ପୋଲିସ କହିଛି। ମହିଳା ଜଣକ ମୂଲ ଲାଗି ପିଲାମାନଙ୍କୁ ଚଳାଉଥିଲେ। ଲକ୍‌ଡାଉନ ଯୋଗୁ କିଛିଦିନ ହେଲା ସେ ଓ ତାଙ୍କ ପିଲାମାନେ ଖାଇବାକୁ ପାଇ ନ ଥିଲେ ବୋଲି ପ୍ରକାଶ।

## ବରଦାନ ହୋଇପାରେ ରେମ୍‌ଡେସିଭିର୍




କରୋନା ରୋଗୀଙ୍କ ଚିକିତ୍ସାରେ ରେମ୍‌ଡେସିଭିର୍ ବରଦାନ ହୋଇପାରେ ବୋଲି ଭାରତୀୟ ଭେଷଜ ଗବେଷଣା ସଂସ୍ଥା (ଆଇସିଏମ୍‌ଆର୍)ର ନିର୍ଦ୍ଦେଶକ ଡ. ରମଣ ଗଙ୍ଗାଖେଦକର କହିଛନ୍ତି। ଏହି ଔଷଧ ବ୍ୟବହାର ଫଳରେ ଅକ୍ସିଜେନ୍ ସପୋର୍ଟ ଆବଶ୍ୟକ କରୁଥିବା ୩ ରୋଗୀଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେଇଛି। ଗିଲିଡ୍ ସାଇନ୍ସେସ୍ ଆଇଏନ୍‌ସି ଦ୍ୱାରା ବିକଶିତ ରେମ୍‌ଡେସିଭିର୍‌କୁ ଏବୋଲା ରୋଗୀଙ୍କ ଚିକିତ୍ସାରେ ବ୍ୟବହାର କରାଯାଇଥିଲା।

## କରୋନା ଲଢ଼େଇରେ ଡ୍ରୋନ୍, ରୋବୋ



**ନୂଆଦିଲ୍ଲୀ,୧୩।୪(ପି.ଟି.):** କରୋନା ବିରୋଧୀ ଲଢ଼େଇରେ ଶସ୍ତା ପୋର୍ଟେବଲ୍ ଭେଣ୍ଟିଲେଟରଠାରୁ ଆରମ୍ଭ କରି ଡ୍ରୋନ୍, ରୋବୋ ଏବଂ ସ୍ୱତନ୍ତ୍ର ଷ୍ଟେଥୋସ୍କୋପ୍ ବ୍ୟବହାର କରାଯାଉଛି। ସାନିଟାଇଜେଶନରେ ଡ୍ରୋନ୍‌କୁ ବ୍ୟବହାର କରାଯାଇଥିବାବେଳେ ଖାଦ୍ୟ ଓ ଔଷଧ ଯୋଗାଣରେ ରୋବୋ ଏବଂ ଦୂରତା ରକ୍ଷା କରି ରୋଗୀଙ୍କୁ ଯାଞ୍ଚ କରିବାରେ ସ୍ୱତନ୍ତ୍ର ଷ୍ଟେଥୋସ୍କୋପ୍‌ର ସହାୟତା ନିଆଯାଉଛି। କୋଭିଡ୍-୧୯ ବିରୋଧୀ ଲଢ଼େଇକୁ ଅଧିକ ଶକ୍ତିଶାଳୀ କରିବା ଲାଗି ବିଭିନ୍ନ ଅନୁଷ୍ଠାନ ଓ ଷ୍ଟାର୍ଟଅପ୍‌ମାନେ ଭିନ୍ନ ଭିନ୍ନ ଇନୋଭେଶନ ସହିତ ଆଗେଇ ଆସିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ହସ୍ପିଟାଲରେ ବ୍ୟବହାର ପାଇଁ ସ୍ୱତନ୍ତ୍ର ସଂକ୍ରମଣ ନିରୋଧୀ କପଡ଼ା, ଶସ୍ତା କରୋନା ପରୀକ୍ଷା ଉପକରଣ, ସଂକ୍ରମିତଙ୍କ ପାଇଁ ଆଇସୋଲେଶନ ପଡ୍, ପାରମ୍ପରିକ ଅକ୍ସିଜେନ୍ ମାସ୍କ ବଦଳରେ ବବଲ୍ ହେଲମେଟ୍ ଏବଂ ସାମାଜିକ ଦୂରତ୍ୱର ଉଲ୍ଲଂଘନ ହେଲେ ସତର୍କ କରିବା ଲାଗି ପେଣ୍ଡାଣ୍ଟ। ସେହିପରି ସଂକ୍ରମିତଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି ଖୋଜି ବାହାର କରିବା, ସେମାନଙ୍କ ପ୍ରତି ସଂକ୍ରମଣର କେତେ ବିପଦ ରହିଛି, ତାହା ଆକଳନ କରିବା ଲାଗି 'ଗୋ କରୋନା ଗୋ'ଠାରୁ ଆରମ୍ଭ କରି 'ସମ୍ପର୍କ-ଓ-ମିଟର' ମୋବାଇଲ ଆପ୍ଲିକେଶନ୍‌ର ବିକାଶ କରାଯାଇଛି। ଦେଶର କେତେକ ଆଇଆଇଟି ଏବଂ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏହି ଆପ୍ଲିକେଶନ ପ୍ରସ୍ତୁତ କରିଛନ୍ତି। କରୋନା ପ୍ରତିଷେଧକ ଟିକା ପ୍ରସ୍ତୁତିରେ ୨୦ରୁ ଅଧିକ ବୈଷୟିକ ଓ ବିଜ୍ଞାନ ଅନୁଷ୍ଠାନ ନିୟୋଜିତ ହୋଇଛନ୍ତି। ପ୍ରମୁଖ ଆଇଆଇଟିଗୁଡ଼ିକ ସ୍ୱତନ୍ତ୍ର କୋଭିଡ୍-୧୯ ଗବେଷଣା କେନ୍ଦ୍ର ସ୍ଥାପନ କରିଛନ୍ତି। କରୋନା ବିରୋଧୀ ଲଢ଼େଇରେ ବ୍ୟବହାର ପାଇଁ ଆଇଆଇଟି ଗୁଆହାଟୀ ପକ୍ଷରୁ ବିଭିନ୍ନ ପ୍ରକାର ଡ୍ରୋନ୍‌ର ବିକାଶ କରାଯାଇଛି। ଗୋଟିଏ ପ୍ରକାର ଡ୍ରୋନରେ ବ୍ୟାପକ ଅଞ୍ଚଳକୁ ବିଶୋଧନ କରାଯାଇପାରୁଥିବାବେଳେ ଅନ୍ୟ ଡ୍ରୋନ୍‌ରେ ଇନ୍‌ଫ୍ରାରେଡ୍ କ୍ୟାମେରା ଲାଗିଛି। ଏହା ଏକସଙ୍ଗେ ଏକାଧିକ ଲୋକଙ୍କର ଥର୍ମାଲ ସ୍କ୍ରିନିଂ କରି କରୋନା ସନ୍ଦିଗ୍ଧଙ୍କୁ ଚିହ୍ନଟ କରିପାରିବ। ଏହି ଶିକ୍ଷାନୁଷ୍ଠାନର ଅନ୍ୟ ଏକ ଟିମ୍ ଦୁଇଟି ରୋବୋ ପ୍ରସ୍ତୁତ କରିଛନ୍ତି।

# 'କରୋନା' ମୁକାବିଲାରେ ଷ୍ଟାର୍ଟଅପ୍




**ସସ୍ମିତା ପାଇକରାୟ**
**ଭୁବନେଶ୍ୱର, ୧୩।୪**

କରୋନା ମୁକାବିଲା ପାଇଁ ଏବେ ସାମୂହିକ ଲଢ଼େଇ ଚାଲିଛି। ଲକ୍‌ଡାଉନ୍ ପାଇଁ ବର୍ତ୍ତମାନ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଏଭଳିସ୍ଥଳେ ସ୍ୱାସ୍ଥ୍ୟ ସେବା, ଟେକ୍ନୋଲୋଜି ଇଣ୍ଡଷ୍ଟ୍ରି, ସାମାଜିକ ଓ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକାଧିକ ଷ୍ଟାର୍ଟଅପ୍ ସେମାନଙ୍କ କାର୍ଯ୍ୟଧାରାକୁ ବଦଳାଇ ଦେଇଛନ୍ତି। ଏକାଠି ହୋଇ କରୋନା ମୁକାବିଲା ପାଇଁ ଅଣ୍ଟା ଭିଡିଛନ୍ତି। ପୂର୍ବରୁ ବିଜ୍‌ନେସ୍-ଟୁ-ବିଜ୍‌ନେସ୍(ବିଟୁବି) ଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ଏବେ ଇ-କମର୍ସ ପ୍ଲାଟଫର୍ମ ଭଳି ବିଜ୍‌ନେସ୍-ଟୁ-କନ୍‌ଜ୍ୟୁମର(ବିଟୁସି) ଫର୍ମାଟରେ କାର୍ଯ୍ୟ କରୁଛନ୍ତି। ଅତ୍ୟାଧୁନିକ ଟେକ୍ନୋଲୋଜି ମାଧ୍ୟମରେ ସିଧାସଳଖ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ଯୋଗାଇ ଦେଉଛନ୍ତି। ହୋମ୍ ଡେଲିଭରୀରୁ ଆରମ୍ଭ କରି ଇ-ମେଡିସିନ ପର୍ଯ୍ୟନ୍ତ, ସବୁକ୍ଷେତ୍ରରେ ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

କେବଳ ଓଡ଼ିଶାରେ ନୁହେଁ, ଜାତୀୟସ୍ତରରେ ମଧ୍ୟ ଏକାଧିକ ସଂସ୍ଥା ଏବେ କରୋନା ସଂକ୍ରମଣ ରୋକିବାକୁ ଆଗେଇ ଆସିଛନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଭିନ୍ନ ଟେକ୍ ଷ୍ଟାର୍ଟଅପ୍ ସହଯୋଗରେ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟର ସରକାର 'ଆରୋଗ୍ୟ ସେତୁ', 'କରୋନା କବଚ', 'ମହାକବଚ', 'କୋଭିଡ୍-୧୯ କ୍ୱାରାଣ୍ଟାଇନ ମନିଟର୍', 'କ୍ୱାରାଣ୍ଟାଇନ୍ ୱାଚ୍', 'କରୋନା ୱାଚ୍', 'କୋଭିଡ୍-୧୯ ଫିଡ୍‌ବ୍ୟାକ' ଭଳି ଆପ୍ ପ୍ରସ୍ତୁତ କରିଛନ୍ତି। ଫଳରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବୁଝିବା ସହ କରୋନା ସନ୍ଦିଗ୍ଧଙ୍କ ସମ୍ପୂର୍ଣ୍ଣ ତଥ୍ୟ ଓ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଟ୍ରାକ୍ କରିବାରେ ସହଜ ହୋଇଛି। କ୍ରେଡ୍, ହୋମ୍‌ଲେନ୍, ବ୍ଲାକ୍‌ବକ୍, ମାଇଁଗେଟ୍, ୱାନ୍‌ଏମ୍‌ଜି, ମ୍ୟାପ୍‌ମାଇଁଇଣ୍ଡିଆ ଭଳି ଏକାଧିକ ପ୍ରତିଷ୍ଠିତ ସଂସ୍ଥା ଟେଲିମେଡିସିନ ମାଧ୍ୟମରେ ଟେଷ୍ଟିଂ, ମଲ୍ଟିଷ୍ଟେଜ୍ ଟେଷ୍ଟିଂ ପ୍ରୋସିଜିଓର୍, ଟେଷ୍ଟକିଟ୍ ଓ ବିଭିନ୍ନ ମେଡିକାଲ ଉପକରଣ ପ୍ରସ୍ତୁତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ସେହିଭଳି ଷ୍ଟେଜ୍-୩ ପାଇଁ ଭାରତକୁ ପ୍ରସ୍ତୁତ ରଖିବା, ଗୋଷ୍ଠୀ ସଂକ୍ରମଣକୁ ଆକଳନ କରିବା ଭଳି କ୍ଷେତ୍ରରେ ମଧ୍ୟ ଏମାନେ କାର୍ଯ୍ୟ କରୁଛନ୍ତି।

### ଅର୍ଥନୀତି ସୁଧାରିବ 'ବିଟୁସି'

ବର୍ତ୍ତମାନର ସଂକଟଜନକ ସ୍ଥିତିରେ ଉଭୟ ସାମଗ୍ରୀ ଓ ସେବା କ୍ଷେତ୍ରରେ 'ଇ-କମର୍ସ' ପ୍ଲାଟ୍‌ଫର୍ମ ମାଧ୍ୟମରେ 'ବିଜ୍‌ନେସ୍ ଟୁ କନ୍‌ଜ୍ୟୁମର୍' ବା ବିଟୁସି ବ୍ୟବସ୍ଥା ଆପଣାଇଲେ ଦେଶର ଅର୍ଥନୀତିରେ ସୁଧାର ଆସିପାରିବ ବୋଲି ଇଣ୍ଟରନେଟ୍ ଆଣ୍ଡ୍ ମୋବାଇଲ୍ ଆସୋସିଏଶନ ଅଫ୍ ଇଣ୍ଡିଆ (ଆଇଏଏମ୍‌ଏଆଇ) ପକ୍ଷରୁ କୁହାଯାଇଛି। ଲକ୍‌ଡାଉନ୍ ଯୋଗୁ ଦେଶର ଆର୍ଥିକ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଥିବାବେଳେ ଏମ୍‌ଏସ୍‌ଏମ୍‌ଇ ସହ ବଡ଼ ବଡ଼ ଇଣ୍ଡଷ୍ଟ୍ରି ଉପରେ ମଧ୍ୟ ଏହା ଭାରି ପଡ଼ିଛି। କୋଟି କୋଟି ଲୋକ ରୋଜଗାର ହରାଇଛନ୍ତି। ଏଭଳିସ୍ଥଳେ ଅର୍ଥନୀତିକୁ ସୁଧାରିବା ସହ ଲୋକଙ୍କୁ ନୂତନ ନିଯୁକ୍ତି ସୁଯୋଗ ଯୋଗାଇଦେବାକୁ ଇ-କମର୍ସ ପ୍ରମୁଖ ମାଧ୍ୟମ ପାଲଟିଛି। ଫ୍ଲିପ୍‌କାର୍ଟ, କ୍ୱିକର୍, ଆମାଜନ୍, ସ୍ୱିଗି, ଜୋମାଟୋ ଭଳି ସଂସ୍ଥା ଏବେ ଅତ୍ୟାବଶ୍ୟକ ସାମଗ୍ରୀର ଡେଲିଭରି ଆରମ୍ଭ କରିଥିବାବେଳେ ଆଗାମୀ ଦିନରେ ଅଧିକରୁ ଅଧିକ ସଂସ୍ଥା ଏଥିରେ ସାମିଲ ହେବାର ଆଶା ରହିଛି। ସଂକ୍ରମଣ ରୋକିବା ପାଇଁ 'ନୋ ଟଚ୍' ଉପରେ ଗୁରୁତ୍ୱ ଦେଉଥିବା ଏସବୁ ସଂସ୍ଥା ବିନା ଝିନ୍‌ଝଟରେ ସିଧାସଳଖ ଲୋକଙ୍କ ନିକଟରେ ସେବା ପହଞ୍ଚାଇବାର ପ୍ରମୁଖ ମାଧ୍ୟମ ପାଲଟିଛନ୍ତି।

### ଓଡ଼ିଶାର ଚିତ୍ର

ଲକ୍‌ଡାଉନ୍ ପରେ ଓଡ଼ିଶାରେ ବ୍ୟବସାୟର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। ପୂର୍ବରୁ କେବଳ ଭୁବନେଶ୍ୱର ଓ କେତେକ ନିର୍ଦ୍ଦିଷ୍ଟ ସହରରେ ସୀମିତ ଥିବା ହୋମ୍ ଡେଲିଭରି ବ୍ୟବସ୍ଥା ଏବେ ବ୍ୟାପକ ହୋଇଛି। ରାଜ୍ୟର ପ୍ରମୁଖ ସହର ଓ ଗାଁ ଗୁଡ଼ିକରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀର ହୋମ୍ ଡେଲିଭରି ହେଉଛି। କ୍ଷୀର, ଦହିରୁ ଆରମ୍ଭକରି ପନିପରିବା ପର୍ଯ୍ୟନ୍ତ, ସବୁକିଛି ଫୋନ୍, ଆପ୍ ଓ ୱେବ୍‌ସାଇଟ ଯୋଗେ ଅର୍ଡର କରିହେଉଛି। ପୂର୍ବରୁ ବିଭିନ୍ନ ସାମଗ୍ରୀ ପାଇଁ ଲୋକେ ବଜାର ଯାଇ ନିଜେ କିଣାକିଣି କରିବାକୁ ଅଧିକ ପସନ୍ଦ କରୁଥିବାର ବହୁ ଷ୍ଟାର୍ଟଅପ୍ ମାନ୍ଦାବସ୍ଥା ଦେଇ ଗତି କରୁଥିଲେ। ହେଲେ ବର୍ତ୍ତମାନ ହୋମ୍ ଡେଲିଭରି ଉପରେ ଲୋକେ ନିର୍ଭର କରୁଥିବାରୁ 'ଇଜିଟୁସପ୍', 'କଳିଙ୍ଗ ଫ୍ରେଶ୍', 'ନାଓ ଗ୍ରସେରି', 'ଆରେଞ୍ଜ୍ ଫ୍ରେଶ୍' ଏବଂ 'ମୋ ଭାଇ' ଭଳି ଏକାଧିକ ସଂସ୍ଥା ଏବେ ଭୁବନେଶ୍ୱରରେ ସେବା ଯୋଗାଇ ଦେଉଛନ୍ତି। ଆଗାମୀ ଦିନରେ ଏହି ସଂସ୍ଥାଗୁଡ଼ିକ ସ୍ଥାୟୀଭାବେ କାର୍ଯ୍ୟକଲେ ବହୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି କୁହାଯାଉଛି।

### ହୋମ୍ ଡେଲିଭରିରେ କଟକଣା ନାହିଁ: ଏସ୍‌ଆର୍‌ସି

ଲକ୍‌ଡାଉନ୍‌ରେ ଅନ୍‌ଲାଇନ ଖାଦ୍ୟ ଅର୍ଡର ଉପରେ କୌଣସି କଟକଣା ନ ଥିବା ସୋମବାର ସୂଚନା ଦେଇଛନ୍ତି ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)। ହୋଟେଲ, ଢାବା, ରେଷ୍ଟୁରାଣ୍ଟଗୁଡ଼ିକ ଖାଦ୍ୟ ପ୍ରସ୍ତୁତ କରି ଗ୍ରାହକଙ୍କ ଘରକୁ ପହଞ୍ଚାଇବାରେ କୌଣସି ଅସୁବିଧା ନାହିଁ। ଯେକୌଣସି ସ୍ଥାନରୁ ଲୋକେ ଖାଦ୍ୟ ମଗାଇ ଖାଇପାରିବେ। ସେହିଭଳି ଅନ୍‌ଲାଇନ୍ ଗ୍ରସେରି ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ହୋମ୍ ଡେଲିଭରି ଉପରେ ମଧ୍ୟ କୌଣସି କଟକଣା ନାହିଁ। ପୂର୍ବରୁ ଭୁବନେଶ୍ୱର-କଟକ ଟୁଇନସିଟି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ମଧ୍ୟ କଟକଣା ନ ଥିବା ସୂଚନା ଦେଇଥିଲେ।

## ସଂକ୍ଷେପରେ

### ହୋମ କ୍ୱାରାଣ୍ଟାଇନରେ ଥିବା ଯୁବକଙ୍କ ଆତ୍ମହତ୍ୟା

■ ୧୦ ଗ୍ରାମବାସୀ ଅଟକ

**ଧର୍ମଶାଳା,୧୩।୪(ଡିଏନଏ):** ଯାଜପୁର ଜିଲା ଧର୍ମଶାଳା ଥାନା ଦେଉଦା ଗ୍ରାମର ସୁରେଶ ସାହୁ (୩୨) ନାମକ ଜଣେ ଯୁବକ ହୋମ କ୍ୱାରାଣ୍ଟାଇନରେ ଥିବାବେଳେ ସୋମବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଆତ୍ମହତ୍ୟା ପାଇଁ ମୃତକଙ୍କ ସ୍ତ୍ରୀ ରଞ୍ଜନା ସାହୁ ଗ୍ରାମବାସୀଙ୍କୁ ଦାୟୀ କରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୧/୨୦) ରୁଜୁ କରି ୧୦ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ସୁରେଶ ଚେନ୍ନାଇର ଏକ ହୋଟେଲରେ କାମ କରୁଥିଲେ। କରୋନା ଯୋଗୁ ସେ ମାର୍ଚ୍ଚ ୧୮ରେ ଘରକୁ ଫେରିଥିଲେ। ଏହାପରେ ତାଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଗ୍ରାମବାସୀ ତାଙ୍କୁ ଏ ନେଇ ବିଭିନ୍ନ ଟାହିଟାପରା କରୁଥିବାରୁ ସେ ରବିବାର ରାତିରେ ଘର ନିକଟ ବାଡ଼ିରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ସକାଳେ ଉକ୍ତ ଗଛରୁ ତାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସ୍ଥାନୀୟ ସରପଞ୍ଚ ସୌଭାଗ୍ୟ ଲକ୍ଷ୍ମୀ ମହାନ୍ତି ଘଟଣାର ପ୍ରକୃତ ତଦନ୍ତ କରାଯାଇ ଉକ୍ତ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ପଣା ପିଇ ୨୬ ଅସୁସ୍ଥ

**ଭଣ୍ଡାରିପୋଖରୀ,୧୩।୪(ଡ଼ି.ଏନ୍.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ପିରିପୁର ମହୁରା ଗ୍ରାମରେ ସୋମବାର ପଣା ପିଇ ୨୬ ଜଣ ଅସୁସ୍ଥ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅସୁସ୍ଥମାନଙ୍କ ମଧ୍ୟରେ ୧୮ ଜଣ ଶିଶୁ ଥିବା ଜଣା ପଡ଼ିଛି। ପଣା ସଂକ୍ରାନ୍ତି ଉପଲକ୍ଷେ ଗ୍ରାମ ଦେବତୀ ମା' ବୁଢ଼ିଜାଗୁଲାଇଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ପଣା ପ୍ରସ୍ତୁତି ହୋଇ ଗ୍ରାମର କିଛି ଲୋକ ପିଇ ଥିଲେ। ଅପରାହ୍ନରେ ପିଲାମାନେ ବାନ୍ତି କରିବା ସହ ଅସୁସ୍ଥ ହୋଇ ପଡ଼ିଥିଲେ। ଗ୍ରାମବାସୀ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ଡାକ୍ତରଖାନା ସୂତ୍ରରୁ ଜଣା ପଡ଼ିଛି। ଖବର ପାଇ ପି.ଡ଼ି ଡିଆରଡିଏ ମଧୁସୂଦନ ଦାସ, ସ୍ଥାନୀୟ ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ, ଭଣ୍ଡାରିପୋଖରୀ ଥାନାଧିକାରୀ ସନାତନ ସାହୁ, ଧାମନଗର ଥାନାଧିକାରୀ ରତିକାନ୍ତ ଗିରି, ମେଡିକାଲ ଅଫିସର କମଳା କାନ୍ତ ସ୍ୱାଇଁ ଉକ୍ତ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥଙ୍କୁ ଭେଟିଛନ୍ତି।

# ଦିନକରେ ୪, ୧୬୮ ମୃତ

- ■ **ଆକ୍ରାନ୍ତଙ୍କ ସଂଖ୍ୟା ୧୯ ଲକ୍ଷ ଟପିଲା**
- ■ **ବିଶ୍ୱରେ ଗଲାଣି ୧୧୮,୩୬୨ ଜୀବନ**
- ■ **ଆମେରିକା, ବ୍ରିଟେନରେ ହାହାକାର**

**ୱାଶିଂଟନ/ରୋମ୍/ଲଣ୍ଡନ,୧୩।୪**

ମହାମାରୀ କରୋନା ବିଶ୍ୱରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟିକରିଛି। ସୋମବାର ରାତି ୧୧ଟା ସୁଦ୍ଧା ୧,୧୮,୩୬୨ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୯,୦୩,୦୯୨ରେ ପହଞ୍ଚିଛି। ସବୁଠାରୁ ଆମେରିକା ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବ୍ରିଟେନ ସ୍ଥିତି ମଧ୍ୟ ବିଗିଡ଼ିବାରେ ଲାଗିଛି। ଆମେରିକାରେ ମୃତ୍ୟୁସଂଖ୍ୟା ୨୨,୯୫୦ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୫,୭୩,୮୨୭ ରହିଛି। ଏଠାରେ ଗୋଟିଏ ଦିନରେ ୧୩ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଥିବା ବେଳେ ୮୪୫ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ସ୍ପେନ୍‌ରେ ୧୭,୪୯୮ ଲୋକ ପ୍ରାଣ ହରାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧,୬୯,୪୯୬ରେ ପହଞ୍ଚିଛି। ଇଟାଲୀରେ ୨୦, ୪୬୫ ମୁଣ୍ଡ ଯାଇଛି। ସଂକ୍ରମିତଙ୍କ ସଂଖ୍ୟା ଏଠାରେ ୧,୫୯,୫୧୬କୁ ବୃଦ୍ଧିପାଇଛି। ସେହିଭଳି ଫ୍ରାନ୍ସରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୧,୩୬,୭୭୯କୁ ବଢ଼ିଛି। ଏହି ଦେଶରେ ମୃତକଙ୍କ ସଂଖ୍ୟା ୧୪,୯୬୭କୁ ବୃଦ୍ଧିପାଇଛି। ବ୍ରିଟେନରେ କିଛିଦିନ ହେବ ଭୟଙ୍କର ସ୍ଥିତି ଦେଖିବାକୁ ମିଳିଛି। ଏଠାରେ ମୃତ୍ୟୁସଂଖ୍ୟା ବଢ଼ି ୧୧,୩୨୯ରେ ପହଞ୍ଚିଛି। ସଂକ୍ରମିତଙ୍କ ସଂଖ୍ୟା ଏଠାରେ ୮୮ ହଜାର ପାର୍ କରିଛି। ଗୋଟିଏ ଦିନରେ ଏଠାରେ ୭୧୭ ଜଣ ପ୍ରାଣ ହରାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ରହିଛି ୪,୩୪୨। ଏଠାରେ ଭୂତାଣୁର ଦ୍ରୁତ କାୟାବିସ୍ତାର ଦେଖିବାକୁ ମିଳିଛି। ଏତଦ୍‌ବ୍ୟତୀତ ଜର୍ମାନୀରେ ୩,୦୩୮, ଚାଇନାରେ ୩,୩୪୧, ଇରାନରେ ୪,୫୮୫, ତୁର୍କୀରେ ୧,୨୯୬, ବେଲଜିୟମରେ ୩,୯୦୩, ନେଦରଲାଣ୍ଡ୍‌ସରେ ୨,୮୨୩ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି।

# ରାଜ୍ୟରେ କୃଷି ଉତ୍ପାଦନ ମଧ୍ୟମ ହେବ

### ପ୍ରଚଳନ ହେଲା ନୂଆ ପାଞ୍ଜି

**ପୁରୀ ଅଫିସ,୧୩।୪**

ସୌର ମାସ ଅନୁସାରେ ସୋମବାର ଓଡ଼ିଆ ବର୍ଷର ପ୍ରଥମ ଦିନ, ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ସଂକ୍ରାନ୍ତି। ଏହାକୁ ମଧ୍ୟ ପଣା ସଂକ୍ରାନ୍ତି କୁହାଯାଏ। ଏହି ଦିନଠାରୁ ଏକମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ଏହି ଦିନଠାରୁ ପ୍ରଚଳନ ଆରମ୍ଭ ହୋଇଛି। ପାଞ୍ଜି ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଚଳିତବର୍ଷ ଗ୍ରହମାନଙ୍କ ସ୍ଥିତିକୁ ଲକ୍ଷ୍ୟ କଲେ ଜଣାଯାଏ, ଏବର୍ଷ ଆରମ୍ଭରୁ ବିଶ୍ୱର ପରିସ୍ଥିତି ଭଲ ରହିବ ନାହିଁ। ମାତ୍ର ବୃହସ୍ପତି ଧନୁ ରାଶିରେ ରହୁଥିବାରୁ ପରବର୍ତ୍ତୀ ସମୟରେ ଜନସାଧାରଣ ଓ ପ୍ରଶାସନ ଆଶ୍ୱସ୍ତି ଲାଭ କରିବେ। ଚଳିତବର୍ଷ ଆମେରିକା, ଚାଇନା, ବ୍ରିଟେନ, ଜାପାନ ପ୍ରଭୃତି ଦେଶରେ ଭୟାବହ ଅଗ୍ନି ଉଦ୍‌ଗୀରଣ ବା ଭୂକମ୍ପନ ସମ୍ଭାବନା ଅଛି। ଅକ୍ଟୋବର ଓ ନଭେମ୍ବରରେ ପ୍ରାକୃତିକ ବିପର୍ଯ୍ୟୟର ସୂଚନା ରହିଛି। ଏସିଆ ମହାଦେଶର ଇସ୍‌ଲାମିକ ରାଷ୍ଟ୍ରରେ ବିସ୍ଫୋରଣଜନିତ ଧ୍ୱଂସଲୀଳା ସହ ବହୁ ଧନଜୀବନ ହାନିର ଆଶଙ୍କା ରହିଛି। ଚଳିତବର୍ଷ ଭାରତର ଆର୍ଥିକ ମାନ୍ଦାବସ୍ଥା ଧୀରେ ଧୀରେ ସୁଧୁରିବ। ବ୍ୟାଙ୍କ ଆଦିର ସୁଧ ହାର ବୃଦ୍ଧି ପାଇବା ସହ ଦେଶରେ ଆର୍ଥିକ ପ୍ରଗତି କ୍ରମଶଃ ଦେଖାଦେବ। ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଦେଖାଯିବ। ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ହେବ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଦେଶର ସ୍ଥିତି ଦୃଢ଼ ରହିବ। ପାକିସ୍ତାନ ଦ୍ୱାରା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ, ସୀମାନ୍ତରେ ବିସ୍ଫୋରଣ, ସନ୍ତ୍ରାସବାଦୀଙ୍କ ଅନୁପ୍ରବେଶ ଯୋଗୁ ସରକାର ଚିନ୍ତିତ ରହିବେ। ମୋଟାମୋଟି ଭାବେ ଦେଶ କ୍ରମଶଃ ସୁସ୍ଥ ବାତାବରଣ ଦେଇ ଗତି କରିବ। ଚଳିତବର୍ଷ ରାଜ୍ୟରେ ପାଣିପାଗ କୃଷି ପାଇଁ ଅନୁକୂଳ ରହିବ। କୃଷି ଉତ୍ପାଦନ ମଧ୍ୟମ ହେବ। ଏପ୍ରିଲ, ମେ ମାସରେ ବୃଷ୍ଟିହାନି କାରଣରୁ ରାଜ୍ୟରେ ପ୍ରବଳ ଉତ୍ତାପ ବୃଦ୍ଧି, ଝାଞ୍ଜିବାତ ଓ ଅଂଶୁଘାତଜନିତ ଜୀବନଯାତ୍ରା ଅସ୍ତବ୍ୟସ୍ତ ହେବ। ପଶ୍ଚିମାଞ୍ଚଳରେ ବାରମ୍ବାର ଅଗ୍ନ୍ୟୁପାତ କାରଣରୁ ବହୁ ସମ୍ପଦ ହାନିର ଆଶଙ୍କା ରହିଛି। ଏ ବର୍ଷ ଉନ୍ନୟନ କାର୍ଯ୍ୟ ଆଗେଇ ଚାଲିବ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ କାର୍ଯ୍ୟମାନ ସ୍ୱାଭାବିକ ରହିବ। ବର୍ଷ ଆରମ୍ଭରେ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ମୂଲ୍ୟ ବୃଦ୍ଧି ନେଇ ଜନଜୀବନ ବିପର୍ଯ୍ୟସ୍ତ ହେବ। ରାଜ୍ୟରେ ପରିଚାଳିତ ଶିଳ୍ପ ସଂସ୍ଥାଗୁଡ଼ିକରେ ଉତ୍ପାଦନ ହ୍ରାସ ପାଇବ। ମାଓବାଦୀ ସଙ୍ଗଠନ କ୍ରମଶଃ ଦୁର୍ବଳ ହେବ। ହିଂସାକାଣ୍ଡକୁ ଦୃଢ଼ ଭାବେ ଦମନ କରାଯାଇପାରିବ ବୋଲି ଡ. ଦାଶ କହିଛନ୍ତି।

# ଦୁଇ ଓଡ଼ିଆ ସାହିତ୍ୟିକ ପାଇବେ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପୁରସ୍କାର

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**




ବିଜୟ ମହାନ୍ତି, ବିନୟ ଷଡ଼ଙ୍ଗୀ ରାଜାରାମ

କେନ୍ଦ୍ର ସରକାରଙ୍କ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥା କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ୨୦୧୭ ମସିହା ଲାଗି ୨୬ଜଣ ହିନ୍ଦୀ ସାହିତ୍ୟିକଙ୍କୁ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ହିନ୍ଦୀ ସାହିତ୍ୟକୁ ଅବଦାନ ଲାଗି ଏହି ସାହିତ୍ୟିକମାନଙ୍କୁ ସମ୍ମାନିତ କରାଯିବ। ଏହି ଅବସରରେ ଓଡ଼ିଶାରୁ ଡ. ବିଜୟ କୁମାର ମହାନ୍ତିଙ୍କୁ 'ଗଙ୍ଗାଶରଣ ସିଂହ ପୁରସ୍କାର' ଏବଂ ପ୍ରଫେସର ଡ. ବିନୟ ଷଡ଼ଙ୍ଗୀ ରାଜାରାମଙ୍କୁ 'ମହାପଣ୍ଡିତ ରାହୁଳ ସଂସ୍କୃତାୟନ ପୁରସ୍କାର' ପ୍ରଦାନ କରାଯିବ। ପୁରସ୍କାରସ୍ୱରୂପ ରାଷ୍ଟ୍ରପତି ପ୍ରତିଭାମାନଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢ଼ୌକନ ପ୍ରଦାନ କରିବେ। ଓଡ଼ିଆ ଭାଷା ସହ ହିନ୍ଦୀ, ସଂସ୍କୃତ, ଗ୍ରୀକ୍, ଇଂଲିଶ, ବଙ୍ଗଳା ଓ ମାଳବୀ ଭାଷା ଉପରେ ଗଭୀର ଜ୍ଞାନ ରଖିଥିବା ଷଡ଼ଙ୍ଗୀ ହିନ୍ଦୀ ଓ ଗ୍ରୀକ୍ ଭାଷାର ପ୍ରଥମ ଅନୁବାଦିକା। ସେହିଭଳି ବାଲେଶ୍ୱର ଜିଲାର ଡ. ମହାନ୍ତି ଜଣେ ଅବସରପ୍ରାପ୍ତ ଅଧ୍ୟାପକ। ଅଧ୍ୟାପନା ଓ ଗବେଷଣା କାର୍ଯ୍ୟ ସାଙ୍ଗକୁ ଓଡ଼ିଆ ଓ ହିନ୍ଦୀ ସାହିତ୍ୟର ଜଣେ ପ୍ରତିଷ୍ଠିତ ସାହିତ୍ୟିକ। ଏହି ସଫଳତା ପରେ ଉଭୟ ସାହିତ୍ୟିକଙ୍କୁ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି।

# ୧୬ ଜିଲାରେ କାର୍ଯ୍ୟ କରୁଛି ୧୭ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

ରାଜ୍ୟରେ କୋଭିଡ୍-୧୯ ମୁକାବିଲା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କରୋନା ଆକ୍ରାନ୍ତଙ୍କୁ କିପରି ସ୍ୱତନ୍ତ୍ର ଚିକିତ୍ସା ମିଳିପାରିବ ସେଥିପାଇଁ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ଖୋଲାଯାଇଛି। ଏଥିପାଇଁ ବିଭିନ୍ନ ଘରୋଇ ହସ୍ପିଟାଲ ଓ ଅନେକ କମ୍ପାନୀ ସହଯୋଗର ହାତ ବଢ଼ାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୬ ଜିଲାରେ ୧୭ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ବା ସ୍ୱାସ୍ଥ୍ୟ ଯତ୍ନ କେନ୍ଦ୍ର କାର୍ଯ୍ୟ କରୁଛି। ଏହିସବୁ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍ ଗଜପତି, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, କଟକ, ସୁନ୍ଦରଗଡ଼, ଭଦ୍ରକ, ରାୟଗଡ଼ା, ମାଲକାନଗିରି, ଢେଙ୍କାନାଳ, ବୌଦ୍ଧ, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ କୋରାପୁଟ ଜିଲାରେ କାର୍ଯ୍ୟ କରୁଥିବାବେଳେ ମୋଟ ଶଯ୍ୟା ସଂଖ୍ୟା ୨୭୯୦ ରହିଛି। ନବରଙ୍ଗପୁରଠାରେ ଏକ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍ ସ୍ଥାପନ ନିମନ୍ତେ ନବରଙ୍ଗପୁର ଜିଲାପାଳ, ନାଲ୍‌କୋ ଓ ସ୍ଥାନୀୟ ଖ୍ରୀଷ୍ଟିଆନ୍ ହସ୍ପିଟାଲ୍ ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିବା ସୂଚନା ଦିଆଯାଇଛି।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ଜୀବନଗଲା

**କେନ୍ଦୁଝର,୧୩।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କାଇଯୋଡ଼ା ଗ୍ରାମରେ ସୋମବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଗୁନୁ ମୁଣ୍ଡା। ସେ ପାଖ ଜଙ୍ଗଲକୁ କାଠ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡବିଲ ମେଡିକାଲ ପଠାଇଛି । ଉକ୍ତ ଜଙ୍ଗଲରେ ୧୦ଟି ହାତୀ ଥିବା ଫରେଷ୍ଟର ଜତିନ୍ଦ୍ର ସାହୁ କହିଛନ୍ତି। ଗତ କିଛି ଦିନ ହେଲା ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ବହୁ କଷ୍ଟରେ ପାଣି ମଡ଼ାଇ ଧାନ ଫସଲ କରିଥିବା ଲୋକଙ୍କ ଜମିରେ ହାତୀ ପଲ ପଶି ବ୍ୟାପକ କ୍ଷତି କରିଛନ୍ତି। ବନ ବିଭାଗ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରୁ ନ ଥିବା ଗ୍ରାମର ପ୍ରଫୁଲ ମହାନ୍ତ ଅଭିଯୋଗ କରିଛନ୍ତି । ହାତୀ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



# ସଙ୍କଟରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା

**କରୋନା ଭାଇରସ୍**

- ଚାହିଦା ମୁତାବକ ମିଳିପାରୁନି ପିପିଇ କିଟ୍
- ସଂକ୍ରମିତଙ୍କ ସିଧାସଳଖ ସଂସ୍ପର୍ଶରେ ଆସୁଛନ୍ତି ଡାକ୍ତର
- ରେନ୍‌କୋଟ୍ , ହେଲ୍‌ମେଟ ଲଗାଇ ଚାଲିଛି ଚିକିତ୍ସା



**ନୂଆଦିଲ୍ଲୀ,୧୩।୪**

ଭାରତ ସମେତ ସାରା ବିଶ୍ୱ ଏବେ କରୋନା ଭୂତାଣୁ ବିରୋଧରେ ଲଢ଼େଇ ଜାରି ରଖିଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଆସୁଥିବାରୁ ସେମାନଙ୍କ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ନିମନ୍ତେ ଅଧିକରୁ ଅଧିକ ପର୍ସନାଲ ପ୍ରୋଟେକ୍ଟିଭ ଇକ୍ୟୁପମେଣ୍ଟ(ପିପିଇ) ବା ବ୍ୟକ୍ତିଗତ ସୁରକ୍ଷା ଉପକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଦେଶରେ ଏବେ ସୁଦ୍ଧା ୯ହଜାରରୁ ଊର୍ଦ୍ଧ୍ୱ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୦୦ରୁ ଊର୍ଦ୍ଧ୍ୱଙ୍କ ମୃତ୍ୟୁ ଘଟିଲାଣି। ପ୍ରଥମ ୧୦୦ଜଣ ସଂକ୍ରମିତ ପ୍ରାୟ ସହରାଞ୍ଚଳର ହୋଇଥିବାବେଳେ ଏବେ ଛୋଟ ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଲୋକ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି। ତେଣୁ ଏଭଳି ସ୍ଥିତିରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସୁରକ୍ଷା ଉପକରଣର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। ରାଜ୍ୟ ସରକାର ଏସବୁ ଉପରେ ବିଶେଷ ଧ୍ୟାନ ଦେଉଥିବା କହୁଥିବାବେଳେ ଆବଶ୍ୟକ ସଂଖ୍ୟକ ପିପିଇ ଯୋଗାଇବାରେ ବିଫଳ ହେଉଛନ୍ତି। ଫଳସ୍ୱରୂପ କିଛି କିଛି ସ୍ଥାନରେ ଡାକ୍ତରମାନେ ରେନ୍‌କୋଟ୍ ଏବଂ ହେଲ୍‌ମେଟ ପିନ୍ଧି ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି। ଲକ୍ଷ୍ନୌର ଏକ ସରକାରୀ ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଜଣେ ଡାକ୍ତରଙ୍କ କହିବା ହେଲା ବର୍ତ୍ତମାନ ଏକପ୍ରକାର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଆମେ ସମସ୍ତେ ଜଣେ ଜଣେ ସୈନିକ ଭାବେ ନିଜକୁ ଭାବିବା ଦରକାର। କିନ୍ତୁ ସରକାର ଆମ ଭଳି ସୈନିକଙ୍କୁ ବିନା ଅସ୍ତ୍ରରେ ଯୁଦ୍ଧ କ୍ଷେତ୍ରକୁ ପଠାଉଛନ୍ତି। ଆବଶ୍ୟକ ପରିମାଣର ପିପିଇ କିଟ୍ ମିଳୁ ନ ଥିବା କାରଣରୁ ଆମେ ନିଜକୁ ସୁରକ୍ଷିତ ମଣୁ ନାହୁଁ ବୋଲି ଡାକ୍ତର ଜଣକ ପ୍ରକାଶ କରିଛନ୍ତି। ଦିଲ୍ଲୀ ଏବଂ ମୁମ୍ବାଇ ଭଳି ସହରରେ ଏବେ ଅନେକ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ସେମାନେ କାର୍ଯ୍ୟ କରୁଥିବା କିଛି ହସ୍ପିଟାଲ୍‌କୁ ଶଟ୍‌ଡାଉନ ମଧ୍ୟ କରିଦିଆଗଲାଣି। ତେଣୁ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଆବଶ୍ୟକ ହୋଇପଡ଼ିଛି। ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ବ୍ୟତୀତ ସେମାନଙ୍କୁ କ୍ଷେତ୍ରାଞ୍ଚଳରେ ଆକ୍ରାନ୍ତଙ୍କୁ ଚିହ୍ନଟ କରିବାରେ ସହଯୋଗ ଏବଂ କ୍ୱାରାଣ୍ଟାଇନ ସେଣ୍ଟର ପରିଚାଳନା କେନ୍ଦ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ସଂସ୍ଥା ପାଇଁ ମଧ୍ୟ ପିପିଇ ଜରୁରୀ ହୋଇଯାଇଛି।

ଅପରପକ୍ଷରେ ଲକ୍‌ଡାଉନ୍ ସମୟରେ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ସେମାନେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି। ନିକଟରେ ଜଣେ କରୋନା ସଂକ୍ରମିତ କ୍ୱାରାଣ୍ଟାଇନ ସେଣ୍ଟରରୁ ଖସି ପଳାଇଥିଲେ। ତାଙ୍କୁ ପୋଲିସ ଖୋଜାଖୋଜି କରି କାବୁ କରିଥିଲା। ତେଣୁ ସମୟ ସମୟରେ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ପୋଲିସକୁ ଆସିବାକୁ ମଧ୍ୟ ପଡୁଛି। ବର୍ତ୍ତମାନ ସ୍ଥିତିରେ ପୋଲିସଙ୍କୁ ଯେତିକି ପରିମାଣରେ ପିପିଇ ଯୋଗାଇ ଦିଆଯାଉଛି ତାହା ପର୍ଯ୍ୟାପ୍ତ ହେଉ ନାହିଁ ବୋଲି ଉତ୍ତରପ୍ରଦେଶର ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ପୋଲିସଙ୍କ ବ୍ୟତୀତ ଜରୁରିକାଳୀନ ସେବାରେ ନିୟୋଜିତ ହେଉଥିବା କର୍ମଚାରୀଙ୍କୁ ସୁରକ୍ଷା ଉପକରଣ ଯୋଗାଇବା ଆବଶ୍ୟକ ବୋଲି କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ନିକଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମଧ୍ୟ ଏନେଇ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଜଣାଇଛନ୍ତି। ବର୍ତ୍ତମାନ ସ୍ଥିତିରେ ଭାରତରେ ସର୍ବନିମ୍ନ ୧୦ଲକ୍ଷ ପିପିଇ କିଟ୍, ୪କୋଟି ଏନ୍-୯୫ ମାସ୍କ, ୨କୋଟି ସର୍ଜିକାଲ୍ ମାସ୍କ ଏବଂ ୧୦ଲକ୍ଷ ଲିଟର ସାନିଟାଇଜର ଆବଶ୍ୟକ ବୋଲି ପିପିଇ ପ୍ରସ୍ତୁତ କରୁଥିବା ସରକାରଙ୍କ ପରିଚାଳିତ ଏଚ୍‌ଏଲ୍‌ଏଲ୍ ଲାଇଫ୍ କେୟାର ଲିମିଟେଡ୍ ପକ୍ଷରୁ କୁହାଯାଇଛି। ତେବେ ଇତିମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗତ ୯ତାରିଖରେ ୧କୋଟି ୭୦ଲକ୍ଷ ପିପିଇ କିଟ୍ ବରାଦ ଦିଆଯାଇଛି, ଯାହାକି ଏଚ୍‌ଏଲ୍‌ଏଲ୍ ଲାଇଫ୍ କେୟାର ଆକଳନଠାରୁ ଯଥେଷ୍ଟ ଅଧିକ। ଆଉ ଏହା ପ୍ରସ୍ତୁତ କରିବା ପାଇଁ ୨୦ଟି ଘରୋଇ ଉଦ୍ୟୋଗକୁ ଦାୟିତ୍ୱ ଦିଆଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଏତେ ସଂଖ୍ୟକ ପିପିଇ ପ୍ରସ୍ତୁତ କେବେ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଗତ ୩୦ତାରିଖରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, କିଟ୍ ଯୋଗାଣକାରୀ ସଂସ୍ଥା ଦିନକୁ ମାତ୍ର ୧୫ହଜାର କିଟ୍ ପ୍ରସ୍ତୁତ କରିପାରିବେ। ଆଉ ଏହି କିଟ ପ୍ରସ୍ତୁତ କରିବାକୁ ସିଙ୍ଗାପୁର, ଚାଇନାର କିଛି ସଂସ୍ଥାକୁ ମଧ୍ୟ ବରାଦ ଦିଆଯାଇଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ କରୋନା ଭୂତାଣୁର ଭୟାବହତା ଏବଂ ସଂକ୍ରମଣକୁ ଦୃଷ୍ଟିରେ ରଖି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ଜରୁରୀ ସେବା ପ୍ରଦାନ କରୁଥିବା କର୍ମଚାରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପିପିଇ କିଟ୍ ଯୋଗାଇଦେବା ଜରୁରୀ ହୋଇପଡ଼ିଛି। ଅନ୍ୟଥା ସେମାନଙ୍କ ଜୀବନ ସଙ୍କଟରେ ପଡ଼ିଯିବ ବୋଲି କୁହାଯାଉଛି।

# ଜାରି ରହିବ ଗ୍ରୀଷ୍ମ ପ୍ରବାହ

**ଆହୁରି ତାତିବ ଉପକୂଳ**

**୪୦ ଡିଗ୍ରୀ ଉପରେ ୧୦ ସହର ପାରଦ**

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ସକାଳ ୯ଟାରୁ ଆରମ୍ଭ ହୋଇଯାଉଛି ତାତି। ଅପରାହ୍ନ ୫ଟା ଯାଏ ଗ୍ରୀଷ୍ମ ପ୍ରକୋପ ଲାଗି ରହୁଛି। ପ୍ରବଳ ଖରା ସାଙ୍ଗକୁ ଝାଞ୍ଜି ପବନ ଦେହ ମୁଣ୍ଡକୁ ଝାଇଁ ଝାଇଁ କରି ଦେଉଛି। ରବିବାର ଭଳି ସୋମବାର ମଧ୍ୟ ରାଜ୍ୟର ୧୦ ସହରର ପାରଦ ୪୦ ଡିଗ୍ରୀ ସେଲସିୟସ ଉପରକୁ ଉଠିଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ଏବଂ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୧.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀର ୪୧.୨, ଚାନ୍ଦବାଲି ୪୦.୭, କଟକ ୪୦.୧, ଅନୁଗୋଳ ୪୦.୭, ବାରିପଦା ୪୧, ତାଳଚେରର ୪୦.୫, ମାଲକାନଗିରି ୪୦.୨, ନୟାଗଡ଼ ୪୦, ବୌଦ୍ଧ ୪୦.୫, ଭବାନୀପାଟଣା ୩୯.୫ ଏବଂ ସୋନପୁରରେ ସର୍ବାଧିକ ୩୯.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା କିଛିଦିନ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଉପକୂଳ ଓଡ଼ିଶାରେ ପାରଦ ୪୦ଡିଗ୍ରୀ ସେଲସିୟସ ଉପରେ ରହିବା ବେଳେ ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ତାତି ସାମାନ୍ୟ କମିବ। କାଳବୈଶାଖୀ ଜନିତ ବର୍ଷା ଯୋଗୁ ଆସନ୍ତା ୨୦ ଏବଂ ୨୧ ତାରିଖରେ ପାରଦ ସାମାନ୍ୟ କମିବା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବା ସହ କନ୍ଧମାଳ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, ବାଲେଶ୍ୱର, ପୁରୀ ଓ ଭଦ୍ରକ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ ବର୍ଷା ହେବାର ସମ୍ଭାବନା ରହିଛି।

**ଲକ୍‌ଡାଉନ ପାଇଁ ସାନି ନିର୍ଦ୍ଦେଶନାମା**

# ଅତ୍ୟାବଶ୍ୟକ ସେବା ଯୋଗାଉଥିବା କାର୍ଯ୍ୟାଳୟ ଖୋଲା ରହିବ

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

ରାଜ୍ୟ ସରକାର ଲକ୍‌ଡାଉନ ଅବଧିକୁ ଏପ୍ରିଲ ପହିଲାରୁ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ପୁଣି ବୃଦ୍ଧି କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ସମୟରେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦିଆଯିବ ଓ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେଉଁ ସବୁ କାର୍ଯ୍ୟାଳୟ ଖୋଲାଯିବ ସେନେଇ ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆଉ ଏକ ଗାଇଡ୍‌ଲାଇନ ଜାରି କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜରୁରିକାଳୀନ ସେବା ଯୋଗାଉଥିବା କାର୍ଯ୍ୟାଳୟଗୁଡ଼ିକ ଖୋଲା ରହିବ। ଅନ୍ୟସମସ୍ତ ଅଫିସ୍ ଏପ୍ରିଲ ୩୦ତାରିଖ ଯାଏ ବନ୍ଦ ରହିବ। ଏହାଛଡ଼ା ଅତ୍ୟାବଶ୍ୟକ ସାମଗ୍ରୀ ନେଉଥିବା ଯାନବାହନ ଚଳାଚଳ କରିବ। ମାଛ, ପନିପରିବା, ଔଷଧ ଦୋକାନ ଆଦି ଖୋଲା ରହିବ। ଭୁବନେଶ୍ୱର ବ୍ୟତୀତ ଅନ୍ୟାନ୍ୟ ଭାଗରେ ଲକ୍‌ଡାଉନ କଟକଣାକୁ କିଛି ମାତ୍ରାରେ କୋହଳ କରାଯାଇଛି। ତେବେ ସାମାଜିକ ଦୂରତ୍ୱ ଯେପରି ବଜାୟ ରହିବ ସେ ନେଇ ଗୁରୁତ୍ୱ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଇପାରିବୁ ନାହିଁ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୧୩।୪: ଦିଲ୍ଲୀର ନିଜାମୁଦ୍ଦିନ ମରକଜ୍‌ରେ ଆୟୋଜିତ ତବଲିଘି ଜମାତ୍‌କୁ କରୋନା ସଂକ୍ରମଣ ସହ ଯୋଡ଼ି ସାମ୍ପ୍ରଦାୟିକୀକରଣ କରିଥିବା ଗଣମାଧ୍ୟମ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ହୋଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ଏସ୍. ଏ. ବୋବ୍‌ଡେ କହିଛନ୍ତି, ଆମେ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କୌଣସି ନିର୍ଦ୍ଦେଶ ଦେବୁ ନାହିଁ। ପ୍ରଧାନ ବିଚାରପତି ବୋବ୍‌ଡେ, ଜଷ୍ଟିସ ଏଲ୍.ଏନ୍. ରାଓ ଏବଂ ଜଷ୍ଟିସ ଏମ୍.ଏମ୍. ଶାନ୍ତନାଗୋଦାରଙ୍କ ଖଣ୍ଡପୀଠ ଏଭଳି ଖବରଗୁଡ଼ିକ ଉପରେ ଦୀର୍ଘକାଳୀନ ପଦକ୍ଷେପ ନିଆଯାଇପାରେ କହି ମାମଲାକୁ ୨ ସପ୍ତାହ ପାଇଁ ସ୍ଥଗିତ ରଖିଛନ୍ତି। ଏହି ମାମଲାରେ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆକୁ ପକ୍ଷଭୁକ୍ତ କରାଯିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି। ଜମାୟତ ଉଲେମା-ଇ-ହିନ୍ଦ୍ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଉପରୋକ୍ତ ଆବେଦନ କରାଯାଇଥିଲା। ସେହିପରି କୋଭିଡ୍-୧୯ ରୋଗୀଙ୍କ ନାମ ପ୍ରକାଶ କରି ସଂଖ୍ୟାଲଘୁ ସମ୍ପ୍ରଦାୟ ବିରୋଧରେ ହିଂସା ସୃଷ୍ଟି କରାଯାଉଛି ବୋଲି ଦର୍ଶାଇ ଆଉ ଦୁଇଟି ପିଟିଶନ ଡି. ଜେ. ହାଲି ଫେଡେରେଶନ ଅଫ୍ ମସ୍‌ଜିଦ, ମଦାରିସ୍ ଏବଂ ଅବଦୁଲ କୁଦ୍ଦୁସ୍ ଲାକର ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଥିଲା। ଏହି ୨ ଆବେଦନର ମଧ୍ୟ ଶୁଣାଣି ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡ୍‌ଭୋକେଟ ଅଦିଲ ଅହମ୍ମଦ କହିଥିଲେ ଯେ, କରୋନା ରୋଗୀଙ୍କ ନାମ ସାର୍ବଜନୀନ ହେବା ପରେ କର୍ଣ୍ଣାଟକରେ ହିଂସା ଘଟିଛି। ଗଣମାଧ୍ୟମ କରୋନା ରୋଗୀଙ୍କ ନାମ ଓ ଠିକଣା ପ୍ରକଶ କରିବା ଆଇନ ବିରୁଦ୍ଧ। କୋର୍ଟ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ଅହମ୍ମଦ ଯୁକ୍ତି ବାଢ଼ିଥିଲେ। ଏନେଇ ଖଣ୍ଡପୀଠ କହିଥିଲେ ଯେ, ଆବେଦନକାରୀଙ୍କ ନିବେଦନ ହତ୍ୟା ଓ ମାନହାନି ସମ୍ପର୍କିତ ହୋଇଥିଲେ ତାହାର ପ୍ରତିକାର ଅନ୍ୟତ୍ର କରାଯାଇପାରିବ।

## ପ୍ରଥମ ପୃଷ୍ଠାରୁ...

### ସାଇବର ଅପରାଧୀଙ୍କ ଅସ୍ତ୍ର ...

ସେଲିବ୍ରିଟି ଭିଡିଓ କନ୍‌ଫରେନ୍ସ ପାଇଁ ଏହି ଆପ୍ ବ୍ୟବହାର କରିଛନ୍ତି। କିନ୍ତୁ ୟୁଜର୍ସମାନଙ୍କ ଡାଟା ଅପବ୍ୟବହାର କରାଯାଉଥିବା ଅଭିଯୋଗ ଆଣି ସାଇବର ସୁରକ୍ଷା ଏକ୍ସପର୍ଟମାନେ ଏହି ଆପ୍‌କୁ 'ଗୋପନୀୟତାର ବିପର୍ଯ୍ୟୟ' ବୋଲି ବିବେଚନା କରିଛନ୍ତି। ଏପରି କି ଗୁଗୁଲ ଓ ଅନ୍ୟ କେତେକ ସଂସ୍ଥା ଏହି ଆପ୍ ବ୍ୟବହାର ନ କରିବାକୁ ସେମାନଙ୍କ କର୍ମଚାରୀଙ୍କୁ କହିଛନ୍ତି। ସୁରକ୍ଷା ଦୃଷ୍ଟିକୋଣରୁ ଜର୍ମାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଆପ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଛି।

ଗତ ସୋମବାର ନ୍ୟୁୟର୍କର ଆର୍ଟର୍ନି ଜେନେରାଲ ଲେଟିଆ ଜେମ୍ସ କମ୍ପାନୀକୁ ଏକ ଚିଠି ପଠାଇ ଏହାର ସୁରକ୍ଷା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ କହିଛନ୍ତି। ଚିଠିରେ ଜେମ୍ସ କହିଛନ୍ତି ଯେ, ସୁରକ୍ଷା ଦୁର୍ବଳତାକୁ ସମାଧାନ କରିବାରେ ଜୁମ୍ ମନ୍ଥରତା ଦେଖାଉଥିବାରୁ ତୃତୀୟ ପକ୍ଷ (ସାଇବର ଅପରାଧୀ) ୟୁଜର୍ସମାନଙ୍କ ୱେବ୍‌କ୍ୟାମ୍‌କୁ ଉପଯୋଗ କରିବାରେ ସକ୍ଷମ ହୋଇପାରିବେ। 'ଜୁମ୍'ର ଜଣେ ମୁଖପାତ୍ର କହିଛନ୍ତି ଯେ, ୟୁଜର୍ସମାନଙ୍କ ଗୋପନୀୟତା, ସୁରକ୍ଷା ଏବଂ ବିଶ୍ୱାସକୁ ଗୁରୁତ୍ୱର ସହ ଗ୍ରହଣ କରାଯାଉଛି। ଆସନ୍ତା ୯୦ ଦିନ ମଧ୍ୟରେ ସୁରକ୍ଷା ସମସ୍ୟାର ସମାଧାନ କରାଯିବ।

ବ୍ୟକ୍ତିଗତ ଗୋପନୀୟତା ଏବଂ ତଥ୍ୟର ସୁରକ୍ଷା ପାଇଁ ଅନେକ ୟୁଜର୍ସ ଚିନ୍ତାରେ ଥିବାବେଳେ ଭାରତୀୟ ନୋଡାଲ ଏଜେନ୍ସି 'ସିଆଇଆର୍‌ଟି-ଇନ୍' କେତେକ ସତର୍କତା ଅବଲମ୍ବନ କରି ଜୁମ୍ ଆପ୍‌କୁ ବ୍ୟବହାର କରିବାକୁ ପରାମର୍ଶ ଦେଇଛି। ତାହାହେଲା ଆପ୍‌କୁ ନିୟମିତ ବ୍ୟବଧାନରେ ଅପ୍‌ଡେଟ୍ କରିବା, ମଜଭୁତ ପାସ୍‌ୱାର୍ଡ୍ ବ୍ୟବହାର କରିବା, ପ୍ରତ୍ୟେକ ମିଟିଂ ପାଇଁ ୟୁନିକ୍ ପାସ୍‌ୱାର୍ଡ ଏବଂ ଭିଡିଓ କନଫରେନ୍ସି ବେଳେ ବିନା ଅନୁମତିରେ କାହାରି ପ୍ରବେଶ ଉପରେ କଟକଣାକୁ ଜୋର ଦେବା।

### ବମିଖାଲରୁ ଆଉ ଜଣେ ...

ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲା। ସୋମବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ କିମ୍ସ କୋଭିଡ୍-୧୯ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପ୍ରଥମେ ବମିଖାଲ ଅଞ୍ଚଳରେ ଗୋଟିଏ ପରିବାରରେ ତିନି ଭାଇ କରୋନାରେ ଆକ୍ରାନ୍ତ ହୋଇଥିଲେ। ତାଙ୍କ ସଂସ୍ପର୍ଶରେ ଆସିଥିବା ଏକାଧିକଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହାପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବମିଖାଲ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରି ସିଲ୍ କରିଥିଲା। ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫଳରେ ଧୀରେ ଧୀରେ ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛନ୍ତି। ତେବେ ନୂଆ କରୋନା ପଜିଟିଭ୍ ଚିହ୍ନଟ ପରେ ଏବେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୫୫ରେ ପହଞ୍ଚିଥିବାବେଳେ କେବଳ ରାଜଧାନୀରେ ୪୨ ଛୁଇଁଛି। ଅନ୍ୟପକ୍ଷରେ ସୋମବାର ଭୁବନେଶ୍ୱରର ଆଉ ୫ ଜଣ ସୁସ୍ଥ ହୋଇଥିବା ଆରୋଗ୍ୟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ଇତିମଧ୍ୟରେ ୧୮ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ ୩୬ଜଣ କରୋନା ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଏଥିସହ ୧୧୬ଜଣ ସନ୍ଦିଗ୍ଧ ରାଜ୍ୟର ବିଭିନ୍ନ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି। ଅନ୍ୟପକ୍ଷରେ ସୋମବାର କଟକ ଜିଲାର ଦୁଇ ଅଞ୍ଚଳ ସାଲେପୁର ତହସିଲ୍‌ର ମିର୍ଜାପୁର ଗ୍ରାମ ପଞ୍ଚାୟତର ୧୨ ଓ ୧୩ ନମ୍ବର ୱାର୍ଡ, ନିଶ୍ଚିନ୍ତକୋଇଲି ତହସିଲ୍‌ର ଜୟୀରାମପୁର ପଞ୍ଚାୟତର ୧ ନମ୍ବର ୱାର୍ଡ ଏବଂ ଭୁନେଶ୍ୱରର ସୁନ୍ଦରପଦା ଓ ଯଦୁପୁରକୁ କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ମୁକ୍ତ କରାଯାଇଛି। ଏସବୁ ଅଞ୍ଚଳରୁ ସଂଗୃହୀତ ସମସ୍ତ ନମୁନା ନେଗେଟିଭ୍ ଆସିବା ପରେ ୫ ତାରିଖରୁ ଲାଗୁ ହୋଇଥିବା ଏହି କଟକଣାକୁ ହଟାଇ ଦିଆଯାଇଛି।

### କେବଳ ଗରିବଙ୍କୁ ମିଳିବ ...

ଶ୍ରେଣୀଙ୍କୁ ଏହି ସୁବିଧା ଯୋଗାଇବାକୁ ଚାହିଁଲେ କେନ୍ଦ୍ର ସରକାର ଏଥିପାଇଁ ବିଜ୍ଞପ୍ତି ଜାରି କରିବାକୁ ଅଦାଲତ ଅନୁମତି ଦେଇଛନ୍ତି। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ହିତାଧିକାରୀଙ୍କ ବ୍ୟତୀତ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନିମ୍ନ ଆୟକାରୀ ଗୋଷ୍ଠୀ, ଡିବିଟି ସୁବିଧା ପାଉଥିବା ଜନସାଧାରଣଙ୍କୁ କେନ୍ଦ୍ର ସରକାର ଚାହିଁଲେ ଏହି ତାଲିକାରେ ସାମିଲ କରିପାରିବେ। ଏଥିପାଇଁ ସପ୍ତାହେ ମଧ୍ୟରେ ଉପଯୁକ୍ତ ମାର୍ଗଦର୍ଶିକା ଜାରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସରକାରୀ ହସ୍ପିଟାଲରେ ଅଧିକ ଲୋକଙ୍କୁ ପରୀକ୍ଷା କରାଇବା କ୍ଷମତା ନାହିଁ। ଘରୋଇ ଲାବରେଟୋରିରେ କୋଭିଡ୍-୧୯ ପରୀକ୍ଷା ବ୍ୟୟସାପେକ୍ଷ ହୋଇଥିବାରୁ ସମସ୍ତଙ୍କୁ ମାଗଣାରେ ପରୀକ୍ଷା କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ୮ ତାରିଖରେ ଏହି ପିଟିଶନର ଶୁଣାଣି କରି ସମସ୍ତଙ୍କୁ ମାଗଣା ପରୀକ୍ଷା ସୁବିଧା ଯୋଗାଇଦେବାକୁ ସର୍ବୋଚ୍ଚ ଅଦାଲତ କହିଥିଲେ। ମାଗଣା ପରୀକ୍ଷା ଯୋଗାଇବା ଘରୋଇ ଲାବରେଟୋରିଗୁଡିକର କ୍ଷମତା ବାହାରେ ହୋଇଥିବାରୁ ଏଥିପାଇଁ ସରକାର ଅର୍ଥ ଭରଣା କରିବାକୁ ସେମାନେ ଦାବି କରିଥିଲେ। ଘରୋଇ ଲାବ୍ ଉପରେ ଆର୍ଥିକ ବୋଝ ପଡ଼ିଲେ ସେମାନେ ପରୀକ୍ଷା କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ ଏବଂ ଦେଶରେ କରୋନା ପରୀକ୍ଷା ସାମର୍ଥ୍ୟ ହ୍ରାସ ପାଇବ ବୋଲି ଦିଲ୍ଲୀର ଜଣେ ଡାକ୍ତର ଯୁକ୍ତି ଦର୍ଶାଇଥିଲେ।

### କରୋନାର ସୁପର ସ୍ପ୍ରେଡର...

ସଂକ୍ରମଣକୁ ଚିହ୍ନଟ କରିପାରିଲେ ନାହିଁ। ବାୟୋଜେନ୍ ସମ୍ମିଳନୀ ଆମେରିକାରେ କରୋନା ଭୂତାଣୁ ବ୍ୟାପିବାର ଅନ୍ୟତମ ପ୍ରଥମ ଦୃଷ୍ଟାନ୍ତ। ଏହି ସମ୍ମିଳନୀକୁ କୋଭିଡ୍-୧୯ର ସୁପରସ୍ପ୍ରେଡିଂ ଇଭେଣ୍ଟ ବୋଲି ମହାମାରୀ ବିଶେଷଜ୍ଞମାନେ କହୁଛନ୍ତି। ଅନ୍ୟ ସର୍ବାଧିକ ସଂକ୍ରମଣ ସିଟଲ ବାହାରେ ଥିବା ଏକ ନର୍ସିଂ ହୋମ ଏବଂ କନେକ୍ଟିକଟ୍‌ରେ ଏକ ଜନ୍ମଦିନ ଉତ୍ସବରେ ହୋଇଥିବା କୁହାଯାଉଛି। ତେବେ ବାୟୋଜେନ୍ ସମ୍ମିଳନୀରୁ ଯେଉଁଭଳି ଗୋଷ୍ଠୀ ସଂକ୍ରମଣ ହେଲା ତାହା ସବୁଠାରୁ ଭିନ୍ନ ଥିଲା। କାରଣ କରୋନା ବିରୋଧରେ ଲଢୁଥିବା ଦେଶର ବହୁ ବିଶିଷ୍ଟ ସ୍ୱାସ୍ଥ୍ୟସେବା ପେସାଦାରମାନେ ଏହି ସମ୍ମିଳନୀରେ ଯୋଗଦେଇଥିଲେ।

# ଅବସରପ୍ରାପ୍ତ ଓଡ଼ିଆ ସେନାଧିକାରୀଙ୍କ ପରଲୋକ

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)/ ବାଙ୍କୀ, (ସ୍ୱ.ପ୍ର.)**

ଅବସରପ୍ରାପ୍ତ ଓଡ଼ିଆ ସେନା ଅଧିକାରୀ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେ.ପି. ଧଳସାମନ୍ତଙ୍କ ସୋମବାର ଦେହାନ୍ତ ହୋଇଛି। ୭୦ ବର୍ଷ ବୟସରେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ କ୍ୟାନ୍‌ସରରେ ପୀଡ଼ିତ ଥିଲେ ଓ ଏକ ମାସ ଧରି ସେଠାରେ ଚିକିତ୍ସାଧୀନ ଥିଲେ। ତାଙ୍କ ଘର କଟକ ଜିଲା ଅର୍ନ୍ତଗତ ବାଙ୍କୀ ଡମପଡ଼ା ଗ୍ରାମରେ। ଜାତୀୟ ପ୍ରତିରକ୍ଷା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଥିବା ଓଡ଼ିଶାର କେତେଜଣ ପ୍ରମୁଖ ସେନା ଅଧିକାରୀଙ୍କ ମଧ୍ୟରୁ ସେ ଅନ୍ୟତମ। ଭୁବନେଶ୍ୱର ସୈନିକ ସ୍କୁଲ୍‌ର ପ୍ରଥମ ବ୍ୟାଚ୍ ଛାତ୍ର ଥିବା ଧଳସାମନ୍ତ ମାତ୍ର ୧୯ବର୍ଷ ବୟସରେ ସେନାବାହିନୀରେ ସାମିଲ ହୋଇଥିଲେ। ଏଥିସହ ସେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ପ୍ରତିରକ୍ଷାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୭୧ ଇଣ୍ଡୋ-ପାକିସ୍ତାନ ଯୁଦ୍ଧ ସହ ବିଭିନ୍ନ ଯୁଦ୍ଧରେ ନିଜର ବୀରତ୍ୱ ଦେଖାଇଥିଲେ। ସଫଳ ଯୋଦ୍ଧାଭାବେ ଭାରତ ସରକାରଙ୍କଠାରୁ ପରମ ବିଶିଷ୍ଟ ସେବା ମେଡାଲ, ଅତି ବିଶିଷ୍ଟ ସେବା ମେଡାଲ ଓ ବିଶିଷ୍ଟ ସେବା ମେଡାଲ ଆଦି ସମ୍ମାନରେ ସମ୍ମାନିତ ହୋଇଥିଲେ। ବାଂଲାଦେଶ ମୁକ୍ତି ଯୁଦ୍ଧରେ ମଧ୍ୟ ସେ ସାମିଲ୍ ହୋଇ ପ୍ରମୁଖ ଭୂମିକା ନେଇଥିଲେ। ଏଥିପାଇଁ ବାଂଲାଦେଶ ସରକାର ତାଙ୍କୁ 'ପୂରବୀ ଷ୍ଟାର୍' ସମ୍ମାନରେ ସମ୍ମାନିତ କରିଥିଲେ। କେବଳ ଦେଶର ପ୍ରତିରକ୍ଷା କ୍ଷେତ୍ର ନୁହେଁ, ପ୍ରାକୃତିକ ବିପତ୍ତି ପରିଚାଳନାରେ ମଧ୍ୟ ଅନେକ ଉପଲବ୍ଧି ହାସଲ କରିଥିଲେ କେପିଡି। ୨୦୦୨ ବିହାର ବନ୍ୟା ଓ ଗୟାରେ ରାଜଧାନୀ ଏକ୍ସପ୍ରେସ୍ ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟର ନେତୃତ୍ୱ ନେଇଥିଲେ ଧଳସାମନ୍ତ। ଅବସର ପୂର୍ବରୁ ୨୦୦୭ରୁ ୨୦୧୦ ଯାଏ ରାଷ୍ଟ୍ରୀୟ ରାଇଫଲର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଅବସର ପରେ ସେ କଲିକତାସ୍ଥିତ ଆର୍ମଡ୍ ଫୋର୍ସେସ୍ ଟ୍ରିବ୍ୟୁନାଲର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ସେ ନିଜକୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ ରଖିଥିଲେ।



ତାଙ୍କ ବିୟୋଗରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଦେଶ ମାତୃକାର ସେବା ଓ ସୁରକ୍ଷା ପାଇଁ ଏ ଜାତି ସର୍ବଦା ତାଙ୍କୁ ମନେ ରଖିବ। ତାଙ୍କର ସାମରିକ ଓ ସାମାଜିକ କାର୍ଯ୍ୟ ପାଇଁ ଓଡ଼ିଶାବାସୀ ଗର୍ବିତ। ତାଙ୍କଭଳି ଜଣେ କର୍ମନିଷ୍ଠ, ମିଷ୍ଟଭାଷୀ, ମେଳାପି ଓ ଭଲ ମଣିଷକୁ ଦେଶ ହରାଇଛି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରି ତାଙ୍କ ବିୟୋଗ ରାଜ୍ୟ ପାଇଁ ଏକ ବଡ଼ କ୍ଷତି ବୋଲି କହିଛନ୍ତି। ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ପ୍ରମୁଖ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ ପ୍ରତ୍ୟେକ କାମକୁ ଶୃଙ୍ଖଳିତ ଭାବରେ ସମ୍ମାନର ସହ ସମାପନ କରିପାରିବେ। ଘରକାମ ହେଉ କିମ୍ବା କର୍ମକ୍ଷେତ୍ରର କାମ ହେଉ, କୌଣସି କାମ ଅଟକି ରହିବନାହିଁ। ଭଙ୍ଗା ପଡିଯାଇଥିବା ବନ୍ଧୁଙ୍କ ସହ ସମ୍ପର୍କ ପୁଣି ଯୋଡି ହୋଇଯିବ। ଆର୍ଥିକ ଦିଗଟି ଭଲ ରହିବା ହେତୁ ମନ ଖୁସୀ ରହିବ।

**ବୃଷ** ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ରାହୁଙ୍କ ପ୍ରଭାବରେ ଧନହାନି ଘଟିପାରେ। ସାମୂହିକ ଆଲୋଚନାରେ କିମ୍ବା ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣନ୍ତୁ ନାହିଁ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ବଦଳରେ ଓଲଟା ଫଳ ଦୁଶ୍ଚିନ୍ତାର କାରଣ ପାଲଟି ଯିବ।

**ମିଥୁନ** ସେବା ଓ ପରୋପକାର କାମରୁ ବିଶିଷ୍ଟ ବ୍ୟକ୍ତି ମାନଙ୍କ ଦ୍ୱାରା ସମ୍ମାନିତ ହେବେ। ଧନଭାବକୁ ଚନ୍ଦ୍ରଙ୍କ ଦୃଷ୍ଟି ଆର୍ଥିକ ସମସ୍ୟାକୁ ସୁଧାରି ନେବେ। ଅନ୍ୟକୁ କଅଁଳେଇ କହି କାମ ହାସଲ କରିବା ସକାଶେ ଚେଷ୍ଟାକଲେ ଉପକୃତ ହୋଇପାରନ୍ତି। ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବାର ଆଶା ରହିଛି।

**କର୍କଟ** ସୁବିଧା ସୁଯୋଗ ପାଇଲେ ମଧ୍ୟ ଲକ୍ଷ୍ୟପୂରଣରେ ଚଳିତ ପରିସ୍ଥିତି ତାହା ସହଜରେ କରାଇ ଦେବ ନାହିଁ। ନୂତନ ଘରଟିଏ କିଣିବା ସକାଶେ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। କୌଣସି ବ୍ୟତିକ୍ରମକୁ ସଜାଡିବା ପାଇଁ ଆଲୋଚନା କରିପାରନ୍ତି। ସ୍ତ୍ରୀଙ୍କ ପରାମର୍ଶ ମାନି ଚଳିଲେ ଲେତେକାଂଶରେ ଉପକୃତ ହେବେ।

**ସିଂହ** ଆଜି ଆପଣଙ୍କ ମନ ଯେମିତି କାମ ମଧ୍ୟ ସେପରି ହେବାରେ କୌଣସି ଅସୁବିଧା ରହିବନାହିଁ। ଅଯଥା ଯୁକ୍ତିତର୍କରୁ ଦୂରେଇ ରହି ଘର ଭିତରେ ସତର୍କରେ ନ ଚଳିଲେ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। ପ୍ରତୀକ୍ଷା କରି କରି ଅପେକ୍ଷା କରିଥିବା ଲୋକଟିର ଦେଖାପାଇବେ ନାହିଁ, ଫଳରେ ବିରକ୍ତି ଅନୁଭବ କରିବେ ।

**କନ୍ୟା** ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ପ୍ରତିକୂଳ ବାତାବରଣ ମଧ୍ୟରେ ଅଶାନ୍ତ ରଖିପାରେ। କର୍ମକ୍ଷେତ୍ରରେ ସହକର୍ମୀଟିର ଭୁଲ୍ ବୁଝାମଣାକୁ ସୁଧାରି ନେବାରେ ସମର୍ଥ ହେବେ। ବ୍ୟବସାୟ,ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ପରିବାରରେ ସ୍ନେହ, ଶ୍ରଦ୍ଧା ଓ ଅନାଦର ଭାବକୁ ନେଇ ଦୁଶ୍ଚିନ୍ତା ଲାଗି ରହିବ।

**ତୁଳା** ପାରିବାରିକ ସ୍ତରରେ ପିଲାମାନଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢିଯିବ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ନ ରହିଲେ ହଇରାଣରେ ପଡିପାରନ୍ତି । ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେଇପାରେ। ଅସମ୍ପୂର୍ଣ୍ଣ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ସକାଶେ ଚେଷ୍ଟିତ ହେବେ ।

**ବିଛା** ପ୍ରତ୍ୟେକ କାମକୁ ସାହସର ସହ ସମ୍ପନ୍ନ କରିବାରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ପାଇଁ ଦିନଟି ଭଲ, କିନ୍ତୁ ବେଶି ତକଲିପି ହେବାକୁ ପଡିବ । ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଚେଷ୍ଟା ଅବ୍ୟାହତ ରଖନ୍ତୁ ଅବଶ୍ୟ ସମୟାନ୍ତରେ ଆଶା ପୂରଣ ହୋଇଯିବ।

**ଧନୁ** ଆଜି ଆପଣ ଏକାଧାରାରେ ମାନସିକ, ଶାରୀରିକ, ଓ ଆର୍ଥିକ ଦିଗରୁ ଉନ୍ନତମାନର ଫଳ ପାଇବେ। ପରିବାର ଓ ପରିବହନରେ ମତାନ୍ତରଜନିତ କଳହର ସମ୍ଭାବନାକୁ ଏଡିହେବ ନାହିଁ। ଭାଇ ଭାଇ ଭିତରେ ମତପାର୍ଥକ୍ୟ ଦେଖାଦେଇପାରେ । ବହୁ ଦିନରୁ ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମକର** ବନ୍ଧୁଙ୍କ ସାହାଯ୍ୟରୁ କର୍ମକ୍ଷେତ୍ରର ସମସ୍ୟାଗୁଡିକର ସରଳ ସମାଧାନ କରିବାରେ ସଫଳତା ହାସଲ କରିବେ। ଆଲୋଚନା ପରିସରରେ କଥା କଟାକଟି ହେତୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଦୀର୍ଘଦିନରୁ ସାଇତି ରଖିଥିବା ଅର୍ଥ ଭିନ୍ନବାଟରେ ଖର୍ଚ୍ଚ ହୋଇଯାଇପାରେ। ବନ୍ଧୁସମ୍ପର୍କ କିଛି ପରିମାଣରେ ହ୍ରାସ ହେବ।

**କୁମ୍ଭ** ସମସ୍ୟା ଭିତରେ ବୁଡି ରହିଥିଲେ ମଧ୍ୟ କାମର ଚାପ ଆଦୌ ବିଶ୍ରାମ ନେବା ସକାଶେ ଅବସର ଦେବନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି । ନିଜ ପରିସରରେ ନିଜର ଲୋକମାନେ ମିଥ୍ୟା ଅଭିଯୋଗ କରିପାରନ୍ତି । ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ।

**ମୀନ** ପରିବାର କିମ୍ବା କର୍ମକ୍ଷେତ୍ରରେ କାରଣରେ ଭୁଲ୍ ବୁଝାମଣାରୁ ଆପଣଙ୍କ ଉପରକୁ ଦୋଷ ଆସିପାରେ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍ ବିତଣ୍ଡା ସୃଷ୍ଟି ହେବାର ଆଶଙ୍କା ରହିଛି । ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ବିଳମ୍ବରେ ହେଲେ ମଧ୍ୟ କାମ ହାସଲ ହୋଇଯିବ।

ଆଜି ବୈଶାଖ କୃଷ୍ଣ ସପ୍ତମୀଯୁକ୍ତ ଅଷ୍ଟମୀ ମଙ୍ଗଳବାର, ଏପ୍ରିଲ ୧୪ ତାରିଖ, ଡ.ଆମ୍ବେଡକରଙ୍କ ଜୟନ୍ତୀ, ଅଗ୍ନିଶମ ଦିବସ, ବଙ୍ଗଳା ପହିଲା ବୈଶାଖ, ରାଶି ନକ୍ଷତ୍ର- ପୂର୍ବାଷାଢା/ଧନୁ, ମକର ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ସାମବେଦୀ ବ୍ରତୋପନୟନ, ଉତ୍ତରାଷାଢା ନକ୍ଷତ୍ରେ ବିବାହ, ସକାଳ ଘ.୦୮.୦୨ମି.ଗତେ ଘ.୧୦.୩୨ମି.ମଧ୍ୟେ, ଘ.୦୧.୦୧ମି.ଗତେ ଘ.୦୨.୪୧ମି.ମଧ୍ୟେ, ଘ.୦୩.୩୧ମି.ଗତେ ଘ.୦୫.୧୧ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୦୦ମି.ଗତେ ଘ.୦୬.୪୭ମି.ମଧ୍ୟେ, ରାତ୍ରି ଘ.୦୯.୦୫ମି ଗତେ ଘ.୧୧.୨୩ମି.ମଧ୍ୟେ, ଘ.୦୧.୪୧ମି.ଗତେ ଘ.୦୩.୧୪ମି.ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୫୩ମି.ଗତେ ଘ.୦୪.୨୭ମି.ମଧ୍ୟେ ରାହୁକାଳ।



# ଟୁଇଟର ମାଧ୍ୟମରେ ସାମାଜିକ ଦୂରତ୍ୱ ମୂଲ୍ୟାୟନ

**ୱାଶିଂଟନ,୧୩।୪**

କରୋନା ମହାମାରୀକୁ ରୋକିବା ଲାଗି ସାମାଜିକ ଦୂରତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଆସୁଛି। ହେଲେ ସର୍ବସାଧାରଣରେ ମିଳୁଥିବା ଟୁଇଟର ଡାଟାରୁ ସାମାଜିକ ଦୂରତ୍ୱ ମୂଲ୍ୟାୟନ କରାଯାଉଥିବା କଥା ଶୁଣିଲେ, ଯେ କେହି ଆଶ୍ଚର୍ଯ୍ୟ ହେଉଥିବେ। ହେଲେ ଏଭଳି ଖବର ସତ। କରୋନା ଭୂତାଣୁ ଆସିବା ପୂର୍ବ ଓ ପରର ତଥ୍ୟ ଜାଣିବା ଲାଗି ଏହି ଟୁଇଟର ମାଧ୍ୟମରେ ତଥ୍ୟ ସଂଗ୍ରହ ଆରମ୍ଭ ହୋଇଛି। ଜନ୍ସ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆମେରିକୀୟଙ୍କ ଗତିବିଧି, ସାମାଜିକ ଚଳଣି ଆଦିକୁ ଏଥିରୁ ଠଉରେଇବା ସହ କୋଭିଡ୍-୧୯ର ପ୍ରଭାବକୁ ମୂଲ୍ୟାୟନ କରିବା ଆରମ୍ଭ କରିଛନ୍ତି। ଏଥିଲାଗି କମ୍ପ୍ୟୁଟର ବିଜ୍ଞାନୀ ମାର୍କ ଡ୍ରେଜେଙ୍କ ନେତୃତ୍ୱରେ ଏକ ଟିମ୍ ଟୁଇଟର ସୋସିଆଲ ମୋବିଲିଟି ଇଣ୍ଡେକ୍ସ କରି ଏହା ମାଧ୍ୟମରେ ସାର୍ବଜନୀନ ଚଳଣିକୁ ଅବଲୋକନ କରୁଛନ୍ତି। ମାର୍ଚ୍ଚ ୧୬ରୁ ମାର୍ଚ୍ଚ ୨୯ ମଧ୍ୟରେ ଲୋକଙ୍କ ଗତିବିଧି, ଚଳଣି ସହ ସେମାନେ ୨୦୧୯ ଜାନୁୟାରୀରୁ ମାର୍ଚ୍ଚ୧୬ର ସାମାଜିକ ଗତିବିଧି ଓ ଚଳଣିକୁ ତୁଳନା କରୁଛନ୍ତି। କୋଭିଡ୍-୧୯ ଆସିବା ପରେ କେତେକ ରାଜ୍ୟରେ ଲୋକଙ୍କ ଚଳପ୍ରଚଳରେ ସେଭଳି ପରିବର୍ତ୍ତନ ହୋଇ ନ ଥିବା ଜଣାପଡ଼ିଛି। ପ୍ରାୟ ୫୨% ଲୋକେ ଏଭଳି ସ୍ଥିତିରେ ଥିବା ପ୍ରକାଶ। ଏହିସବୁ ରାଜ୍ୟରେ ଭୂତାଣୁ ଆକ୍ରାନ୍ତଙ୍କ ମାତ୍ରା ଯଥେଷ୍ଟ କମ୍ ଥିବା ଜଣାପଡ଼ିଛି। ଘରେ ରହିବା, ବୁଲାବୁଲି ନ କରିବା, ଲୋକଙ୍କ ସହ ମିଶାମିଶି ବନ୍ଦକରିବା ସହ ସମସ୍ତ ସରକାରୀ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନକରିବା ଲାଗି ପରାମର୍ଶ ଦିଆଯାଇଛି। ହେଲେ ସମସ୍ତେ ଘରେ ରହି ଏହାକୁ ପାଳନ କରୁଛନ୍ତି, କହିବା ଠିକ୍ ନୁହେଁ। ଏଥିଲାଗି ଆମେ ଏଭଳି ପଦ୍ଧତି ଗ୍ରହଣ କରିଛୁ ବୋଲି ଡ୍ରେଜେ ପ୍ରକାଶ କରିଛନ୍ତି।

ଟୁଇଟରରେ ବିଭିନ୍ନ ଲୋକ ହୋଟେଲ, ରେଷ୍ଟୁରାଣ୍ଟ, ଶପିଂ ସେଣ୍ଟର, ପାର୍କ, ଅଫିସ ଆଦି ଟ୍ୟାଗ୍ କରି ବିଭିନ୍ନ ମନ୍ତବ୍ୟ ଦେଉଛନ୍ତି। ସେମାନଙ୍କ ମଧ୍ୟରୁ ୩.୭ ନିୟୁତ ୟୁଜର୍ସଙ୍କ ଡାଟାକୁ ମୂଲ୍ୟାୟନ କରାଯାଇଛି। ପ୍ରାୟ ୫୦% ଆମେରିକୀୟଙ୍କ ଯିବା ଆସିବା ବନ୍ଦ ରହିଥିବା ଏଥିରୁ ଜଣାପଡ଼ିଛି। ମାରିଲାଣ୍ଡରେ ସାମାଜିକ ଦୂରତ୍ୱକୁ ଲୋକେ ମାନିବା ସହ ୪୩% ବାହାର ଗସ୍ତ କମାଇଥିବା ଜଣାପଡ଼ିଛି। ଫେବୃୟାରୀରେ ଲୋକମାନଙ୍କ ସାମଜିକ ଗତିବିଧିରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି। ମାରିଲାଣ୍ଡ ୫ମ ସ୍ଥାନରେ ରହିଥିବା ବେଳେ ଭିର୍ଜିନିଆ ୧୬ତମ, ଆର୍କାନ୍‌ସାସ୍ ୩୭ତମ, ଲୋୱା ୪୮ତମ, ଓକ୍‌ଲାହୋମା ୫୦ତମ ସ୍ଥାନରେ ରହିଥିବା ପ୍ରକାଶ। ଗତ ଦୁଇ ସପ୍ତାହ ମଧ୍ୟରେ ଲୋକମାନେ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଭାବେ ପାଳନ କରୁଥିବା ଜଣାପଡ଼ିଛି। କେବଳ ଜନ୍ସ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏଭଳି କରୁଛନ୍ତି ତାହା ନୁହେଁ, ଗୁଗ୍‌ଲ ଓ ଅନ୍ୟମାନେ ମଧ୍ୟ ଏଭଳି ପନ୍ଥା ଅବଲମ୍ବନ କରୁଥିବା ଜଣାପଡ଼ିଛି। ଟୁଇଟର ଡାଟାରୁ ଯେକେହି ସାମାଜିକ ଦୂରତ୍ୱ ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିବେ ବୋଲି କହିଛନ୍ତି ଅନ୍ୟତମ କମ୍ପ୍ୟୁଟର ବିଶେଷଜ୍ଞ ତଥା ପ୍ରଫେସର ଡେଭିଡ୍ ବ୍ରୋନିଆଟୋସ୍କି। ଆଗାମୀ ମାସ ଲାଗି ଏଭଳି ତଥ୍ୟ ସଂଗ୍ରହ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଲୋକମାନେ ସଚେତନ ହୋଇ ସାମାଜିକ ଦୂରତ୍ୱ ରକ୍ଷା କଲେ କୋଭିଡ୍-୧୯କୁ ରୋକାଯାଇ ପାରିବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପରିସ୍ଥିତିକୁ ହୃଦୟଙ୍ଗମ କରି ସରକାରଙ୍କ କଥା ନ ମାନିଲେ ଓ ନିଜର ଗତିବିଧିରେ ପରିବର୍ତ୍ତନ ଆଣିଲେ, ଏତେସବୁ ପ୍ରୟାସ ବେକାର ଯିବ ଓ ପୁଣି ଆତଙ୍କ ସୃଷ୍ଟିହେବ ବୋଲି ଦର୍ଶାଯାଇଛି।

# ଜିମ୍ କର୍ବେଟ ପ୍ରାଣୀ ଉଦ୍ୟାନରେ ପ୍ରଥମ କ୍ୱାରାଣ୍ଟାଇନ ସେଣ୍ଟର

**ଗଡୱାଲ,୧୩।୪**



ଉତ୍ତରାଖଣ୍ଡର ଜିମ୍ କର୍ବେଟ ପ୍ରାଣୀ ଉଦ୍ୟାନରେ ପ୍ରଥମଥର ପାଇଁ କ୍ୱାରାଣ୍ଟାଇନ ସେଣ୍ଟର ସ୍ଥାପନ କରାଯାଇଛି। କରୋନା ସଂକ୍ରମଣରୁ ଦୂରେଇ ରହିବା ଲାଗି ପ୍ରାଣୀ ଉଦ୍ୟାନରେ ଏଭଳି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଆମେରିକାର ବ୍ରୋନକ୍ସ ପ୍ରାଣୀ ଉଦ୍ୟାନରେ ଏକ ମାଲାୟମ ବାଘୁଣୀଠାରେ କରୋନା ପଜିଟିଭ ଚିହ୍ନଟ ହେବା ଯୋଗୁ ଏହା ଅନୁମାନ କରାଯାଇଥିଲା ଯେ, ବିଲେଇ ପ୍ରଜାତିର ପ୍ରାଣୀ ମଧ୍ୟ କରୋନା ସଂକ୍ରମିତ ହେବାର ଆଶଙ୍କା ରହିଛି। ଏହି ଖବର ମିଳିବା ପରେ ଭାରତୀୟ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଜାରି କରାଯାଇଥିଲା।

ଏହାପରେ ଉତ୍ତରାଖଣ୍ଡର ପାଉରି ଗଡୱାଲ ଅଞ୍ଚଳରେ ଥିବା ଭାରତର ସର୍ବ ପୁରାତନ ଜାତୀୟ ଉଦ୍ୟାନ ଜିମ୍ କର୍ବେଟରେ ପ୍ରାଣୀମାନଙ୍କ ପାଇଁ ପ୍ରଥମ କରି ଏବେ ମଧ୍ୟ ଆଇସୋଲେଶନ ୱାର୍ଡ ଖୋଲା ଯାଇଛି। ପ୍ରାଣୀମାନଙ୍କ ରହିବା ପାଇଁ ୧୦ଟି କ୍ୱାରାଣ୍ଟାଇନ ସେଣ୍ଟର ତିଆରି କରାଯାଇଛି।

ଏଥିସହ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) ମନୁଷ୍ୟଠାରୁ ବାଘଙ୍କୁ ଯେପରି କରୋନା ସଂକ୍ରମଣ ନ ହୁଏ ସେଥିପାଇଁ ଏକ ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇଛି। ପ୍ରାଣୀ ଉଦ୍ୟାନରେ ବାଘ ଓ ହାତୀଙ୍କ ସହ ସିଧାସଳଖ ସଂସ୍ପର୍ଶରେ ଆସୁଥିବା କର୍ମଚାରୀଙ୍କ ଲାଗି କରୋନା ଟେଷ୍ଟ ବାଧ୍ୟତା ମୂଳକ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଟାଇଗର ୱେଲଫେୟାର ପରିଷଦ ମଧ୍ୟ ପାର୍କରେ ଅସୁସ୍ଥ ଥିବା ପ୍ରାଣୀଙ୍କ ସମ୍ପର୍କରେ ତୁରନ୍ତ ସୂଚନା ଦେବାକୁ କୁହାଯାଇଛି।

# କରୋନା ମାଡ଼ରେ କ୍ଷତିଗ୍ରସ୍ତ ଗଣମାଧ୍ୟମ ଶିଳ୍ପ

**ୱାଶିଂଟନ,୧୩।୪**




କରୋନା ସଂକ୍ରମଣ ଯୋଗୁ ପୃଥିବୀରେ ଦେଖାଦେଇଛି ଆର୍ଥିକ ମାନ୍ଦାବସ୍ଥା। ଏହାଯୋଗୁ ବିଭିନ୍ନ ଗଣମାଧ୍ୟମ ଶିଳ୍ପ ଅଧିକ ପ୍ରଭାବିତ ହୋଇଛନ୍ତି। ୨୧୦ ଦେଶକୁ କରୋନା ସଂକ୍ରମଣ କରିଥିବା ବେଳେ ପ୍ରାୟ ୯୦ଟି ଦେଶରେ ସରକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଫଳରେ ବିଭିନ୍ନ ଗଣମାଧ୍ୟମକୁ ମିଳୁଥିବା ବିଜ୍ଞାପନରେ ଅଚାନକ ହ୍ରାସ ଘଟିଛି। ଏହା ଗଣମାଧ୍ୟମ ଶିଳ୍ପର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଗଣମାଧ୍ୟମ ସଂସ୍ଥାଗୁଡ଼ିକ ବିଜ୍ଞାପନ ପାଇଁ ମୁଖ୍ୟତଃ କମ୍ପାନୀ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଲକ୍‌ଡାଉନ୍ ଯୋଗୁ କମ୍ପାନୀଗୁଡ଼ିକରେ କାମ ବନ୍ଦରହିବା ଯୋଗୁ ଗଣମାଧ୍ୟମ ଶିଳ୍ପକୁ ବିଜ୍ଞାପନ ଆସିବା ବ୍ୟାହତ ହୋଇଛି। ରେଡିଓ ସମେତ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ମନୋରଞ୍ଜନ ଅବା ନ୍ୟୁଜ୍ ଚ୍ୟାନେଲ୍‌ର ଟିଆର୍‌ପି ଏହାଯୋଗୁ ବାଧାପ୍ରାପ୍ତ ହୋଇଛି। ଲକ୍‌ଡାଉନ୍ ଯୋଗୁ ଶୁଟିଂ ବନ୍ଦ ରହିଛି। ଫଳରେ ମନୋରଞ୍ଜନ ଚ୍ୟାନେଲରେ କୌଣସି ନୂଆ ଧାରାବାହିକ ପ୍ରସାରଣ କରିବା ସମ୍ଭବ ହୋଇପାରୁ ନାହିଁ। ଏହା ଯୋଗୁ ସମ୍ପୃକ୍ତ ଚ୍ୟାନେଲଗୁଡ଼ିକର ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି। ପ୍ରିଣ୍ଟ ମିଡ଼ିଆ ଶିଳ୍ପରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳୁଛି। ଆମେରିକା ଭଳି ବିକଶିତ ଦେଶରେ କରୋନା ଯୋଗୁ ବହୁ ଲୋକଙ୍କ ପାଖରେ ଖବରକାଗଜ ମଧ୍ୟ ପହଞ୍ଚିପାରି ନାହିଁ। ଦେଶର ୧୪୦୦ରୁ ଅଧିକ ସ୍ଥାନରେ ଖବର କାଗଜ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାର ପ୍ରତିଫଳନ ପୃଥିବୀର ବିଭିନ୍ନ ଦେଶରେ ମଧ୍ୟ ଦେଖିବାକୁ ମିଳିଛି। ଏପରି ସ୍ଥଳେ ସରକାରୀ ସହାୟତା ହିଁ ଏକମାତ୍ର ଭରସା ପାଲଟିଛି। ସମାଜ, ଦେଶ ତଥା ସରକାରଙ୍କ ପ୍ରତିଟି କାର୍ଯ୍ୟର ଜଗୁଆଳୀ ପାଲଟି ଥିବା ଗଣମାଧ୍ୟମ ଶିଳ୍ପ ପ୍ରତିଟି ଦେଶ ପାଇଁ ବେଶ୍ ଗୁରୁତ୍ୱ ବହନ କରିଥାଏ। ତେଣୁ କରୋନା ଭଳି ସଙ୍କଟଜନକ ସମୟରେ ସରକାର ଏହି ଶିଳ୍ପ ଲାଗି ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା କରିବାର ଆବଶ୍ୟକତା ଉପରେ ଅନ୍ତର୍ଜାତୀୟସ୍ତରରେ ଜୋର୍ ଦିଆଯାଉଛି।

# ମାଗଣା ଭୋଜନ ଲାଗି ଲମ୍ବା ଧାଡ଼ି



**ନୂଆଦିଲ୍ଲୀ,୧୩।୪**

କରେନା ସଂକ୍ରମଣକୁ ଦୂରେଇବା ପାଇଁ ଭାରତରେ ଲକ୍‌ଡାଉନ୍‌ରେ ଜାରି ରହିଛି। ସ୍ୱଚ୍ଛଳ ଲୋକଙ୍କ ପାଖରେ ଟଙ୍କା ଥିବାରୁ ଖାଇବାରେ ଅସୁବିଧା ହେଉ ନ ଥିବାବେଳେ ଦିନମଜୁରିଆ, ଶ୍ରମିକ ଏବଂ ନିରାଶ୍ରୟଙ୍କ ଲାଗି ଉତ୍କଟ ଖାଦ୍ୟ ସମସ୍ୟା ଦେଖାଦେଇଛି। ଏପରିସ୍ଥଳେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ମାଗଣା ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ତେବେ ଏଠାରେ ମଧ୍ୟ କରୋନା ସହିତ ଯୁଝୁଥିବା ଭୋକିଲା ଲୋକଙ୍କୁ ମଧ୍ୟାହ୍ନଭୋଜନ ପାଇଁ ସଂଗ୍ରାମ କରୁଥିବାର ଦେଖାଯାଉଛି। ଗଣ୍ଡେ ମଧ୍ୟାହ୍ନଭୋଜନ ଲାଗି ଲୋକେ ସାମାଜିକ ଦୂରତାକୁ ବଜାୟ ରଖି ସକାଳ ୬ରୁ ଖରାରେ ଧାଡ଼ି ବାନ୍ଧୁଛନ୍ତି। ଖରା ବଢ଼ିଲେ ଲୋକେ ସାଙ୍ଗରେ ଆଣିଥିବା ବ୍ୟାଗ୍, ଥାଳି ଅବା ପ୍ଲାଷ୍ଟିକ୍ ପାତ୍ର ଧାଡ଼ିରେ ରଖି ନିକଟରେ ଥିବା ପ୍ରାଚୀର ଛାଇରେ ଯାଇ ଛିଡ଼ାହୋଇ ନିଜ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। ଉତ୍ତର ଦିଲ୍ଲୀର ବାଦଲିଠାରେ ଥିବା ସରକାରୀ ସ୍କୁଲ ଆଗରେ ପୂର୍ବରୁ ଏଭଳି ୫୦୦ରୁ ଅଧିକ ଭୋକିଲାଙ୍କୁ ଦେଖିବାକୁ ମିଳୁଛି। ମାଗଣା ମଧ୍ୟାହ୍ନଭୋଜନ ମିଳୁଥିବା ଖବର ପାଇ ଏବେ ଏଠାରେ ୧୨ଶହରୁ ଅଧିକ ଲୋକଙ୍କ ଗହଳି ହେଉଥିବା କୁହାଯାଉଛି। ଦିଲ୍ଲୀରେ ଏଭଳି ୨୫,୦୦ ମାଗଣା ଖାଦ୍ୟକେନ୍ଦ୍ର ଖୋଲାଯାଇଛି। ତେବେ ବି ଭୋକିଲାଙ୍କ ପେଟ ପୂରାଇବାରେ ସରକାର ଅକ୍ଷମ। କରୋନା ସଙ୍କଟରେ ବି ସେମାନଙ୍କ ଆଖିରେ ଭରି ରହିଛି ଆଗାମୀ ଆଶାର ଉଜ୍ଜଳ ଆଲୋକ।

# ୩୦ ଦେଶର ଶାସକଙ୍କ ପାଇଁ ନୂଆ ସୁଯୋଗ

**ୱାଶିଂଟନ,୧୩।୪:** କରୋନା ସଂକ୍ରମଣ ଯୋଗୁ ସାରା ପୃଥିବୀରେ ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ମୃତ୍ୟୁସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ତେବେ କରୋନା ଭୂତାଣୁ ସଂକ୍ରମଣ ପୃଥିବୀର ୩୦ଟି ଦେଶର ଶାସକଙ୍କ ପାଇଁ ନୂଆ ସୁଯୋଗ ଆଣିଦେଇଛି। କ୍ଷମତାରୁ ହଟିବାର କୌଣସି ଆଶଙ୍କା ନ ଥିବାରୁ ଶାସକମାନେ ବେଶ୍ ଲାଭାନ୍ୱିତ ହେବାରେ ଲାଗିଛନ୍ତି। ଏସବୁ ଦେଶର ସରକାର କରୋନା ଭୂତାଣୁ ସଂକ୍ରମଣ ଆଳରେ ଲୋକଙ୍କୁ ଭୟଭୀତ କରାଇ ଫାଇଦା ନେବାରେ ଲାଗିଥିବା କୁହାଯାଉଛି। ଜାତିସଂଘ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଜାରି ହୋଇଥିବା ସତର୍କ ସୂଚନାକୁ ଏସବୁ ଦେଶର ସରକାର ଗୁରୁତ୍ୱ ଦେଉ ନ ଥିବା କୁହାଯାଉଛି। ରୁଷିଆରେ ଭ୍ଲାଡ଼ିମୀର ପୁଟିନ୍ ଅନ୍ୟ ଦେଶ ଭଳି ସର୍ଭେଲାନ୍ସ ତଥା ଏହାର ନିରାକରଣକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଫଳରେ ଦେଶରେ ମୃତ୍ୟୁ ସଂଖ୍ୟା ବଢ଼ିବା ସହିତ ସଂକ୍ରମିତଙ୍କ ସଂଖ୍ୟା ପ୍ରତିଦିନ ବଢ଼ିବାରେ ଲାଗିଛି। ସେହିପରି କାମ୍ବୋଡ଼ିଆରେ ମଧ୍ୟ ସମାନ ସ୍ଥିତି ଜାରି ରହିଛି। ଏହି ତାଲିକାରେ ଚାଇନା, ଭାରତ, ଫିଲିପାଇନ୍ସ, ଉଗାଣ୍ଡା, ପୋଲାଣ୍ଡ, ଘାନା, ଥାଇଲାଣ୍ଡ, ବେଲାରୁଷ,ଭେନଜୁଏଲା, ଚିଲି, ବଲିଭିଆ, ଇସ୍ରାଏଲ୍, ବାଂଲାଦେଶ, ସର୍ବିଆ, ମ୍ୟାନମାର୍, କେନିଆ, ପାରାଗୁଏ, ତୁର୍କମେନିସ୍ତାନରେ ମଧ୍ୟ ସମାନ ସ୍ଥିତି ଦେଖାଦେଇଛି। ସେହିପରି ଇଜିପ୍ଟ, ହଙ୍ଗେରୀ, ୟେମେନ୍, ୟୁଏଇ, ଇରାନ୍, ଆର୍ମେନିଆ, ଉତ୍ତରକୋରିଆର ଶାସକ କରୋନା ସଂକ୍ରମଣ ଯୋଗୁ ବେଶ୍ ଲାଭରେ ରହିଥିବା କୁହାଯାଉଛି।

# ସ୍ଥିତି ନିୟନ୍ତ୍ରଣରେ କେରଳ ଅଗ୍ରଣୀ




**ନୂଆଦିଲ୍ଲୀ,୧୩।୪**

ଭାରତରେ କରୋନା ସଂକ୍ରମଣ ବଢ଼ି ଚାଲିଛି। ଏପରିସ୍ଥଳେ କରୋନା ସଂକ୍ରମଣ ଯୋଗୁ ଆତଙ୍କିତ ହୋଇପଡ଼ିଥିବା କେରଳରେ ସ୍ଥିତିରେ ଆସିଛି ପରିବର୍ତ୍ତନ। ଯୋଜନାବଦ୍ଧ ଭାବେ କରୋନାକୁ ହରାଇବା ପାଇଁ ସରକାର ଅଣ୍ଟା ଭିଡ଼ିବା ଯୋଗୁ ଏହା ସମ୍ଭବ ହୋଇପାରିଛି। ଆକ୍ରମଣାତ୍ମକ ପରୀକ୍ଷଣ, ଯୋଗାଯୋଗ ଅନୁସନ୍ଧାନ, ରନ୍ଧା ଖାଦ୍ୟ ଯୋଗାଣ ଆଦି କେତେକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରି କେରଳ ଆଜି କରୋନା ସଂକ୍ରମଣ ବିରୋଧରେ ଲଢ଼େଇ କରି ସଫଳତା ହାସଲ କରିପାରିଛି। ଏକ୍ଷେତ୍ରରେ ସ୍କ୍ରିନିଂ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ସ୍କ୍ରିନିଂ ଲାଗି ଘଣ୍ଟା ଘଣ୍ଟା ଧରି ସ୍ୱାସ୍ଥ୍ୟକର୍ମୀ କରୋନା ସଂକ୍ରମଣକୁ ନେଇ ପ୍ରଶ୍ନ ତାଲିକା ପ୍ରସ୍ତୁତ କରିଥିଲେ। ଯେଉଁଥିରେ ଆପଣଙ୍କ ସ୍ୱାସ୍ଥ୍ୟ କିପରି ଅଛି, ଆପଣଙ୍କ ମନର ଅବସ୍ଥା କ'ଣ ଅଛି, ଆପଣଙ୍କ ପାଖରେ ଥିବା କିଛି ଖାଦ୍ୟ ସାମଗ୍ରୀ ସରିଯାଇଛି କି ଆଦି ପ୍ରଶ୍ନକୁ ଏଥିରେ ସାମିଲ କରାଯାଇଥିଲା । ଏସବୁ ପ୍ରଶ୍ନ ନେଇ ସ୍ୱାସ୍ଥ୍ୟକର୍ମୀ ଜଣଙ୍କ କ୍ୱାରାଣ୍ଟାଇନରେ ଥିବା ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପାଖରେ ପହଞ୍ଚିଥିଲେ। ତେବେ ସପ୍ତାହେ ପୂର୍ବରୁ ଏହି ସଂଖ୍ୟା ୨ଶହ ଥିଲା ବୋଲି ରିପୋର୍ଟରୁ ଜଣାଯାଏ।

ଶିବା ଟି.ଏମ୍. କେରଳର ୩୦ ହଜାର ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ଜଣେ। ଯିଏକି କରୋନା ଭାଇରସ ସଂକ୍ରମଣକୁ ଦୂରେଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଆକ୍ରମଣାତ୍ମକ ଭାବେ ଶୀଘ୍ର ପରୀକ୍ଷଣ, ଶୀଘ୍ର ଯୋଗାଯୋଗ ଅନୁସନ୍ଧାନ, ଦୀର୍ଘ ଦିନ ଧରି ରହିପାରୁଥିବା ଭଳି କ୍ୱାରାଣ୍ଟାଇନ ପ୍ରତିଷ୍ଠାନ ପ୍ରସ୍ତୁତ ଯୋଗୁ କେରଳରେ କରୋନା ସଂକ୍ରମଣରେ ରୋକ ଲାଗିବା ସମ୍ଭବ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ହଠାତ୍ ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରିବା ଯୋଗୁ ସବୁକିଛି ଠପ୍ ହୋଇଯାଇଥିଲା। ଏଣୁ ପ୍ରବାସୀ ଶ୍ରମିକଙ୍କ ପାଇଁ ହଜାର ହଜାର ଆଶ୍ରୟସ୍ଥଳ ନିର୍ମାଣ ହୋଇଥିଲା। ସେହିପରି ଖାଦ୍ୟ ଅଭାବରେ ରହିଥିବା ଲକ୍ଷ ଲକ୍ଷ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନରେ ଶିବା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜାନୁୟାରୀ ଶେଷ ବେଳକୁ କେରଳରେ ପ୍ରଥମ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା। ହେଲେ ଏପ୍ରିଲ ପ୍ରଥମ ସପ୍ତାହରେ ଏଠାରେ ସ୍ଥିତିରେ ସୁଧାର ଆସିପାରିଛି। ଏହା ପୂର୍ବ ସପ୍ତାହ ତୁଳନାରେ ସଂକ୍ରମିତଙ୍କ ସଂଖ୍ୟା ଏବେ ୩୦ ପ୍ରତିଶତ ହ୍ରାସ ପାଇଛି। କେରଳରେ କେବଳ ୨ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବା ବେଳେ ୩୪ ପ୍ରତିଶତ ସୁସ୍ଥ ହୋଇ ଘରକୁ ଫେରିଥିବା ରିପୋର୍ଟରେ ଦର୍ଶାଯାଇଛି। ସୁସ୍ଥ ହୋଇ ଘରକୁ ଫେରିଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ଦେଶର ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି।

କେରଳର ଏହି ସଫଳତା ଭାରତ ସରକାରଙ୍କ ପାଇଁ ନିଶ୍ଚୟ ଶିକ୍ଷଣୀୟ ହେବାର ଆଶା ରହିଛି। ଦେଶ ଯଦିଓ କରୋନା ସଂକ୍ରମଣକୁ ରୋକିବାକୁ ଲକ୍‌ଡାଉନ ଘୋଷଣା କରିଛି ତଥାପି ଏଥିରେ ସେଭଳି ସୁଫଳ ପାଇପାରି ନାହିଁ ବୋଲି କୁହାଯାଉଛି। ଏବେ ସାରା ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୬,୭୦୦ରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ମୃତକଙ୍କ ସଂଖ୍ୟା ମଧ୍ୟ ୨ଶହ ଅତିକ୍ରମ କରି ସାରିଛି। ତେବେ ଏଥିପାଇଁ ଜନସଂଖ୍ୟା ସାନ୍ଦ୍ରତା ଓ ଖରାପ ସ୍ୱାସ୍ଥ୍ୟ ସେବା ଦାୟୀ ବୋଲି କୁହାଯାଉଥିବା ବେଳେ କରୋନା ସଂକ୍ରମିତ ଶୀଘ୍ର ଚିହ୍ନଟ ନ ହେବା ଏବଂ ସାମାଜିକ ସହାୟତା ଠିକ ସମୟରେ ନ ମିଳିବା ଫଳରେ ସଂକ୍ରମଣରେ ରୋକ ଲଗାଇବା ସମ୍ଭବ ହେଉ ନ ଥିବା ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ଏପରିସ୍ଥଳେ କେରଳ ସକ୍ରିୟ ପଦକ୍ଷେପ ଗ୍ରହଣ କରି ଦେଶର ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ ଶୈଳଜା କହିଛନ୍ତି, ଆମେ କରୋନା ସଂକ୍ରମଣରେ ରୋକ ଲଗାଇବାର ଆଶା ରଖିଥିଲୁ। କିନ୍ତୁ ଯେ କୌଣସି ସ୍ଥିତିର ମୁକାବିଲା ପାଇଁ ମଧ୍ୟ ମାନସିକ ସ୍ତରରେ ପ୍ରସ୍ତୁତ ଥିଲୁ। କେରଳରେ କରୋନା ମହାମାରୀର ଅନ୍ତ ଘଟିନାହିଁ ବୋଲି ମଧ୍ୟ ସେ ଚେତାବନୀ ଦେଇଛନ୍ତି। ଏବେ ରାଜ୍ୟରେ ସ୍ଥିତି ପୂର୍ବାପେକ୍ଷା ଭଲ ରହିଛି ବୋଲି ସେ କହିଛନ୍ତି।

ଜଣେ ଭିରୋଲୋଜିଷ୍ଟ(ଭୂତାଣୁ ବିଶେଷଜ୍ଞ) ଓ ସଂକ୍ରମଣ ରୋଗ ବିଶେଷଜ୍ଞ ଶାହିଦ ଜାମିଲ କହିଛନ୍ତି, କେରଳର କରୋନା ବିରୋଧରେ ଲଢ଼େଇ କରିବା ଆଭିମୁଖ୍ୟ ପ୍ରଭାବଶାଳୀ ଥିଲା। ତେଣୁ ନିୟନ୍ତ୍ରଣ କ୍ଷେତ୍ରରେ ସୁଫଳ ମିଳି ପାରିଛି। ସ୍ୱାସ୍ଥ୍ୟ ଅନୁସନ୍ଧାନ ଫାଉଣ୍ଡେଶନ ୱେଲକମ ଟ୍ରଷ୍ଟର ସିଇଓ ଭାବେ କାର୍ଯ୍ୟ କରୁଥିବା ଜାମିଲ କହିଛନ୍ତି, କରୋନା ସଂକ୍ରମଣ ରୋକିବା ପାଇଁ ଆକ୍ରମଣାତ୍ମକ ପରୀକ୍ଷଣ, ଆଇସୋଲେଟିଂ, ଅନୁସନ୍ଧାନ କରିବା ଓ ଚିକିତ୍ସା ଆଦିକୁ ଆମେ ଗୁରୁତର ସହିତ ଗ୍ରହଣ କରିଥିଲୁ।

ଭାରତରେ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପ୍ରତିନିଧି ହେଙ୍କ ବେକେଡାମ କେରଳର 'ତ୍ୱରିତ ପ୍ରକ୍ରିୟା'କୁ ଜରୁରୀକାଳୀନ ପ୍ରସ୍ତୁତିର 'ପୂର୍ବର ଅଭିଜ୍ଞତା ଓ ପୁଞ୍ଜି ବିନିଯୋଗ' ବୋଲି ଦର୍ଶାଇଛନ୍ତି। ଏହାସହ ଜିଲା ମନିଟରିଂ, ବିପଦ ଯୋଗାଯୋଗ ଏବଂ ବିଶେଷ ଭାବେ ଏଠାକାର ସମାଜର ବିଭିନ୍ନ ଗୋଷ୍ଠୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

ରାଜ୍ୟ ଏକ ସମ୍ଭାବ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହାର କାରଣ ଥିଲା ଅଧିକ ପରିମାଣରେ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଓ ରାଜ୍ୟର ଶହ ଶହ ଛାତ୍ର ଚାଇନାରେ ଅଧ୍ୟୟନ କରୁଥିଲେ।

ଏହାପରେ ବିମାନ ବନ୍ଦରରେ ସ୍କ୍ରିନିଂ କଡାକଡି କରାଯାଇଥିଲା। ଭାରତକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ଉପରେ ପ୍ରତିବନ୍ଧକ ଲଗାଇବା ସହ ଫେବୃୟାରୀ ୧୦ରେ ଘରେ କ୍ୱାରାଣ୍ଟାଇନରେ ରହିବାକୁ ବାଧ୍ୟ କରାଥିଲା। ସେହିପରି ପର୍ଯ୍ୟଟକ ଓ ଅଣ-ବାସିନ୍ଦାଙ୍କ ପାଇଁ ଅସ୍ଥାୟୀ କ୍ୱାରାଣ୍ଟାଇନ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲା। ଫଳରେ ଅଳ୍ପ ଦିନ ମଧ୍ୟରେ କେରଳ କରୋନା ମୁକାବିଲାରେ ସଫଳ ହୋଇ ପାରିଥିବା କୁହାଯାଉଛି।

# କରୋନା କବଳିତ ଦୁନିଆକୁ ଫେରିବେ ମହାକାଶଚାରୀ

**କେପ୍ କାନାଭେରାଲ, ୧୩।୪**

ମହାକାଶ ଗବେଷଣାରେ ନିୟୋଜିତ ନାସାର ୩ ମହାକାଶଚାରୀ ଆସନ୍ତା ଶୁକ୍ରବାର ପୃଥିବୀ ପୃଷ୍ଠକୁ ଫେରିବେ। ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନରେ ଅଧା ବର୍ଷରୁ ଅଧିକ ସମୟ ରହିବା ପରେ ଆସନ୍ତା ସପ୍ତାହରେ କରୋନା କବଳିତ ପୃଥିବୀକୁ ସେମାନେ ଫେରିବାକୁ ନେଇ ଆଶଙ୍କା ଦେଖାଦେଇଛି। ଏଭଳି ପରିବର୍ତ୍ତନଶୀଳ ଦୁନିଆକୁ ଫେରିବା କଷ୍ଟକର ବୋଲି ସମ୍ପୃକ୍ତ ମହାକାଶଚାରୀ ପ୍ରକାଶ କରିଛନ୍ତି।

ଗତବର୍ଷ ଜୁଲାଇରୁ ସ୍ପେସ୍ ଷ୍ଟେଶନ ଯାଇଥିବା ଆଣ୍ଡ୍ରିୟୁ ମୋର୍ଗାନ ଗଣମାଧ୍ୟମକୁ କହିଛନ୍ତି, କ୍ରୁ ମେମ୍ବରମାନେ କରୋନା ମହାମାରୀ ସମ୍ପର୍କିତ ଖବର ଉପରେ ସର୍ବଦା ନଜର ରଖିଥିଲେ ବି ପ୍ରକୃତରେ ସେଠାରେ କ'ଣ ଘଟୁଛି ତାହା ବୁଝିବା କଷ୍ଟକର। ଆସନ୍ତା ଶୁକ୍ରବାର ତାଙ୍କ ୯ ମାସର ମିଶନ ଶେଷ ହେଉଥିବାରୁ ସେ କିପରି ପୃଥିବୀକୁ ଆସି ଏଭଳି ପରିବେଶରେ ଖାପ ଖୁଆଇବେ ତାହା ବୁଝାପଡୁ ନାହିଁ। ମୋର୍ଗାନ ସେନାରେ ଜଣେ ଜରୁରିକାଳୀନ ଚିକିତ୍ସକ ମଧ୍ୟ ରହିଛନ୍ତି। ସେହିପରି ଗତ ବର୍ଷ ସେପ୍ଟେମ୍ବରରେ ମହାକାଶ ଅଭିଯାନରେ ଯାଇଥିବା ଜେସିକା ମେୟର କହିଛନ୍ତି, ଏବେ ସଙ୍କଟଜନକ ପରିସ୍ଥିତି ଥିଲେ ମଧ୍ୟ ମହାକାଶରୁ ପୃଥିବୀ ଏବେ ମଧ୍ୟ ସେତିକି ଚମତ୍କାର ଦେଖାଯାଉଛି। ତେଣୁ ମହାକାଶରେ ରହିବା ପରଠାରୁ ସେଠାରେ ଏତେ ପରିବର୍ତ୍ତନ ଆସିଯାଇଛି ତାହା ବିଶ୍ୱାସ ହେଉନାହିଁ। ୭ ମାସ ଧରି ପୃଥିବୀରୁ ବାହାରେ ରହିବା ପରେ ସେଠାକୁ ଫେରି ନିଜ ପରିବାର କିମ୍ବା ବନ୍ଧୁଙ୍କ ସହ ମିଶି ହେବ ନାହିଁ। ତେଣୁ ମହାକାଶ ଅପେକ୍ଷା ପୃଥିବୀରେ ଅଧିକ ବିଚ୍ଛିନ୍ନ ଅନୁଭୂତ ହେବ। ଏହି ମହାକାଶଚାରୀମାନେ କାଜାଖସ୍ତାନରେ ଅବତରଣ କରୁଥିବା ରୁଷିଆନ ଓଲେଗ ସ୍କ୍ରିପୋଚ୍‌କା ସହିତ ଏକ ସୋୟୁଜ୍ କ୍ୟାପସୁଲରେ ଫେରିବେ।



> ଯେତେବେଳେ ଦେଖାଯାଏ ଯେ, ଆଉ କିଛି କରିବାର ନାହିଁ– ଅଛି କେବଳ ଧ୍ୱଂସ ଆଉ ବିନଷ୍ଟି– ସେତେବେଳେ ବି ଜଣେ ପରମ ଦିଶାରୀ ଅକସ୍ମାତ୍ ଆମ ସମ୍ମୁଖରେ ଉଭା ହୋଇଯାନ୍ତି ଓ ଆମ ହାତଧରି ତାଙ୍କ ସହିତ ନେଇଚାଲନ୍ତି। –ଶ୍ରୀଅରବିନ୍ଦ



# ମାରୁଛି ଗୁଜବ

କରୋନା ଭୂତାଣୁର ଜନ୍ମପୀଠ ଚାଇନାର ଉହାନ ହୋଇଥିଲେ ମଧ୍ୟ ଏହା ସମଗ୍ର ବିଶ୍ୱକୁ ବ୍ୟାପି ସାରିଲାଣି। ଭାରତରେ ୩୨୪ ଜଣଙ୍କ ଜୀବନ ଯାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୯,୦୦୦ ଅତିକ୍ରମ କରିଛି। ଦେଶର ରାଜଧାନୀ ଦିଲ୍ଲୀ ଅନ୍ୟତମ ହଟ୍‌ସ୍ପଟ୍ ଇଲାକା ହୋଇଥିବାରୁ ସେଠାରେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଅନେକ ପଦକ୍ଷେପ ନିଆଯାଉଛି। ଏଭଳି ସମୟରେ କେତେକ ଲୋକ କରୋନା ଭୂତାଣୁକୁ ପ୍ରକୃତିର ରୋଷ ବା ଭଗବାନଙ୍କ ଅଭିଶାପ ଭାବେ ପୃଥିବୀପୃଷ୍ଠକୁ ପଠାଯାଇଥିବା କହୁଛନ୍ତି। ଭାରତରେ ସାଧାରଣତଃ ଦେଖାଯାଇଛି ଯେ, କୌଣସି ବିପତ୍ତି ବା ମହାମାରୀ ଆସି ଲୋକଙ୍କ ଜୀବନ ନେଇଗଲେ ଅନେକେ ଭବିଷ୍ୟବକ୍ତା ପାଲଟିଯାଆନ୍ତି। ଆଜିର ସୋସିଆଲ ମିଡିଆ ଯୁଗରେ ଅସତ୍ୟ ଖବର ପ୍ରସାର କରିବା ଅତ୍ୟନ୍ତ ସହଜ ହୋଇପଡ଼ିଛି। ଏହାର ସଦ୍ୟତମ ଦୃଷ୍ଟାନ୍ତ ଦିଲ୍ଲୀ ଓ ଆଖାପାଖ ଅଞ୍ଚଳରେ ୧୨ ଏପ୍ରିଲରେ ହୋଇଥିବା ଭୂକମ୍ପକୁ ନିଆଯାଇପାରେ। ୩.୫ ତୀବ୍ରତା ବିଶିଷ୍ଟ ଏହି ମୃଦୁ ଭୂମିକମ୍ପ ଯୋଗୁ କାହାରି ମୃତ୍ୟୁ ଘଟି ନ ଥିବା ବେଳେ ସମ୍ପତ୍ତି ମଧ୍ୟ ନଷ୍ଟ ହୋଇନାହିଁ। କିନ୍ତୁ ଏହା ପୂର୍ବରୁ ସୋସିଆଲ ମିଡିଆରେ ମେସେଜ୍ ଭାଇରାଲ ହୋଇଥିଲା ଯେ, ଆମେରିକାର ମହାକାଶ ସଂସ୍ଥା 'ନାସା' ଅନୁମାନ ଲଗାଇଛି ଦିଲ୍ଲୀରେ ୭ ଏପ୍ରିଲରୁ ୧୫ ଏପ୍ରିଲ ମଧ୍ୟରେ ଭୂମିକମ୍ପ ହେବ। କିନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା। ସଂଯୋଗବଶତଃ ୧୨ ଏପ୍ରିଲରେ ଦିଲ୍ଲୀରେ ଭୂକମ୍ପ ହୋଇଯାଇଥିବାରୁ କରୋନା ଭୂତାଣୁ ସଂକ୍ରମଣ ସହ ଏହାକୁ ଯୋଡ଼ାଯାଇ କୁହାଯାଉଛି ଯେ, ଦେଶକୁ ଅଧିକ ବିପତ୍ତି ମାଡ଼ିଆସୁଛି। ବାସ୍ତବରେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳକୁ ୪ ନମ୍ବର ଭୂକମ୍ପ ପ୍ରବଣ ଜୋନ୍ ଭାବେ ଚିହ୍ନଟ କରାଯାଇଛି। ସେହି ଦୃଷ୍ଟିରୁ ଦେଖିଲେ ଏଭଳି ଭୂକମ୍ପ ହେବା ନୂଆ କଥା ନୁହେଁ। ଅଥଚ 'ତିଳକୁ ତାଳ କରିବା' ଭଳି ମିଥ୍ୟା ଖବର ପ୍ରଚାର କରାଯିବା ଦ୍ୱାରା ଲୋକଙ୍କ ମନରେ ଶଙ୍କା ପଶିବା ସ୍ୱାଭାବିକ। ସେହିଭଳି ଓଡ଼ିଶାରେ କରୋନା ଭୂତାଣୁ ସଂକ୍ରମଣ ପରିପ୍ରେକ୍ଷୀରେ ଅନେକ ଗୁଜବ ଶୁଣିବାକୁ ମିଳୁଛି। ସୋସିଆଲ ମିଡିଆରେ ଭବିଷ୍ୟଦ୍ରଷ୍ଟା ଅଚ୍ୟୁତାନନ୍ଦଙ୍କ ରଚିତ 'ମାଳିକା' ବିଷୟରେ ଅନେକ ଅବାଞ୍ଛିତ କଥା କୁହାଯାଉଛି। ଦୁନିଆରେ ପାପର ଭାର ବଢ଼ିଗଲେ ଲୋକଙ୍କୁ ବିନାଶ କରିବା ପାଇଁ ଭଗବାନ କୁଆଡ଼େ 'କଲ୍‌କୀ' ରୂପରେ ଆସିବା ପୂର୍ବରୁ ଏଭଳି ଅନିଷ୍ଟ କଲେଣି ବୋଲି ଚର୍ଚ୍ଚା ହେଉଛି।

ବାସ୍ତବରେ ଉପରଲିଖିତ ବିଷୟକୁ ତର୍ଜମା କଲେ ସତ୍ୟତା ପରଖିବା କଷ୍ଟକର ନୁହେଁ। ଗୁଜବ ବା ମିଥ୍ୟା ଖବର ପ୍ରସାର କରାଯିବା ଦ୍ୱାରା ଚାରିଆଡ଼େ ଭୟ ଖେଳିଯାଉଛି। କରୋନା ଭୂତାଣୁ ଆସିବା ପୂର୍ବରୁ କଲେରା ବା ହଇଜା, ହାଡ଼ଫୁଟି, ବସନ୍ତ ଭଳି ଅନେକ ରୋଗ ଲୋକଙ୍କୁ ବେମାରରେ ପକାଇ ଜୀବନ ନେଇଛି। ସମୟ ବ୍ୟବଧାନରେ ଏହିସବୁ ରୋଗ ପୁଣି ପୃଥିବୀର କେଉଁଠି ନା କେଉଁଠିକୁ ଆସୁଛି। ଲକ୍‌ଡାଉନ ଅବଧି ଶେଷ ହେବା ପରେ କୋଭିଡ୍-୧୯ ଯେ ପୃଥିବୀପୃଷ୍ଠରୁ ଲୋପ ପାଇଯିବ ଭାବିବା ଠିକ୍ ନୁହେଁ। କାରଣ ଏହା ଏକ ମନୁଷ୍ୟକୃତ ଭୂତାଣୁ ହୋଇଥିବାରୁ ମଝିରେ ମଝିରେ ଫେରିବ। କେତେକେ କହିଲେଣି ପ୍ରକୃତିର କ୍ରୋଧରୁ ଏହା ଉତ୍ପନ୍ନ ହୋଇଛି। କିନ୍ତୁ ଏହାର କୌଣସି ପ୍ରକୃତିଗତ ଆଧାର ନାହିଁ। ଚାଇନାର ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିରୁ କରୋନା ବାହାରିଥିବା ନେଇ ଯେଉଁ ରିପୋର୍ଟ ପୂର୍ବରୁ ପ୍ରକାଶ ପାଇଥିଲା, ଗବେଷକମାନେ ତାହା ଉପରେ ଜୋରଦାର ଅନୁଧ୍ୟାନ କରୁଛନ୍ତି। ଅତୀତକୁ ଦେଖିଲେ କଲେରା ଅନେକ ଲୋକଙ୍କ ଜୀବନ ନେଇଥିଲା। ସମସ୍ତେ ଭାବୁଥିଲେ ଏହା ଆଉ ଫେରିବ ନାହିଁ। କିନ୍ତୁ ଆଫ୍ରିକାର ଅନେକ ଅଞ୍ଚଳରେ ଏବେ ମଧ୍ୟ ଏହା ଲୋକଙ୍କ ପ୍ରାଣ ନେଉଛି। ଭାରତରେ ଆଜି ମଧ୍ୟ ଅନେକ ସ୍ଥାନରେ ବିଭିନ୍ନ ଅଚିହ୍ନା ରୋଗ ଯୋଗୁ ଲୋକଙ୍କ ପ୍ରାଣହାନି ଘଟୁଛି। ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଅଚିହ୍ନା ରୋଗକୁ ସାଧାରଣରେ ଭୟ କରିବା କଥା। କିନ୍ତୁ ତା' ପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ କିମ୍ବା କୌଣସି ସତର୍କତା ଅବଲମ୍ବନ କରନ୍ତି ନାହିଁ। ଗଣମାଧ୍ୟମର ଆଧୁନିକ ପ୍ରଣାଳୀ ଯୋଗୁ କୋଭିଡ-୧୯ ଏକ ବହୁଳ ଆଲୋଚିତ ବିଷୟ ପାଲଟିଛି। ୟୁରୋପରୁ ଜନ୍ମିଥିବା ସ୍ପାନିଶ ଫ୍ଲୁ ଯୋଗୁ ଭାରତରେ ସେତେବେଳେ ପ୍ରାୟ ୧ କୋଟି ୫୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ସତ୍ତ୍ୱେ ବିଂଶ ଶତାବ୍ଦୀର ଆରମ୍ଭରେ ଗଣମାଧ୍ୟମର ପ୍ରସାର ଅତ୍ୟନ୍ତ ସୀମିତ ଥିବା ହେତୁ ଆଜିର କୋଭିଡ୍-୧୯ ଭଳି ଭୟ ସେତେବେଳେ ଜଣାପଡ଼ି ନ ଥିଲା। ସ୍ପାନିଶ ଫ୍ଲୁ ସମୟରେ ପ୍ରବଳ ଭୟ ସୃଷ୍ଟି ହୋଇ ନ ଥିଲା ବୋଲି ସେହି ସମୟର ଅନେକ ଲେଖାରୁ ବୁଝାପଡୁଛି। ଉଲ୍ଲେଖଯୋଗ୍ୟ ଯେ, ସ୍ପାନିଶ ଫ୍ଲୁରେ ସେତେବେଳେ ପୃଥିବୀରେ ୫ କୋଟି ଲୋକଙ୍କର ପ୍ରାଣହାନି ଘଟିଥିଲା। ଅଦ୍ୟାବଧି କୋଭିଡ୍-୧୯ ଯୋଗୁ ବିଶ୍ୱରେ ୧ ଲକ୍ଷ ୧୩ ହଜାର ଲୋକଙ୍କ ଜୀବନ ଯାଇଛି।

ଏକବିଂଶ ଶତାବ୍ଦୀରେ ଜଣେ ନାଗରିକଙ୍କ ମୃତ୍ୟୁ ଗୁରୁତ୍ୱ ରଖିଥାଏ। ଅପରପକ୍ଷରେ ଆମ ଦେଶରେ ରାସ୍ତା ଦୁର୍ଘଟଣାରେ ପ୍ରତ୍ୟେକ ବର୍ଷ ଘଟୁଥିବା ମୃତ୍ୟୁ ସଂଖ୍ୟା କୋଭିଡ୍-୧୯ ଠାରୁ ଯଥେଷ୍ଟ ଅଧିକ। ତଥାପି ଆମ ଦେଶବାସୀ ସତର୍କତାର ସହ ଗାଡ଼ି ଚଳାଇବା କଥା ଚିନ୍ତା କରନ୍ତି ନାହିଁ। କୌଣସି ମୃତ୍ୟୁକୁ ନ୍ୟୂନ କରି ଦେଖାଇବାର ଉଦ୍ଦେଶ୍ୟ ରଖାଯାଇ ନ ଥିଲେ ମଧ୍ୟ ଭାରତର ଜନସଂଖ୍ୟାକୁ ଦେଖିଲେ କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ରୋଗୀ ଏବଂ ତନ୍ମଧ୍ୟରୁ ମୃତ୍ୟୁସଂଖ୍ୟାର ପ୍ରତିଶତ ଅତ୍ୟନ୍ତ ନଗଣ୍ୟ ବୋଲି ଜଣାପଡୁଛି। ତାହା ତୁଳନାରେ ସୃଷ୍ଟି ହୋଇଥିବା ଭୟ ଅଧା ଲୋକଙ୍କୁ ମାରି ସାରିଲାଣି। ଏହି ଭୟ ସୃଷ୍ଟି କରିବା ପାଇଁ ନିଶ୍ଚିତ ଭାବେ ଗୋଷ୍ଠୀବଦ୍ଧ ହୋଇ କେତେକ ସ୍ୱାର୍ଥପର ଶକ୍ତି ଏଭଳି କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଦେଶବାସୀ ଭୟଭୀତ ହୋଇ ରହିଲେ ଅର୍ଥନୀତିର ମଙ୍ଗ ଧରିବାଠାରୁ ଆରମ୍ଭକରି ସେମାନଙ୍କ ଉପରେ ଶାସନ କରିବା ସହଜ ହୋଇଯାଉଛି। ଏହି ଭିତିରି କଥାକୁ ସାଧାରଣ ନାଗରିକ ବୁଝିବାକୁ ଅସମର୍ଥ। କେହି ବୁଝାଇବାକୁ ଚାହିଁଲେ ମଧ୍ୟ ତାହାକୁ ଶୁଣିବା ପାଇଁ କେହି ପ୍ରସ୍ତୁତ ନାହାନ୍ତି। ଶେଷରେ ଏତିକି କୁହାଯାଇପାରିବ ଯେ, ଲକ୍‌ଡାଉନ୍ ଶେଷ ହେବା ପରେ ମଧ୍ୟ କୋଭିଡ୍-୧୯ ଜୀବିତ ରହିବ ଏବଂ କେଉଁଠାରେ କାହାକୁ ଗ୍ରାସ କରିବ କହିବା କଷ୍ଟକର। ଅପରପଟେ ଲକ୍‌ଡାଉନ୍ ଉଠିବା ପରେ ଦେଶର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସେ ଦିଗକୁ ଧ୍ୟାନ ଦେବା ପାଇଁ ସମସ୍ତେ ଚିନ୍ତା କରିବା ଦରକାର।



# ଆମ ଖାଦ୍ୟାଭ୍ୟାସ ଓ ପରିବେଶ

ଇପ୍ସିତା ମହାନ୍ତି

ମଣିଷଙ୍କର ଖାଦ୍ୟାଭ୍ୟାସ ଅତି ନିଆରା। ଖାଦ୍ୟାଭ୍ୟାସ ଦୃଷ୍ଟିରୁ ମଣିଷମାନେ ୪ଶ୍ରେଣୀରେ ବିଭକ୍ତ। କେବଳ ଉଦ୍ଭିଦଜାତ ଖାଦ୍ୟପଦାର୍ଥ ଖାଉଥିବା ଲୋକଙ୍କୁ ନିରାମିଷାଶୀ ବା ଶାକାହାରୀ, ସେହିଭଳି କେବଳ ପ୍ରାଣୀଜାତ ପଦାର୍ଥ ଭକ୍ଷଣକାରୀଙ୍କୁ ମାଂସାଶୀ ବା ମାଂସାହାରୀ, ଉଭୟ ପ୍ରାଣୀଜାତ ଓ ଉଦ୍ଭିଦଜାତ ଖାଦ୍ୟପଦାର୍ଥ ଖାଉଥିବା ଲୋକଙ୍କୁ ସର୍ବଗ୍ରାସୀ ବା ସର୍ବଭୁକ କୁହାଯାଉଥିବା ବେଳେ ଯେଉଁ ଶାକାହାରୀ ଦୁଗ୍ଧ କିମ୍ବା ଦୁଗ୍ଧଜାତ ଖାଦ୍ୟପଦାର୍ଥ ଖାଆନ୍ତି ନାହିଁ ସେମାନଙ୍କୁ ଭ୍ୱିଗେନ ବୋଲି କହନ୍ତି। ଶାକାହାରୀ ଓ ମାଂସାହାରୀଙ୍କ ମଧ୍ୟରେ ହେଉଥିବା ତର୍କ ଶୁଣିଥିବେ। ଶାକାହାରୀମାନେ ମାଂସାହାରୀ ଜୀବଜନ୍ତୁଙ୍କ ଉପରେ ଅତ୍ୟାଚାର କରୁଥିବାର ଆରୋପ ଲଗାଉଥିବା ବେଳେ ମାଂସାହାରୀମାନେ ଶାକାହାରୀଙ୍କୁ ଘାସପତ୍ର ଖାଉଥିବା ଜୀବ କହି ଚିଡେଇବାକୁ ପଛାଇନଥାନ୍ତି। ବିଶ୍ୱର ଅଧିକାଂଶ ଦେଶର ଲୋକ ନିଜ ମନ ମୁତାବକ ଖାଦ୍ୟ ଖାଇବା ପାଇଁ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନତା ପାଇଛନ୍ତି। ତେବେ ଏ ସମସ୍ତ ଲୋକଙ୍କ ମଧ୍ୟରୁ ମାଂସାହାରୀଙ୍କ ସଂଖ୍ୟା କିନ୍ତୁ ସବୁଠାରୁ ଅଧିକ।

ଫ୍ରେଣ୍ଡ୍‌ସ ଅଫ୍ ଆର୍ଥ ନାମକ ସଂସ୍ଥାର ତଥ୍ୟ କହୁଛି ସମଗ୍ର ଦୁନିଆରେ ସମ୍ପୂର୍ଣ୍ଣ ଶାକାହାରୀଙ୍କ ସଂଖ୍ୟା ପ୍ରାୟ ୫୦କୋଟିରୁ ଅଧିକ। ସମଗ୍ର ଦୁନିଆର ମୋଟ ଜନସଂଖ୍ୟା ପାଖାପାଖି ୭ଶହ ୫୦କୋଟି। ତେଣୁ ଶାକାହାରୀଙ୍କ ସଂଖ୍ୟାକୁ ହିସାବ କରି ଦେଖିଲେ ଏମାନଙ୍କୁ ଅଳ୍ପ ସଂଖ୍ୟକ ବା ସଂଖ୍ୟାଲଘୁ ବୋଲି କହିପାରିବା। ଫ୍ରେଣ୍ଡ୍‌ସ ଅଫ୍ ଆର୍ଥ ସଂସ୍ଥା ୨୦୧୪ରେ ଏକ ମିଟ୍ ଆଟଲାସ ଜାରି କରିଥିଲା। ତଦନୁଯାୟୀ ସାରା ବିଶ୍ୱରେ ସର୍ବାଧିକ ଶାକାହାରୀ ଭାରତରେ ବାସ କରୁଥିବା ଜଣାଯାଏ। ଭାରତରେ ମୋଟ ଜନସଂଖ୍ୟାର ୩୧ ପ୍ରତିଶତ ଲୋକ ଶାକାହାରୀ। ଏଠାରେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କର ଖାଦ୍ୟ ଖାଇବାରେ ସ୍ୱାଧୀନତା ରହିଅଛି। ଏଭଳି ସ୍ୱାଧୀନତାକୁ ଆମେ ସମସ୍ତେ ପୂର୍ଣ୍ଣମାତ୍ରାରେ ସମର୍ଥନ କରୁଛୁ।

ଦୁନିଆରେ ଶାକାହାରୀଙ୍କ ସଂଖ୍ୟାରେ ବୃଦ୍ଧି ଘଟିଲେ ଧରଣୀକୁ ଅଧିକ ସୁସ୍ଥ, ଶୀତଳ ଓ ବୈଭବଶାଳୀ ରୂପେ ଗଢ଼ାଯାଇ ପାରିବ ବୋଲି ଆମେରିକାର ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ ସଂସ୍ଥା ନିଜର ନୂତନ ଗବେଷଣାତ୍ମକ ତଥ୍ୟରେ ପ୍ରକାଶ କରିଛି। ଏହି ସଂସ୍ଥାର ତଥ୍ୟ କହୁଛି, ଯଦି ଭୋଜନ ଥାଳିରେ ନିରାମିଷ ଖାଦ୍ୟ ପାଇଁ ଅଧିକ ସ୍ଥାନ ଦେବା ତେବେ ପ୍ରତିବର୍ଷ ଦୁନିଆରେ ଘଟୁଥିବା ୫୦ଲକ୍ଷ ଲୋକଙ୍କ ମୃତ୍ୟୁକୁ ଦୂରେଇ ଦେଇ ହେବ। ପୁଣି ଦୁଗ୍ଧ କିମ୍ବା ଦୁଗ୍ଧଜାତ ଖାଦ୍ୟପଦାର୍ଥ ଖାଇବା ଯଦି ବନ୍ଦ କରିଦେବା ତେବେ ପ୍ରତିବର୍ଷ ପ୍ରାୟ ୮୦ଲକ୍ଷ ଲୋକଙ୍କୁ ମରଣମୁହଁରୁ ରକ୍ଷା କରାଯାଇପାରିବ। ଏହା ଶୁଣିବାକୁ ଯେତିକି ଅଡୁଆ ଲାଗୁଛି ପାଳନ କରିବା ସେତିକି କଷ୍ଟସାଧ ବ୍ୟାପାର। ଭୋଜନରେ ପ୍ରାଣୀଜାତ ଖାଦ୍ୟ ପଦାର୍ଥର ମାତ୍ରା କମ୍ ରହିଲେ ପ୍ରତିବର୍ଷ ପ୍ରାୟ ୬୬ଲକ୍ଷ ୭୩ହଜାର କୋଟି ଟଙ୍କାର ଅଯଥା ଖର୍ଚ୍ଚକୁ ରୋକାଯାଇ ପାରିବ। ପୁଣି ଏହାଦ୍ୱାରା ସବୁଜଘର ଗ୍ୟାସ୍‌ରେ ହ୍ରାସ ଘଟିବ। ଫଳରେ ପ୍ରଦୂଷଣର ମାତ୍ରା ହ୍ରାସ ଘଟି ୩୩ ଲକ୍ଷ ୩୬ ହଜାର କୋଟି ଟଙ୍କାର ଅତିରିକ୍ତ ବୋଝରୁ ମୁକ୍ତି ମିଳିପାରିବ। ଗବେଷଣାର ତଥ୍ୟ ଅନୁସାରେ ଏପରି ହେଲେ ବିକାଶଶୀଳ ଦେଶଗୁଡ଼ିକୁ ଅଧିକ ଲାଭ ମିଳିବ। ପୁଣି କମ୍ କ୍ୟାଲୋରୀଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ମେଦବହୁଳତା ସମସ୍ୟା ଅନେକ ମାତ୍ରାରେ ହ୍ରାସ ପାଇବ। ଲାଟିନ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ହେଉଥିବା ଅତିରିକ୍ତ ଖର୍ଚ୍ଚ ଉପରେ ରୋକ ଲାଗିବ। ସବୁଠାରୁ ବଡ଼ କଥା ହେଉଛି, ଏହାଦ୍ୱାରା ଫଳ ଓ ପନିପରିବାର ଉତ୍ପାଦନ ବୃଦ୍ଧି ପାଇବ। ଫଳସ୍ୱରୂପ ଭାରତ ସମେତ ଦକ୍ଷିଣ ଏସୀୟ ଦେଶ ସମୂହର ଅର୍ଥ ବ୍ୟବସ୍ଥାକୁ ଏହାର ସୁଫଳ ମିଳିବ। ଏସବୁ କାର୍ଯ୍ୟ କିନ୍ତୁ ଏତେଟା ସହଜ ନୁହେଁ। ଏଥିପାଇଁ ଆମକୁ ଫଳ ଓ ପନିପରିବା ଖାଇବା ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ରେଡ୍ ମିଟ୍ ସେବନକୁ ୫୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାକୁ ପଡ଼ିବ। ସାରା ଦୁନିଆର ଲୋକଙ୍କୁ ୧୫ ପ୍ରତିଶତ କମ୍ କ୍ୟାଲୋରୀର ଖାଦ୍ୟ ଗ୍ରହଣ କରିବାକୁ ହେବ। ଏହାର ଅର୍ଥ ହେଉଛି ଯଦି ଜଣେ ପ୍ରତିଦିନ ୨ହଜାର କ୍ୟାଲୋରୀର ଖାଦ୍ୟ ଗ୍ରହଣ କରୁଛି ତେବେ ତା'କୁ ୧୭ଶହ କ୍ୟାଲୋରୀ ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣ କରିବା ପରେ ଅଟକି ଯିବାକୁ ହେବ।

ମାଂସ ଭକ୍ଷଣ କରିବା ଦ୍ୱାରା କିଛିକ୍ଷଣ ଆମ ଶରୀର ପାଇଁ ଲାଭଦାୟକ ହୋଇଥାଏ। କିନ୍ତୁ ଧରଣୀ ପାଇଁ ମାଂସାହାର କୌଣସି ଲାଭ ଆଣିଦେବ ନାହିଁ। ସାରା ଦୁନିଆରେ ବିଭିନ୍ନ କାରଣରୁ ହେଉଥିବା ପ୍ରଦୂଷଣ ଅପେକ୍ଷା ମାଂସଜାତ ଖାଦ୍ୟପଦାର୍ଥ ଉତ୍ପାଦନ ସମୟରେ ପ୍ରଦୂଷଣର ମାତ୍ରା ୨୦ ପ୍ରତିଶତ ଅଧିକ ହୋଇଥାଏ। ତା'ମାନେ ସାରା ଦୁନିଆର ସମସ୍ତ ଯାନବାହନ, ଉଡାଜାହାଜ, ରେଳଗାଡ଼ି ସହ ଅନ୍ୟାନ୍ୟ ସାଧନ ଦ୍ୱାରା ହେଉଥିବା ବିଭିନ୍ନ ପ୍ରକାର ପ୍ରଦୂଷଣର ମାତ୍ରାଠାରୁ ଅପେକ୍ଷାକୃତ ଏହାର ମାତ୍ରା ଅଧିକ। ଏକ ହିସାବରୁ ଜଣାପଡ଼ିଛି ଆମେ ମାଂସ ପାଇଁ ପାଳୁଥିବା ପ୍ରାଣୀଙ୍କୁ ଯେଉଁ ସବୁ ଖାଦ୍ୟ ଦେଉ ସେସବୁ ଯଦି ମଣିଷମାନଙ୍କୁ ଦିଆଯିବ ତେବେ ୨ଗୁଣ ଲୋକଙ୍କର ପେଟ ପୂରିଯିବ। ୧କିଲୋ ପୋର୍କ ଉତ୍ପାଦନ ପାଇଁ ଦୈନିକ ପ୍ରାୟ ୮କିଲୋର ଖାଦ୍ୟଶସ୍ୟ ଶୁକରଙ୍କୁ ଦେବାକୁ ପଡୁଛି।୧କିଲୋ ଚିକେନ ଉତ୍ପାଦନ ପାଇଁ ଗୋଟିଏ କୁକୁଡ଼ାକୁ ପ୍ରାୟ ୩କିଲୋର ଖାଦ୍ୟଶସ୍ୟ ଦେବାକୁ ପଡୁଛି। ସେହିପରି ଛେଳି କିମ୍ବା ମେଣ୍ଢା ମାଂସକୁ ଭୋଜନ ଥାଳିରେ ପହଞ୍ଚାଇବା ପାଇଁ ପନିପରିବା ତୁଳନାରେ ଶହେ ଗୁଣ ଅଧିକ ଜଳ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଖାଦ୍ୟ ରୂପେ ଅଧା କିଲୋ ଆଳୁକୁ ପାଇବା ପାଇଁ ହାରାହାରି ୧୨୭ଲିଟର ଜଳ ଆବଶ୍ୟକ ହେଉଥିବା ବେଳେ ଅଧା କିଲୋ ମାଂସ ପାଇଁ ପ୍ରାୟ ୯ହଜାର ଲିଟରରୁ ଅଧିକ ଜଳ ଖର୍ଚ୍ଚ କରିବାକୁ ପଡ଼ିଥାଏ। ସେହିଭଳି ଅଧା କିଲୋ ଗହମ ଅଟା ପାଇବା ପାଇଁ ୬୮୧ଲିଟର ଜଳ ଆବଶ୍ୟକ ହୋଇଥାଏ।

୧କିଲୋ ମାଂସ ଉତ୍ପାଦନ ପାଇଁ ପରିବେଶ ଉପରେ ଯେଉଁ କୁପ୍ରଭାବ ପଡ଼ିଥାଏ; ୩ଘଣ୍ଟା ପର୍ଯ୍ୟନ୍ତ କାର୍ ଚାଳନା କଲେ ନିର୍ଗତ ହେଉଥିବା ଧୂଆଁର ମାତ୍ରାଠାରୁ ଅଧିକ କିମ୍ବା ତାହା ସହ ସମାନ ହୋଇଥାଏ। ମାଂସ ପାଇଁ ଶୁକର, ମେଣ୍ଢା, ଛେଳି, କୁକୁଡ଼ା, ବତକ ଆଦି ପ୍ରାଣୀଙ୍କୁ ବହୁ ସଂଖ୍ୟାରେ ପାଳନ କରାଯାଉଛି। ଏମାନଙ୍କ ପାଇଁ ବହୁ ପରିମାଣର ସ୍ଥାନ, ଜଳ ଓ ଖାଦ୍ୟଶସ୍ୟ ଆବଶ୍ୟକ ହେଉଅଛି। ଫ୍ରେଣ୍ଡସ ଅଫ୍ ଆର୍ଥ ନାମକ ସଂସ୍ଥାର ତଥ୍ୟ ଅନୁସାରେ ମାଂସ ଜାତୀୟ ଖାଦ୍ୟପଦାର୍ଥ ପାଇଁ ଏହିସବୁ ପ୍ରାଣୀଙ୍କ ସକାଶେ ପ୍ରତିବର୍ଷ ପ୍ରାୟ ୬ଲକ୍ଷ ହେକ୍ଟୋଏୟର୍ ଜଙ୍ଗଲ କଟାଯାଉଛି। ଏହି ଜଙ୍ଗଲ ଜମିରେ ପଶୁଶାଳା ବା ଫାର୍ମ ହାଉସ କରାଯାଉଛି। ସାରା ଦୁନିଆର ଏସବୁ ଜମିର ପରିମାଣକୁ ଯଦି ମିଶାଇଦେବା, ତେବେ ତାହା ୟୁରୋପୀୟ ଦେଶ ବେଲଜିୟମର ପ୍ରାୟ ୨ଗୁଣ ହେବ। ୪ଶହ ଗ୍ରାମ୍‌ର ମାଂସ ଉତ୍ପାଦନରେ ହାରାହାରି ୪୦କିଲୋ ବର୍ଜ୍ୟବସ୍ତୁ ବାହାରିଥାଏ। ଯାହା ଭୂତଳ ଜଳକୁ ବହୁମାତ୍ରାରେ ପ୍ରଦୂଷିତ କରିଥାଏ। ସାରା ଦୁନିଆରେ ଉପଲବ୍ଧ ବିଶୁଦ୍ଧ ଜଳର ୭୦ପ୍ରତିଶତ କୃଷି କାର୍ଯ୍ୟରେ ବ୍ୟବହୃତ ହୋଇଥାଏ। ଏହାର ସିଂହଭାଗ ମାଂସ ଉତ୍ପାଦନ ପାଇଁ ନିର୍ମିତ ହୋଇଥିବା ପଶୁପାଳନରେ ବ୍ୟବହୃତ ହୋଇଥାଏ।

ଲୋକେ ଯଦି ନିଜ ଭୋଜନ ଥାଳିରେ ଉଦ୍ଭିଦ ଜାତ ଖାଦ୍ୟ ପଦାର୍ଥକୁ ଅଧିକ ମାତ୍ରାରେ ସ୍ଥାନ ଦେବେ, ତେବେ ପ୍ରାଣୀଙ୍କୁ ପାଳିବା ପାଇଁ ବିନିଯୋଗ ହୋଇଥିବା ୧୬୦କୋଟି ହେକ୍ଟୋଏୟର୍ ଜମି ମୁକ୍ତ ହୋଇପାରିବ। ଏହାର ଆକାର ଭାରତୀୟ ଭୂଭାଗର ୨ଗୁଣରୁ କିଛି ଅଧିକ ହେବ। ଜଣେ ଆମେରିକୀୟ ବାର୍ଷିକ ପ୍ରାୟ ୧୨୨କିଲୋ ମାଂସ ଭକ୍ଷଣ କରିଥାଏ। ଭେଜିଟେରିଆନ ସୋସାଇଟି ନାମକ ଏକ ସଂସ୍ଥା କହିବା ଅନୁସାରେ ବ୍ରିଟେନରେ ମାଂସ ଭକ୍ଷଣ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିଜର ଜୀବନକାଳ ମଧ୍ୟରେ ସର୍ବାଧିକ ୧୧ହଜାର ପ୍ରାଣୀଙ୍କୁ ଖାଇ ଯାଇଥାନ୍ତି। ଏଥିରେ ୨୮ଟି ବତକ, ୧ଟି ଠେକୁଆ, ୪ଟି ଚତୁଃସ୍ପଦ ପ୍ରାଣୀ, ୩୯ଟି ଟର୍କି, ୧୧୫୮ଟି କୁକୁଡ଼ା, ୩୫୯୩ଟି ସେଲଫିସ ଏବଂ ୬୮୨ଟି ମାଛ ରହିଛି।

ବୈଜ୍ଞାନିକଙ୍କ ମତାନୁସାରେ ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ନିରାମିଷ ଭୋଜନକୁ ଗ୍ରହଣ କରିନେଲେ ଧରଣୀକୁ ସୁରକ୍ଷା ଦେଇପାରିବା। କାରଣ ମାଂସ ଆହାର ହ୍ରାସ ପାଇଲେ ବିଶ୍ୱ ତାପରେ ହ୍ରାସ ଘଟିବ। ଏହାଦ୍ୱାରା ପୃଥିବୀର ତାପମାତ୍ରାରେ ସନ୍ତୁଳନ ରକ୍ଷାହୋଇ ପାରିବ। ଏସବୁ ବିଷୟରେ ଜାଣିବା ପରେ ଆମକୁ ସବୁଜ ପନିପରିବା ଓ ଫଳମୂଳ ଅଧିକ ପସନ୍ଦ ଆସିଯିବଣି, କିନ୍ତୁ ଆମେ କିଭଳି ଭୋଜନ ଗ୍ରହଣ କରିବା ଆବଶ୍ୟକ ସେ ବିଷୟରେ ସମ୍ପୂର୍ଣ୍ଣ ଭାବେ ଆମ ନିଜ ନିଜର ସ୍ୱାଧୀନତା ରହିଛି।

ବୈପାରୀଗୁଡ଼ା, କୋରାପୁଟ,
ମୋ- ୬୩୭୦୬୭୯୪୦୫,
Imohanty.1991@gma il.com



# ତାଲାବନ୍ଦର ପରିବେଶୀୟ ପ୍ରଭାବ

ଦେବାନନ୍ଦ ବେଉରା

ସମ୍ପ୍ରତି ବିଶ୍ୱ ମାରାତ୍ମକ କରୋନା (କୋଭିଡ-୧୯) ଭୂତାଣୁ ସଂକ୍ରମଣ ଦ୍ୱାରା ଜର୍ଜରିତ। ପ୍ରାୟ ୨୦୦ରୁ ଅଧିକ ଦେଶକୁ ଏହି ଭୂତାଣୁ ସଂକ୍ରମଣ କବଳକୁ ନେଇସାରିଲାଣି। ସଂକ୍ରମଣ ସହ ତାଳଦେଇ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତିଷେଧକର ଅନୁପସ୍ଥିତିରେ ପ୍ରତିକାରାତ୍ମକ ପନ୍ଥା ସ୍ୱରୂପ ସାମାଜିକ ଦୂରତ୍ୱ ରଖିବା ସହିତ ନିଜ ଘରେ ଆବଦ୍ଧ ରହିବା, ଏକମାତ୍ର ଘରେ ରୁହ, ପରସ୍ପରଠାରୁ ଦୂରରେ ରୁହ, ନହେଲେ ସଂକ୍ରମଣର ସମ୍ଭାବନା, ବିଭିନ୍ନ ସାମାଜିକ ଆର୍ଥିକ ଅସୁବିଧା ପନ୍ଥା ଭାବେ ତାଲାବନ୍ଦକୁ କଡ଼ାକଡ଼ି ମାନିବାର ପ୍ରୟାସ ଜାରି ରହିଛି। ରାସ୍ତାଘାଟ, ଯାନବାହନ, କଳକାରଖାନା , ଦୋକାନ ବଜାର, ଅଫିସ ସବୁ ବନ୍ଦ- ଯେମିତି ଚଳଚଞ୍ଚଳ ଜୀବନଟା ଠପ୍ ହୋଇଯାଇଛି। ଏହାରି ମଧ୍ୟରେ କିନ୍ତୁ ଗୋଟିଏ ଭଲ ସୂଚନା ବା ଅନୁଭବ ମିଳୁଛି। ପରିବେଶ ପ୍ରଦୂଷଣ ମୁକ୍ତ ହେବାରେ ଲାଗିଛି। କିଛିଦିନ ପୂର୍ବରୁ ପ୍ରଦୂଷଣକୁ ନେଇ ଯେଉଁ ବୈଶ୍ୱିକ ସମସ୍ୟା ଉଭା ହୋଇ ଥିଲା, ଯାହାର ସମାଧାନର ପନ୍ଥା ଏତେ କଠୋର ଯେ, ସେ ବିଷୟରେ ଚିନ୍ତା କରି ହେଉ ନ ଥିଲା। ତାହା ଆଜି ଅସ୍ଥାୟୀ ହେଉ ପଛେ, ଅନେକାଂଶରେ ସମାଧାନ ହୋଇପାରିଛି। ଯଦିଓ ବର୍ତ୍ତମାନର ସ୍ୱଚ୍ଛ ପରିବେଶ ଓ ପ୍ରକୃତି ଭବିଷ୍ୟତରେ ଯେ କାଏମ ରହିବ ତାହା ସନ୍ଦିହାନ, ତେବେ ଏହା ସମ୍ଭବ ବୋଲି ପ୍ରମାଣିତ ହେବାକୁ ଯାଉଛି।

ବିଶ୍ୱର ବଡ଼ବଡ଼ ସହର ଦିଲ୍ଲୀ, ମୁମ୍ବାଇ, ଲଣ୍ଡନ, ବେଜିଂ ଆଦି ଯାହା ପ୍ରଦୂଷଣରେ ବର୍ଷ ବର୍ଷ ଧରି ପ୍ରପୀଡିତ ରହୁଥିଲା ସେଠାରେ ମାନବୀୟ ଉପସ୍ଥିତି ସମ୍ପୂର୍ଣ୍ଣ ବନ୍ଦ। ମଣିଷର ଘରେ ଆବଦ୍ଧ କାରଣରୁ କଳକାରଖାନା, ଗାଡିମୋଟର, ରେଳ, ଉଡ଼ାଜାହାଜ ଚଳାଚଳ ସବୁ ବନ୍ଦ। ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବେଶ ଓ ସେବା ନିମନ୍ତେ କେଉଁଠି କେମିତି କାଁ ଭାଁ ଗୋଟେ ଗାଡିମୋଟରକୁ ଛାଡିଦେଲେ ସମଗ୍ର ବିଶ୍ୱ ଆଜି ନିଶବ୍ଦ, ନିଶ୍ଚଳ ହୋଇପଡ଼ିଛି। ମନୁଷ୍ୟକୃତ ସମସ୍ତ ପ୍ରକାର ପ୍ରତିକୂଳାତ୍ମକ କାର୍ଯ୍ୟକଳାପ ପ୍ରଭାବଶୂନ୍ୟ ହୋଇ ପରିବେଶର ପ୍ରଦୂଷଣକୁ ପ୍ରଶମିତ କରି ପକାଇଛି। ମାନବ ସଭ୍ୟତା ଇତିହାସରେ ଏହା ଏକ ବିରଳ ଘଟଣା ଯେଉଁଠି ନିଜର ସୁରକ୍ଷା ପାଇଁ ସେ ଗୃହାବଦ୍ଧ ହୋଇ ସଂଗ୍ରାମ ଜାରି ରଖିଛି। ଏଥିରେ ସାମାଜିକ, ସାଂସ୍କୃତିକ, ଧାର୍ମିକ ଜୀବନ ବାଧାପ୍ରାପ୍ତ ହେବା ସହିତ ଆର୍ଥିକ ସ୍ଥିତି ଦୋହଲିଯିବାକୁ ବସିଛି। କିନ୍ତୁ ପ୍ରକାରାନ୍ତରେ ଏକ ବିଶୁଦ୍ଧ ପରିବେଶର ଆଶୀର୍ବାଦ ମିଳିଛି। ସ୍ୱଚ୍ଛ ଓ ପ୍ରଫୁଲ୍ଲିତ କରିପାରୁଛି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାକୃତିକ ପରିବେଶର ଏପରିସ୍ଥିତିଠାରୁ ଆଉ କ'ଣ ବଡ଼କଥା ଅଛି।

କରୋନା ଭୂତାଣୁ ସଂକ୍ରମଣ ବ୍ୟାପୁଥିବା ପ୍ରାୟ ପ୍ରତ୍ୟେକ ଦେଶ ତାଲା ବନ୍ଦ ନୀତିକୁ ଆପଣେଇବାରେ ଲାଗିଛନ୍ତି। ଅଦ୍ୟାବଧି ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ଲୋକ ଗୃହାବଦ୍ଧ ହୋଇ ରହିଥିବାରୁ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟକଷ୍ଟରୁ ସାମୟିକ ଉପଶମ ପାଉଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ ଭାରତର ପ୍ରମୁଖ ସହର ନଗରଗୁଡିକର ବାୟୁମଣ୍ଡଳରେ ଅତିସୂକ୍ଷ୍ମ କଣିକା ପିଏମ୍୨.୫ ଏବଂ ନାଇଟ୍ରୋଜେନ୍ ଡାଇଅକ୍‌ସାଇଡ୍ ମାତ୍ରା ଯଥୋଚିତ ଭାବେ କମିଯାଇଛି। ଗାଡିମୋଟର ଓ ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକରୁ ହିଁ ଏହା ନିର୍ଗତ ହୋଇଥାଏ। ଗାଡିମୋଟର, କଳକାରଖାନା ବନ୍ଦ ରହିବାରୁ ଏହାର ମାତ୍ରା କମିବା ସ୍ୱାଭାବିକ। ରାଜଧାନୀ ଦିଲ୍ଲୀର ପରୀକ୍ଷିତ ତଥ୍ୟ କହୁଛି ତାଲାବନ୍ଦ ଯୋଗୁ ମାର୍ଚ୍ଚ ଶେଷ ସୁଦ୍ଧା ଏଠାରେ ପିଏମ୍-୨.୫ ଏବଂ ନାଇଟ୍ରୋଜେନ୍ ଡାଇଅକ୍‌ସାଇଡ୍ ୭୧ ପ୍ରତିଶତ କମିଯାଇଛି। ମୁମ୍ବାଇ, ଚେନ୍ନାଇ, କୋଲକାତା ଏବଂ ବାଙ୍ଗାଲୋର ଆଦି ସହରରେ ଏଗୁଡିକର ମାତ୍ରା ବହୁ ପରିମାଣରେ କମିଯାଇଛି। କରୋନା ମହାମାରୀ ବିପତ୍ତି ବେଳେ ପରିବେଶର ଉନ୍ନତି ନିଶ୍ଚୟ ଗୋଟେ ବଡ଼ ଉପଲବ୍ଧ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ବଡ଼ ସାନ୍ତ୍ୱନା।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସମଗ୍ର ବିଶ୍ୱରେ ବାୟୁ ପ୍ରଦୂଷଣ ଯୋଗୁ ବାର୍ଷିକ ପ୍ରାୟ ୭ ନିୟୁତ ଲୋକଙ୍କ ପ୍ରାଣହାନି ଘଟିଥାଏ। ତାଲାବନ୍ଦ ଯୋଗୁ ଆଜି ଅଳ୍ପଦିନ ପାଇଁ ହେଉ ପଛେ ଆମେ ବିଶୁଦ୍ଧ, ନିର୍ମଳ ବାୟୁମଣ୍ଡଳ ପାଇବାରେ ସମର୍ଥ ହୋଇପାରିଛେ। ଏଥିରୁ ଏହା ପ୍ରମାଣିତ ହେଉଛି ଯେ, ବାୟୁ ପ୍ରଦୂଷଣ ସମ୍ପୂର୍ଣ୍ଣ ରୂପେ ମନୁଷ୍ୟକୃତ। ଯଦିଓ ତାଲାବନ୍ଦର କାରଣ ଭିନ୍ନ ଏବଂ ଏହା ପ୍ରଦୂଷଣ କମାଇବା ପାଇଁ ସର୍ବଶ୍ରେଷ୍ଠ ତଥା ସର୍ବବୃହତ୍ ବାଟ ନୁହେଁ, ତଥାପି ଭବିଷ୍ୟତରେ ଏହାର ପ୍ରୟୋଗକୁ ଅଣଦେଖା କରାଯାଇ ନ ପାରେ। ପରିବେଶବିତ୍‌ଙ୍କ ମତରେ ଏତାଦୃଶ ପଦକ୍ଷେପ ଭବିଷ୍ୟତର ପ୍ରଦୂଷଣ କମାଇବା ପାଇଁ ଅନେକ ଉତ୍ସାହ ଓ ଆଶାର କିରଣ ପ୍ରଦାନ କରିବ।

ତାଲାବନ୍ଦ ଫଳରେ ବିଭିନ୍ନ ସାମାଜିକ, ଧାର୍ମିକ, ସାଂସ୍କୃତିକ ତଥା ରାଜନୈତିକ ସମାରୋହ, ସମ୍ମେଳନ, ଏକତ୍ରୀକରଣ ବନ୍ଦ ହୋଇଯାଇଛି। ରାସ୍ତାଘାଟ, ଦୋକାନ ବଜାର, ଅଫିସ, ଶିକ୍ଷାନୁଷ୍ଠାନ ସବୁ ବନ୍ଦ। ଫଳତଃ ସହର, ବଜାର, ଗଳିକନ୍ଦି ରାସ୍ତାଘାଟ ସବୁଠାରେ ଅଳିଆ ଆବର୍ଜନା କମିଯାଇଛି। ଗଦା ଗଦା କଠିନ ବର୍ଜ୍ୟବସ୍ତୁ ଆଉ ଦେଖିବାକୁ ମିଳୁନି। ପରିମଳ ବ୍ୟବସ୍ଥାରେ ଉନ୍ନତି ଘଟିବା ସହିତ ସୁସ୍ଥ ବାତାବରଣ ସୃଷ୍ଟି ହୋଇଛି। ବନ୍ଦ ଯୋଗୁ ଶକ୍ତିର ଆବଶ୍ୟକତା କମିବା ସହିତ ଅପଚୟ ମଧ୍ୟ କମିଛି। ଫଳରେ ପ୍ରାକୃତିକ ସମ୍ପଦ ଓ ଖଣିଜ ସମ୍ପଦ ବିଶେଷ ଭାବେ ଶୋଷଣମୁକ୍ତ ହୋଇପାରିଛି। ଏସବୁର ସମଷ୍ଟିଗତ ପ୍ରତିଫଳ ଘଟିଛି ପରିବେଶ ଓ ପରିସଂସ୍ଥା ଉପରେ। ପରିବେଶ ସ୍ୱଚ୍ଛ ପ୍ରତୀୟମାନ ହେବାରେ ଲାଗିଛି। ପଶୁପକ୍ଷୀ ନିର୍ଦ୍ୱନ୍ଦ୍ୱରେ ବିଚରଣ କରୁଥିବାର ଦେଖାଯାଉଛି। ତେବେ କିଛି ବୁଲା ପଶୁଙ୍କ ପାଇଁ ଖାଦ୍ୟାଭାବଜନିତ ସଙ୍କଟ ଦେଖାଯାଇଛି, ଯାହା କ୍ରମଶଃ ବ୍ୟବସ୍ଥିତ ହୋଇଯିବ। କରୋନା ଜନିତ ଆକଟ ପାଇଁ ସମୁଦ୍ର ବେଳାଭୂମି ସବୁ ଖାଁ ଖାଁ ପଡ଼ିଛି। ପର୍ଯ୍ୟଟକଙ୍କ ଭିଡ଼ ଆଉ ଦିଶୁନି। ଫଳରେ ସାମୁଦ୍ରିକ ଅଞ୍ଚଳରେ ମାଛମାରିବା କାର୍ଯ୍ୟରେ ନିୟୋଜିତ ହେଉଥିବା ଡଙ୍ଗା, ଟ୍ରଲର ଆଦିଙ୍କ ସଂଖ୍ୟା କମିଛି। ଫଳରେ ଅଲିଭ୍ ରିଡ୍‌ଲେ କଇଁଛ ପ୍ରଦୂଷଣ ପାଇଁ ତଥା ଜାଲରେ ପଡି ମୃତ୍ୟୁବରଣ କରିବାର ସମ୍ଭାବନାକୁ ଅନୁଭବ କରି ବେଶି ମାତ୍ରାରେ ଆସୁ ନ ଥିବାର ଯାହା ଦେଖାଯାଉଥିଲା ଏବେ କିନ୍ତୁ ଏମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟିବା ସହିତ ସାମୂହିକ ଅଣ୍ଡା ପ୍ରଦାନ ଚାଲିଛି। ଗହୀରମଥା ଓ ଋଷିକୁଲ୍ୟା ତଟରେ ଏଥର ଏମାନେ ୫ କୋଟିରୁ ଊର୍ଦ୍ଧ୍ୱ ଅଣ୍ଡାଦାନ କରିଛନ୍ତି।

କରୋନା ଭଳି ମାରାତ୍ମକ ଭୂତାଣୁ ସାରା ବିଶ୍ୱକୁ କବଳିତ କରି ଚାଲିଥିଲାବେଳେ ମଣିଷ ଏହା ବିରୋଧରେ ସଂଗ୍ରାମ ଜାରି ରଖିଛି। କରୋନା ସଂକ୍ରମଣକୁ ହଟାଇବାର ପ୍ରୟାସରୁ ମିଳୁଥିବା ଅଭିଜ୍ଞତା ଓ ଅନୁଭୂତିକୁ ପାଥେୟ କରି ଯଦି ଭବିଷ୍ୟତରେ ବିଗିଡ଼ି ଯାଉଥିବା ପରିବେଶକୁ ସୁଧାରାଯାଇପାରିବ, ତେବେ ନିଶ୍ଚିତଏହାଏକବଡ଼ଉପଲବ୍ଧିବୋଲିମାନିନିଆଯିବ।

ବିଭାଗୀୟ ମୁଖ୍ୟ, ଭୂତତ୍ତ୍ୱ ବିଭାଗ, ଉତ୍କଳ
ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର
ମୋ-୯୮୬୯୨୧୩୪୭୨

## ଏଇ ଭାରତରେ

ମଣିଷ ଅର୍ଥ ସଞ୍ଚୟ କରେ ତା' ଭବିଷ୍ୟତ ପାଇଁ। କିନ୍ତୁ ଏକ କୃଷକ ଦମ୍ପତି ଜୀବନ ସାରା ସଞ୍ଚୟ କରିଥିବା ଅର୍ଥକୁ ଲକଡାଉନ୍ ସମୟରେ ଅସହାୟମାନଙ୍କୁ ଖୁଆଇବାରେ ବ୍ୟୟ କରୁଛନ୍ତି। ପବୁରାମ ମନ୍ଦା ଓ ତାଙ୍କ ସ୍ତ୍ରୀ ମୁନି ଦେବୀଙ୍କ ଏଭଳି ମହତ୍ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ଏହି ଦମ୍ପତି ରହନ୍ତି ରାଜସ୍ଥାନର ଯୋଧପୁରରେ। ସେମାନେ ଯୋଧପୁରର ତିନୱାରୀ ତହସିଲର ପାଖାପାଖି ୮୦ଟି ଗାଁ ଗରିବ ପରିବାରକୁ ରାଶନ ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ଏହି କାର୍ଯ୍ୟରେ ତାଙ୍କ ଦୁଇ ପୁଅ ତାଙ୍କୁ ସାହାଯ୍ୟ କରୁଛନ୍ତି । ସାନ ପୁଅ ଡ. ଭଗିରଥ ମନ୍ଦା ଦିଲ୍ଲୀର ଡେପୁଟି ଇନକମ୍ ଟ୍ୟାକ୍ସ କମିଶନର ଅଛନ୍ତି। ସ୍ଥାନୀୟ ପ୍ରଶାସନ ମଧ୍ୟ ସହଯୋଗ କରୁଛି। ମନ୍ଦା ଦମ୍ପତି ଚାଷରୁ ରୋଜଗାର କରି ପିଲାଙ୍କୁ ପଢ଼ାଇ ମଣିଷ କରିବା ପରେ ଯେଉଁ ଅର୍ଥ ସଞ୍ଚୟ କରିଥିଲେ ତାହାକୁ ଏହି କାର୍ଯ୍ୟରେ ଲଗାଇଦେଇଛନ୍ତି। ଏହି ଦମ୍ପତି ୮୦ଟି ଗାଁରେ ୬ ହଜାରରୁ ଊର୍ଦ୍ଧ୍ୱ ଗରିବ ପରିବାରକୁ ଚିହ୍ନଟ କରି ରାଶନ ସାମଗ୍ରୀ ଯୋଗାଇ ଦେବାର ଯୋଜନା କରିଛନ୍ତି । ଏହି କାର୍ଯ୍ୟ ଏପ୍ରିଲ ୫ରୁ ଆରମ୍ଭ କରାଯାଇଛି ଓ ଏବେ ସୁଦ୍ଧା ୨୫ଟି ଗାଁର ୨,୨୦୦ରୁ ଊର୍ଦ୍ଧ୍ୱ ପରିବାରକୁ ରାଶନ ସାମଗ୍ରୀ ଯୋଗାଇ ଦିଆଗଲାଣି। ସେମାନେ ପ୍ରତି ପରିବାରକୁ ୧୦ କେଜି ଅଟା, ୧ କେଜି ଡାଲି, ୧ ଲିଟର ଖାଇବା ତେଲ, ବିସ୍କୁଟ ତଥା ହଳଦୀ, ଲଙ୍କା ଓ ଧନିଆଗୁଣ୍ଡ ଯୋଗାଇ ଦେଉଛନ୍ତି। କୋଭିଡ୍-୧୯ର ମୁକାବିଲା କରିବା ଲାଗି ଲୋକମାନଙ୍କୁ ଏମାନେ ସାନିଟାଇଜର ଓ ସାବୁନ ମଧ୍ୟ ଦେଉଛନ୍ତି।

## ଚିରନ୍ତନୀ

ସବୁ ଜୀବ-ଗ୍ରାମ
ପଥ ଛାଡ଼ି ଗୃହେ ଏବେ ଲୋଡ଼ଇ ବିଶ୍ରାମ
କ୍ଷୀଣସ୍ରୋତେ ଶୁଭ୍ର ବାଲି ପରେ
ସୁକୋମଳ ସାନ୍ଧ୍ୟ ଛାୟା ମୃଦୁ ମୃଦୁ ଝରେ।

(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଏପ୍ରିଲ ୧୯୯୫

- ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ନେଲସନ ମଣ୍ଡେଲାଙ୍କ ପରିତ୍ୟକ୍ତା ପତ୍ନୀ ୱିନି ମଣ୍ଡେଲାଙ୍କୁ ଦେଶର ନ୍ୟାଶନାଲ୍ ୟୁନିଟା ସରକାରରେ ପୁଣି ସାମିଲ କରାଯାଇଛି।
- ଜାପାନ ସହ ଆଗାମୀ ଦ୍ୱିପାକ୍ଷିକ କଥାବାର୍ତ୍ତା ବେଳେ ଯଦି କୌଣସି ଅଗ୍ରଗତି ନ ହୁଏ ତେବେ ଜାପାନ ପ୍ରତି ବହୁ ବିଲିୟନ ଡଲାର ଅର୍ଥର ଶୁଳ୍କ ଲାଗୁ କରିବା ପାଇଁ ଆମେରିକାର ଧମକ।
- ଭାରତରେ ଖାଦ୍ୟ ନିରାପତ୍ତା ଏବଂ ଗରିବ ଲୋକମାନଙ୍କର କ୍ରୟଶକ୍ତି ସୁରକ୍ଷା ପାଇଁ କାର୍ଯ୍ୟକାରୀ କରାଯାଇଥିବା ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ବିଶ୍ୱରେ ପ୍ରବର୍ତ୍ତନ କରାଯାଇଥିବା ଏ ଧରଣର ବ୍ୟବସ୍ଥା ମଧ୍ୟରେ ସର୍ବବୃହତ୍ ବୋଲି ସରକାରୀ ରିପୋର୍ଟରେ କୁହାଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | | 9 | | 3 | | 7 | | | D | | | B | E |
| | | D | | | 2 | | | E | 7 | | 8 | | | |
| 3 | | 9 | | | | | C | | 0 | | | 6 | | |
| 2 | | | 7 | | A | | 1 | | | | | | | |
| | A | 5 | | B | | | | | | 1 | | 8 | D | 7 |
| | 0 | | | E | | | | 6 | | 3 | B | | | |
| | | | | | | | 4 | | C | E | D | | 5 | |
| | 2 | 8 | | | 4 | B | 3 | | | | | 0 | | 1 |
| | | E | | | 9 | | | C | | | | | 2 | D |
| | | | | | | | 5 | A | 2 | | 7 | C | | 4 |
| 9 | D | 7 | | | 8 | 2 | 0 | | | | | | 6 | |
| | | C | B | | 0 | 3 | | | | | 2 | D | | |
| 8 | | | | 4 | 1 | | 6 | 5 | | B | | | 9 | |
| | | | D | | | | | | 3 | | | 1 | | 2 |
| 5 | 1 | | | | 7 | | | | | | | | 8 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | A | 7 | 4 | D | 5 | 8 | 6 | 3 | 2 | 9 | E | B | 1 | 0 |
| 5 | 6 | 3 | 1 | C | 8 | 7 | E | B | 0 | D | 4 | A | 2 | 9 |
| B | 0 | 1 | 6 | A | 3 | D | 9 | 2 | 5 | 7 | C | 4 | 8 | E |
| E | 9 | 8 | B | 2 | 0 | 1 | 5 | 4 | A | 3 | 6 | D | 7 | C |
| 4 | 2 | D | E | 9 | 7 | A | C | 0 | B | 8 | 1 | 3 | 6 | 5 |
| 9 | 8 | 4 | D | 5 | C | B | 7 | 1 | E | A | 0 | 6 | 3 | 2 |
| 6 | C | 5 | 2 | 1 | A | 3 | 4 | D | 9 | B | 8 | 0 | E | 7 |
| 0 | D | E | 8 | 6 | B | 2 | A | 5 | 3 | 4 | 7 | C | 9 | 1 |
| 1 | 7 | A | 3 | 4 | E | 9 | 0 | 6 | C | 2 | 5 | 8 | D | B |
| 2 | 3 | B | 7 | 0 | 9 | E | 8 | C | 6 | 1 | D | 5 | A | 4 |
| 8 | 5 | 0 | A | E | 2 | C | B | 9 | 7 | 6 | 3 | 1 | 4 | D |
| 7 | 4 | C | 0 | 8 | D | 5 | 3 | A | 1 | E | 2 | 9 | B | 6 |
| D | B | 6 | 5 | 3 | 1 | 4 | 2 | 7 | 8 | 0 | 9 | E | C | A |
| A | E | 9 | C | 7 | 4 | 6 | 1 | 8 | D | 5 | B | 2 | 0 | 3 |
| 3 | 1 | 2 | 9 | B | 6 | 0 | D | E | 4 | C | A | 7 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୂର୍ବତଟ ରେଳପଥ ଡି.ଆର.ଏମ୍.ଙ୍କ ଦୃଷ୍ଟିପଡୁ

ମହାଶୟ,

ପୂର୍ବତଟ ରେଳପଥ ଅଧୀନ ଯାଜପୁର ଜିଲାର ଜେନାପୁର ରେଳଷ୍ଟେଶନ ପରିସରରେ ଥିବା ପୋଖରୀଟି ବର୍ତ୍ତମାନ ବିଷାକ୍ତ, ପ୍ରଦୂଷିତ ଓ ପୂତି ଗନ୍ଧମୟ ହୋଇପଡିଛି। ଫଳସ୍ୱରୂପ ପରିବେଶ ଏକପ୍ରକାର ଅସ୍ୱାସ୍ଥ୍ୟକର ହୋଇପଡିଛି। ଗୋଟିଏ ପଟେ ଏହି ପୋଖରୀ ସଂଲଗ୍ନ ଏକମାତ୍ର ରାସ୍ତାରେ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଜେନାପୁର ଷ୍ଟେଶନକୁ ଯିବାଆସିବା କରୁଥିବା ହଜାର ହଜାର ରେଳଯାତ୍ରୀଙ୍କ ନାକ ଦୁର୍ଗନ୍ଧରେ ଫାଟି ପଡୁଥିବା ବେଳେ ଅନ୍ୟପଟେ ଏହାର ଅପରିଷ୍କାର ପାଣିକୁ ପିଇ ଅନେକ ପଶୁପକ୍ଷୀ ମୃତ୍ୟୁବରଣ କରୁଛନ୍ତି। ରାତି ପାହିବା ମାତ୍ରେ ପୋଖରୀ କୂଳରେ ଥିବା ବର ଓ ଅଶ୍ୱତ୍ଥ ଗଛଗୁଡିକରେ ଭିନ୍ନ ଭିନ୍ନ ପ୍ରଜାତିର ଅନେକ ପକ୍ଷୀ ବସୁଥିବାରୁ ସେମାନଙ୍କର ମଳ ସର୍ବଦା ଏହି ପୋଖରୀ ଉପରେ ହିଁ ପଡିଥାଏ। ଏପରି ସ୍ଥିତିରେ ପୋଖରୀର ଜଳ ଦିନକୁ ଦିନ ଅଧିକରୁ ଅଧିକ ବିଷାକ୍ତ ହେବା ସହ ଜଳ ଉପରେ ଆବର୍ଜନାର ଏକ ଆସ୍ତରଣ ପଡିଥିବାର ଦେଖିବାକୁ ମିଳୁଛି। ପୁଣି ଉକ୍ତ ପୋଖରୀର ମାଛକୁ ଖାଇ ଅଧିକାଂଶ ବ୍ୟକ୍ତି ମଧ୍ୟ ଅସୁସ୍ଥ ହୋଇପଡୁଛନ୍ତି। ୧୯୫୭ ମସିହାରୁ ଖନନ ହୋଇଥିବା ଏହି ପୋଖରୀରୁ ପୂର୍ବେ ପାଣି ଉଠାଯାଇ ଡିଜେଲଚାଳିତ ରେଳଗାଡିଗୁଡିକୁ ଜଳଯୋଗାଣ କରାଯାଉଥିଲା। ସେତେବେଳେ ଜେନାପୁର ରେଳଷ୍ଟେଶନ ଏକ ଜଳଭର୍ତ୍ତି କେନ୍ଦ୍ର ଭାବେ ପରିଗଣିତ ହୋଇଥିଲା। ଏହି ପୋଖରୀର ତୁରନ୍ତ ପୁନରୁଦ୍ଧାର କରାଯିବାକୁ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ବି ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ।

ସୁଶାନ୍ତ କୁମାର ଖଟୁଆ ଓ ସଭ୍ୟବୃନ୍ଦ,
ଉତ୍କଳମଣି ସେବା ସଙ୍ଗଠନ, ଜେନାପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆମେରିକାର ୧୨ ବର୍ଷର ବାଳକ ବ୍ରଣ୍ଡୋନଙ୍କ ପାଇଁ ଏଥର ଜନ୍ମଦିନ ପୂରା ସ୍ୱତନ୍ତ୍ର ହୋଇପାରିଛି। ତାଙ୍କ ବାପା ହେଉଛନ୍ତି ଜଣେ ଲେଖକ ଏବଂ ଏଥର ସେ ତାଙ୍କ ପୁଅର ଜନ୍ମଦିନକୁ ସ୍ୱତନ୍ତ୍ରଭାବେ ପାଳନ କରିବାକୁ ଇଛା କରିଥିଲେ। ହେଲେ ଲକ୍‌ଡାଉନ୍ ଯୋଗୁ ତାହା ସମ୍ଭବ ହୋଇପାରି ନ ଥିଲା। ତେଣୁ ସେ ତାଙ୍କ ଟ୍ୱିଟରରେ ଏକ ବାର୍ତ୍ତା ଦେଇଥିଲେ। ଏହା ପରଠାରୁ ଟ୍ୱିଟରରେ ଦେଖିବା ପରେ ବିଭିନ୍ନ ଦେଶର ଲୋକେ ଶୁଭେଚ୍ଛା ଜଣାଇଥିଲେ। ସେ ଶୁଭେଚ୍ଛା ବାର୍ତ୍ତା ପଠାଇଥିବା ଲୋକଙ୍କ ଏକ ମ୍ୟାପ ତିଆରି କରିଥିଲେ, ଯାହା ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି।



# ନିମପତ୍ରରେ ଦେଶୀ ମାସ୍କ

**ରାଞ୍ଚି:** କରୋନା ଭାଇରସ୍ ସଂକ୍ରମଣ ରୋକିବାକୁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏଥିପାଇଁ ଲଢ଼େଇ କରିବାକୁ ହେଲେ ମାସ୍କ ପିନ୍ଧିବା ନିହାତି ଆବଶ୍ୟକ। ମାସ୍କ ପିନ୍ଧିବା ହେଉଛି ସୁରକ୍ଷା କବଚ। ସେଥିଲାଗି ପିଲାଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ମାସ୍କ ବ୍ୟବହାର କରୁଛନ୍ତି। କିନ୍ତୁ ସବୁଠୁ ଅଲଗା ହେଉଛି ଝାଡ଼ଖଣ୍ଡ ଦେବଘର ଅଞ୍ଚଳରେ ରହୁଥିବା ଆଦିବାସୀ ମହିଳମାନେ। ଏହି ମହିଳାମାନେ କ୍ଲିନିକାଲ ମାସ୍କ ତିଆରିର ଏକ ନୂଆ ବିକଳ୍ପ ପ୍ରସ୍ତୁତ କରିଛନ୍ତି। ସେମାନେ ନିମପତ୍ରରେ ମାସ୍କ ତିଆରି କରି ମୁହଁରେ ପିନ୍ଧୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ନିମପତ୍ରରେ ବହୁ ଔଷଧୀୟ ଗୁଣ ରହିଛି। ତେଣୁ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ନିମପତ୍ରରେ ତିଆରି ମାସ୍କ ବହୁତ ଉପକାରୀ। ଏବେ ଫସଲ ଅମଳ ସମୟ। କ୍ଷେତକୁ ତ ଯିବାକୁ ପଡ଼ିବ। ଗରିବ ହୋଇଥିବାରୁ ସବୁବେଳେ ବ୍ୟୟବହୁଳ ସହରୀ ମାସ୍କ ତ ପିନ୍ଧିପାରିବୁ ନାହିଁ। ସେଥିଲାଗି ଏହାକୁ ଆପଣେଇଛୁ ବୋଲି ଜଣେ ମହିଳା କହିଛନ୍ତି। ମହିଳାମାନେ ନିଜ ହାତରେ ପୁରୁଷମାନଙ୍କ ପାଇଁ ମଧ୍ୟ ନିମପତ୍ରରେ ମାସ୍କ ତିଆରି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ, ମାସ୍କ ନ ଥିଲେ ଗାମୁଛା କିମ୍ବା ରୁମାଲ ବ୍ୟବହାର କରିପାରିବେ। କିନ୍ତୁ ନିମରେ ବହୁ ଔଷଧୀୟ ଗୁଣ ଥିବାରୁ ଏଥିରେ ପ୍ରସ୍ତୁତ ମାସ୍କ କରୋନା ଭୂତାଣୁ ସହ ଲଢ଼େଇ କରିପାରିବ। ଏହା ସ୍ୱାସ୍ଥ୍ୟପକ୍ଷେ ବେଶ୍ ହିତକର ବୋଲି ଆଦିବାସୀ ମହିଳାମାନେ କହିଛନ୍ତି।



# ଫିଲ୍ମ ଗୀତରେ ଝୁମିଲେ ଜାହ୍ନବୀ



**ମୁମ୍ବାଇ:** କରୋନା ଭାଇରସ୍‌କୁ ନେଇ ସାରା ଦେଶରେ ୨୧ ଦିନିଆ ଲକଡାଉନ୍ ଚାଲିଥିବା ବେଳେ ବଲିଉଡ୍ ସେଲିବ୍ରିଟିମାନେ ଏବେ ନିଜ ନିଜ ଘରେ ବନ୍ଦହୋଇ ରହିଛନ୍ତି। ହେଲେ ଏହି ସମୟରେ ଏମାନେ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ଅଛନ୍ତି। ପ୍ରତିଦିନ ଏମାନେ କିଛି ନା କିଛି ଭିଡିଓ ଶେୟାର କରି ପ୍ରଶଂସକଙ୍କ ଆହୁରି ନିକଟତର ହେଉଛନ୍ତି। ନିକଟରେ ବଲିଉଡ୍ ଷ୍ଟାରକିଡ୍ ଜାହ୍ନବୀ କପୁର ମଧ୍ୟ ଏମିତି ଏକ ଭିଡିଓ ଶେୟାର କରିଛନ୍ତି, ଯାହା ତାଙ୍କ ପ୍ରଶଂସକଙ୍କୁ ଖୁବ୍ ପସନ୍ଦ ଆସିଛି। ଉକ୍ତ ଭିଡିଓରେ ସେ 'ଉମ୍‌ରାଓ ଜାନ୍' ଫିଲ୍ମର ଗୀତ 'ସଲାମ'ରେ କ୍ଲାସିକାଲ ଡ୍ୟାନ୍ସ ପ୍ରାକ୍ଟିସ୍ କରୁଥିବା ଦେଖାଯାଇଛି। ଏହି ଭିଡିଓର କ୍ୟାପ୍‌ଶନରେ ସେ ଲେଖିଛନ୍ତି ଲକ୍‌ଡାଉନରେ କ୍ଲାସ୍ ମିସ୍ କରୁଛି ସତ, ହେଲେ କେବେ ବି କେଉଁଠି କ୍ଲାସ କରିହେବ। ଜାହ୍ନବୀଙ୍କ ଏହି ଭିଡିଓକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଡ୍ୟାନ୍ସରେ ରୁଚି ରଖୁଥିବା ଜାହ୍ନବୀ ଏଥର ପୁଣି ଥରେ ଦର୍ଶକଙ୍କୁ ମା' ଶ୍ରୀଦେବୀଙ୍କ ଅସଲ ଝିଅ ବୋଲି ମନେପକାଇ ଦେଇଛନ୍ତି।

# କରୋନା ସହ ଲଢ଼ିବାକୁ ବାର୍ତ୍ତା ଦେଉଛି ଶିଶୁ



**କୋଲକାତା:** କରୋନା ଭାଇରସ୍ ଏବେ ସାରାବିଶ୍ୱକୁ ଡରାଇ ରଖିଛି। ଆମେରିକା ଭଳି ବିକାଶଶୀଳ ଦେଶ ଏବେ କରୋନା କବଳରେ ପଡି ଛଟପଟ ହେଉଥିବା ବେଳେ ଇଟାଲୀ ମଧ୍ୟ କରୋନା ଆଗରେ ନିଜର ଅସହାୟତା ଦେଖାଇଛି। ହେଲେ ଏମିତି କିଛି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯାହା କରୋନା ସହ ଲଢ଼ିବାକୁ ଅନ୍ୟମାନଙ୍କୁ ପ୍ରେରଣା ଦେଉଛି। ଭାରତରେ କରୋନା ସହ ଲଢ଼ିବାକୁ ହେଲେ ସୋସିଆଲ ଡିଷ୍ଟାନ୍ସିଂକୁ ଗୁରୁତ୍ୱ ଦିଆଯାଉଛି। କେତେକ ସ୍ଥଳରେ ଏହାକୁ ଲୋକେ ବେଖାତିର କରୁଥିବା ବେଳେ ଏବେ କିନ୍ତୁ ଏମିତି କିଛି ଫଟୋ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ବିଭିନ୍ନ ସ୍ଥାନରେ ଅଟକି ରହିଥିବା ପ୍ରବାସୀ ଶ୍ରମିକଙ୍କୁ ବିଭିନ୍ନ ସ୍ଥାନରେ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଥିବା ବେଳେ ଦେଖିବାକୁ ମିଳିଛି କିଛି ଏଭଳତି ଦୃଶ୍ୟ। କୋଲକାତାରେ ଜଣେ ଶିଶୁ ଖାଦ୍ୟ ପାଇଁ ଲାଇନ୍‌ରେ ଠିଆ ହୋଇଥିବା ବେଳେ ବର୍ଷା ସତ୍ତ୍ୱେ ମଧ୍ୟ ସେ କେମିତି ସୋସିଆଲ ଡିଷ୍ଟାନସିଂକୁ ଭାଙ୍ଗି ନାହିଁ ତାହା ଦେଖିବାକୁ ମିଳିଛି। ଗୋଟିଏ ହାତରେ ଗିନା ଥିବାବେଳେ ବର୍ଷାରୁ ରକ୍ଷା ପାଇବାକୁ ଅନ୍ୟ ହାତରେ ଥାଳିଟିକୁ ମୁଣ୍ଡରେ ଢାଙ୍କି ଦେଇଛି। ସେମିତି ଆଉ ୨ଟି ଶିଶୁ ଖାଦ୍ୟ ପାଇଁ ଲାଇନ୍‌ରେ ଅପେକ୍ଷା କରିଥିବା ଦେଖାଯାଇଛି।

# ଠେକୁଆ ବେଶରେ କ୍ୟୁଟ୍ ତୈମୁର



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କରୀନା କପୁର ଖାନ୍ ରବିବାର ନିଜ ଫ୍ୟାନ୍‌ମାନଙ୍କ ପାଇଁ ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ତାଙ୍କ ପୁଅ ତୈମୁର ଅଲ୍ଲୀ ଖାନ୍ ଠେକୁଆ ବେଶରେ ନଜର୍ ଆସିଛନ୍ତି। ଏହି ବେଶରେ ତୈମୁର ବହୁତ କ୍ୟୁଟ ଦେଖାଯାଉଛନ୍ତି ବୋଲି କରୀନା କହିଛନ୍ତି। ସେ ଏହି ଫଟୋ ଇଷ୍ଟର ବନିଜ୍ ପାଇଁ ଶେୟାର କରିଛନ୍ତି। ଏହି ଫଟୋ ଶେୟାର ହେବା ପରେ ଫ୍ୟାନ୍‌ମାନଙ୍କ ପ୍ରତିକ୍ରିୟା ଆସିବା ଆରମ୍ଭ ହୋଇଯାଇଛି। ଏହି ଫଟୋରେ ତୈମୁର କୁର୍ତ୍ତା, ପାଇଜାମା ପିନ୍ଧିବା ସହ ମୁହଁରେ ପେଣ୍ଟ କରାଯାଇଛି। ସେ ଏକ ଛୋଟ କ୍ୟୁଟ୍ ଠେକୁଆ ପରି ଦେଖାଯାଉଛନ୍ତି। ଏହି ଫଟୋରେ କ୍ୟାପ୍‌ସନ୍ ଦେଇ କରୀନା ଲେଖିଛନ୍ତି ଯେ, ମୋ ପୁଅ ହେଉଛି, ମୋ ସାରା ଜୀବନର 'ଇଷ୍ଟର ବନିଜ୍'। ସମସ୍ତ ଫ୍ୟାନ୍‌ମାନଙ୍କୁ ଇଷ୍ଟରର ଶୁଭକାମନା ଜଣାଇଛନ୍ତି। କରୀନା ମାସେ ହେଲା ଇନ୍‌ଷ୍ଟାଗ୍ରାମରେ ସାମିଲ ହୋଇଛନ୍ତି। ସେ ଏବେ ପ୍ରାୟ ଇନ୍‌ଷ୍ଟାରେ ଆକ୍ଟିଭ ରହୁଛନ୍ତି। ବହୁ ଫଟୋ ମଧ୍ୟ ଶେୟାର କରୁଛନ୍ତି। ପ୍ରକାଶଥାଉ କି, ଆଗକୁ କରୀନାଙ୍କ ମୁଭି 'ଲାଲ୍ ସିଂହ ଚଢ଼ା' ଆସିବାକୁ ଅଛି। ସେ ଏଥିରେ ଆମୀର ଖାନ୍‌ଙ୍କ ସହ ନଜର୍ ଆସିବେ।

# ସଫେଇ କର୍ମଚାରୀଙ୍କ ବଦାନ୍ୟତା

**ହାଇଦ୍ରାବାଦ:** ଅନ୍ୟକୁ ଦାନ କରିବା କି ସାହାଯ୍ୟ ସହଯୋଗ କରିବା ପାଇଁ ପାଖରେ ପ୍ରଚୁର ଅର୍ଥର ଆବଶ୍ୟକତା ନ ଥାଏ। ବିଶାଳ ହୃଦୟ ଥିବା ଲୋକେ ହିଁ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥାନ୍ତି। ଏହାର ଏକ ଉଦାହରଣ ହେଉଛନ୍ତି ତେଲେଙ୍ଗାନା ଉଟନୁର୍‌ର ସଫେଇ କର୍ମଚାରୀ ବୋନ୍ଥା ସାଇ କୁମାର। କରୋନା ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ସେ ତାଙ୍କର ଦୁଇ ମାସର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି। ସାଇ କୁମାରଙ୍କ ଏଭଳି ବଦାନ୍ୟତାକୁ ନେଇ ଏବେ ସବୁଆଡେ ଚର୍ଚ୍ଚା ହେଉଥିବା ବେଳେ ନିଜେ ମୁଖ୍ୟମନ୍ତ୍ରୀଙ୍କ ପୁଅ କେ. ଟି ରାମାରାଓ ଟ୍ୱିଟ୍ କରି ତାଙ୍କର ପ୍ରଶଂସା କରିଛନ୍ତି।



କରୋନା ଲଢେଇରେ ଏଭଳି ମହାନ ଦାନ କରିଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଲଗାତାର ଟୁଇଟକରି ଉତ୍ସାହିତ କରୁଛନ୍ତି। ସାଇ କୁମାରଙ୍କ ଭଳି ସଫେଇ କର୍ମଚାରୀ ଦୁଇମାସର ଦରମା ଦାନ କରି ଏବେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ସେଇଭଳି ସିଲେଇ କରି ପରିବାର ଚଳାଉଥିବା ଗଡ଼ୱାଲ୍ ଜିଲାର ମହିଳା ଉମା ଦେବୀ ପ୍ରତିଦିନ ବିଭିନ୍ନ ଅଞ୍ଚଳର ଲୋକଙ୍କୁ ୩୫୦ରୁ ଅଧିକ ମାସ୍କ ତିଆରି କରି ବାଣ୍ଟୁଛନ୍ତି। ସେହିଭଳି ପ୍ରତିଦିନ ୪୦ଜଣ ଭୋକିଲାଙ୍କୁ ଖାଇବାକୁ ଦେଉଛନ୍ତି ତେଲେଙ୍ଗାନାର ସମାରିଥାନ୍। ମୁଖ୍ୟମନ୍ତ୍ରୀଙ୍କପକ୍ଷରୁଏଭଳିଲୋକଙ୍କୁପ୍ରଶଂସାକରାଯାଇଛି।

# ରାସ୍ତା ଉପରେ ପଡ଼ିଛି ଟଙ୍କା

**ଜୟପୁର:** ରାସ୍ତା ଉପରେ ପଡ଼ିଛି ୧୦ ଟଙ୍କିଆ ନୋଟ୍। ଲକ୍‌ଡାଉନ ବେଳେ ଏମିତି ଏକ ଖବର ଶୁଣି ଲୋକେ ଭୟଭୀତ ହୋଇ ଯାଇଥିଲେ। ହୁଏତ ନୋଟ୍ ମାଧ୍ୟମରେ କେହି କରୋନା ଭାଇରସ୍ ସଂକ୍ରମଣ କରାଇବାକୁ ଚାହୁଁଥିବ ଭାବି ସତର୍କ ହୋଇଯାଇଥିଲେ। ଏମିତି ଏକ ଖବରକୁ ନେଇ ଏବେ ଚର୍ଚ୍ଚା ହେଉଛି ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ଚୋପାସନୀ ହାଉସିଂ ବୋର୍ଡ ଥାନା ଅଞ୍ଚଳରେ। ସ୍ଥାନୀୟ ପୋଲିସ ଏଭଳି ଏକ ଖବର ବିଷୟରେ ଜାଣିବା ପରେ ଛାନ୍‌ଭିନ୍ ଆରମ୍ଭ କରିଛି। ପ୍ରକୃତ କଥା ହେଉଛି ଲୋକେ ହଠାତ୍ ଶୁଣିବାକୁ ପାଇଥିଲେ ଯେ, କିଛିଲୋକଙ୍କ ଘର ବାହାରେ ଥିବା ଚିଠି ବାକ୍ସ ଏବଂ ରାସ୍ତା ଉପରେ ୧୦ ଟଙ୍କିଆ ନୋଟ ସବୁ ପଡ଼ିଛି। ଏହି ଖବର ଶୁଣି ଲୋକେ ଭାବିଥିଲେ ଯେ, କେହିଜଣେ ସମ୍ପୃକ୍ତ ଅଞ୍ଚଳରେ କରୋନା ଭାଇରସ୍ ସଂକ୍ରମଣ କରାଇବା ପାଇଁ ଏପରି କରିଛି। ତେଣୁ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ତେଣୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସତର୍କତାର ସହ ନୋଟଗୁଡ଼ିକୁ ଏକତ୍ର କରି ଜଳାଇଦେବାକୁ ଚେଷ୍ଟା କରିଥିଲା। କିନ୍ତୁ ନୋଟ ଜଳାଇବା ବେଳେ ଜଣାପଡ଼ିଥିଲା କି ସେସବୁ ନକଲି ନୋଟ୍ ଥିଲା। ତେବେ କିଏ ଏଭଳି କେଉଁ ଉଦ୍ଦେଶ୍ୟରେ କରିଥିଲା ସେନେଇ କିଛି ଜଣାପଡ଼ି ନାହିଁ। ଟଙ୍କା ଜଳାଇବାର ଏଭଳି ଭିଡିଓ ଏବଂ ତଥ୍ୟ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।



# ଘଷିର ହୋମ୍ ଡେଲିଭରି

**ଭୋପାଳ:** ସାରା ଦେଶରେ ଲକ୍‌ଡାଉନ୍ ପାଇଁ ଅନ୍‌ଲାଇନ୍ ସେବାକୁ ବନ୍ଦ କରି ଦିଆଯାଇଛି। କିନ୍ତୁ ଗୋବରରୁ ତିଆରି ହେଉଥିବା ଘଷି ଏବେ ହୋମ୍ ଡେଲିଭରି ହେଉଛି। ଏମିତିକି ୧୦ ଟଙ୍କାରେ ମିଳୁଥିବା ଘଷିକୁ ଏବେ ଲୋକେ ୩୦ ଟଙ୍କାରେ କିଣୁଛନ୍ତି। ମଧ୍ୟପ୍ରଦେଶର ଉଜ୍ଜୈନ ସହରରେ ଏଭଳି ଘଟଣା ଏବେ ସବୁଆଡେ ଚର୍ଚ୍ଚାର ବିଷୟ ପାଲଟିଛି। ଉଜ୍ଜୈନ ସହରରେ ଲୋକଙ୍କ ଏକ ଅତି ପ୍ରିୟ ଖାଦ୍ୟ ହେଉଛି ଡାଲ୍-ବାଟି ଏବଂ ଡାଲ୍ ବାଫ୍‌ଲେ। ବିଭିନ୍ନ ଉତ୍ସବ ସମୟରେ ଏହି ଖାଦ୍ୟ ନିହାତି ଆବଶ୍ୟକ ହୋଇଥାଏ। ତେବେ ଘଷି ନିଆଁରେ ତିଆରି ହେଲେ ଏହାର ସ୍ୱାଦ ବହୁତ ଭଲ ହୋଇଥାଏ। ତେଣୁ ଲକ୍‌ଡାଉନ୍ ସମୟରେ ଲୋକେ ଘରେ ଏହି ଖାଦ୍ୟ ପ୍ରସ୍ତୁତ କରିବା ନିମନ୍ତେ ଘଷି ଆବଶ୍ୟକ କରୁଛନ୍ତି। ସହରର ଜୟସିଂହପୁରା ଓ ଭୈରବଗଡ଼ରେ ଗ୍ରାମାଞ୍ଚଳର ଲୋକେ ଏହି ଘଷି ବ୍ୟବସାୟ କରିଥାନ୍ତି। କିନ୍ତୁ ଲକ୍‌ଡାଉନ୍ କଟକଣା ଲାଗୁ ହେବା କାରଣରୁ ଲୋକେ ବାହାରକୁ ଯାଇପାରୁ ନାହାନ୍ତି କି ଘଷି କିଣିପାରୁ ନାହାନ୍ତି। ତେଣୁ ଲୋକଙ୍କୁ ଫୋନ୍ କରି ଘରେ ଘଷି ପହଞ୍ଚାଇବା ନିମନ୍ତେ ଅର୍ଡର ଦିଆଯାଉଛି। ତେଣୁ ଘଷି ବ୍ୟବସାୟୀମାନେ ସେମାନଙ୍କ ଠେଲାରେ ଘଷି ନେଇ ଲୋକଙ୍କୁ ଘରେ ଘରେ ଦେଉଛନ୍ତି। ରୋଷେଇ ନିମନ୍ତେ ଏହା ଏକ ଜରୁରୀ ଆବଶ୍ୟକତା ହୋଇଥିବାରୁ କେହି ସେମାନଙ୍କୁ ଅଟକାଉ ନାହାନ୍ତି। ତେଣୁ ଏହି ଲକ୍‌ଡାଉନ୍ ସମୟରେ ସେମାନଙ୍କ ବ୍ୟବସାୟ ବେଶ୍ ଭଲ ଚାଲିଛି।



# ପରିବା ଚାଷରେ ମନ ଦେଲେ ଜୁହି

**ମୁମ୍ବାଇ:** କରୋନା ଭୂତାଣୁ ଭୟରେ ଲୋକେ ବାହାରକୁ ବାହାରୁ ନାହାନ୍ତି। ସାମାଜିକ ଦୂରତ୍ୱ ପାଳନ କରୁଛନ୍ତି। ସେଲିବ୍ରିଟିମାନେ ଏଥିରୁ ବାଦ୍ ଯାଇନାହାନ୍ତି। କେହି ରୋଷେଇ କରିବା, ଜିମ୍‌ରେ ସମୟ କଟାଇବା କିମ୍ବା ଅନ୍ୟ କୌଣସି କାମରେ ସମୟ ବିତାଉଥିବା ଜଣାପଡ଼ିଛି। ଲକ୍‌ଡାଉନ୍ ଯୋଗୁ ବଲିଉଡ ଅଭିନେତ୍ରୀ ଜୁହି ଚାୱ୍ଲା ତାଙ୍କ ଫାର୍ମ ହାଉସ୍‌ରେ ସମୟ ଅତିବାହିତ କରୁଛନ୍ତି। ତେବେ ଘରେ ନ ବସି ବଗିଚା କାମରେ ସେ ନିଜକୁ ବ୍ୟସ୍ତ ରଖୁଛନ୍ତି। ସେ ବିଭିନ୍ନ ପ୍ରକାର ପନିପରିବା ଗଛ ଲଗାଉଛନ୍ତି। ଏନେଇ ସେ କିଛି ଫଟୋ ମଧ୍ୟ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ଏହି ଫଟୋରେ ସେ ହାତରେ ଏକ ଲୁହାର ଉପକରଣ ଧରି ମାଟି ଖୋଳୁଛନ୍ତି। ଫଟୋଗୁଡ଼ିକୁ ଶେୟାର କରି ସେ ଲେଖିଛନ୍ତି ଯେ, ଲକ୍‌ଡାଉନ୍ ବେଳେ ଇଏ ହେଉଛି ମୋର ନୂଆ କାମ। ଧନିଆ, ମେଥି, ଟମାଟୋ ଆଦି ଫସଲ କରିବା ପାଇଁ ପଟାଳି ପ୍ରସ୍ତୁତ କରୁଛି।



କରୋନା ଭାଇରସ୍ ପ୍ରଭାବରୁ ଏମ୍ଏସ୍ଏମ୍ଇଗୁଡ଼ିକ ଶୀଘ୍ର ବାହାରକୁ ଆସିବେ। ଏହି କ୍ଷେତ୍ର ଚାଇନା ଉପରେ ନିର୍ଭରଶୀଳତା କମାଇବା ସହ ସରକାରଙ୍କ ସମର୍ଥନରେ ମାନୁଫାକ୍ଚରିଂରେ ଉନ୍ନତି ଆଣିବ।
– ନୀତିନ୍ ଗଡକରୀ, କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ



କୋଲ୍ ଇଣ୍ଡିଆ ନିକଟରେ ପର୍ଯ୍ୟାପ୍ତ ପରିମାଣର କୋଇଲା ଉପଲବ୍ଧ ରହିଛି। ବିଦେଶରୁ କୋଇଲା ଆମଦାନୀ ନ କରି ଦେଶ ମଧ୍ୟରେ ଥିବା କୋଇଲା ବ୍ୟବହାର କରିବା ଉପରେ ଅଂଶୀଦାର ବିଚାର କରନ୍ତୁ।
– ପ୍ରହ୍ଲାଦ ଜୋଷୀ, କେନ୍ଦ୍ର କୋଇଲା ମନ୍ତ୍ରୀ



# ୮ ଲକ୍ଷ କୋଟି କ୍ଷତି ସହିପାରେ ଭାରତ

ନୂଆଦିଲ୍ଲୀ,୧୩।୪

କୋଭିଡ୍ ୧୯ ଲାଗି ସାରା ବିଶ୍ୱକୁ ଏବେ ଲକ୍ଡାଉନ ଘୋଷଣା କରାଯାଇଛି। କେତେକ ରାଷ୍ଟ୍ର ଏହାକୁ କଡ଼ାକଡ଼ି କରିଥିବା ବେଳେ ଆଉ କିଛି ରାଷ୍ଟ୍ର ନୂଆ କରି ଏହାକୁ ଲାଗୁ କରାଉଛନ୍ତି। ଭାରତ ଗତ ୨୫ ତାରିଖଠାରୁ ଲକ୍ଡାଉନରେ ରହିଛି। ମଙ୍ଗଳବାର ଲକ୍ଡାଉନ ଘୁଞ୍ଚିବ କି ନାହିଁ, ଯଦି ଅବଧି ବଢେ ଏହାର ରୂପରେଖ କିଭଳି ହେବ ସେ ନେଇ ପ୍ରଧାନମନ୍ତ୍ରୀ ମଙ୍ଗଳବାର ପୂର୍ବାହ୍ନରେ ଦେଶବାସୀଙ୍କୁ ସମ୍ବୋଧିତ କରିବେ। ଗତ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଦେଶ ମଧ୍ୟରେ ଲକ୍ଡାଉନ ଜାରି ରହିଥିବା ବେଳେ ଏଥିଯୋଗୁ ଦେଶର ଅଧିକାଂଶ ଫ୍ୟାକ୍ଟ୍ରି, ବାଣିଜ୍ୟିକ ପ୍ରତିଷ୍ଠାନ, ଟ୍ରେନ, ଫ୍ଲାଇଟ ସହ ଯାନବାହନ ବନ୍ଦ ରହିଛି। ୨୧ ତାଲାବନ୍ଦ ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ପ୍ରାୟ ୭ରୁ ୮ ଲକ୍ଷ କୋଟି ଟଙ୍କାର କ୍ଷତି ସହିବା ଆଶଙ୍କା ଉପୁଜିଛି।

ଏକ ଶିଳ୍ପ ସଂଘ ପକ୍ଷରୁ ପ୍ରଦାନ କରାଯାଇଥିବା ରିପୋର୍ଟ ମୁତାବକ ତାଲାବନ୍ଦ ଯୋଗୁ ଦେଶ ମଧ୍ୟରେ ପ୍ରାୟ ୭୦% ଅର୍ଥନୈତିକ କାର୍ଯ୍ୟକଳାପ ଠପ୍ ହୋଇଯାଇଛି। ନିବେଶ, ରପ୍ତାନି ଏବଂ ଉପଯୋଗିତା ଭଳି କାର୍ଯ୍ୟକଳାପ ବନ୍ଦ ରହିଛି। ଲକ୍ଡାଉନରୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ବାଦ୍ ପଡିଛି। ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ସରକାର ଉଭୟ ଆର୍ଥିକ ଏବଂ ବିତ୍ତୀୟ ପଦକ୍ଷେପ ଗ୍ରହଣ କରିଥିଲେ। କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥା ଅଣ୍ଟା ସଳଖିବାକୁ ଚେଷ୍ଟା କରୁଥିବା କରୋନା ପୁଣି ଘାତକ ସାଜିଛି ବୋଲି ସେଣ୍ଟ୍ରମ ଇନ୍ଷ୍ଟିଚ୍ୟୁଶନାଲ ରିସର୍ଚ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୧ ଆର୍ଥିକ ବର୍ଷରେ ଭାରତ ଏକ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବ ବୋଲି ଏହା ମତ ରଖିଛି। ଏହାବାଦ ଅଭିବୃଦ୍ଧି ଅତି ନିମ୍ନ ରହିବା ନେଇ ଏହା ପୂର୍ବାନୁମାନ କରିଛି। କିଛିଦିନ ତଳେ ଆକ୍ୟୁଟ ରେଟିଙ୍ଗ୍ସ ପକ୍ଷରୁ ହୋଇଥିବା ପୂର୍ବାନୁମାନରେ ଭାରତ ଦୈନିକ ୪.୬୪ ବିଲିୟନ ଡଲାର ବା ପ୍ରାୟ ୩୫ ହଜାର କୋଟି ଟଙ୍କା କ୍ଷତି ସହିବ ବୋଲି କୁହାଯାଇଛି।

## ଟ୍ରକର୍ସଙ୍କୁ ୩୫ ହଜାର କୋଟି ଟଙ୍କା କ୍ଷତି

ଏବେ ଲକ୍ଡାଉନ ପାଇଁ ସାରା ଦେଶରେ ପ୍ରାୟ ୧ କୋଟି ଟ୍ରକ୍ ଛିଡ଼ା ହୋଇଛି। ଟ୍ରକର୍ସ ମାନେ ଦୈନିକ ଭିତ୍ତିରେ ୨,୨୦୦ କୋଟି ଟଙ୍କା କ୍ଷତି ସହୁଛନ୍ତି। ଲକ୍ଡାଉନର ୧୫ ଦିନ ମଧ୍ୟରେ ଟ୍ରକର୍ସଙ୍କୁ ୩୫ ହଜାର କୋଟି ଟଙ୍କା କ୍ଷତି ସହିବାକୁ ପଡିଛି ବୋଲି ଅଲ୍ ଇଣ୍ଡିଆ ମୋଟର୍ସ ଟ୍ରାନ୍ସପୋର୍ଟ କଂଗ୍ରେସ(ଏଆଇଏମ୍ଟିସି) ପକ୍ଷରୁ ସୂଚନା ଦିଆଯାଇଛି। ଲକ୍ଡାଉନ ଖୋଲିବା ପରେ ମଧ ସମ୍ପୂର୍ଣ୍ଣ ଭାବେ ସ୍ଥିତି ସୁଧୁରିବା ଲାଗି ୨ରୁ ୩ ମାସ ସମୟ ଲାଗିବ ବୋଲି ସଂଘର ସାଧାରଣ ସମ୍ପାଦକ ନବୀନ ଗୁପ୍ତା ସୂଚନା ଦେଇଛନ୍ତି। ଏଆଇଏମ୍ଟିସିରେ ୯୩ ଲକ୍ଷ ଟ୍ରାନ୍ସପୋର୍ଟର ରହିଛନ୍ତି।




### ଅଭିବୃଦ୍ଧିକୁ ଲାଗିବ ଝଟକା

ଚଳିତ ଆର୍ଥିକ ବର୍ଷ ଦେଶର ଅର୍ଥ ବ୍ୟବସ୍ଥାକୁ ବଡ଼ ଝଟକା ଲାଗିବ ବୋଲି ବିଶ୍ୱର ଅଧିକାଂଶ ଏଜେନ୍ସି ପୂର୍ବାନୁମାନ କରିଛନ୍ତି। ଭାରତର ବିକାଶ ହାର ନେଇ ଏଜେନ୍ସି କରିଥିବା ଆକଳନ....

| ଏଜେନ୍ସି | ଅଭିବୃଦ୍ଧି ଆକଳନ | ସମୟ ଅବଧି |
|---|---|---|
| ୱାର୍ଲଡ ବ୍ୟାଙ୍କ | ୧.୫%ରୁ ୨.୮% | ୨୦୨୦-୨୧ |
| ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ | ୪% | ୨୦୨୧ |
| ଏସ୍ ଆଣ୍ଡ ପି ଗ୍ଲୋବାଲ ରେଟିଙ୍ଗ୍ସ | ୩.୫% | ୨୦୨୧ |
| ଫିଚ୍ ରେଟିଙ୍ଗ୍ସ | ୩.୬% | ୨୦୨୧ |
| ମୁଡିସ୍ ଇନ୍ଭେଷ୍ଟର୍ସ ସର୍ଭିସ | ୨.୫% ୨୦୨୦ | କ୍ୟାଲେଣ୍ଡର ବର୍ଷ |

## ରିୟଲ ଇଷ୍ଟେଟ କ୍ଷେତ୍ରର ଲକ୍ଷେ କୋଟି କ୍ଷତି

ରିୟଲ ଇଷ୍ଟେଟ ଡେଭଲପରଙ୍କ ସଂଘ ନ୍ୟାଶନାଲ ରିୟଲ ଇଷ୍ଟେଟ ଡେଭଲପମେଣ୍ଟ କାଉନସିଲ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହି କ୍ଷେତ୍ର ପ୍ରାୟ ୧ ଲକ୍ଷ କୋଟି ଟଙ୍କାର କ୍ଷତି ସହିବ। ସାରା ଦେଶ କଥା ବିଚାର କଲେ କ୍ଷତି ଅନ୍ତତଃ ପକ୍ଷେ ଲକ୍ଷେ କୋଟି ହେବ ବୋଲି ସଂଘର ସଭାପତି ନିରଞ୍ଜନ ହୀରାନନ୍ଦିନୀ ସୂଚନା ଦେଇଛନ୍ତି।

## ଖୁଚୁରା ବ୍ୟବସାୟ କ୍ଷତିଗ୍ରସ୍ତ

କରୋନା ସାରା ଦେଶରେ ଖୁଚୁରା ବ୍ୟବସାୟକୁ କ୍ଷତିଗ୍ରସ୍ତ କରିଥିବା କନ୍ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ ପକ୍ଷରୁ ଆକଳନ କରାଯାଇଛି। ଏହାଦ୍ୱାରା ପ୍ରାୟ ୩୦ ବିଲିୟନ ଡଲାରର କ୍ଷତି ସହିବାକୁ ପଡିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଦେଶର ରିଟେଲ ସେକ୍ଟରରେ ୭୦ ନିୟୁତ ଲୋକ କାମ କରୁଛନ୍ତି। ଏହି କ୍ଷେତ୍ରର ମାସିକ ବାଣିଜ୍ୟ କାରବାର ପ୍ରାୟ ୭୦ ବିଲିୟନ ଡଲାର।

# ଶେଷ ହେଲା ଅଏଲ ପ୍ରାଇସ୍ ୱାର

ନୂଆଦିଲ୍ଲୀ,୧୩।୪

- ଉତ୍ପାଦନ କମାଇବେ ଓପେକ୍ ପ୍ଲସ୍ ଦେଶ ସମୂହ
- ସ୍ୱାକ୍ଷର ହେଲା ଐତିହାସିକ ଚୁକ୍ତି

ଗତ କିଛିଦିନ ଧରି ଲାଗି ରହିଥିବା ଅଏଲ ପ୍ରାଇସ୍ ୱାର ବା ଇନ୍ଧନ ମୂଲ୍ୟ ଜନିତ ଯୁଦ୍ଧର ଅନ୍ତ ଘଟିଛି। ବିଶ୍ୱର ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସମୂହଙ୍କ ମଧ୍ୟରେ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହେବା ସହ ଅଏଲ ପ୍ରାଇସ ୱାର ଶେଷ ଘଟିଥିବା ଜଣାପଡିଛି। ଉତ୍ପାଦନ କମାଇବା ଲାଗି ଓପେକ୍ ପ୍ଲସ୍ ଦେଶ ସମୂହ ସହମତି ପ୍ରକାଶ କରିଛନ୍ତି। ଏଥିଲାଗି ଗତ ଗୋଟିଏ ସପ୍ତାହ ଧରି ମାରାଥନ ଦ୍ୱିପାକ୍ଷିକ ଆଲୋଚନା ଜାରି ରହିଥିଲା। ଏହି ଦେଶଗୁଡିକର ତୈଳମନ୍ତ୍ରୀ ଏବଂ ବିଶ୍ୱ ଲିଡରମାନେ ଭିଡିଓ କନ୍ଫରେନ୍ସିଂ ଯୋଗେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।



ଚୁକ୍ତି ମୁତାବକ ଓପେକ ପ୍ଲସ୍ ଦେଶ ସମୂହ ଦୈନିକ ଉତ୍ପାଦନକୁ ୯.୭ ନିୟୁତ ବ୍ୟାରେଲକୁ ଖସାଇବେ। ଦୈନିକ ୧୦ ନିୟୁତ ବ୍ୟାରେଲ ଉତ୍ପାଦନ ଲାଗି ଏହି ଉତ୍ପାଦନକାରୀ ଦେଶ ସମୂହ ପୂର୍ବରୁ ଯୋଜନା କରିଥିଲେ। ମେକ୍ସିକୋ କୂଟନୈତିକ ବିଜୟ ହାସଲ କରିଥିବା ବେଳେ ମାତ୍ର ଏକ ଲକ୍ଷ ବ୍ୟାରେଲ ଉତ୍ପାଦନ କମାଇବ। ଏବେ ଅଶୋଧିତ ତୈଳ ବଜାରକୁ କରୋନା କ୍ଷତିଗ୍ରସ୍ତ କରିଛି। ବିମାନ ସେବା ଏବଂ ପରିବହନ ଠପ୍ ହୋଇଥିବାରୁ ଗ୍ୟାସୋଲିନ ଏବଂ ଅଶୋଧିତ ତୈଳ ଚାହିଦା ମାତ୍ରାଧିକ ଖସିଯାଇଛି। ଚାହିଦା ୧୮ ମାସର ସର୍ବନିମ୍ନ ସ୍ତରକୁ ଚାଲିଯାଇଥିବା ସୂଚନା ରହିଛି। ଏବେ ବିଶ୍ୱର ତୈଳ ବଜାର ଚାହିଦା ଏବଂ ଯୋଗାଣକୁ ନେଇ ଚିନ୍ତିତ ରହିଛି। ଗୋଟିଏ ପଟେ ଏହା ଓପେକ ଦେଶ ସମୂହଙ୍କ ଲାଗି ଚ୍ୟାଲେଞ୍ଜ ମଧ୍ୟ ସୃଷ୍ଟି କରିଛି। ଗୁରୁବାର ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ ଅଶୋଧିତ ତୈଳ ଦର ୯%ରୁ ଊର୍ଦ୍ଧ୍ୱ ହ୍ରାସ ଘଟିଛି। ଏହାବାଦ ଜି-୨୦ ତୈଳ ଉତ୍ପାଦନକାରୀ ଦେଶ ସମୂହ ଉତ୍ପାଦନ ସୀମାକୁ କମାନ୍ତୁ ବୋଲି ଓପେକ୍ ପ୍ଲସ୍ ଦେଶ ସମୂହ ମଧ ଦାବି ରଖିଛନ୍ତି। ତୈଳ ବଜାରରେ ଯେଭଳି ସ୍ଥିରତା ଲାଗି ରହିବ ସେ ନେଇ ଚେଷ୍ଟା ଜାରି ରହିବ ବୋଲି ଦେଶଗୁଡିକ ସ୍ପଷ୍ଟ କରିଛନ୍ତି।

## କୋଭିଡ୍-୧୯ ଟିକା ପାଇଁ ଆଇଆଇଏଲ୍, ଗ୍ରିଫିଥ ବିଶ୍ୱବିଦ୍ୟାଳୟ ଚୁକ୍ତି

**ଭୁବନେଶ୍ୱର,୧୩।୪:** ଜାତୀୟ ଡେଏରୀ ବିକାଶ ବୋର୍ଡ(ଏନ୍ଡିଡିବି)ର ସହାୟକ ସଂସ୍ଥା ଇଣ୍ଡିଆନ ଇମ୍ୟୁନୋଲୋଜିକାକାଲ ଲିମିଟେଡ୍ (ଆଇଆଇଏଲ୍), ହାଇଦ୍ରାବାଦ କୋଭିଡ୍-୧୯ ଟିକା ବିକାଶ କରିବା ଲାଗି ଆଗେଇ ଆସିଛି। ଏହା ଅଷ୍ଟ୍ରେଲିଆର ଗ୍ରିଫିଥ ବିଶ୍ୱବିଦ୍ୟାଳୟ ସହ ଚୁକ୍ତିରେ ସାମିଲ ହୋଇଛି। ଏନ୍ଡିଡିବି ଅଧ୍ୟକ୍ଷ ଦିଲୀପ ରଥ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ସହଯୋଗିତା ଦ୍ୱାରା ବୈଜ୍ଞାନିକମାନେ ଡି-ଅପ୍ଟିମାଇଜେଶନ ଟେକ୍ନୋଲୋଜି ଦ୍ୱାରା ମିଳିତ ଭାବେ ଲାଇଭ ଆଟେନୁଏଟେଡ ଏସ୍ଏଆର୍ଏସ୍ କୋଭି-୨ କିମ୍ବା କୋଭିଡ୍-୧୯ ଟିକା ବିକଶିତ କରିବେ। ଏହି ଟିକା ଦୀର୍ଘସ୍ଥାୟୀ ସୁରକ୍ଷା ଯୋଗାଇଦେବା ନେଇ ଆଶା କରାଯାଉଛି ବୋଲି ରଥ କହିଛନ୍ତି।



## ଓଜିବି କର୍ମଚାରୀ ସଂଘ ପକ୍ଷରୁ ରିଲିଫ ପାଣ୍ଠିକୁ ଦାନ

**ଭୁବନେଶ୍ୱର,୧୩।୪:** ଓଡିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) କର୍ମଚାରୀ ସଂଘ ପକ୍ଷରୁ ପିଏମ୍ କେୟାର୍ସ ପାଣ୍ଠିକୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କୋଭିଡ୍-୧୯ରେ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ସ୍ୱରୂପ ଏଭଳି ରାଶି ପ୍ରଦାନ କରାଯାଇଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଗ୍ରାହକଙ୍କୁ ରେନୋର ସହାୟତା

**ଭୁବନେଶ୍ୱର,୧୩।୪:** କୋଭିଡ-୧୯ ଯୋଗୁ ଉପୁଜିଥିବା ଚ୍ୟାଲେଞ୍ଜିଂ ସମୟରେ ରେନୋ ଇଣ୍ଡିଆ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ବର୍ତ୍ତମାନ ଲକ୍ଡାଉନ ପାଇଁ ଗ୍ରାହକ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି କମ୍ପାନୀ ପକ୍ଷରୁ ଧାର୍ଯ୍ୟ ସର୍ଭିସ ସୀମା ଏବଂ ୱାରେଣ୍ଟିଂ କ୍ଷେତ୍ରରେ କୋହଳ ବ୍ୟବସ୍ଥା କରାଯାଇଛି। ଏହା ମଧ୍ୟରେ ପରିବର୍ଦ୍ଧିତ ୱାରେଣ୍ଟି ମଧ୍ୟ ସାମିଲ କରାଯାଇଛି। ଜରୁରୀ ସ୍ଥିତିରେ ମଧ କମ୍ପାନୀ ପକ୍ଷରୁ ରୋଡ ସାଇଡ ଆସିଷ୍ଟାନ୍ସ ଏବଂ ପରିଚାଳନା ଟିପ୍ସ ପ୍ରଦାନ କରାଯାଉଛି। ଏହି ସମୟରେ କମ୍ପାନୀ ଅନଲାଇନ ବୁକିଂ କ୍ୟାମ୍ପେନ ଘୋଷଣା କରାଯାଇଛି। ରେନୋ ୱେବସାଇଟ ଏବଂ ମାଇଁ ରେନୋ ଆପ୍ ଦ୍ୱାରା ଗ୍ରାହକ ଏହି ସୁବିଧା ଲାଭ କରିପାରିବେ। ବୁକ୍ ଅନ୍ଲାଇନ ପେ ଲ୍ୟାଟର ସୁବିଧା ଗ୍ରାହକଙ୍କ ଲାଗି ରହିଛି।

## ସେକ୍ଟର ଭିତ୍ତିରେ ଆର୍ଥିକ କାର୍ଯ୍ୟକଳାପ ଚାଲୁ ରଖିବାକୁ ପ୍ରସ୍ତାବ

**ଭୁବନେଶ୍ୱର,୧୩।୪:** କୋଭିଡ୍-୧୯ ମାମଲାଗୁଡ଼ିକୁ ବିଚାର କରି ସାରା ଦେଶକୁ ପ୍ରଥମେ ରେଡ୍, ଗ୍ରୀନ ଭଳି ଅଞ୍ଚଳରେ ବିଭକ୍ତ କରିବାର ଆବଶ୍ୟକତା ରହିଛି। ଗ୍ରୀନ ଅଞ୍ଚଳଗୁଡିକରେ ଆର୍ଥିକ କାର୍ଯ୍ୟକଳାପକୁ ସରକାର ଅନୁମତି ପ୍ରଦାନ କରିବା ନେଇ ଶିଳ୍ପ ସଂଘ କନଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ପକ୍ଷରୁ ସୋମବାର ସରକାରଙ୍କୁ ନିବେଦନ କରାଯାଇଛି। ବିପଦ ନ ଥିବା ସ୍ଥାନଗୁଡିକରେ ଆର୍ଥିକ କାର୍ଯ୍ୟକଳାପ ଚାଲୁ ରଖିବା ଲାଗି ସିଆଇଆଇ ମହାନିର୍ଦ୍ଦେଶକ ଇନ୍ଦ୍ରଜୀତ ବାନାର୍ଜୀ କହିଛନ୍ତି। ଫ୍ୟାକ୍ଟ୍ରିଗୁଡିକରେ ଥର୍ମାଲ ପରିକ୍ଷା, ସାମାଜିକ ଦୂରତ୍ୱ ରକ୍ଷା, ଫ୍ୟାକ୍ଟ୍ରି ସାନିଟାଇଜେଶନ ଭଳି ପଦକ୍ଷେପ ନେବାକୁ ପରାମର୍ଶ ରହିଛି।



ରାମ୍କୋ ସିମେଣ୍ଟ ପକ୍ଷରୁ ତାମିଲନାଡୁରେ ଡିସ୍ଇନ୍ଫେକସନ୍ ଟନେଲ ଶୁଭାରମ୍ଭ ହୋଇଛି। ଆରିୟାଲୁର ବସ୍ଷ୍ଟାଣ୍ଡ ନିକଟରେ ଅବସ୍ଥିତ ଏବଂ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏହି ସୁବିଧାକୁ ବିଧାୟକ ଟି.ରାଜେନ୍ଦିରନ୍ ଲୋକାର୍ପଣ କରିଛନ୍ତି।

# ଜେଏସ୍ପିଏଲ୍ର ପଦକ୍ଷେପ

ଭୁବନେଶ୍ୱର,୧୩।୪

ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତି ମୁକାବିଲା ଲାଗି ସରକାର,ସ୍ଥାନୀୟ ପ୍ରଶାସନ ଏବଂ ଲୋକମାନଙ୍କୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍ପିଏଲ୍) ସହାୟତାର ହାତ ବଢାଇଛି। ଓଡ଼ିଶାର ୩ ଜିଲାରେ ଥିବା କମ୍ପାନୀ ଏହାର କାରଖାନା, ଖଣି ନିକଟବର୍ତ୍ତୀ ଅଞ୍ଚଳରେ କରୋନା ଭୂତାଣକୁ ରୋକିବା ଲାଗି ପଦକ୍ଷେପ ନେଇଛି। ସଚେତନତାଠାରୁ ଆରମ୍ଭ କରି ଅସହାୟ ଲୋକଙ୍କୁ ଖାଦ୍ୟବଣ୍ଟନ ସହ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଥିବା ଏହା ସୂଚନା ଦେଇଛି। ଗରିବ ଏବଂ ଅସହାୟ ଲୋକମାନଙ୍କୁ ଶୁଖିଲା ଏବଂ ରନ୍ଧାଖାଦ୍ୟ ଯୋଗାଣ ସହ ଏହା ମାସ୍କ, ସାବୁନ, ହ୍ୟାଣ୍ଡୱାଶ ଭଳି ସାମଗ୍ରୀ ବଣ୍ଟନ କରୁଛି। କମ୍ପାନୀ ପକ୍ଷରୁ ଅନୁଗୋଳ, ବଡବିଲ ଏବଂ ଟେନସାଠାରେ ଜିରୋ ହଙ୍ଗର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ୩ ସ୍ଥାନରେ ଦୈନିକ ୩୫୦୦ରୁ ଅଧିକ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। କ୍ଷୁଧା ନିବାରଣ ଏବଂ ଖାଦ୍ୟ ସୁରକ୍ଷା ଲାଗି ଏଭଳି ପଦକ୍ଷେପ ହାତକୁ ନିଆଯାଇଛି ବୋଲି ଜେଏସ୍ପିଏଲ୍ ଫାଉଣ୍ଡେଶନ ଅଧ୍ୟକ୍ଷା ସାଲୁ ଜିନ୍ଦଲ କହିଛନ୍ତି।



## ସହାୟତା ୩ ଗୁଣକୁ ବଢ଼ାଇଲା ଏଡିବି

ନୂଆଦିଲ୍ଲୀ,୧୩।୪

ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) କୋଭିଡ୍-୧୯ ଲଢ଼େଇରେ ଯୋଗଦାନକୁ ଜୋର୍ଦାର କରିଛି। ଏହି ବ୍ୟାଙ୍କ ଏହାର ସଦସ୍ୟ ରାଷ୍ଟ୍ରଙ୍କୁ ପ୍ରଦାନ କରିଥିବା ପ୍ୟାକେଜକୁ ୩ ଗୁଣକୁ ବଢାଇ ୨୦ ବିଲିୟନ ଡଲାର କରିଛି। ଏହି ବହୁ ପାକ୍ଷିକ ଫଣ୍ଡିଂ ଏଜେନ୍ସି ତ୍ୱରିତ ସହାୟତା ଯୋଗାଣ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ମାର୍ଚ୍ଚରେ ଏଡିବି ୬.୫ ବିଲିୟନ ଡଲାର ଘୋଷଣା କରିଥିଲା। ଏଥିରେ ଆଉ ଅଧିକ ୧୩.୫ ବିଲିୟନ ଡଲାର ଅଧିକ ରାଶି ପ୍ରଦାନ କରାଯାଇଛି।

## ଅନ୍ଲାଇନରେ ପଢ଼ିବା ସୁବିଧା ଦେବ ଲର୍ନଫିକ୍ସ

ଭୁବନେଶ୍ୱର,୧୩।୪

ଲକ୍ଡାଉନ ପାଇଁ ଏବେ ସାରା ଦେଶରେ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଛି। ଏହାକୁ ଧ୍ୟାନରେ ରଖି ଏସ୍ ଚାନ୍ଦ ଆଣ୍ଡ କୋ ପକ୍ଷରୁ ଓଡିଶାରେ ହୋମ୍ ପର୍ସନାଲାଇଜ୍ଡ୍ ଆପ୍ ଲର୍ନ ଫିକ୍ସ ଶୁଭାରମ୍ଭ ହୋଇଛି। ସିବିଏସ୍ଇ ବୋର୍ଡ ଆଧାରିତ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଗଣିତ ଏବଂ ବିଜ୍ଞାନ ପାଠ୍ୟକ୍ରମରେ ଜ୍ଞାନ ଲାଭ କରିପାରିବେ। ଏହା ଆଇସିଏସ୍ଇ ବୋର୍ଡ ଏବଂ ବିଭିନ୍ନ ରାଜ୍ୟ ବୋର୍ଡ ପାଠ୍ୟକ୍ରମ ପାଇଁ ଖୁବ୍ ଉପଯୋଗୀ ହୋଇପାରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି।

## ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ: ଶକ୍ତିକାନ୍ତ

**ମୁମ୍ବାଇ,୧୩।୪:** ବର୍ତ୍ତମାନର କୋଭିଡ୍-୧୯ ଯୋଗୁ ଉପୁଜିଥିବା ଚ୍ୟାଲେଞ୍ଜିଂ ସ୍ଥିତିକୁ ସାମ୍ନା କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ରହିଛି। ଦେଶର ଅଭିବୃଦ୍ଧିକୁ ଫେରାଇ ଆଣିବା ଏବଂ ଆର୍ଥିକ ସ୍ଥିରତା ରକ୍ଷା କରିବା ଦିଗରେ ଯୋଜନା ହାତକୁ ନିଆଯିବ। କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାନୀତି କମିଟି ବୈଠକ ପରେ ଗଭର୍ନର ଶକ୍ତିକାନ୍ତ ଦାସ ଏହା କହିଥିଲେ। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାନୀତି କମିଟି ବୈଠକ ମାର୍ଚ୍ଚ ୩୧ରୁ ଏପ୍ରିଲ ୩ ଯାଏ ଅନୁଷ୍ଠିତ ହେବାର ଥିଲା। ମାତ୍ର କରୋନାର ପ୍ରଭାବକୁ ନଜରରେ ରଖି ଏହାକୁ ଆଗୁଆ କରାଯାଇଥିଲା। ମାର୍ଚ୍ଚ ୨୭ରେ ଆର୍ବିଆଇ ଏହାର ରେପୋ ରେଟକୁ ୭୫% ବେସିସ ପଏଣ୍ଟ ହ୍ରାସ କରିଛି।



## ଖୁଚୁରା ମୁଦ୍ରାସ୍ଫୀତି ୫.୯୧%

**ନୂଆଦିଲ୍ଲୀ,୧୩।୪:** ଚଳିତ ବର୍ଷ ମାର୍ଚ୍ଚରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୫.୯୧%କୁ ହ୍ରାସ ଘଟିଛି। ଖାଦ୍ୟ ସାମଗ୍ରୀ ଦର କମିବାରୁ ଯୋଗୁ ଏଭଳି ସ୍ଥିତି ଉପୁଜିଥିବାରୁ ମୁଦ୍ରାସ୍ଫୀତି ବଢିଛି ବୋଲି ସରକାର ସୋମବାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ଖାଉଟି ମୂଲ୍ୟ ସୂଚୀ(ସିପିଆଇ) ଭିତ୍ତିକ ଖୁଚୁରା ମୁଦ୍ରାସ୍ଫୀତି ୨୦୨୦ ଫେବୃୟାରୀରେ ୬.୫୮% ରହିଥିଲା। ମାର୍ଚ୍ଚ ୨୦୧୯ରେ ଏହା ୨.୮୬% ରହିଥିବା ଡାଟାରୁ ସାମ୍ନାକୁ ଆସିଛି। ଖାଦ୍ୟ ସାମଗ୍ରୀରେ ଚଳିତ ବର୍ଷ ମାର୍ଚ୍ଚରେ ମୁଦ୍ରାସ୍ଫୀତି ୮.୭୬% ରହିଛି। ଏହାର ପୂର୍ବ ମାସରେ ଉକ୍ତ ବର୍ଗରେ ମୁଦ୍ରାସ୍ଫୀତି ୧୦.୮୧% ରହିଥିଲା ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ସିପିଆଇ ଡାଟାରୁ ସାମ୍ନାକୁ ଆସିଛି।

# ପାସେଞ୍ଜର ଯାନ ବିକ୍ରି ୫୧% କମିଲା

ନୂଆଦିଲ୍ଲୀ,୧୩।୪

ସାରା ଦେଶରେ ୨୧ ଦିନିଆ ଲକ୍ଡାଉନ ପାଇଁ ପାସେଞ୍ଜର ଯାନ ବିକ୍ରି ୫୧% କମିଛି। ସଂକ୍ରମଣ ଭୟରେ ଲୋକମାନେ ଏବେ ଘରୁ ବାହାରକୁ ବାହାରୁ ନାହାନ୍ତି। ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚରର(ସିଆମ୍) ଡାଟା ମୁତାବକ ଏହି ବର୍ଗରେ ଯାନ ବିକ୍ରି ୧.୪୩ ଲକ୍ଷ ୟୁନିଟକୁ ଖସିଛି। ୨୦୧୯ ମାର୍ଚ୍ଚର ସାରା ଦେଶରେ ପାସେଞ୍ଜର ଯାନ ବିକ୍ରି ୨.୯୧ ଲକ୍ଷ କୋଟି ଟଙ୍କା ରହିଥିଲା। ଏହାବାଦ ଚଳିତ ବର୍ଷ ମାର୍ଚ୍ଚରେ ବାଣିଜ୍ୟିକ ଯାନ ବିକ୍ରିରେ ୮୮.୯୫%ଖସିବା ସହ ୧୩.୦୨୭ ୟୁନିଟ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧.୦୯ ଲକ୍ଷ ୟୁନିଟ ଥିଲା। ୨୦୧୯ ମାର୍ଚ୍ଚରେ ୨ ଚକିଆ ଯାନ ବିକ୍ରି ୩୯.୩୮% ଖସି ୮.୬୬ ଲକ୍ଷ ୟୁନିଟ ରହିଛି। ୨୦୧୯ ମାର୍ଚ୍ଚରେ ଏହା ୧୪.୪୦ ଲକ୍ଷ ୟୁନିଟ ରହିଥିଲା।

ସବୁ ବର୍ଗରେ ଯାନ ବିକ୍ରି ୪୪.୯୫% ଖସିଥିବା ବେଳେ ଏହା ୧୦.୫ ଲକ୍ଷ ୟୁନିଟ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୯ ଲକ୍ଷ ୟୁନିଟ ରହିଥିଲା। ଭାରତୀୟ ଅଟୋମୋବାଇଲ ଶିଳ୍ପ ଲାଗି ୨୦୧୯ ମାର୍ଚ୍ଚ ସବୁଠାରୁ ଚ୍ୟାଲେଞ୍ଜିଂ ସମୟ ବୋଲି ସିଆମ୍ର ସଭାପତି ରାଜନ ୱାଧେରା ସୂଚନା ଦେଇଛନ୍ତି। ୱାର୍କିଂ କ୍ୟାପିଟାଲ ଆବଶ୍ୟକତା ଏବଂ ଫିକ୍ସ କଷ୍ଟ ଉଠାଇବା ଲାଗି ଏବେ ଓଇଏମ୍ଗୁଡିକ ଅନେକ ସମସ୍ୟା ସାମ୍ନା କରୁଛନ୍ତି। ଲକ୍ଡାଉନ ଜନିତ ବନ୍ଦ ଯୋଗୁ ଅଟୋ ଶିଳ୍ପ ଦୈନିକ ୨,୩୦୦ କୋଟି ଟଙ୍କାର ଉତ୍ପାଦନ କାରବାର ହରାଉଛି। ଅଟୋ ଶିଳ୍ପ ଉପରେ କୋଭିଡ୍ ପ୍ରଭାବ କମ୍ କରିବା ଲାଗି ସରକାରଙ୍କ ସହ ଆଲୋଚନା ହେଉଥିବା ୱାଧେରା କହିଛନ୍ତି। ଚାହିଦା ଏବଂ ଯୋଗାଣକୁ କୋଭିଡ୍-୧୯ କ୍ଷତିଗ୍ରସ୍ତ କରିଥିବା ବେଳେ ଅଟୋସେକ୍ଟରର ଅଭିବୃଦ୍ଧିକୁ ଫେରାଇ ଆଣିବା ଲାଗି ଫାଇନାନ୍ସର ଆବଶ୍ୟକତା ରହିଥିବା ସେ ମତ ପ୍ରକାଶ କରିଛନ୍ତି।



## ସହାୟତା ଲୋଡ଼ିଲା ଅଟୋ ଡିଲର ସଂଘ

ଲକ୍ଡାଉନ ପାଇଁ ହୋଇଥିବା କ୍ଷତିର ଭରଣା କରିବାକୁ ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ପ୍ରଧାନମନ୍ତ୍ରୀଙ୍କ ସହାୟତା ଲୋଡିଛି । ଏ ନେଇ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଏକ ଚିଠି ଲେଖାଯାଇଛି। ଲକ୍ଡାଉନ ସମୟରେ ବ୍ୟାଙ୍କ ଏବଂ ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡିକରୁ ନିଆଯାଇଥିବା ସବୁ ବର୍ଗର ଋଣ ଉପରେ ସମ୍ପୂର୍ଣ୍ଣ ସୁଧ ଛାଡ କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଲକ୍ଡାଉନ ପରେ ଆଗାମୀ ୯ ମାସ ପର୍ଯ୍ୟନ୍ତ ସୁଧଛାଡ, ୱାର୍କିଂ କ୍ୟାପିଟାଲ ସବ୍ସିଡି, ଋଣ ଆବଶ୍ୟକତା ଉପରେ ସୁଧ ରିହାତି ପ୍ରଦାନ କରିବାକୁ ସଂଘର ୧୫ ହଜାର ଅଟୋମୋବାଇଲ ଡିଲରଙ୍କ ସଂଘ ନିବେଦନ କରିଛି। ଲକ୍ଡାଉନ ସମୟରେ ଡିଲରଶିପରେ କାମ କରୁଥିବା ଲୋକଙ୍କ ବେତନ ସରକାର ଦିଅନ୍ତୁ ବୋଲି ଏହା ଚିଠିରେ ଉଲ୍ଲେଖ କରିଛି। ଅଟୋମୋବାଇଲ ଉପରେ ଜିଏସ୍ଟି ହ୍ରାସ, ସ୍କ୍ରାପ ନୀତିରେ ରିହାତି ଏବଂ ଏହି କ୍ଷେତ୍ରକୁ ଅଗ୍ରାଧିକାର କ୍ଷେତ୍ର ଟ୍ୟାଗ୍ ଭଳି ଦାବି ରହିଛି। କ୍ଷେତ୍ର ୧୫ ମାସ ଧରି ମାନ୍ଦାବସ୍ଥାର ଶିକାର ହୋଇଥିବା ବେଳେ ଏବେ ୨୭୫ ଡିଲରଶିପ ବନ୍ଦ ହୋଇଛି। ଡିଲରଶିପ ସହ ଅନେକ ଲୋକଙ୍କ ଜୀବିକା ଜଡିତ ଥିବାରୁ କ୍ଷେତ୍ରକୁ ସରକାର ସହାୟତା ଯୋଗାଇଦେବାର ଆବଶ୍ୟକତା ରହିଛି ବୋଲି ଫାଡାର ସଭାପତି ଆଶିଷ ହର୍ସରାଜ କାଲେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ନବଜାତ ଶିଶୁ କନ୍ୟା ଉଦ୍ଧାର

କଟକ ଅଫିସ୍, ୧୩।୪-ଲକ୍‌ଡାଉନ୍ ପାଇଁ ସବୁଆଡ଼େ ଶୂନ୍‌ଶାନ୍। ପ୍ରମୁଖ ଛକ ଏବଂ ରାସ୍ତାଘାଟରେ ପୋଲିସର କଡ଼ା ପାଟ୍ରୋଲିଂ। ଏଭଳି ସମୟରେ ରାସ୍ତା କଡ଼ାରୁ ଏକ ନବଜାତ ଶିଶୁ କନ୍ୟା ଉଦ୍ଧାର ହେବା ଘଟଣା କଟକରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନରେ ମର୍କତନଗର ଥାନା ଆଇଆଇସି ରବୀନ୍ଦ୍ରନାଥ ମେହେର ଅନ୍ୟ ଷ୍ଟାଫ୍‌ମାନଙ୍କ ସହ ସିଡିଏ ରିଙ୍ଗ୍‌ରୋଡ୍ ସେକ୍ଟର-୮ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ରାସ୍ତା କଡ଼ରୁ ଜଣେ ନବଜାତ ଶିଶୁର କାନ୍ଦ ଶୁଣାଯାଇଥିଲା। ପାଖକୁ ଯାଇ ଦେଖିଲା ବେଳକୁ, ଏକ କନ୍ୟା ଶିଶୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ି କାନ୍ଦୁଥାଏ। ତୁରନ୍ତ ତାକୁ ଉଦ୍ଧାର କରାଯାଇ କଟକ ଶିଶୁ ଭବନରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ ସୁସ୍ଥ ଥିବା ଜଣାପଡ଼ିଥିଲା। ତେବେ ଲକ୍‌ଡାଉନ୍ ସମୟରେ କିଏ ଏହି ଶିଶୁଟିକୁ ଚାଡ଼ି ଚାଲିଯାଇଛନ୍ତି ପୋଲିସ ସେନେଇ ତଦନ୍ତ କରୁଛି।

### ବରିଷ୍ଠ ପ୍ରଶାସକ ଦୁର୍ଗା ପ୍ରସାଦ ବେହେରାଙ୍କ ପରଲୋକ

ଭୁବନେଶ୍ୱର,୧୩।୪: ପ୍ରାକ୍ତନ ବରିଷ୍ଠ ପ୍ରଶାସକ ଦୁର୍ଗା ପ୍ରସାଦ ବେହେରା(୬୫)ଙ୍କର ରବିବାର ଭୁବନେଶ୍ୱର ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ କେନ୍ଦ୍ରାପଡା ଜିଲାପାଳ ତଥା ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟ କରିଥିଲେ। ସେ ଜଣେ ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ସେ 'ବାଣୀବିହାର ୭୭'ର ବରିଷ୍ଠ ଉପଦେଷ୍ଟା ଥିଲେ। ତାଙ୍କ ମୃତ୍ୟୁରେ ଅନୁଷ୍ଠାନ ସଭାପତି ଦାମୋଦର ପଧାନୀ, କାର୍ଯ୍ୟକାରୀ ସଭାପତି ଅମିୟ କୁମାର ମହାନ୍ତି, ସାଧାରଣ ସମ୍ପାଦକ ବେଣୁଧର ରାଉତ ଏବଂ ଉପସଭାପତି ଶାନ୍ତି ମିଶ୍ର ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

### କଟକଣାକୁ ଫୁ

ଚୌଦ୍ୱାର,୧୩।୪(ଡି.ଏନ୍.ଏ.): କରୋନା ଭୂତାଣୁ ରୋକିବାକୁ ଲକ୍‌ଡାଉନରେ ଚାଲିଛି। ହେଲେ କେତେଜଣ ଯୁବକ ଓ ବୟସ୍କ ଲୋକେ ସନ୍ଧ୍ୟା ହେଲେ ଲୁଡୁ ଓ ତାସ୍ ଖେଳରେ ମଜି ରହୁଛନ୍ତି। ଏଭଳି ଦେଖିବାକୁ ମିଳିଛି ଚୌଦ୍ୱାର ପୌରପାଳିକାର ୧୭ ନଂ. ୱାର୍ଡ ନୂଆସାହିରେ। ସେମାନେ ସାମାଜିକ ଦୂରତା ଅମାନ୍ୟ କରି ଗାଁ ମଣ୍ଡପରେ ଖଟି କରିବା ସହ ମୋବାଇଲରେ ମୁହଁକୁ ମୁହଁ ଯୋଡି ଲୁଡୁ ଖେଳୁଛନ୍ତି। ବୟସ୍କ ବ୍ୟକ୍ତିମାନେ ତାସ୍ ଖେଳୁଥିବା ଦେଖିବାକୁ ମିଳୁଛି। ସାହି ପଡିଶାଙ୍କ ବାରଣ ସତ୍ତ୍ୱେ ସେମାନେ ସମସ୍ତଙ୍କୁ ବେଖାତିର କରୁଛନ୍ତି। ଚୌଦ୍ୱାର ପୋଲିସ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# କରୋନା ପାଇଁ କମିଲା ବିଏମ୍‌ସିର ରାଜସ୍ୱ

## ଲକ୍‌ଡାଉନ୍ ପାଇଁ ପ୍ରଭାବିତ ହେଲା କ୍ଷେତ୍ରସ୍ତରୀୟ ଆଦାୟ

- ଫନୀ ପରେ କରୋନା ମାଡ, ଛୁଇଁଲାନି ୧୦୦ କୋଟି
- ପୁନର୍ବାର ହୋଇପାରେ ବଜେଟ ଆକଳନ

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

୨୦୧୯-୨୦ ଆର୍ଥିକ ବର୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ରାଜସ୍ୱ ଆଦାୟ ଲକ୍ଷ୍ୟ ଅପେକ୍ଷାକୃତ ହ୍ରାସ ପାଇଛି। ବିଏମ୍‌ସି ୨୦୧୯-୨୦ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୫୦ କୋଟିର ରାଜସ୍ୱ ଲକ୍ଷ୍ୟ ରଖିଥିଲା। ହେଲେ ରାଜସ୍ୱ ୧୦୦ କୋଟି ଛୁଇଁ ପାରି ନାହିଁ। ଗତବର୍ଷ ବାତ୍ୟା ଫନୀରେ ପୁନରୁଦ୍ଧାର କାର୍ଯ୍ୟ ଓ ମାର୍ଚ୍ଚରୁ କରୋନା ମୁକାବିଲା କରିବାରେ ବିଏମ୍‌ସି କର୍ମଚାରୀ ବ୍ୟସ୍ତ ଥିବା ବେଳେ ରାଜସ୍ୱ ଆଦାୟ ଆଶାତୀତ ହ୍ରାସ ପାଇଛି। ବିଜ୍ଞାପନ, ହୋଲ୍ଡିଂ ଟିକସ, ଟ୍ରେଡ ଲାଇସେନ୍ସ ଅର୍ଥ, ପାର୍କିଂ, ଏନଓସି, ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଟିକସ ଆଦାୟ କରି ବିଏମ୍‌ସି ନିଜ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଥିଲା। ହେଲେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏସମସ୍ତ କ୍ଷେତ୍ରରୁ ମୋଟ ପ୍ରାୟ ୯୦ରୁ ୯୫ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିବା ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।

ସୂଚନା ମୁତାବକ, ଗତବର୍ଷ ପାଖାପାଖି ୩ ୫ କୋଟିର ହୋଲଡିଂ ଟିକସ ଆଦାୟ ହୋଇଥିବାବେଳେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ହୋଲଡିଂ ଟିକସ ଆଦାୟ ହୋଇଛି। ପ୍ରାୟ ୧୦ କୋଟି ଟଙ୍କା ହୋଲ୍ଡିଂ ଟିକସ ବକେୟା ପଡ଼ିଛି। ସେହିପରି ଟ୍ରେଡ୍ ଲାଇସେନ୍ସ, ପାର୍କିଂ ଫି ଓ ମାର୍କେଟ ଭଡ଼ାରୁ ଟିକସ ଆଦାୟ ହୋଇପାରିନାହିଁ। କରୋନା ପାଇଁ ଟିକସ ଅସୁଲ ଅଧିକରାରୀମାନେ କ୍ଷେତ୍ରସ୍ତରକୁ ଯାଇପାରିନାହାନ୍ତି। ଏପରିକି କିନ୍ନରମାନେ ମଧ ଘର ଘର ବୁଲି ବକେୟା ହୋଲଡିଂ ଟିକସ ଆଦାୟ କରିବା ବନ୍ଦ କରିଦେଇଛନ୍ତି। ଯେଉଁଥିପାଇଁ ଟିକସ ଆଦାୟ ହ୍ରାସ ପାଇଛି ବୋଲି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି।

ବିଏମ୍‌ସି ମୁଖ୍ୟ ବିତ୍ତ ଅଧିକାରୀ ଲାବଣ୍ୟ ସବର କହିଛନ୍ତି, ଟିକସ ଆଦାୟକୁ ବିଏମ୍‌ସି କମିଶନର ଅଧିକ ଗୁରୁତ୍ୱ ଦେଇଥିଲେ। ଟିକସ ଆଦାୟ ପାଇଁ ବିଏମ୍‌ସି ଭୁବନେଶ୍ୱରର ବିଭିନ୍ନ ସଂସ୍ଥା ସହ ଚୁକ୍ତି ମଧ୍ୟ କରିଥିଲା। ମାର୍ଚ୍ଚ ମାସ ଯାହାକି ମୁଖ୍ୟ ଟିକସ ଆଦାୟ ମାସ ସେଥିରେ କରୋନା ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଟିକସ ଆଦାୟ ଲକ୍ଷ୍ୟଚ୍ୟୁତ ହୋଇଛି ବୋଲି ସେ କହିଛନ୍ତି।

ରାଜସ୍ୱ ଆଦାୟକୁ ନେଇ ବିଏମ୍‌ସି ରାଜସ୍ୱ ବିଭାଗର ଜନୈକ ଅଧିକାରୀ କହିଛନ୍ତି, କରୋନା ପ୍ରଭାବ ସିଧାସଳଖ ଏବେ ବିଏମ୍‌ସିର ଟିକସ ସଂଗ୍ରହ ଉପରେ ପଡ଼ିଛି। ସାମାଜିକ ଦୂରତ୍ୱ ରକ୍ଷା କରିବା ଲକ୍ଷ୍ୟରେ ଟିକସଦାତାଙ୍କୁ କାର୍ଯ୍ୟାଳୟ ନ ଆସି ଅନଲାଇନ୍ ମାଧ୍ୟମରେ ଟିକସ ପୈଠ କରିବାକୁ ବିଏମ୍‌ସି ସୂଚିତ କରିଥିଲା। ହେଲେ ଆଶାନୁଯାୟୀ ଫଳ ମିଳିଲା ନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଆର୍ଥିକ ବର୍ଷ ୨୦୨୦-୨୧ରେ ବିଏମ୍‌ସିର ବଜେଟ୍ ୭୦୦ କୋଟି ଛୁଇଁବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଗତବର୍ଷ ଅର୍ଥାତ ୨୦୧୯-୨୦ରେ ବିଏମସିର ବଜେଟ୍ ୪୬୧ କୋଟି ଟଙ୍କା ଥିବାବେଳେ ଚଳିତ ବର୍ଷ ୨୩୯ କୋଟି ଟଙ୍କା ଅଧିକ ହେବା ଆକଳନ ହୋଇଥିଲା। ଏବେ ରାଜସ୍ୱ ଆଦାୟ ହ୍ରାସ ପାଇଥିବାବେଳେ ବଜେଟ ପାଇଁ ବିଏମ୍‌ସି ପୁଣିଥରେ ଅଙ୍କ କଷିବ। ମୁଖ୍ୟତଃ 'ଫନୀ' ଏବଂ 'କରୋନା' ପାଇଁ ବିଏମ୍‌ସିର ରାଜସ୍ୱ ଆଦାୟ ଏକ ପ୍ରକାର ବନ୍ଦ ହୋଇପଡ଼ିଥିବାବେଳେ ଚଳିତବର୍ଷ ବିଭିନ୍ନ ବିଭାଗୀୟ ଖର୍ଚ୍ଚରେ କାଟଛାଣ୍ଟ କରିପାରେ ବୋଲି ଅନୁମାନ କରାଯାଉଛି।

### ଆଜିଠୁ ବସ୍ତିବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ଭୁବନେଶ୍ୱରରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ଏହି କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ରାଜଧାନୀର ୩୭୦ ଅଙ୍ଗନୱାଡ଼ି କେନ୍ଦ୍ରର ତଥ୍ୟ ଅନୁସାରେ ବସ୍ତିରୁ ବସ୍ତି ବୁଲି ଏହି ଯାଞ୍ଚ କରାଯିବ। ଏ ନେଇ ଭୁବନେଶ୍ୱରରେ ୩୭୦ ଟିମ୍ ଗଠନ କରାଯିବା ସହ ପ୍ରତ୍ୟେକ ଟିମ୍‌ରେ ଜଣେ ଲେଖାଏ ଅଙ୍ଗନୱାଡ଼ି, ଆଶା କର୍ମୀ ଓ ମହିଳା ଆୟୋଗ ସମିତିକୁ ରଖାଯାଇଛି। ବିଏମ୍‌ସି ପରିମଳ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ ସମ୍ପୃକ୍ତ କାର୍ଯ୍ୟର ତଦାରଖ କରିବେ ବୋଲି ସୋମବାର ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।



## ସୁନ୍ଦରପଦା, ଯଦୁପୁରରୁ ହଟିଲା ଆବଦ୍ଧାଞ୍ଚଳ କଟକଣା

ଭୁବନେଶ୍ୱର, ୧୩।୪(ବ୍ୟୁରୋ): କରୋନା ଭାଇରସ୍ ସଂକ୍ରମଣ ରୋକିବାକୁ ଭୁବନେଶ୍ୱରର ୫ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ବା ଆବଦ୍ଧାଞ୍ଚଳ ଘୋଷଣା କରାଯିବା ସହ କଟକଣା ଲାଗୁ କରାଯାଇଥିଲା। ତେବେ ସୋମବାର ଦୁଇଟି ଅଞ୍ଚଳ ସୁନ୍ଦରପଦା ଓ ଯଦୁପୁର-ବେଗୁନିଆରୁ ଆବଦ୍ଧାଞ୍ଚଳ କଟକଣା ହଟାଇ ଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ନିୟୋଜିତ ଡାକ୍ତରୀ ଟିମ୍‌ଙ୍କ ସର୍ଭେ ଓ ପରୀକ୍ଷା ରିପୋର୍ଟ ଆସିବା ପରେ ଏହି ପଦକ୍ଷେପ ନିଆଯାଇଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡାକ୍ତରୀ ଟିମ୍ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ନମୁନା ସଂଗ୍ରହ କରିଥିଲା। କୌଣସି ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା ଉକ୍ତ ଟିମ୍ ସ୍ପଷ୍ଟ କରିଛି। ହେଲେ ଏହା ପରେ ବି ୭ ଦିନ ଯାଏ ଉକ୍ତ ଅଞ୍ଚଳ ଉପରେ ନଜର ରହିବ ଓ ଆବଶ୍ୟକ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯିବ। ଶେଷରେ ଆଉଥରେ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଆସନ୍ତା ୩୦ ତାରିଖ ଯାଏ ରାଜ୍ୟ ସରକାର ଲକ୍‌ଡାଉନ୍ ଜାରି ରଖିଥିବାରୁ ଜରୁରୀ ନ ଥିଲେ ବାହାରକୁ ବାହାରନ୍ତୁ ନାହିଁ। ଘରେ ରହି ନିଜକୁ ଓ ପରିବାରକୁ ସୁରକ୍ଷିତ ରଖନ୍ତୁ। ତେବେ ଆବଦ୍ଧାଞ୍ଚଳ କଟକଣାବେଳେ ଉଭୟ ଅଞ୍ଚଳର ଲୋକେ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିବାରୁ କମିଶନର ଚୌଧାରୀ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୱାର୍ଡ ନଂ. ୬୭ ଅନ୍ତର୍ଗତ ସୁନ୍ଦରପଦାସ୍ଥିତ କପିଳପ୍ରସାଦରୁ ରାଜ୍ୟର ୨୨ତମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଯଦୁପୁର ଅଞ୍ଚଳରୁ କେତେଜଣ ବ୍ୟକ୍ତି ସମ୍ପୃକ୍ତ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଆଶଙ୍କା କରି ଆପାତକାଳୀନ ସ୍ଥିତିରେ ସୁନ୍ଦରପଦା ଅଞ୍ଚଳ ସହ ୱାର୍ଡ ନଂ.୬୪ ସ୍ଥିତ ଯଦୁପୁର ଓ ବେଗୁନିଆ ଅଞ୍ଚଳକୁ ଗତ ୫ ତାରିଖରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇ ସିଲ୍ କରିଦିଆଯାଇଥିଲା। ଜନହିତ ପାଇଁ ବିଏମ୍‌ସି ଏହି ପଦକ୍ଷେପ ନେଇଥିବା ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଥିଲା।




### ଶ୍ରୀଲିଙ୍ଗରାଜ ମାର୍କେଟରେ ସାମାଜିକ ଦୂରତ୍ୱ ଅମାନ୍ୟ

ଭୁବନେଶ୍ୱର, ୧୩।୪(ବ୍ୟୁରୋ): କରୋନା ସଂକ୍ରମଣକୁ ଏଡ଼ାଇବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଲୋକଙ୍କୁ ସଚେତନ କରିବାରେ ଲାଗିପଡିଛି। ହେଲେ ହାଟଗୁଡିକରେ ସାମାଜିକ ଦୂରତ୍ୱକୁ ବ୍ୟବସାୟୀ ଓ ଲୋକେ ଅମାନ୍ୟ କରି ଗହଳି କରୁଛନ୍ତି। ବିଏମ୍‌ସି ରାଜଧାନୀର ମୁଖ୍ୟ ହାଟକୁ ୬୮ ଭାଗରେ ବିଭକ୍ତ କରି ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ମାର୍କେଟ ଖୋଲିଛି। ପ୍ରତ୍ୟେକ ଦିନ ଶ୍ରୀଲିଙ୍ଗରାଜ ମାର୍କେଟରେ ପୁରୁଣା ଭୁବନେଶ୍ୱରର ଲୋକେ ଓ ବ୍ୟବସାୟୀମାନେ ଖୋଲାଖୋଲି ଭାବେ ସାମାଜିକ ଦୂରତ୍ୱ ନିୟମକୁ ଉଲ୍ଲଂଘନ କରୁଛନ୍ତି। ଏଭଳି ଅସାବଧାନତା କରୋନା ସଂକ୍ରମଣକୁ ପ୍ରୋତ୍ସାହନ ଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଶ୍ରୀଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସର ପାର୍କିଂ ସ୍ଥଳରେ ବିଏମ୍‌ସି ଦ୍ୱାରା ଅସ୍ଥାୟୀ ମାର୍କେଟ କରାଯାଇଛି। ଉକ୍ତ ମାର୍କେଟରେ ସାମାଜିକ ଦୂରତ୍ୱ ପାଳନ ହେଉଛି କି ନାହିଁ ସେନେଇ ଯାଞ୍ଚ କରିବାକୁ ଜଣେ ଲେଖାଏ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସମ୍ପୃକ୍ତ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଗହଳି ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ବିଏମ୍‌ସି ଆଡିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ଯଦି ଏପରି ହେଉଥିବ, ତାହା ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ ସହ ଟ୍ରେଡ୍ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ସେ କହିଛନ୍ତି।

## ଜୟରାମପୁର, ମିର୍ଜାପୁରରୁ ଉଠିଲା କଣ୍ଟେନ୍‌ମେଣ୍ଟ

କଟକ ଅଫିସ/ନିଶ୍ଚିନ୍ତକୋଇଲି(ସ୍ୱ.ପ୍ର.),୧୩।୪

ଯାଜପୁର ଜିଲା ବ୍ରହ୍ମବରଦାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେ କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ୍‌ର ଜୟରାମପୁର ପଞ୍ଚାୟତର ୧ ନଂ. ୱାର୍ଡ଼ ଏବଂ ସାଲେପୁର ତହସିଲ୍ ମିର୍ଜାପୁର ପଞ୍ଚାୟତର ୧୨ ଏବଂ ୧୩ ନଂ. ୱାର୍ଡ଼କୁ ବୁଲିବାକୁ ଆସିବା ଯୋଗୁ ଗତ ୫ ତାରିଖରେ ଏହି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିଲା। କଟକ ଜିଲାପାଳଙ୍କ ପକ୍ଷରୁ ଏହି ଘୋଷଣା ହେବା ପରେ ଅଞ୍ଚଳକୁ ସିଲ୍ କରି ଦିଆଯାଇଥିଲା। ତେବେ ଚିହ୍ନଟ ବ୍ୟକ୍ତି ଜଣଙ୍କ ସୁସ୍ଥ ହେବା ଏବଂ ଅଞ୍ଚଳରେ ଆଉ ନୂଆ ଆକ୍ରାନ୍ତ ଚିହ୍ନଟ ନ ହେବା ଯୋଗୁ ଏହି ୩ଟି ୱାର୍ଡ଼ରୁ କଣ୍ଟେନ୍‌ମେଣ୍ଟକୁ ସୋମବାର ହଟାଇ ଦିଆଯାଇଛି। କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ସୋମବାର ଏନେଇ ସୂଚନା ଦିଆଯାଇଛି। ଏପ୍ରିଲ୍ ୩ରେ ଯାଜପୁର ଜିଲା ବ୍ରହ୍ମବରଦା ଅଞ୍ଚଳର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଚିହ୍ନଟ ବ୍ୟକ୍ତି ଜଣକ ମାର୍ଚ୍ଚ ୨୧ରୁ ଜୟରାମପୁର ଏବଂ ମିର୍ଜାପୁର ଅଞ୍ଚଳକୁ କୌଣସି କାମରେ ବହୁଥର ଆସିଥିଲେ। ଏଣୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କାରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟିନୀ ଉକ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରିଥିଲେ। ଅଞ୍ଚଳରେ ସ୍ୱାସ୍ଥ୍ୟ ଯାଞ୍ଚ ସହ ୨୪ ଜଣଙ୍କ ନମୁନା ସଂଗ୍ରହ ଏବଂ ପରୀକ୍ଷା କରାଯାଇଥିଲା। ହେଲେ ସମସ୍ତ ନମୁନା ନେଗେଟିଭ୍ ରହିଥିଲା। ସଂକ୍ରମଣ ଆଶଙ୍କା ନ ଥିବା ଯୋଗୁ ସୋମବାର କଣ୍ଟେନ୍‌ମେଣ୍ଟକୁ ହଟାଇ ଦିଆଯାଇଛି। ଏହି ଅଞ୍ଚଳରେ ଏବେ ଲକ୍ ଡାଉନ ବଳବତ୍ତର ରହିବ ବୋଲି ନିଶ୍ଚିନ୍ତକୋଇଲି ତହସିଲଦାର ଜିତେନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।



ଶ୍ରୀମନ୍ଦିରରୁ ଶ୍ରୀହନୁମାନଙ୍କୁ ଜଗନ୍ନାଥବଲ୍ଲଭକୁ ବିଜେ କରାଯାଉଛି।

## ଶ୍ରୀମନ୍ଦିରରେ ପଣା ସଂକ୍ରାନ୍ତି ନୀତି

ପୁରୀ ଅଫିସ,୧୩।୪

ଶ୍ରୀମନ୍ଦିରରେ ପଣା ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ମହାପ୍ରଭୁଙ୍କ ଏକ ପର୍ବଯାତ୍ରା ରୂପେ ପାଳନ କରାଯାଇଥାଏ। ସୋମବାର ଶ୍ରୀମନ୍ଦିରରେ ପଣା ସଂକ୍ରାନ୍ତି ନୀତି ସମ୍ପନ୍ନ ହୋଇଛି। ଦୈନନ୍ଦିନ ନୀତି ଅନୁଯାୟୀ, ଦ୍ୱାରଫିଟା, ମଙ୍ଗଳ ଆଳତି, ଅବକାଶ, ବେଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ଗୋପାଳବଲ୍ଲଭ ନୀତି ହୋଇ ସକାଳ ଧୂପ ସରିଥିଲା। ସକାଳ ଧୂପ ନୀତି ପରେ ଦକ୍ଷିଣୀଘରୁ ଶ୍ରୀମହାବୀର ରତ୍ନସିଂହାସନକୁ ବିଜେ କରିଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ବିମାନରେ ବିଜେ ହୋଇଥିଲେ। ଘଣ୍ଟ, ଛତା, କାହାଳୀ ସହିତ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଣିଥିବା ଆଜ୍ଞାମାଳ ଚାରିଦ୍ୱାର ମହାବୀର ଏବଂ ବାରଭାଇ ମହାବୀରଙ୍କୁ ପ୍ରଦାନ କରିଥିଲେ। ଏହାପରେ ବିମାନ ବଡୁମାନେ ଶ୍ରୀହନୁମାନଙ୍କୁ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଶ୍ରୀଜଗନ୍ନାଥ ବଲ୍ଲଭ ସୁଗ୍ରୀବ ମହାବୀରଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ସେଠାରୁ ଘଣ୍ଟ, ଛତା, କାହାଳୀ ସହିତ ପଟ୍ଟଆରରେ ଯାଇ ପୂଜାପଣ୍ଡା ଦରିଆ ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ସେଠାରୁ ଫେରିବା ପରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଶ୍ରୀହନୁମାନଙ୍କୁ ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥିଲା। ଶ୍ରୀହନୁମାନ ବାହଡ଼ା ବିଜେ କରି ଦକ୍ଷିଣଘରକୁ ଫେରିଥିଲେ। ଅନ୍ୟପକ୍ଷରେ ଆଜ୍ଞାମାଳ ପାଇ ଶ୍ରୀହନୁମାନ ଯାଇ ସାରିବା ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ଅଙ୍ଗନୱାଡ଼ି କର୍ମୀ ସାଜିଛନ୍ତି ପଦାତିକ ସୈନ୍ୟ

### ଦୁଇ ମହିଳା ସମ୍ମାନିତ, ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ରାଜ୍ୟରେ ୭୨,୫୦୦ ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ଓ ସହାୟିକା କାମ କରୁଛନ୍ତି। ସାଧାରଣ ସମୟରେ ଅଙ୍ଗନୱାଡ଼ି ଦିଦିଙ୍କ ସ୍ନେହ, ଭଲପାଇବା, ସେବା ଓ ଦୈନନ୍ଦିନ ତତ୍ତ୍ୱାବଧାନରେ ଲକ୍ଷଲକ୍ଷ ଶିଶୁ ଓ ଗର୍ଭବତୀ ମା' ସୁସ୍ଥ ତଥା ସୁନ୍ଦର ଜୀବନ ବିତାଉଛନ୍ତି। ବର୍ତ୍ତମାନ ହେଉଛି ଅସାଧାରଣ ସମୟ। ଏଭଳି ପରିସ୍ଥିତିରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ଥିଲେ ମଧ ସେମାନଙ୍କ କାମ ବନ୍ଦ ହୋଇନାହିଁ। ଲକ୍‌ଡାଉନ୍ ଘୋଷଣା ପରେ ସ୍ୱଳ୍ପ ସମୟ ମଧ୍ୟରେ ଏହି ଅଙ୍ଗନବାଡ଼ି କର୍ମୀ ରାଜ୍ୟର ୪୧,୨୭,୦୫୦ ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କୁ ଶୁଖିଲା ରାଶନ, ଅଣ୍ଡା (ସାପ୍ତାହିକ) ସେମାନଙ୍କ ଘରେ ପହଞ୍ଚାଉଛନ୍ତି। ତେଣୁ ସୋମବାର ସେମାନଙ୍କୁ ସମ୍ମାନ ଜଣାଇବା ସହ ସାବାସି କରିଛନ୍ତି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ। ଏହି ଅବସରରେ ସେ ଦୁଇଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ସମ୍ମାନିତ କରିଛନ୍ତି।

ଜଣେ ହେଉଛନ୍ତି ରମା ସାହୁ। ଗଞ୍ଜାମ ଜିଲା ହିଞ୍ଜିଳିକାଟୁର ଏହି ମହିଳା ଜଣକ କର୍କଟ ରୋଗକୁ ଜୟ କରିଛନ୍ତି। ନିଜର ଦୁଇଟି ଶିଶୁଙ୍କ ଅସ୍ୱାଭାବିକ ମୃତ୍ୟୁ ପରେ ପୁତୁରାଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଛନ୍ତି। ଏହାସତ୍ତ୍ୱେ ବର୍ତ୍ତମାନ ସେ ଏବେ ୨୦୧ ଘରକୁ ଘର ବୁଲି ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ବାଣ୍ଟୁଛନ୍ତି। କୋଭିଡ୍-୧୯ ଯୁଦ୍ଧରେ ୨୪ଘଣ୍ଟା ଗ୍ରାମବାସୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବୋଲି ବାଗ୍‌ଚୀ କହିଛନ୍ତି।

ସେହିପରି ଅନ୍ୟ ଜଣେ ଅଙ୍ଗନୱାଡ଼ି କର୍ମୀ ହେଉଛନ୍ତି ଧନମତୀ ଗଦୱା। କୋରାପୁଟ ଜିଲା ଦଶବନ୍ତପୁରର ଏହି ମହିଳା ନିଜେ ସଚେତନତା କରିବା ସହ ଅନ୍ୟ ଝିଅମାନଙ୍କୁ ମଧ ଏଥିରେ ସାମିଲ୍ କରିଛନ୍ତି। ଗ୍ରାମବାସୀଙ୍କୁ ହାତ ଧୋଇବା ଓ ସାମାଜିକ ଦୂରତ୍ୱ ବଜାୟ କିପରି ରଖାଯାଇପାରିବ ତାହା ଶିଖାଉଛନ୍ତି। ନିଜ ପରିବାରରେ ୫ଜଣ ଅଛନ୍ତି। କିନ୍ତୁ ନିଜକଥା ଛାଡ଼ି ଖରାରେ ବୁଲି ଦାୟିତ୍ୱରେ ଥିବା ୬୯ଟି ଶିଶୁ ଓ ଗର୍ଭବତୀ ମହିଳାଙ୍କ କଥା ନିୟମିତ ବୁଝୁଛନ୍ତି। ତେଣୁ ବର୍ତ୍ତମାନ ଭଳି ଅସାଧାରଣ ସମୟରେ ସେମାନେ ଯେଉଁଭଳି କାର୍ଯ୍ୟ ତୁଲାଉଛନ୍ତି ତାହା ପ୍ରଶଂସାଯୋଗ୍ୟ। କୋଭିଡ୍ ଯୁଦ୍ଧରେ ଅଙ୍ଗନୱାଡ଼ିର କର୍ମୀମାନେ ପଦାତିକ ସୈନ୍ୟ ସାଜିଛନ୍ତି ବୋଲି ବାଗ୍‌ଚୀ କହିଛନ୍ତି।

ସ୍ୱତନ୍ତ୍ର ତାଲିମପ୍ରାପ୍ତ ଅଙ୍ଗନୱାଡ଼ି କର୍ମୀ ବା ସହାୟିକା ପ୍ରତି ଘରେ ସଚେତନତା ସୃଷ୍ଟି, ଗାଁ ଫେରନ୍ତାଙ୍କୁ ଚିହ୍ନଟ କରି ସଙ୍ଗରୋଧରେ ନିମନ୍ତେ ପ୍ରବର୍ତ୍ତାଇବା, ଆଶାକର୍ମୀଙ୍କ ସହ ସମନ୍ୱୟ ରକ୍ଷା କରି ଡାଟାବେସ୍ ତିଆରି କରିବା, ପିଡିଏସ୍ ସାମଗ୍ରୀ ଓ ଭତ୍ତା ବଣ୍ଟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେମାନଙ୍କ ଉତ୍ସର୍ଗୀକୃତ କର୍ତ୍ତବ୍ୟନିଷ୍ଠାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ତାରାମଣୀ ମିଶ୍ର
ସ୍ୱାମୀ: ସ୍ୱର୍ଗତ ଉଦୟନାଥ ମିଶ୍ର
ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୯୩୧୦

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରତାପ ଚନ୍ଦ୍ର ପଟ୍ଟନାୟକ
ଆଡ୍‌ଭୋକେଟ୍
ଭଞ୍ଜନଗର, ଗଞ୍ଜାମ
ଆବିର୍ଭାବ: ୧୯୩୦
ତିରୋଧାନ: ୧୧।୦୪।୧୯୮୫
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ବଞ୍ଚିଥିବା ଯାଏ କରୁଥିବୁ ମଧ। ତୁମର ସ୍ନେହ, ଶ୍ରଦ୍ଧା, ଶିକ୍ଷା, ନୀତି, ଆଦର୍ଶ ଆମ୍ଭମାନଙ୍କର ଜୀବନରେ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ପ୍ରେମଲତା, ପୁତ୍ର: ବିଶ୍ୱନାଥ, ଲାଲୁ, ଗୁଲୁ, ପୁତ୍ରବଧୂ: ନିନା, ଝିଅ: ନଳିନୀ, ମଞ୍ଜୁ, ସୁଧା, କୁନି, ଶୁଭଲକ୍ଷ୍ମୀ, ଇତି, ମିତା, ମାମି, ଲିନା, ନାତି: ହାପି, ହନି, ପ୍ରୀତ୍, ଶ୍ରୀତ୍, ନାତୁଣୀ: ଇରା, ରିମି
ଧ-୧୭୨୫୪

## ସଂକ୍ଷେପରେ

### କେବଳ ନୀତି ହେଲା, ଦର୍ଶନ ବନ୍ଦ

**ଖୋର୍ଦ୍ଧା ଅଫିସ,୧୩।୪:** ଏବେ ଲକ୍‌ଡାଉନ ଓ ଧାର୍ମିକ ପୀଠସ୍ଥଳୀଗୁଡ଼ିକରେ କଟକଣା ଜାରି ରହିଛି। ଏଥିସହ ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶକୁ ମନା କରାଯାଇଛି। ଖୋର୍ଦ୍ଧା ଜିଲାର ବିଭିନ୍ନ ମନ୍ଦିରରେ ସୋମବାର ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ହୋଇଥିଲା। ଫଳରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀରେ ସମ୍ପୃକ୍ତ ମନ୍ଦିରଗୁଡ଼ିକରେ କେବଳ ନୀତି ସମ୍ପନ୍ନ କରାଯାଇଛି। ଜରିପୁଟସ୍ଥିତ ସଙ୍କଟମୋଚନ, ମା' ଉଗ୍ରତାରା, ମା' ରାମଚଣ୍ଡୀ, ମା' ଭଗବତୀ, କାଳିଜାଈ, ଜାଗୁଳାଇପାଟଣାସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ଆଦି ମନ୍ଦିରଗୁଡ଼ିକ ଭକ୍ତ ଶୂନ୍ୟ ରହିଥିଲା। କେବଳ ଦେବନୀତି ଲାଗି ମନ୍ଦିର ସେବାୟତଙ୍କ ଚଳପ୍ରଚଳ ରହିଥିଲା। ଉକ୍ତ ମନ୍ଦିର ପରିସରରେ ପୋଲିସ ମୁତୟନ ରହିଥିଲେ।

### ମାସ୍କ ନ ପିନ୍ଧି ଜରିମାନା ଗଣିଲେ

**ଖୋର୍ଦ୍ଧା ଅଫିସ,୧୩।୪:** ଲକଡାଉନ ବେଳେ ସାମାଜିକ ଦୂରତା ରକ୍ଷା ସହ ବାହାରକୁ ଆସିଲେ ମାସ୍କ ପିନ୍ଧିବାକୁ ସରକାର ଗତ ୯ତାରିଖରୁ ବାଧତାମୂଳକ କରିଛନ୍ତି। ତଥାପି କେତେଜଣ ଅମାନିଆ ଏହାକୁ ବେଖାତିର କରି ବିନା ମାସ୍କରେ ବୁଲୁଛନ୍ତି। ସୋମବାର ଏଭଳି ଅମାନିଆଙ୍କୁ ସାବାଡ କରିଛନ୍ତି ପୌର କାର୍ଯ୍ୟନିର୍ବାହୀ ଶ୍ୱେତପଦ୍ମା ଶତପଥୀ। ବିନା ମାସ୍କରେ ବୁଲୁଥିବା ଲୋକଙ୍କୁ ସେ ତାଗିଦ୍ କରିବା ସହ ଜରିମାନା ଆଦାୟ କରିଛନ୍ତି। ପୌର ସଂସ୍ଥାର ଏକ ଟିମ୍ ଟାଉନହଲ ଛକ, ଟ୍ରାଫିକ ଛକ, ପୁରୁଣା ଟ୍ରାଫିକ ଛକ, ଏସ୍‌ବିଆଇ ଛକ ପ୍ରଭୃତି ସ୍ଥାନରେ ଚଢ଼ାଉ କରିଥିଲେ। ବିନା ମାସ୍କରେ ଗ୍ରସେରି, ଫଳମୂଳ ଦୋକାନ ଆଗରେ ଗହଳି କରୁଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରିଥିଲେ। ଏ ନେଇ ସେଠାରେ ଥିବା କେତେଜଣ ବ୍ୟକ୍ତି ଜରିମାନା ଭୟରେ ଦୌଡ଼ିଥିଲେ। ବିନା ମାସ୍କରେ ଥିବା ବରିଷ୍ଠ ନାଗରିକମାନଙ୍କୁ ମାସ୍କ ପରିଧାନ ଲାଗି ସଚେତନ କରିଥିଲେ।

### ରିଲିଫ ପାଣ୍ଠିକୁ ଦାନ

**ପୁରୀ ଅଫିସ,୧୩।୪:** କରୋନା କରୋନା ମୁକାବିଲା ପାଇଁ ପୁରୀ ବିତରକ ଓ ବ୍ୟବସାୟୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କା ଏବଂ ରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କା ଦାନ ଦିଆଯାଇଛି। ଏ ବାବଦ ଚେକ୍ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି। ଏ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷ ରିଲିଫ ପାଣ୍ଠିକୁ ୨୧ଲକ୍ଷ ୩୪ହଜାର ୪୨୪ ଟଙ୍କା ପ୍ରଦାନ କରିସାରିଲେଣି।

### ୫୦ ସ୍ୱାବ୍ ପରୀକ୍ଷା ପାଇଁ ପଠାଗଲା

**ଖୋର୍ଦ୍ଧା ଅଫିସ,୧୩।୪:** ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନକୁ ବାଦ୍ ଦେଇ ସୋମବାର ସୁଦ୍ଧା ୪୦୨ ଜଣଙ୍କ ସ୍ୱାବ ନମୁନା ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି। ତନ୍ମଧ୍ୟରେ ଖୋର୍ଦ୍ଧାରୁ ୨୦, ଟାଙ୍ଗିରୁ ୫, ବୋଲଗଡରୁ ୬, ବାଲକାଟୀରୁ ୪, ବାଣପୁରରୁ ୧୫ ସ୍ୱାବ୍ ନମୁନା ରହିଛି। ରବିବାର ୪୩ ନମୁନା ପଠାଯାଇଥିଲା।

# ଭକ୍ତଙ୍କ ବିନା ହେଲା ପୂଜାର୍ଚ୍ଚନା

## ପଣା ସଂକ୍ରାନ୍ତି ଫିକା

**ପୁରୀ ଅଫିସ,୧୩।୪**

ଶ୍ରୀକ୍ଷେତ୍ରରେ ପାଳିତ ହୋଇଯାଇଛି ପବିତ୍ର ମହାବୀର ଜୟନ୍ତୀ ତଥା ମହାବିଷୁବ ସଂକ୍ରାନ୍ତି। ଓଡ଼ିଆ ନବବର୍ଷକୁ ସ୍ୱାଗତ କାର୍ଯ୍ୟକ୍ରମ ଚଳିତବର୍ଷ ଫିକା ପଡ଼ିଥିଲା। ସବୁ ମନ୍ଦିରରେ ଦେବଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କିନ୍ତୁ ନ ଥିଲେ ଭକ୍ତ। ଅର୍ଥାତ୍ କୌଣସି ମନ୍ଦିର ଆଗରେ ଶ୍ରଦ୍ଧାଳୁଙ୍କ ଧାଡ଼ି ଦେଖିବାକୁ ମିଳି ନ ଥିଲା କିମ୍ବା ଜୟ ହନୁମାନର ସ୍ୱର ଶୁଣିବାକୁ ମିଳି ନ ଥିଲା। ପଣା ପ୍ରସ୍ତୁତ କରାଯାଇ ପଥଚାରୀଙ୍କୁ ବିଭିନ୍ନ ଅନୁଷ୍ଠାନ ବାଣ୍ଟୁଥିବା ବି ଦେଖିବାକୁ ମିଳି ନ ଥିଲା। କରୋନା କଟକଣା ପାଇଁ ଏଥର ସବୁ ଫିକା।

ପୁରୀ ଜିଲାର ପ୍ରସିଦ୍ଧ ଶିରୁଳୀ ମହାବୀର ପୀଠରେ ନିରାଡମ୍ବର ଭାବେ ମହାବୀରଙ୍କ ଜୟନ୍ତୀ ପାଳିତ ହୋଇଛି। ଭକ୍ତଙ୍କ ବିନା କେବଳ ଠାକୁରଙ୍କ ନୀତିକାନ୍ତି କରାଯାଇଛି ବୋଲି ମହାବୀରଙ୍କ ଅଙ୍ଗଲାଗି ସେବାୟତ ରଞ୍ଜିତ ମହାପାତ୍ର ସୂଚନା ଦେଇଛନ୍ତି । ସେହିପରି ସିଦ୍ଧ ମହାବୀରଙ୍କ ପୀଠ, ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ମହାବୀର, ଚକ୍ରତୀର୍ଥ ରୋଡସ୍ଥିତ ଦରିଆ ମହାବୀର, ବଡଛତା ମହାବୀର, ଶ୍ରୀଜଗନ୍ନାଥ ବଲ୍ଲଭ ମଠସ୍ଥିତ ସୁଗ୍ରୀବ ମହାବୀର, ବାଲିସାହିସ୍ଥିତ ମଶାଣୀ ମହାବୀର, ଦଇତାପଡା ସାହିସ୍ଥିତ ପୋଖରିଆ ମହାବୀର, ଭିଆଇପି ରୋଡସ୍ଥିତ ସତ୍ୟ ମହାବୀର ମନ୍ଦିରରେ କେବଳ ପୂଜାର୍ଚ୍ଚନା କରାଯାଇଥିଲା। ପୁରୀ ସହରର ବିଭିନ୍ନ ଜାଗାରେ କେବଳ ମହାବୀରଙ୍କ ପୂଜାର୍ଚ୍ଚନା ହୋଇଥିଲା । ସେହିପରି ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଫତେ ମହାବୀର, ପଶ୍ଚିମ ଦ୍ୱାରରେ ବୀର ବିକ୍ରମ ହନୁମାନ ତଥା କାନପତା ହନୁମାନ, ଉତ୍ତର ଦ୍ୱାରରେ ତପସ୍ୱୀ ହନୁମାନ ତଥା ଚାରିଚକ୍ର ହନୁମାନ ପୂଜିତ ହେଉଛନ୍ତି। ଦକ୍ଷିଣ ଦ୍ୱାର ବାହାର ପାର୍ଶ୍ୱରେ ବିରାଟକାୟ ହନୁମାନ ପୂଜା ପାଉଛନ୍ତି। ତାଙ୍କୁ ଖପର ହନୁମାନ ମଧ୍ୟ କେହି କେହି କହିଥାନ୍ତି। ପଣା ସଂକ୍ରାନ୍ତି ଅବସରରେ ଠାକୁରଙ୍କୁ ନାଗା ବେଶରେ ସୁସଜ୍ଜିତ କରାଯାଇଥିଲା। ସେହିପରି ପରମ୍ପରା ଅନୁଯାୟୀ ତୁଳସୀ ଚଉରାରେ ଜଳାଧାର କରାଯାଇଛି।



### ଜାଗା ଆଖଡ଼ା ଖାଁ ଖାଁ

ହନୁମାନ ଜୟନ୍ତୀରେ ସୋମବାର ପୁରୀ ସହରସ୍ଥ ଜାଗା ଆଖଡାଗୁଡ଼ିକ ଖାଁ ଖାଁ ରହିଥିଲା। ଆଖଡାଗୁଡ଼ିକରେ ହନୁମାନଙ୍କ ପୂଜାର୍ଚ୍ଚନା ହୋଇଥିଲା। ସମରକଳା ଶିକ୍ଷା ଲାଗି ବ୍ୟବହୃତ ସରଞ୍ଜାମଗୁଡ଼ିକୁ ଶିକ୍ଷାର୍ଥୀ ପୂଜା କରିଥିଲେ। କିନ୍ତୁ ଲକ୍‌ଡାଉନ କଟକଣା ଯୋଗୁ ସାମରିକ କଳା କୌଶଳ ପରିବେଷଣ କି କୁସ୍ତି ବିଦ୍ୟା ଶିକ୍ଷା ଆରମ୍ଭ ହୋଇପାରି ନ ଥିଲା।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ନିମାପଡା,୧୩।୪(ଡି.ଏନ.ଏ.)**

ନିମାପଡା ଥାନା ଅନ୍ତର୍ଗତ ହରିଶପୁର ନିକଟସ୍ଥ ଚିଙ୍ଗୁଡିଆକଣ୍ଠା ଗାଁରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ୨ ବଖରା ପୋଡି ଯାଇଛି। ଏଥିରେ ଗୃହକର୍ତ୍ତା କାର୍ତ୍ତିକେଶ୍ୱର ବେହେରାଙ୍କ ସହ ତାଙ୍କ ୨ଟି ଗାଈ ପୋଡି ଗୁରୁତର ହୋଇଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ତାଙ୍କର ଆସବାବପତ୍ର ଜଳି ଯାଇଛି।

### ପୋଡି ହୋଇ ଗୃହକର୍ତ୍ତା, ଗାଈ ଗୁରୁତର

ଗୁହାଳରେ ମଶାଙ୍କ ଲାଗି ଦିଆଯାଇଥିବା ଧୂଆଁରୁ ନିଆଁ ଝୁଲ ଉଠି ଚାଳରେ ଲାଗିବାରୁ ଏଭଳି ହୋଇଥିବା ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୁରୀରେ ପହଞ୍ଚିଲା ୪୯ ଖଣ୍ଡ ରଥକାଠ



**ପୁରୀ ଅଫିସ,୧୩।୪**

ଆସନ୍ତା ଜୁନ୍ ୨୩ରେ ରଥଯାତ୍ରା। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ତିନିରଥ ନିର୍ମାଣ ଲାଗି ସୋମବାର ପୁରୀରେ ପହଞ୍ଚିଛି ଷଷ୍ଠ ପର୍ଯ୍ୟାୟ ରଥକାଠ। ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜରୁ ୨ଟି ଟ୍ରକ୍ ଯୋଗେ ୪୯ ଖଣ୍ଡ ଅସନ, ଧଉରା ଓ ଶିମିଳିକାଠ ଆସିଛି। ଏଥିରେ ୧୨ ଫୁଟିଆ ଅସନ ୬ଖଣ୍ଡ, ୧୨ ଫୁଟିଆ ଧଉରା ୪ ଖଣ୍ଡ, ୨୦ ଫୁଟିଆ ଅସନ ୨୬ ଖଣ୍ଡ ଓ ୨୦ ଫୁଟିଆ ଧଉରା ୧୨ ଖଣ୍ଡ ଏବଂ ଖଣ୍ଡିଏ ଶିମିଳି କାଠ ଆସିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତ ବର୍ଷ ଆସିଥିବା କାଠ ମଧ୍ୟରୁ ୧୯୩ ଖଣ୍ଡ ବଳକା ରହିଛି। ଏଥର ୬୭୨ ଖଣ୍ଡ କାଠ ଆସିବ। ଏଥିମଧ୍ୟରୁ ୨୬୬ ଖଣ୍ଡ କାଠ କଟକ ଖପୁରିଆସ୍ଥିତ ସ' ମିଲ୍ ଏବଂ ୪୦୬ ଖଣ୍ଡ କାଠ ରଥଖଳାକୁ ଆସିବ। ପୂର୍ବରୁ ରଥଖଳାକୁ ୧୭୫ଖଣ୍ଡ କାଠ ଆସିଥିବା ବେଳେ ସୋମବାର ୪୯ ଖଣ୍ଡକୁ ମିଶାଇ ମୋଟ ୨୨୪ ଖଣ୍ଡ କାଠ ପହଞ୍ଚିଛି। ଆସନ୍ତା ୨୬ ତାରିଖ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବ।

## ଗୋପ, ନିମାପଡ଼ା ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

**ଗୋପ/ ନିମାପଡା, ୧୩।୪(ଡି.ଏନ.ଏ.)**

ପୁରୀ ଜିଲାପାଳ ବଲୱନ୍ତ ସିଂ ସୋମବାର ଗୋପ ଓ ନିମାପଡ଼ା ଅଞ୍ଚଳ ବୁଲି କରୋନା ସଂକ୍ରମଣ ରୋକିବାକୁ ନିଆଯାଇଥିବା ପଦକ୍ଷେପ ଅନୁଧ୍ୟାନ କରିଥିଲେ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀଙ୍କ ଲାଗି ଆବଶ୍ୟକ ଶଯ୍ୟା ରହିଛି କି ନାହିଁ ବୁଲି ଦେଖିବା ସହ ସାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜଙ୍କ ସହ ଆଲୋଚନା କରିଥିଲେ। ବିଡିଓ ଦିପ୍ତୀରାଣୀ ଦାସଙ୍କୁ ରାଶନ ସାମଗ୍ରୀ ବଣ୍ଟନ, ପ୍ରତି ପରିବାରକୁ ଚାଉଳ, ଡାଲି ଏବଂ ରାଶନକାର୍ଡ ହିତାଧିକାରୀଙ୍କୁ କ'ଣ ପାଇଁ ଟଙ୍କା ବଣ୍ଟନ ଶେଷ ହୋଇନାହିଁ ବୋଲି ଜିଲାପାଳ ପଚାରିଥିଲେ। ପଞ୍ଚାୟତଗୁଡିକରେ କରୋନା ଲାଗି ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ତହସିଲଦାର ପୃଥ୍ୱିରାଜ ମଣ୍ଡଳଙ୍କୁ ବିଭିନ୍ନ ହାଟ ବଜାର ଖୋଲିବା ନେଇ ପଚାରି ବୁଝିଥିଲେ। ପରେ ଗୋପ ଥାନାକୁ ଯାଇଥିଲେ। ଜିଲାପାଳଙ୍କ ଗସ୍ତ ବେଳେ ଉପଜିଲାପାଳ ଭବତାରଣ ସାହୁ, ଏସ୍‌ପି ଉମାଶଙ୍କର ଦାସ, ଥାନା ଅଧିକାରୀ ସୁଧୀର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ବଲୱନ୍ତ ସିଂ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

ସେହିପରି ନିମାପଡା ବ୍ଲକ ଗସ୍ତରେ ଜିଲାପାଳ ସିଂ ଯାଇ ନିମାପଡା, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର, ଚାରିଛକ-ନିଆଳି ରାସ୍ତାର ସୀମା ସିଲ ଅଞ୍ଚଳ ପରିଦର୍ଶନ କରିଥିଲେ। ଆଇସୋଲେଶନ ୱାର୍ଡ, ଔଷଧ ବିତରଣ କେନ୍ଦ୍ର ବୁଲି ଦେଖିଥିଲେ। ପ୍ରତ୍ୟେକ ଅଞ୍ଚଳ, ବଜାରକୁ ସାନିଟାଇଜେଶନ କରିବା ଏବଂ ସାମାଜିକ ଦୂରତ୍ୱ ରକ୍ଷା ଲାଗି ପଦକ୍ଷେପ ନେବାକୁ ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ବିଡିଓ ମନୋଜ କୁମାର ବେହେରା, ଏନଏସିକାର୍ଯ୍ୟ ନିର୍ବାହୀ ଅଧିକାରୀ ମୋହନ ଚରଣ ଜେନା, ଏସଡିପିଓ ପ୍ରଦୀପ କୁମାର ଦଳେଇଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ।

## ଅନ୍‌ଲାଇନ ପାଠପଢ଼ା ବେଳେ ଅଶ୍ଳୀଳ ଭିଡିଓ

**କଟକ ଅଫିସ୍,୧୩।୪**

ଲକ୍‌ଡାଉନ୍ ଚାଲିଥିବା ଯୋଗୁ ସ୍କୁଲ, କଲେଜ ବନ୍ଦ ରହିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ତରଫରୁ ନିଜ ଉଦ୍ୟମରେ ଅନ୍‌ଲାଇନ୍‌ରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଉଛି। ସୋମବାର କଟକର ଏକ ଘରୋଇ ସ୍କୁଲ ପକ୍ଷରୁ ଅନ୍‌ଲାଇନ୍‌ରେ ପାଠପଢ଼ା ଚାଲିଥିବା ବେଳେ କିଛି ସମୟ ପାଇଁ ଅଶ୍ଳୀଳ ଭିଡ଼ିଓ ଚାଲିଥିଲା। ଏନେଇ ଅଭିଯୋଗ ପରେ ଚାଉଳିଆଗଞ୍ଜ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନାନୁସାରେ, ଘରୋଇ ଇଂଲିଶ ମାଧ୍ୟମ ସ୍କୁଲ ତରଫରୁ ଏକ ନିର୍ଦ୍ଦିଷ୍ଟ ୱେବ୍‌ସାଇଟ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ପାଠ ପଢ଼ାଯାଉଛି। ଘରେ ବସି ସେମାନେ ମୋବାଇଲ୍ କିମ୍ବା ଲାପ୍‌ଟପ୍‌ରେ ପଢୁଛନ୍ତି। ଜଣେ ଶିକ୍ଷକ ନିଜ ଘରୁ ଅନ୍‌ଲାଇନ୍‌ରେ ପାଠ ପଢ଼ାଉଥିଲେ। ନିଜର ୟୁଜର୍ ଆଇଡି ଏବଂ ପାସ୍‌ୱାର୍ଡ଼ ଦେଇଥିଲେ। ପାଠପଢ଼ା ଠିକ୍ ଚାଲିଥିଲା। ହଠାତ୍ ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର୍ ଏବଂ ମୋବାଇଲ୍‌ରେ ଏକ ଅଶ୍ଳୀଳ ଭିଡ଼ିଓ ଆସିଯାଇଥିଲା। ଏହାକୁ ନେଇ ଏକ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ପିଲାମାନେ ଘରେ ପଢୁଥିବା ବେଳେ ପାଖରେ ଅଭିଭାବକମାନେ ବସିଥିବା ଯୋଗୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ହଠାତ୍ ପିଲାମାନେ ନିଜର ମୋବାଇଲ୍ ଏବଂ କମ୍ପ୍ୟୁଟର୍‌କୁ ବନ୍ଦକରି ଦେଇଥିଲେ। ଶିକ୍ଷକ ଜଣକ ମଧ୍ୟ ଲଗ୍‌ଆଉଟ୍ କରିଥିଲେ। ସ୍କୁଲ ପକ୍ଷରୁ ତନାଘନା ଚାଲିଥିଲା। କୌଣସି ଖଳପ୍ରକୃତିର ବ୍ୟକ୍ତି ଫେକ୍ ଆଇଡି କରି ଭିଡ଼ିଓ ଛାଡ଼ିଥିବା ଜଣାପଡ଼ିଥିଲା। ଏନେଇ ସ୍କୁଲ ତରଫରୁ ଚାଉଳିଆଗଞ୍ଜ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ଧାରା ୨୯୨(୨-ଏ) ଏବଂ ଆଇଟି ଆକ୍ଟର ଧାରା ୬୭(ଏ)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ୨ ଦିନରେ ୧୯ଶହ ଗାଡ଼ି ଜବତ

**କଟକ ଅଫିସ୍,୧୩।୪**

ଲକ୍‌ଡାଉନ୍ କଟକଣାକୁ କଟକ ସହରରେ ପୁଣି ଥରେ ଖୋଲାଖୋଲି ଉଲ୍ଲଂଘନ ଆରମ୍ଭ ହୋଇଛି। ନିୟମିତ ଭାବେ ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ଏଥିରେ କିଛି ମାତ୍ରାରେ ଅଙ୍କୁଶ ଲାଗିଥିଲା । ଏବେ ଦୁଇ ଦିନ ହେଲା କଟକଣାକୁ ନ ମାନି ଲୋକମାନେ ବାଇକ୍ ଧରି ବୁଲୁଛନ୍ତି। ଏହି ସମୟରେ ୧୯୧୬ ଦୁଇ ଚକିଆ ଗାଡ଼ି ଜବତ ହୋଇଛି । ରବିବାର ୧୧୧୯ ଏବଂ ସୋମବାର ୭୯୭ଗାଡ଼ି ଜବତ ହୋଇଛି। ମାସ୍କ ନ ପିନ୍ଧିବା ଯୋଗୁ ୬୧ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଯେଉଁମାନେ ମାସ୍କ ନ ପିନ୍ଧି ବୁଲୁଛନ୍ତି, ସେମାନଙ୍କଠାରୁ ୨ଶହ ଟଙ୍କା ଲେଖାଏ ଜରିମାନା ନିଆଯାଉଛି ।

## ପିଏମ୍ କେୟାର୍ସ ଫଣ୍ଡକୁ ଦାନ

**କଟକ ଅଫିସ୍,୧୩।୪**

କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦାରା ଗଠିତ ପିଏମ୍ କେୟାର୍ସ ଫଣ୍ଡକୁ ଜଣେ ପୂଜକ ୪୧୦୦ ଟଙ୍କା ପ୍ରଦାନ କରିଛନ୍ତି। ସେ ହେଲେ ଉରାଳୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୋଠସାହି ଗ୍ରାମରେ ଥିବା ଲୋକନାଥ ମନ୍ଦିରର ପୂଜକ ତଥା ସାଧୁ ନନାଙ୍କ ନାମରେ ପରିଚିତ ବିରଞ୍ଚି ନାରାୟଣ ପଣ୍ଡା। ନିଜ ପାଇଁ ଏକ ନୂଆ ସାଇକେଲ କିଣିବାକୁ ସେ ଗତ ତିନି ବର୍ଷ ହେଲା ଟଙ୍କା ସଞ୍ଚୟ କରୁଥିଲେ। ବର୍ତ୍ତମାନ ଲକଡାଉନ ପରିସ୍ଥିତିରେ ଉପାର୍ଜନ ନ ଥିବାବେଳେ ସେ କରୋନା ପାଣ୍ଠିକୁ ସଞ୍ଚିତ ଅର୍ଥ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

## କର୍ପସ୍ ଫଣ୍ଡକୁ ଦାନ ପାଇଁ ନିବେଦନ

**କଟକ ଅଫିସ୍,୧୩।୪**

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ତରଫରୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଫଳରେ ହାଇକୋର୍ଟଠାରୁ ଆରମ୍ଭ କରି ତଳ କୋର୍ଟଗୁଡ଼ିକ ବନ୍ଦ ରହିଛି। ଆଇନଜୀବୀମାନେ ଜୀବିକା ହରାଇଛନ୍ତି। ଯେଉଁ ଆଇନଜୀବୀମାନେ ୧୦ ବର୍ଷରୁ କମ୍ ସମୟ ହେଲା ଏହି ପେସାରେ ରହିଛନ୍ତି, ସେମାନଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ନିଷ୍ପତ୍ତି ନେଇଛି ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ। ଏପ୍ରିଲ୍ ୧ ତାରିଖରେ ପରିଷଦ ସ୍ୱତନ୍ତ୍ର କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଆର୍ଥିକ ସହାୟତାର ପରିମାଣ ସ୍ଥିର ହୋଇ ନ ଥିଲେ ମଧ୍ୟ ଏଥି ପାଇଁ କର୍ପସ ଫଣ୍ଡ ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ବରିଷ୍ଠ ଆଇନଜୀବୀମାନଙ୍କୁ ଏହି ଫଣ୍ଡ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିବେଦନ କରାଯାଇଛି। ପରିଷଦ ସମ୍ପାଦକ ଜେ.କେ. ସାମନ୍ତସିଂହାର ଏକ ପ୍ରେସ୍ ବିବୃତିରେ କର୍ପସ ଫଣ୍ଡ ପାଇଁ ଆର୍ଥିକ ସହାୟତା ଦେବାକୁ ୧୫ ବର୍ଷରୁ ଅଧିକ ଥିବା ବରିଷ୍ଠ ଆଇନଜୀବୀଙ୍କୁ ଆହ୍ୱାନ ଦେଇଛନ୍ତି। ଆକାଉଣ୍ଟ ନାମ-Account Holder:- OSBC ADVOCATES' WELFARE CORPUS FUND, Account Number:- 520101267251763, IFSC CODE:- CORP0002080, Name of the Bank:- Corporation Bank/ Union Bank, OSBC Branch, Cuttack-2

## ଶ୍ରୀମନ୍ଦିର ମାଙ୍କଡ଼ଙ୍କୁ ଦିଆଗଲା ଖାଦ୍ୟ

### ୩୦ ପର୍ଯ୍ୟନ୍ତ ଦିଆଯିବ କଦଳୀ, ବୁଟ



ଭୁବନେଶ୍ୱରର ଆଧ୍ୟାତ୍ମିକ ବିଦ୍ୟାପୀଠ ପକ୍ଷରୁ ଅଣାଯାଇଥିବା କଦଳୀ।

**ପୁରୀ ଅଫିସ, ୧୪।୪**

ପବିତ୍ର ହନୁମାନ ଜୟନ୍ତୀରେ ଶ୍ରୀମନ୍ଦିରରେ ଏକ ନିଆରା ପ୍ରୟାସ ଦେଖିବାକୁ ମିଳିଛି। ବଡ଼ଦେଉଳରେ ରହୁଥିବା ମାଙ୍କଡ଼ଙ୍କୁ କଦଳୀ, ବୁଟ, ବିସ୍କୁଟ ଆଦି ଖାଦ୍ୟ ଦିଆଯାଇଛି। କେବଳ ଏହି ଗୋଟିଏ ଦିନ ନୁହେଁ, ଆସନ୍ତା ୩୦ ତାରିଖ ଅର୍ଥାତ୍ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଶେଷ ପର୍ଯ୍ୟନ୍ତ ପ୍ରତ୍ୟହ ଶ୍ରୀମନ୍ଦିର ମାଙ୍କଡ଼ଙ୍କୁ ଖାଇବାକୁ ଦିଆଯିବ ବୋଲି ଭୁବନେଶ୍ୱରର ଆଧ୍ୟାତ୍ମିକ ବିଦ୍ୟାପୀଠ ପକ୍ଷରୁ ସୂଚନା ଦିଆଯାଇଛି।

ଏବେ କରୋନା ପାଇଁ ସବୁଆଡେ ଭିନ୍ନ ପରିସ୍ଥିତି। ବିଶେଷକରି ଖାଦ୍ୟ ପାଇଁ ପଶୁପକ୍ଷୀ ଉହଲବିକଳ ହେଉଛନ୍ତି। ଶ୍ରୀମନ୍ଦିର ମାଙ୍କଡ଼ଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି। କୋଇଲି ବୈକୁଣ୍ଠ ସମେତ ମନ୍ଦିର ବେଢ଼ା ପରିସର ବିଭିନ୍ନ ଗଛରେ ବହୁ ସଂଖ୍ୟକ ମାଙ୍କଡ଼ ରୁହନ୍ତି । ଭକ୍ତମାନେ ଏମାନଙ୍କୁ ଖାଇବାକୁ ଦେଇଥାନ୍ତି। ଆନନ୍ଦ ବଜାରରେ ପଡୁଥିବା ପତ୍ରରୁ ବି ଖାଦ୍ୟ ଖାଇଥାନ୍ତି ମାଙ୍କଡ଼। ଅନେକେ ମାନସିକ କରି ମାଙ୍କଡ଼ ପଲଙ୍କୁ ଖାଇବାକୁ ଦେଇଥାନ୍ତି। ତେବେ କରୋନା କଟକଣା ପାଇଁ ଜିଲା ପ୍ରଶାସନ ଗତ ୨୦ ତାରିଖରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରଖିଛି। କେବଳ ଠାକୁରଙ୍କ ସେବାପୂଜା ଚାଲିଛି। ବରାଦି ମହାପ୍ରସାଦ ପ୍ରସ୍ତୁତ ହେଉନାହିଁ। ଫଳରେ ମାଙ୍କଡ଼ମାନେ କିଛି ଖାଇବାକୁ ପାଉନାହାନ୍ତି।

ଏହାକୁ ଉପଲବ୍ଧି କରି ଆଧ୍ୟାତ୍ମିକ ବିଦ୍ୟାପୀଠ ପକ୍ଷରୁ ସୋମବାର ମାଙ୍କଡ଼ଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି। ଗୁରୁ ଦିବ୍ୟାନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ ସଂଯୋଜକ ପରେଶ ନାୟକ, ସୌମେନ୍ଦ୍ର ଦାଶ, ରାକେଶ ପ୍ରଧାନଙ୍କ ସହଯୋଗରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଖାଦ୍ୟ ବଣ୍ଟନ କାର୍ଯ୍ୟ ଚାଲିବ।

## ଖାଦ୍ୟ ପାଇଁ ଉହଲବିକଳ ଗୋରୁ, କୁକୁର



**କଟକ ଅଫିସ,୧୩।୪**

ଜନଶୂନ୍ୟ ରାସ୍ତାରେ ବୁଲୁଛନ୍ତି ଗୋରୁ ଓ କୁକୁର। ଖାଦ୍ୟ ପାଇଁ ଏମାନେ ଉହଲ ବିକଳ ହେଉଛନ୍ତି। ଏପରି କି ଖାଦ୍ୟାଭାବ ଯୋଗୁ କେତେକ ପଶୁ ଏକପ୍ରକାର ମରଣ ମୁହଁକୁ ଠେଲି ହୋଇଗଲେଣି। କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଯେଉଁ ସହାୟତା ଦିଆଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ। ଏଭଳି ସ୍ଥିତିରେ ପଶୁପ୍ରେମୀ ତଥା ସାମାଜିକ କର୍ମୀ ଏମାନଙ୍କ ସାହା ପାଲଟିଛନ୍ତି। କରୋନା ମୁକାବିଲା କଟକଣା ପାଇଁ ଜନଜୀବନ ପ୍ରଭାବିତ। ଏଥିରୁ ଜୀବଜନ୍ତୁ ବି ବାଦ୍ ପଡ଼ିନାହାନ୍ତି। ଜିଲା ପ୍ରାଣୀଧନ ମୁଖ୍ୟ ଚିକିତ୍ସାଧିକାରୀ(ସିଡିଭିଓ)ଙ୍କ ସୂଚନା ମୁତାବକ ସହରରେ ପ୍ରାୟ ୭୦୦ ଗୋରୁ ଓ ୫ହଜାର ବୁଲା କୁକୁର ରହିଛନ୍ତି। ସିଏମ୍‌ସି ପକ୍ଷରୁ ପ୍ରତ୍ୟହ ୧୦ହଜାର ଟଙ୍କାର ଅର୍ଥ ଉକ୍ତ ଜୀବଜନ୍ତୁଙ୍କ ପାଇଁ ନିର୍ଦ୍ଧାରଣ କରାଯାଇଛି। ଯେଉଁଥିରୁ ୬ହଜାର ଟଙ୍କା ଗୋରୁ ଓ ୪ହଜାର ଟଙ୍କା କୁକୁରଙ୍କ ପାଇଁ ଖର୍ଚ୍ଚ ହେଉଛି। ଚୋକଡ଼ କିଣାଯାଇ ବୁଲା ଗୋରୁ, ଷଣ୍ଢଙ୍କୁ ଦିଆଯାଉଛି। କୁକୁରଙ୍କ ପାଇଁ ବିସ୍କୁଟ ବ୍ୟବସ୍ଥା ହୋଇଛି। ହେଲେ ଏହି ସହାୟତା ସମୁଦ୍ରକୁ ଶଙ୍ଖେ ଭଳି। ୫ହଜାର କୁକୁରଙ୍କ ପାଇଁ ମାତ୍ର ୪ହଜାର ଟଙ୍କାର ବିସ୍କୁଟ ପ୍ୟାକେଟ କିଣାଯାଉଥିବା ସିଏମ୍‌ସି ପକ୍ଷରୁ କୁହାଯାଉଥିବା

### ଅଣ୍ଟୁନି ସିଏମ୍‌ସିର ସହାୟତା: ସାହା ସାମାଜିକ କର୍ମୀ

ବେଳେ ଏହା କେତେ ମାତ୍ରାରେ ଉକ୍ତ ଜୀବଙ୍କ ଭୋକ ମେଣ୍ଟାଉଥିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଜାର ବନ୍ଦ ଥିବା କାରଣରୁ ଖାଦ୍ୟଭାବ ମଧ୍ୟ ଦିନକୁ ଦିନ ବଢୁଛି। କେତେଜଣ ସାମାଜିକ କର୍ମୀ ନିୟମିତ ଭାବେ ଏମାନଙ୍କ କଥା ବୁଝୁଛନ୍ତି। ଶନିବାର ମହାକାଳ ପରିବାର ପକ୍ଷରୁ ବୁଲା ଗୋରୁ, ଷଣ୍ଢଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ସଙ୍ଗଠନର ବିକାଶ ସୋନି, ରାଜେନ୍ଦ୍ର ନାରାୟଣ ସାହୁ, ହୃଷିକେଶ ସାହୁ ଏହି ସେବା କାର୍ଯ୍ୟର ନେତୃତ୍ୱ ନେଇଥିଲେ। ପ୍ରତ୍ୟହ ବିଳମ୍ବିତ ରାତିରେ ବାଦାମବାଡ଼ିର କେତେଜଣ ଯୁବକ ଚୁଡ଼ା ଓ ଅଣ୍ଡା ମିଶ୍ରଣ କରି କୁକୁରଙ୍କୁ ଖାଇବାକୁ ଦେଉଥିବା ମଧ୍ୟ ଦେଖିବାକୁ ମିଳୁଛି।

## ପୋଲିସ ସହ ବଚସା, ଯବାନ ଗିରଫ

ମାହାଙ୍ଗା,୧୩।୪(ସ୍ୱ.ପ୍ର.): ମାହାଙ୍ଗା ଥାନା କୁମୁଡ଼ା ଜୟପୁର ଫାଣ୍ଡି ଅଧୀନ କୋଠପଦା ଛକଠାରେ ରବିବାର ରାତିରେ ପୋଲିସ ସହ ବଚସା କରି ଜଣେ ଯବାନ ଗିରଫ ହୋଇଛନ୍ତି। ସେ ହେଲେ କୁହୁଣ୍ଡା ଗ୍ରାମର ଗଜେନ୍ଦ୍ର ଜେନା (୨୪)। ରାତିରେ ଗଜେନ୍ଦ୍ର ନିକଟସ୍ଥ କୋଠପଦା ବଜାର ନିକଟରେ ଏକ ବାଇକ ରଖି ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ତାଙ୍କୁ ତାଗିଦ କରିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସେ ଜଣେ ଆର୍ମୀ ଯବାନ ବୋଲି ଜଣାପଡ଼ିଛି। ତାଙ୍କ ନାମରେ ଥାନାରେ ଏକ ମାମଲା ନଂ-୮୨/୨୦ରୁଜୁ ହୋଇଛି।

## ସଂକ୍ଷେପରେ

### କାର୍ଯ୍ୟକର୍ତ୍ତାଙ୍କୁ ଆମ୍ବେଡକର ଜୟନ୍ତୀ ପାଳନର ଟିପ୍ସ ଦେଲେ ସମୀର

ଭୁବନେଶ୍ୱର, ୧୩।୪(ବ୍ୟୁରୋ): ଲକ୍‌ଡାଉନ୍ ଯୋଗୁ ଭକ୍ତ ଭଗବାନଙ୍କ ପାଖକୁ ଯାଇ ପାରୁନାହାନ୍ତି। ଦେଶବାସୀ ଘରେ ରହି କରୋନା ସଂକ୍ରମଣ ବିରୋଧରେ ସଂଗ୍ରାମ କରୁଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ମଙ୍ଗଳବାର ବି.ଆର୍. ଆମ୍ବେଡକରଙ୍କ ୧୨୯ତମ ଜୟନ୍ତୀ ପାଳନ କରାଯିବ। ଏହାକୁ କିପରି ଭାଜପା କାର୍ଯ୍ୟକର୍ତ୍ତାମାନେ ପାଳନ କରିବେ ତାକୁ ନେଇ ସମୀର ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସେଥିରେ ସେ କହିଛନ୍ତି ଯେ, ସମସ୍ତ କାର୍ଯ୍ୟକର୍ତ୍ତା ନିଜ ଘରେ ରହି ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବେ। ଏହାସହ ଆମ୍ବେଡକରଙ୍କ ଜୀବନୀ ପୁସ୍ତକ ପଠନ କରିବେ। କାର୍ଯ୍ୟକର୍ତ୍ତାମାନେ ସ୍ୱଚ୍ଛତା ଏବଂ ସାମାଜିକ ଦୂରତାକୁ ଧ୍ୟାନରେ ରଖି ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା କାର୍ଯ୍ୟକ୍ରମ ଅନ୍ତର୍ଗତ ଅତିକମ୍‌ରେ ୨ଟି ଗରିବ ବସ୍ତିର ଲୋକଙ୍କୁ ଭୋଜନ ବ୍ୟବସ୍ଥା କରାଇବା ସହ ଘରେ ତିଆରି କରିଥିବା ମାସ୍କକୁ ବଣ୍ଟନ କରି ଏହାକୁ ସାମାଜିକ ଗଣମାଧ୍ୟମରେ ଶେୟାର କରିବେ। ପ୍ରତି ବସ୍ତିବାସିନ୍ଦାଙ୍କୁ 'ମୋ ବସ୍ତି- କରୋନାମୁକ୍ତ ବସ୍ତିର ଶପଥ କରାଇବା ସହ ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଇବେ ବୋଲି ସମୀର ଅନୁରୋଧ କରିଛନ୍ତି।

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ

ନିଶ୍ଚିନ୍ତକୋଇଲି,୧୩।୪(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତରେ ଥିବା ଏକରୁଖି ଗ୍ରାମର ମହିମା ଧର୍ମ ପ୍ରଚାରକ ବ୍ରହ୍ମ ଅବଧୂତ ପ୍ରାଣବନ୍ଧୁ ଦାସ (୧୦୬ବର୍ଷ) କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୦ ହଜାର ୧୦ଟଙ୍କା ପ୍ରଦାନ କରିଛନ୍ତି। ବାବା ବ୍ଲକ ପ୍ରଶାସନକୁ ସୂଚନା ଦେବା ପରେ ବିଡିଓ କର୍ଣ୍ଣଦେବ ସମାଦ୍ଧାର, ତହସିଲଦାର ଜିତେନ୍ଦ୍ର ପାତ୍ର, ବ୍ଲକ ଅଧକ୍ଷା ସବିତା ଓଝା ଓ ଜ୍ଞାନରଞ୍ଜନ ରାଉତ ପ୍ରମୁଖ ପହଞ୍ଚି ଅର୍ଥରାଶି ଗ୍ରହଣ କରିଥିଲେ। ବ୍ଲକ ସମିତି ସଂଘ ପକ୍ଷରୁ ମଧ ୩୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ସଂଘ ସଭାପତି ଅନ୍ତରାମ ସିଂ, ସାଧାରଣ ସମ୍ପାଦକ ଅଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରମୋଦ ପରିଡା, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ବିଡିଓଙ୍କୁ ଚେକ ପ୍ରଦାନ କରିଥିଲେ। ସେହିପରି ବିବିଏନ ପ୍ଲାଷ୍ଟିକ ପ୍ରୋପାଇଟର ୬୨ ହଜାର ଟଙ୍କା ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି।

### ମାହାଙ୍ଗା:ପ୍ରତି ପରିବାରକୁ ମାସ୍କ, ସାବୁନ ବଣ୍ଟନ ଆରମ୍ଭ

ନିଶ୍ଚିନ୍ତକୋଇଲି,୧୩।୪(ସ୍ୱ.ପ୍ର.): ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା ମାହାଙ୍ଗା ନିର୍ବାଚନମଣ୍ଡଳୀର ପ୍ରତି ପରିବାରକୁ ତାଙ୍କ ହାତପାଣ୍ଠିରୁ ମାସ୍କ ଓ ସାବୁନ ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଏଥିରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ୨୭ ପଞ୍ଚାୟତର ୮୦ ହଜାରୁ ଉର୍ଦ୍ଧ୍ୱ ଲୋକଙ୍କୁ ସାମଗ୍ରୀ ବଣ୍ଟନ ଆରମ୍ଭ ହୋଇଛି। ଓଡ଼ିଆ ନବ ବର୍ଷ ଅବସରରେ ବ୍ଲକ ଅଧକ୍ଷା ସବିତା ଓଝା ପଞ୍ଚାୟତ ସମ୍ମିଳନୀ କକ୍ଷରେ ମାସ୍କ ଓ ସାବୁନ ବଣ୍ଟନ ଶୁଭାରମ୍ଭ କରିଛନ୍ତି। ଜିଲାପରିଷଦ ସଭ୍ୟା ସବିତା ସାମଲ, ଗୀତାଞ୍ଜଳି ପଣ୍ଡା, ରମାକାନ୍ତ ମହାନ୍ତି, ଗିରିଶ ମହାପାତ୍ର ଓ ଅଶୋକ ଓଝାଙ୍କ ସମେତ ବହୁ ଲୋକପ୍ରତିନିଧି ଯୋଗ ଦେଇଥିଲେ।

## କରୋନା ଲଢ଼େଇ

# ସୋସିଆଲ ମିଡିଆରେ ପୋଲିସକୁ ପ୍ରଶଂସା

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୧୩।୪ (ବ୍ୟୁରୋ)

ବିଭିନ୍ନ ସମୟରେ ନିଜର କାର୍ଯ୍ୟ ପାଇଁ ପୋଲିସକୁ ସମାଲୋଚନା କରାଯାଇଥାଏ। ହେଲେ ଏବେ ତାହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି। କୋଭିଡ୍-୧୯ ମହାମାରୀ ସମୟରେ ପୋଲିସ ଯେପରି ଲୋକଙ୍କୁ ସହଯୋଗ କରୁଛି ତାହାକୁ ସୋସିଆଲ ମିଡିଆରେ ପ୍ରଶଂସା କରାଯାଉଛି।

ଲକ୍‌ଡାଉନ୍ ସମୟରେ ଏକାଧିକ ଆଇପିଏସ୍ ଏବଂ ପୋଲିସ ଅଧିକାରୀ ସୋସିଆଲ ମିଡିଆ ମାଧ୍ୟମରେ ସହଯୋଗ ମାଗୁଥିବା ଲୋକଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି। ଏପରିକି ଗରିବଙ୍କୁ ସହଯୋଗ କରିବା ପାଇଁ ଏହି ଅଧିକାରୀମାନେ ତଳ ସ୍ତରର ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରେ ଲଗାଇ ଦେଇଛନ୍ତି। ବିଶେଷ କରି ଓଡ଼ିଶା ପୋଲିସର ଉପରିସ୍ଥ ଅଧିକାରୀ ସୋସିଆଲ ମିଡ଼ିଆରେ ସକ୍ରିୟ ରହି ଲୋକଙ୍କୁ ସହଯୋଗ କରୁଛନ୍ତି। ସୋସିଆଲ ମିଡିଆର ସବୁଠୁ ଆଗରେ ଅଛନ୍ତି ଟ୍ୱିନ୍ ସିଟିର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ। ଟୁଇଟ୍ ଏବଂ ଅଭିଯୋଗର ସେ ତୁରନ୍ତ ଉତ୍ତର ଦେଉଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ସେ ବରିଷ୍ଠ ନାଗରିକଙ୍କ ମେଡିସିନ୍ ମିଳିବା ଠାରୁ ଆରମ୍ଭ କରି କିଭଳି ଲୋକେ ପାସ୍ ନେବେ ଏବଂ ଅନ୍ୟ ସୁବିଧା ବିଷୟରେ ତୁରନ୍ତ ପଚରାଯାଉଥିବା ପ୍ରଶ୍ନର ଉତ୍ତର ଦେଉଛନ୍ତି। ଅମିତ ମିତ୍ରା ନାମକ ଜଣେ ଟ୍ୱିଟର ବ୍ୟବହାରୀ ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ,ଆମେ ସବୁବେଳେ ପୋଲିସର ନକାରାତ୍ମକ ଛବି ଦେଖିଛେ, ହେଲେ ଲକ୍ ଡାଉନ ସମୟରେ ସେମାନେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସହଯୋଗ କରୁଛନ୍ତି । ସେଥିପାଇଁ ପୋଲିସ ବିଭାଗକୁ ବହୁତ ବହୁତ ଧନ୍ୟବାଦ।



ଆଉ ଜଣେ ଆଇପିଏସ୍ ହେଉଛନ୍ତି ଅରୁଣ ବୋଥ୍ରା(ସେସୁର ସିଇଓ ତଥା କ୍ରୁଟର ଅଧ୍ୟକ୍ଷ)। ସେ ମୁମ୍ବାଇର ଜଣେ ମହିଳାଙ୍କୁ ସହଯୋଗ କରିଥିବାରୁ ତାଙ୍କୁ ମଧ ସୋସିଆଲ ମିଡିଆରେ ପ୍ରଶଂସା କରାଯାଉଛି। ସାଢେ ୩ ବର୍ଷର ମାନସିକ ଶିଶୁ ପାଇଁ ଓଟ କ୍ଷୀର ଅତ୍ୟନ୍ତ ଆବଶ୍ୟକତା ଥିଲା। ଟୁଇଟ୍ ମାଧ୍ୟମରେ ସେ ଉକ୍ତ ଶିଶୁ ପାଇଁ ରାଜସ୍ଥାନରୁ କ୍ଷୀର ବ୍ୟବସ୍ଥା କରିଦେଇଥିଲେ। ଯାହାଦ୍ୱାରା ଶିଶୁର ଜୀବନ ବଞ୍ଚି ଯାଇଥିବାରୁ ସାରା ଦେଶରେ ସେ ପ୍ରଶଂସିତ।



ଆଉ ଜଣେ ଅଫିସର ହେଲେ ଅମିତାଭ ଠାକୁର(ଆଇଜି ଅପରେଶନ)। ସରକାର କୋଭିଡ୍-୧୯ ସମ୍ପର୍କିତ ମାମଲାର ତଦାରଖ କରିବା ପାଇଁ ତାଙ୍କୁ ଗୃହବିଭାଗ ଦ୍ୱାରା ନିଯୁକ୍ତ କରିଛନ୍ତି। ରାଜ୍ୟ ବାହାରେ ଫସିଥିବା କିଛି ପ୍ରବାସୀ ଶ୍ରମିକଙ୍କ ପାଇଁ ସେ ରାଶନ ଏବଂ ଖାଦ୍ୟ ବ୍ୟବସ୍ଥା କରି ପ୍ରଶଂସା ପାଉଛନ୍ତି। ମାଲକାନାଗିରି ମଡେଲ ଥାନାର ମହିଳା ଏସ୍‌ଆଇ ଶୁଭଶ୍ରୀ ନାୟକଙ୍କୁ ମୁଖ୍ୟମନ୍ତ୍ରୀ ୭ ଏପ୍ରିଲରେ ପ୍ରଶଂସା କରିଛନ୍ତି। ସେ ମାନିସିକ ବିକାରଗ୍ରସ୍ତ ବେସାହାରା ମହିଳାଙ୍କୁ ନିଜ ହାତରେ ଖୁଆଇ ଦେଉଥିବାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଯେଉଁଥି ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।



ପୋଲିସ ଡିଜି ଅଭୟ ଲକ୍ ଡାଉନ୍ ସ୍ଥିତିର ସମୀକ୍ଷା କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନ ପରିଭ୍ରମଣ କରୁଛନ୍ତି। ଲୋକଙ୍କ ସମସ୍ୟା ବିଷୟରେ ବୁଝି ସହଯୋଗର ହାତ ବଢ଼ାଉଛନ୍ତି। ତେଣୁ ତାଙ୍କୁ ମଧ ପ୍ରଶଂସା କରାଯାଉଛି। ଏଭଳି ବିପଦ ସମୟରେ ରାଜ୍ୟର ଅନେକ ପୋଲିସ ଅଫିସର ମାନବିକତା ଦେଖାଇ ନିରାଶ୍ରୟ ଏବଂ ଗରିବଙ୍କୁ ସହଯୋଗ କରୁଛନ୍ତି। ଏପରିକି ପଶୁ,ପକ୍ଷୀଙ୍କୁ ଖାଇବାକୁ ଦେଇ ଓଡ଼ିଶା ପୋଲିସ ସମସ୍ତଙ୍କ ମନକୁ କିଣି ନେଇଛି। ଆଗରୁ ନିନ୍ଦା କରୁଥିବା ଲୋକେ ଏବେ କହୁଛନ୍ତି ପୋଲିସ ହିଁ ବିପଦ ବେଳର ବନ୍ଧୁ।






## ଶ୍ରମିକ ନେତା ସୌରିବନ୍ଧୁ କରଙ୍କ ପରଲୋକ

ଭୁବନେଶ୍ୱର,୧୩।୪ (ବ୍ୟୁରୋ)



ବିଶିଷ୍ଟ ଟ୍ରେଡ୍ ୟୁନିୟନ ନେତା ତଥା ଲେଖକ ସୌରିବନ୍ଧୁ କରଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ଅସୁସ୍ଥତା କାରଣରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ୧୯୪୮ରେ ଯାଜପୁର ଜିଲାର ଖଣ୍ଡିତର ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ୨୦୧୨ ମସିହାରେ ଜୀବନୀ ପୁସ୍ତକ 'ମାନବତାର ମହାତୀର୍ଥ' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୨ଟି ଶିଶୁ ସାହିତ୍ୟ ସଙ୍କଳନ, ୩ଟି ଜୀବନୀ, ୪ଟି ଗଳ୍ପ ସଙ୍କଳନ, ୨ଟି ଉପନ୍ୟାସ ଓ ଗୋଟିଏ ପ୍ରବନ୍ଧ ପୁସ୍ତକ ରଚନା କରିଥିଲେ। ସେ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିଲେ। ସେ କାନାରା ବ୍ୟାଙ୍କରେ ଚାକିରି କରିବା ସହ ଏଆଇଟିୟୁସିର ସର୍ବଭାରତୀୟ ସାଧାରଣ ସମ୍ପାଦକ ମଧ ଥିଲେ। ତାଙ୍କର ୩ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସେ ଭୁବନେଶ୍ୱର ଗଜପତିନଗରରେ ରହୁଥିଲେ। ଏଆଇଟିୟୁସିର ନେତୃତ୍ୱ ନେଇ ଗରିବ, ଅବହେଳିତଙ୍କ ଦାବି ସରକାରଙ୍କ ପାଖରେ ଉପସ୍ଥାପିତ କରି ସେ ନିଜକୁ ଜଣେ ଶ୍ରମିକ ନେତା ଭାବେ ଗଢି ତୋଳିଥିଲେ। ବିଶିଷ୍ଟ ସମାଲୋଚକ ତଥା ପ୍ରଫେସର ବାଉରିବନ୍ଧୁ କରଙ୍କ ବଡ଼ ଭାଇ ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।



## ୧୧୪୫ ଗାଡି ଜବତ, ମାସ୍କ ନ ପିନ୍ଧି ଦଣ୍ଡ ଗଣିଲେ ୧୬୭

ଭୁବନେଶ୍ୱର,୧୩।୪ (ବ୍ୟୁରୋ)
ଟୁଇନ ସିଟି କଟକ ଓ ଭୁବନେଶ୍ୱରରେ ବାରମ୍ବାର ସଚେତନ ସତ୍ତ୍ୱେ ଲକ୍‌ଡାଉନକୁ ଲୋକେ ମାନୁନାହାନ୍ତି। ଘରେ ରହିବା ବଦଳରେ ବିନା କାର୍ଯ୍ୟରେ ବାହାରେ ବୁଲୁଛନ୍ତି। ପୋଲିସକୁ ମିଛ କହି ଧରାପଡିବା ପରେ ବାଇକ୍, କାର ଜବତ ସାଙ୍ଗକୁ ମାସ୍କ ନ ପିନ୍ଧି ଦଣ୍ଡ ଗଣୁଛନ୍ତି। ସୋମବାର ଟୁଇନ ସିଟିର ବିଭିନ୍ନ ଥାନା ଅଞ୍ଚଳରେ ୧୧୪୫ ଜଣଙ୍କ କାର, ବାଇକ୍ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ସେହିପରି ମାସ୍କ ନ ପିନ୍ଧି ଖୁଲମଖୁଲା ବୁଲୁଥିବା ୧୬୭ ଜଣଙ୍କୁ ପୋଲିସ ଧରି ୨ ଶହ ଟଙ୍କା ଲେଖାଏ ଜରିମାନା ଆଦାୟ କରିଛନ୍ତି।

# 'ବାହାର ରାଜ୍ୟରେ ଫସିଥିବା ଓଡ଼ିଆ ଶ୍ରମିକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉ'

**ଭିଡିଓ କନ୍‌ଫରେନ୍ସିଂରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କଲେ ରାଜା**

ଭୁବନେଶ୍ୱର, ୧୩।୪(ବ୍ୟୁରୋ): ଲକ୍‌ଡାଉନ ଯୋଗୁ ବାହାର ରାଜ୍ୟରେ ଫସିଯାଇଥିବା ଓଡ଼ିଆ ଶ୍ରମିକଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିବାକୁ କେନ୍ଦ୍ରମନ୍ତ୍ରୀ ରାମ ବିଳାସ ପାଶ୍ୱାନଙ୍କୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅନୁରୋଧ କରିଛନ୍ତି। ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଦ୍ୱାରା ସୋମବାର ଭିଡିଓ କନ୍‌ଫରେନ୍ସିଂ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ପାଶ୍ୱାନଙ୍କ ଅଧକ୍ଷତାରେ କରିଥିଲେ। ସ୍ୱାଇଁ କୋଭିଡ୍-୧୯ର ମୁକାବିଲା ନିମନ୍ତେ ରାଜ୍ୟ ସରକାର ଗ୍ରହଣ କରିଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା ପରିପ୍ରେକ୍ଷୀରେ ଆଗୁଆ ତ୍ରୈମାସିକ ରାଶନ୍ ନିମନ୍ତେ ଏ ପର୍ଯ୍ୟନ୍ତ ୯୩ ପ୍ରତିଶତ ଖାଦ୍ୟଶସ୍ୟ ଉଠାଣ ହୋଇଛି। ୫୫ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଇଛି। ଏ ପର୍ଯ୍ୟନ୍ତ ରାଶନ କାର୍ଡଧାରୀଙ୍କୁ ୫୬ ଲକ୍ଷ ୧୪ ହଜାର ୯୪୧ ଜଣ ପିଡିଏସ୍ ରାଶନ୍ କାଡଧାରୀଙ୍କୁ ୫୬୧ କୋଟି ୪୯ ଲକ୍ଷ ୪୧ ହଜାର ଟଙ୍କା ବଣ୍ଟନ କରାଯାଇଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ରାଜ୍ୟରେ ଖରିଫ୍ ବିପଣନ ଋତୁ ୨୦୧୯-୨୦ ନିମନ୍ତେ ୧.୪୫ ଲକ୍ଷ ଗାଣ୍ଠି ଖୋଟ ଅଖା ଆବଶ୍ୟକ। ଏ ପର୍ଯ୍ୟନ୍ତ ୧.୦୩ ଲକ୍ଷ ଗାଣ୍ଠି ଯୋଗାଣ ହୋଇଛି। ବକେୟା ଅଖାକୁ ତୁରନ୍ତ ଯୋଗାଇ ଦେବା ପାଇଁ କେନ୍ଦ୍ର ମନ୍ତ୍ରୀ ପାଶ୍ୱାନଙ୍କୁ ସେ ଅନୁରୋଧ କରିଛନ୍ତି। ସେହିପରି ଧାନ ସଂଗ୍ରହ ବାବଦକୁ କେନ୍ଦ୍ର ସରକାରଙ୍କ ଠାରୁ ମିଳିବାକୁ ଥିବା ମୋଟ ୬୧୩୨.୮୬ କୋଟି ଟଙ୍କାକୁ ତୁରନ୍ତ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ସ୍ୱାଇଁ ଅନୁରୋଧ କରିଛନ୍ତି।

## ବିନା ଶ୍ରଦ୍ଧାଳୁରେ ହେଲା ଦଣ୍ଡଯାତ୍ରା

ଭୁବନେଶ୍ୱର,୧୩।୪ (ବ୍ୟୁରୋ)–କରୋନା ଭୂତାଣୁ ପାଇଁ ପ୍ରଶାସନ ବିଭିନ୍ନ ଅଞ୍ଚଳରେ ୧୪୪ ଲଗାଇଛନ୍ତି। ଗୋଟିଏ ସ୍ଥାନରେ ଏକାଧିକ ଲୋକ ଏକାଠି ହୋଇପାରିବେ ନାହିଁ। ଫଳରେ ବହୁ ବର୍ଷର ପାରମ୍ପରିକ ଦଣ୍ଡ ଓ ଝାମୁଯାତ୍ରା ଚଳିତବର୍ଷ କରୋନା ମହାମାରୀ ପାଇଁ ବନ୍ଦ ହୋଇଯାଇଛି। ରଙ୍ଗମାଟିଆ ମା'ବାସୁଳାଇ ପୀଠର ବିନା ଶ୍ରଦ୍ଧାଳୁରେ ଦଣ୍ଡଯାତ୍ରା କରାଯାଇଥିଲା। ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜକଙ୍କ ଦ୍ୱାରା ସକାଳେ ପାଣି ତୋଳା ଯାଇଥିଲା, ଯେଉଁଥିରେ ପୀଠ ସ୍ଥାପନା ପୂଜା ଓ ମା'ଙ୍କ ସ୍ନାନ କରାଯାଇଥିଲା। ଏଥିରେ ୩ ଜଣ ଦଣ୍ଡୁଆ ଯୋଗ ଦେଇଥିଲେ। ପରେ ଦୁଇଜଣ କାଳିଶୀ ନୂଆ ଲୁଗା ପିନ୍ଧି ପାଦରେ ଅଳତା ଓ ଦଣ୍ଡ ଧରି ନିଆଁରେ ଚାଲି ଥିଲେ। ଏହି ଯାତ୍ରାରେ ଗ୍ରାମର ୧୦ ଜଣ ଭାଗ ନେଇଥିଲେ। ସମସ୍ତେ ମୁହଁରେ ଗାମୁଛା ବାନ୍ଧି ସାମାଜିକ ଦୂରତା ବଜାଇ ରଖିଥିଲେ।

## ମା' ଚର୍ଚ୍ଚିକାଙ୍କ ଦୁର୍ଗା ବେଶ

ବାଙ୍କୀ,୧୩।୪(ସ୍ୱ.ପ୍ର.): ମହାବିଷୁବ ସଂକ୍ରାନ୍ତି ଅବସରରେ ବାଙ୍କୀ ଇଷ୍ଟଦେବୀ ମା'ଚର୍ଚ୍ଚିକାଙ୍କ ଦୁର୍ଗା ବେଶ ଅନୁଷ୍ଠିତ ହୋଇଛି। ଭୋର ୪ଟାରୁ ପହଡ଼ ଖୋଲାଯାଇ ମା'ଙ୍କ ମଙ୍ଗଳ ଆଳତୀ, ରାଜାଙ୍କ ସ୍ୱତନ୍ତ୍ର ମାଜଣା ଓ ଶାଢିରେ ଅବକାଶ କରାଯାଇ ନେତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେବୀଙ୍କୁ ଦୁର୍ଗା ବେଶରେ ୧୦୮ ରୂପା ମୁଣ୍ଡମାଳ, ଭୂଜ, ପୟର, ମୁକୁଟ ଓ ଆନୁଷାଙ୍ଗିକ ଅଳଙ୍କାର ପିନ୍ଧା ଯାଇଥିଲା। ଏହି ସବୁ କାର୍ଯ୍ୟକୁ ସେବାୟତମାନେ ସାମାଜିକ ଦୂରତା ରକ୍ଷା କରି ସମ୍ପାଦନ କରିଥିଲେ। ମନ୍ଦିର ଟ୍ରଷ୍ଟି ଓ ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ ଉପସ୍ଥିତ ଥିଲେ। କରୋନା ଯୋଗୁ ଝାମୁ ଯାତ୍ରାକୁ ବନ୍ଦ କରାଯାଇଛି।

# ରାଜ୍ୟରେ ୫ମାସ ପାଇଁ ଔଷଧ, ଚିକିତ୍ସା ଉପକରଣ ଉପଲବ୍ଧ

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

**କରୋନା ମୁକାବିଲା**
- ଆସନ୍ତା ମାସରେ ପହଞ୍ଚିବ ଆଉ ୪ ମାସର ଅର୍ଡର
- ଆସିବ ଆଉ ୩୬୭ ଅତ୍ୟାଧୁନିକ ଭେଣ୍ଟିଲେଟର

ରାଜ୍ୟ ସରକାର କରୋନା ମୁକାବିଲା ପାଇଁ ସମସ୍ତ ପଦକ୍ଷେପ ନେଇଛନ୍ତି। ୯ ମାସ ପାଇଁ ଆବଶ୍ୟକ ଔଷଧ ଓ ଚିକିତ୍ସା ଉପକରଣ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ୫ମାସ ପାଇଁ ଯଥେଷ୍ଟ ପରିମାଣର ଆବଶ୍ୟକ ଔଷଧ ସାମଗ୍ରୀ ଉପଲବ୍ଧ ରହିଛି। ଆଉ ୪ମାସ ନିମନ୍ତେ ଆସନ୍ତା ମାସ ଶେଷ ସୁଦ୍ଧା ମିଳିଯିବ ବୋଲି ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ କହିଛନ୍ତି। ସୋମବାର ରାଜ୍ୟର କରୋନା ସ୍ଥିତିକୁ ନେଇ ସରକାରଙ୍କ ପକ୍ଷରୁ ଆୟୋଜିତ ଖବରଦତା ସମ୍ମିଳନୀରେ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ୍ ୬୩୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ନିଗମ ୩୨କୋଟି ଟଙ୍କାର ଔଷଧ ଓ ଚିକିତ୍ସା ସରଞ୍ଜାମ କ୍ରୟ କରିସାରିଛି। ଯଥେଷ୍ଟ ପରିମାଣର ଅତ୍ୟାବଶ୍ୟକ ଔଷଧ ଯଥା– ଆଣ୍ଟିବାୟୋଟିକ୍ସ, ଆନାଲଜେସିକ୍ସ ଓ ଆଣ୍ଟିଇନଫ୍ଲାମେଟାରି ଉପଲବ୍ଧ ରହିଛି। ଏହାବ୍ୟତୀତ ତିନି ପରସ୍ତ ସର୍ଜିକାଲ ମାସ୍କ, ଏନ୍-୯୫ ମାସ୍କ, ହ୍ୟାଣ୍ଡ୍ ସାନିଟାଇଜର, ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) ମହଜୁଦ ରହିଛି। ଅନୁରୂପ ଭାବେ କନସେନ୍‌ଟ୍ରେଟର୍ସ ଓ ନେବୁଲାଇଜର ଇତ୍ୟାଦି ଉପଲବ୍ଧ ରହିଛି। ଆଉ ୪ମାସ ପାଇଁ ଔଷଧ ଆମଦାନୀ ନିମନ୍ତେ ଅର୍ଡର ଦିଆଯାଇଛି। ରାଜ୍ୟରେ ଥିବା ସମସ୍ତ ସରକାରୀ ମେଡିକାଲ କଲେଜଠାରୁ ଆରମ୍ଭ କରି ପିଏଚ୍‌ସି ଓ ସବ୍‌ସେଣ୍ଟରକୁ ଔଷଧ ଓ ଚିକିତ୍ସା ଉପକରଣ ଯୋଗାଇ ଦିଆଯାଉଛି। ରାଜ୍ୟରେ ଔଷଧ ନିଗମର ୩୯ଟି ଗୋଦାମ ରହିଛି। ନିଗମରେ ଏବେ ୧.୧୮ କୋଟି ତିନି ପରସ୍ତ ସର୍ଜିକାଲ ମାସ୍କ, ୭୧,୮୪୩ଟି ଏନ-୯୫ ମାସ୍କ, ୬୬,୧୧୬ଟି ପିପିଇ ଓ ୪.୧୬ଲକ୍ଷ ହ୍ୟାଣ୍ଡ୍ ସାନିଟାଇଜର ରହିଥିବା ଷଡ଼ଙ୍ଗୀ କହିଛନ୍ତି। ଏବେ ପିପିଇ କିଟ୍ ମିଳିବାରେ ସମସ୍ୟା ରହିଛି। ମାତ୍ର ସରକାର ଏହି ସମସ୍ୟା ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଏବେ ରାଜ୍ୟରେ ୨୯୯ ଆଇସିୟୁ ଭେଣ୍ଟିଲେଟର କାର୍ଯ୍ୟକ୍ଷମ ଥିବାବେଳେ ଅତିରିକ୍ତ ୪୨୪ଟି ଅତ୍ୟାଧୁନିକ ଭେଣ୍ଟିଲେଟର ନିମନ୍ତେ ଅର୍ଡର ଦିଆଯାଇଛି। ସେଥିରୁ ୫୭ଟି ମିଳିସାରିଛି। ୭୭୦୦ ନେବୁଲାଇଜର ପାଇଁ ଅର୍ଡର ଦିଆଯାଇଥିବାବେଳେ ସେଥିରୁ ୭୨୦୦ ମିଳିସାରିଛି। ଔଷଧ ଓ ଅନ୍ୟାନ୍ୟ ଉପକରଣ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ ଦେବାସହ ଏୟାର କାର୍ଗୋ ମାଧ୍ୟମରେ ବି ଆମଦାନୀ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

## ଫଟୋରେ ଖବର





ସୋମବାର ପଣା ସଂକ୍ରାନ୍ତିରେ ଲିଙ୍ଗରାଜ ମନ୍ଦିର ସମ୍ମୁଖ ଖାଁ ଖାଁ। ହନୁମାନ ଜୟନ୍ତୀ ଅବସରରେ ଭୁବନେଶ୍ୱର ବିବେକାନନ୍ଦ ମାର୍ଗସ୍ଥିତ ଏକ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା।




ଭୁବନେଶ୍ୱର ସତ୍ୟନଗର ପାର୍ଶ୍ୱ ରେଲ୍‌ୱେ ସାଇଡିଂରେ ଟ୍ରେନ୍ ବଗିରେ କରୋନା ସନ୍ଦିଗ୍ଧଙ୍କ ପାଇଁ କ୍ୱାରାଣ୍ଟାଇନ୍ ସେଣ୍ଟର ପ୍ରସ୍ତୁତ କରାଯାଉଛି।

# ଗୋବରଘାଟି ଅଞ୍ଚଳକୁ ବିଶୋଧନ କରିବାକୁ ଦାବି

ଯାଜପୁର ଅଫିସ,୧୩।୪

ଟାଟା ଷ୍ଟିଲ୍ ମେଡିକା କୋଭିଡ-୧୯ ହସ୍ପିଟାଲ ଆଖପାଖ ଅଞ୍ଚଳକୁ ବିଶୋଧନ କରିବାକୁ ସୁକିନ୍ଦା ବ୍ଲକ ଗୋବରଘାଟି ସରପଞ୍ଚ ସ୍ୱର୍ଣ୍ଣଲତା ବାନାରା ଦାବି କରିଛନ୍ତି। ଏହି ମର୍ମରେ ସରପଞ୍ଚ ବାନରା ଯାଜପୁର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ସରପଞ୍ଚ ବାନରା ଦର୍ଶାଇଛନ୍ତି ଯେ, ଏହି ଡାକ୍ତରଖାନାର ଚାରି ପାଖରେ ଆଦିବାସୀ ଜନବସତି ରହିଛି। ସେମାନଙ୍କ ମଧ୍ୟରୁ ଅନେକେ ଅସଚେତନ ହୋଇଥିବାରୁ କରୋନା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ତେଣୁ ହସ୍ପିଟାଲ ଆଖପାଖ ଅଞ୍ଚଳର ଗଳିକନ୍ଦି, ରାସ୍ତାଘାଟ, ସର୍ବସାଧାରଣ ସ୍ଥାନରେ ବିଶୋଧନ କରାଯିବାର ବ୍ୟବସ୍ଥା କରାଯାଉ। ଏହାସହ ମାସ୍କ, ସାବୁନ, ସାନିଟାଇଜର ସପ୍ତାହକୁ ଥରେ ସ୍ଥାନୀୟ ଜନସାଧାରଣଙ୍କୁ ବାଣ୍ଟିବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷଣ କରିବାକୁ ସେ ଦାବି କରିଛନ୍ତି।

# ୨ ମାସର ଦରମା ଦାବିକଲା ନୀଳାଚଳ ନିର୍ବାହୀ ସଂଘ

ଯାଜପୁର ଅଫିସ,୧୩।୪

ଲକ୍‌ଡାଉନ ସମୟରେ କାହାର ଦରମା ନ କାଟିବାକୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଦେଇଥିବା ଆଦେଶକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇ୍‌ଏନ୍‌ଏଲ୍) ଲିଃ ଉଲଂଘନ କରିଛି। ନୀଳାଚଳ ନିର୍ବାହୀ ସଂଘର ସାଧାରଣ ସମ୍ପାଦକ ଅଜିତ୍ କୁମାର ପ୍ରଧାନ ଏଭଳି ଏକ ସଙ୍ଗିନ ଅଭିଯୋଗ ଆଣି ଉଦ୍ୟୋଗର ଡାଇରେକ୍ଟର ଫାଇନାନ୍ସ ଏସ.ଭି. ସାହିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଧାନ ଦେଇଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ନୀଳାଚଳ ମ୍ୟାନେଜମେଣ୍ଟକୁ ବାରମ୍ବାର ଜଣାଇଥିଲେ ହେଁ ୨ ମାସରୁ ଊର୍ଦ୍ଧ୍ୱ ହେବ ଦରମା ମିଳିନାହିଁ। ତେଣୁ ନିର୍ବାହୀ ଅଧିକାରୀ ଓ କର୍ମଚାରୀ ଆର୍ଥିକ ଅନଟନର ଶିକାର ହୋଇ ମାନସିକ ଦୁଶ୍ଚିନ୍ତାରେ ଗତି କରୁଛନ୍ତି। ଏଭଳି ସ୍ଥିତିରେ ତୁରନ୍ତ ଦରମା ପ୍ରଦାନ କରିବାକୁ ସଂଘ ଦାବି କରିଛି।

# ବିଲରେ ଶୁଖୁଛି ୨ଲକ୍ଷ ଟଙ୍କାର କଟା ଆଖୁ

**ଚାଷୀ ମୁଣ୍ଡରେ ଚଡ଼କ**

**ବରୀ,୧୩।୪(ସ୍ୱ.ପ୍ର.):** ଲକଡାଉନ ପାଇଁ ବରୀ ଅଞ୍ଚଳର ଜଣେ ଆଖୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ବିଲରୁ ଆଖୁ କାଟି ସାରିଲା ପରେ ଲକଡାଉନ ଘୋଷଣା ହୋଇଥିବାରୁ ସେହିଦିନଠାରୁ ଆଜକୁ ୨୦ଦିନ ହେବ ଆଖୁ ବିଲରେ ପଡି ଶୁଖି ନଷ୍ଟ ହେବାକୁ ବସିଛି। ସୂଚନା ଯେ, ହଳଦୀ ବସନ୍ତ ସ୍ୟାନ୍ତମୁଣ୍ଡ ଗ୍ରାମର ଶିଶିର କୁମାର ଜେନା ଦୁଇ ଏକର ଜମିରେ ଆଖୁ ଚାଷ କରିଥିଲେ। ଏନେଇ ଏକ ସୁଗାର କମ୍ପାନୀ ସହିତ ଚୁକ୍ତି ଅନୁଯାୟୀ ଆଖୁ କଟା ସରିଲା ପରେ କଟା ଆଖୁକୁ କମ୍ପାନୀ ନେଇଯିବା କଥା। କିନ୍ତୁ କଟା ସରିବା ପରେପରେ ଲକ୍‌ଡାଉନ ଘୋଷଣା ହୋଇଯିବାରୁ କମ୍ପାନୀ ଗାଡ଼ି ଆସିପାରିଲା ନାହିଁ। ଏବେ ଆଖୁ ବିଲରେ ପଡ଼ି ରହିଛି। ଫଳରେ ଚାଷୀ ଜେନା ମୁଣ୍ଡରେ ହାତ ଦେଇ ବସିଛନ୍ତି। ୨ଲକ୍ଷ ଟଙ୍କାର ଆଖୁ ନଷ୍ଟ ହୋଇ ଯାଇଥିବାରୁ ବରୀ ତହସିଲଦାରଙ୍କ ନିକଟରେ ଚାଷୀ ଜଣକ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହିପରି ଆଉ କେତେଜଣ ଚାଷୀଙ୍କର ମଧ୍ୟ କ୍ଷତି ଘଟିଥିବା ଜଣାପଡିଛି।

# ପନିପରିବା ଚାଷ ବିପର୍ଯ୍ୟସ୍ତ

ଯାଜପୁର ଅଫିସ,୧୩।୪



- ଫନୀ, ବୁଲ୍‌ବୁଲ୍ ପରେ କରୋନା ମାଡ଼
- ଝୁଡ଼ୁଙ୍ଗ, ବିନ୍‌ସ କ୍ଷେତରେ ପାଣି ମଡ଼ାଇଲେନି ଚାଷୀ
- ବାଇଗଣକୁ ଖାଇଲା ପୋକ, ବିକ୍ରି ପାଇଁ ଗଲାନି ବିଲାତି

ଯାଜପୁର ଜିଲାର ପନିପରିବା ଚାଷକୁ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କ୍ଷତିଗ୍ରସ୍ତ କରିଆସୁଛି। ୨୦୧୯ରେ ଅଦିନିଆ ବର୍ଷା, ପ୍ରବଳ ବର୍ଷା ସାଙ୍ଗକୁ ଫନୀ ଓ ବୁଲ୍‌ବୁଲ୍ ବାତ୍ୟାରେ ଜିଲାର ୫୫୫ ଏକର ପନିପରିବା ଚାଷ ପ୍ରଭାବିତ ହୋଇଥିଲା। ଏହାବାଦ୍ କେତେକ ଛତୁ ଉତ୍ପାଦନ କେନ୍ଦ୍ର ମଧ୍ୟ ନଷ୍ଟ ହୋଇଥିଲା। କିନ୍ତୁ କରୋନା ମୁକାବିଲା ପାଇଁ ଚାଲିଥିବା ଲକ୍‌ଡାଉନ ମାଡ଼ରେ ଜିଲାର ପନିପରିବା ଚାଷୀ ବିଚଳିତ ହୋଇ ପଡିଛନ୍ତି। ଉପଯୁକ୍ତ ବଜାର ଅଭାବରୁ ଝୁଡଙ୍ଗ, ବିନ୍‌ସ, ବିଲାତି, ଶାଗ କ୍ଷେତରେ ଚାଷୀ ଆଉ ପାଣି ମଡ଼ାଇଲେନି। ଫଳରେ ପନିପରିବା କ୍ଷେତ ଶୁଖିଯାଇ ଚାଷୀ ଲକ୍ଷାଧିକ ଟଙ୍କା କ୍ଷତିର ସମ୍ମୁଖୀନ ହୋଇଛନ୍ତି। କୀଟନାଶକ ନ ମିଳିବା କାରଣରୁ ବାଇଗଣ ଗଛରେ ପୋକ ଲାଗିଯାଇଛି। କରୋନା ମାଡ଼ରେ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ସରକାର କୌଣସି ସହାୟତା ପ୍ୟାକେଜ ଘୋଷଣା ନ କରିବାରୁ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାର ରସୁଲପୁର, ଧର୍ମଶାଳା, ସୁକିନ୍ଦା, କୋରେଇ, ବରୀ, ବିଞ୍ଝାରପୁର ବ୍ଲକ ଅଞ୍ଚଳ ପନିପରିବା ପାଇଁ ପ୍ରସିଦ୍ଧ। ଚଳିତବର୍ଷ ପ୍ରାୟ ୨୦ ହଜାର ହେକ୍ଟର ଜମିରେ ଚାଷୀ ପନିପରିବା ଚାଷ କରିଛନ୍ତି। ଗତ ବୁଲ୍‌ବୁଲ୍ ଓ ଫନୀ ବାତ୍ୟାରେ ଯାଜପୁର ଜିଲାର ୩୩%ରୁ ଊର୍ଦ୍ଧ୍ୱ ପନିପରିବା ଚାଷ ପ୍ରଭାବିତ ହୋଇଥିଲା। ହେଲେ ସମ୍ପୃକ୍ତ ଚାଷୀ କୌଣସି ସହାୟତା ପାଇଲେ ନାହିଁ ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ କରୋନା ଯୋଗୁ ୧୯ଦିନ ହେଲା ଲକ୍‌ଡାଉନ ଯୋଗୁ ଜିଲାର ଚାଷୀ ଘରୁ ବାହାରି ପାରୁନାହାନ୍ତି। ଲକ୍‌ଡାଉନ ପରେ ପରେ ଚାଷୀ ପନିପରିବା ଅମଳ କରି ପାରିନଥିଲେ। କିଛି ଅମଳ ହୋଇଥିଲେ ହେଁ ଚାଷୀ ବଜାରକୁ ନେବାରେ ସମସ୍ୟା ଉପୁଜିଥିଲା। ଅମଳ ପନିପରିବାର ଦର ମଧ୍ୟ ଖସି ଯାଇଥିଲା। ଝୁଡ଼ଙ୍ଗ ଓ ବିନ୍‌ସ କିଲୋ ପ୍ରତି ୫ ଟଙ୍କାରେ ବି ବ୍ୟବସାୟୀ ନେବାକୁ ଅମଙ୍ଗ ହୋଇଥିଲେ। ଫଳରେ ଚାଷୀ ଉକ୍ତ କ୍ଷେତରେ ଆଉ ପାଣି ମଡ଼ାଇଲେ ନାହିଁ। ଫଳରେ ଗଛସବୁ ପୋଡ଼ିଗଲା। ରସୁଲପୁର ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତ ଭଗୀରଥପୁର ଗ୍ରାମରେ ଶତାଧିକ ପରିବାର ପନିପରିବା ଚାଷ ଉପରେ ନିର୍ଭରଶୀଳ। ଏହି ଗ୍ରାମର ଚାଷୀ ରବୀନ୍ଦ୍ର ବେହେରା, ସୁଶାନ୍ତ ବେହେରା, ଅକ୍ଷୟ ବେହେରା, ହରିହର ପରିଡା ପ୍ରମୁଖ କୁହନ୍ତି, ଗତ ଦୁଇ ବର୍ଷ ହେଲା ପ୍ରାକୃତିକ ବିପର୍ଯ୍ୟୟରେ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଏବେ କରୋନା ମାଡ଼ରେ ଅଧିକ ଘାଇଲା ହୋଇଛୁ। ଚାଷରେ ହଜାର ହଜାର ଟଙ୍କା ବିନିଯୋଗ କରିଥିଲେ ହେଁ ମୂଳ ବି ଫେରିଲା ନାହିଁ। ଝୁଡ଼ଙ୍ଗ, ବିନ୍‌ସ, ଶାଗ, ବିଲାତି, ବାଇଗଣ ଆଦି ପରିବା ଉଜୁଡିଯାଇଛି। ବାଦାମ ଅମଳ କରି ସାରିଛନ୍ତି, କିନ୍ତୁ ଉପଯୁକ୍ତ ବଜାର ବ୍ୟବସ୍ଥା ହୋଇ ନ ପାରିବାରୁ ତାହା ବିକ୍ରି ହୋଇପାରିନାହିଁ। ଏଭଳିସ୍ଥିତିରେ ସରକାର ଚାଷୀଙ୍କୁ ସହାୟତା ରାଶି ଘୋଷଣା ନ କଲେ ଆର୍ଥିକ ଅନଟନର ଶିକାର ହେବା ନିଶ୍ଚିତ ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଉଦ୍ୟାନ ବିଭାଗର ସହକାରୀ ଉପନିର୍ଦ୍ଦେଶକ ଲୋକନାଥ ଜେନାଙ୍କୁ ପଚାରିବାକୁ ତାଙ୍କ ମୋବାଇଲ ଫୋନକୁ ଏକାଧିକ ଥର ଯୋଗାଯୋଗ କରିଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ।

# ହିତାଧିକାରୀଙ୍କୁ ୫ କେଜି କମ୍ ଚାଉଳ ଦିଆଯାଉଥିବା ଅଭିଯୋଗ

ଯାଜପୁର ଅଫିସ/କୋରେଇ,୧୩।୪(ସ୍ୱ.ପ୍ର.)

**ତଦନ୍ତ କରି ମାମଲାକୁ ରଫାଦଫା ଉଦ୍ୟମ**

ଲକ୍‌ଡାଉନ୍ ପରିପ୍ରେକ୍ଷୀରେ ସହାୟତା ପାଇଁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ପାଇଁ ମାଗଣାରେ ୫ କେଜି ଲେଖାଏ ଚାଉଳ ଦେବାକୁ ନିର୍ଦ୍ଦେଶ ରହିଛି। ହେଲେ ଓଲଟା ୫ କେଜି ଲେଖାଏ କମ୍ ଚାଉଳ ଦିଆଯାଉଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲା କୋରେଇ ବ୍ଲକରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଅଭିଯୋଗ ହେବା ପରେ ବିଭାଗୀୟ ତଦନ୍ତ ହୋଇଥିଲେ ହେଁ ସମ୍ପୃକ୍ତ ରିଟେଲରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ହିତାଧିକାରୀମାନଙ୍କୁ ବ୍ୟଥିତ କରିଛି। ଅଭିଯୋଗ ଅନୁଯାୟୀ କୋରେଇ ବ୍ଲକ ଅନ୍ଧାରି ପଞ୍ଚାୟତର ଆମ୍ବଲପୁର ଓ ଚଡେଇପାଟିଆ ଗ୍ରାମରେ ଦୁଇଜଣ ରିଟେଲର ହିତାଧିକାରୀମାନଙ୍କୁ ୫ କେଜି ଲେଖାଏ କମ ଚାଉଳ ଦେଉଥିଲେ। ଏଭଳି ଅନିୟମିତତାକୁ ସେହି ଗ୍ରାମର ବାସନ୍ତୀ ଜେନା, ଶାନ୍ତିଲତା ଜେନା, ପର୍ଶୁରାମ ଜେନା, ନୀଳ ମଲିକ, ଶିବର ମଲିକ, ଗୋବିନ୍ଦ ଜେନା ପ୍ରମୁଖ ବିରୋଧ କରିଥିଲେ। ହେଲେ ସଂପୃକ୍ତ ରିଟେଲର ଓଲଟା ସେମାନଙ୍କୁ ଧମକ ଦେଇ ରାଶନ ଦେବା ବନ୍ଦ କରିଦେଇଥିଲେ। ଏ ସଂକ୍ରାନ୍ତରେ ସରପଞ୍ଚ ସରୋଜିନୀ ମହାକୁଡ ବ୍ଲକ ଓ ଜିଲା ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ପାଇ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ନାୟକ ଓ ସହକାରୀ ଜିଲା ଯୋଗାଣ ଅଧିକାରୀ ପ୍ରହ୍ଲାଦ ସେଠୀ ରବିବାର ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗର ତଦନ୍ତ କରିଥିଲେ। ତଦନ୍ତରେ ହିତାଧିକାରୀମାନଙ୍କୁ କମ୍ ଚାଉଳ ଦିଆଯାଉଥିବା ଏବଂ ଷ୍ଟକ ରେଜିଷ୍ଟର ଠିକ ନ ଥିବା ଜାଣିବାକୁ ପାଇଥିଲେ। ହେଲେ ସମ୍ପୃକ୍ତ ରିଟେଲରମାନଙ୍କ ବିରୋଧରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏ ସଂକ୍ରାନ୍ତରେ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ରବିବାର ଛୁଟି ଥିବାରୁ ସୋମବାର ତଦନ୍ତ ରିପୋର୍ଟ ଦାଖଲ କରିବେ। ଏହାପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କିନ୍ତୁ ସୋମବାର ସନ୍ଧ୍ୟା ସୁଦ୍ଧା ସମ୍ପୃକ୍ତ ରିଟେଲରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ମାମଲାକୁ ଚାପି ଦିଆଯାଇଥିବା ସନ୍ଦେହ କରାଯାଉଛି।

# ଭୁବନେଶ୍ୱର ଫେରନ୍ତାଙ୍କୁ ନେଇ ଗାଁରେ ଉତ୍ତେଜନା

**ବରୀ, ୧୩।୪ (ଡି.ଏନ.ଏ):** କରୋନା ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ୍ ଶେଷ ହେବା ପର୍ଯ୍ୟନ୍ତ ଯିଏ ଯେଉଁଠାରେ ଅଛନ୍ତି, ସେହିଠାରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହି ନିୟମ ନ ମାନି ରବିବାର ରାତିରେ ଜଣେ ବ୍ୟକ୍ତି ଭୁବନେଶ୍ୱରର ପଟିଆରୁ ବରୀ ବ୍ଲକ ଅନ୍ୟାସୀପୁର ଗ୍ରାମକୁ ଚାଲି ଆସିଥିଲେ। ରାଜ୍ୟରେ କରୋନା ସଂକ୍ରମିତଙ୍କ ମଧ୍ୟରୁ ସର୍ବାଧିକ ଭୁବନେଶ୍ୱରର ହୋଇଥିବାରୁ ଏ ନେଇ ଗ୍ରାମବାସୀ ପାଟିତୁଣ୍ଡ କରିଥିବା ଜଣାପଡ଼ିଛି। ତେବେ ଲୋକମାନେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ଅଙ୍ଗନୱାଡି କର୍ମୀଙ୍କୁ ଏ ନେଇ ଅବଗତ କରାଇଥିଲେ। ଖବରପାଇ ବରୀ ତହସିଲଦାର, ବରୀ ଥାନାଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଘଟଣାସ୍ଥଳକୁ ଯାଇ ଭୁବନେଶ୍ୱରରୁ ଆସିଥିବା ବ୍ୟକ୍ତି ଓ ତାଙ୍କ ପରିବାରକୁ ୧୪ ଦିନ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ବରୀ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରେ, ଘଟଣାସ୍ଥଳକୁ ଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି। ଆଗାମୀ ଦିନରେ ବାହାରେ ରହୁଥିବା ଲୋକେ ଯେପରି ବ୍ଲକ ଅଞ୍ଚଳକୁ ନ ଆସିପାରିବେ ସେ ଦିଗରେ ଧ୍ୟାନ ଦିଆଯିବ ବୋଲି କହିଛନ୍ତି।

# ଖବରଦାତାଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

ରସୁଲପୁର,୧୩।୪(ଡିଏନଏ)

ରସୁଲପୁର ବ୍ଲକ ଅଞ୍ଚଳର ନାରାୟଣ ଚନ୍ଦ୍ର ରଥ ନାମକ ଜଣେ ଖବରଦାତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ୩ଜଣ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡ଼ିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ହେଲେ ରାଜେନ୍ଦ୍ରପୁର ଗ୍ରାମର ବାବୁଲା ଜେନା ଓରଫ ସୁରେଶ, ଦୀପକ କୁମାର ଜେନା ଓରଫ ଦିପୁ, ଦିବ୍ୟ ପ୍ରକାଶ ଜେନା ଓରଫ ହାପି। ଗତ ୬ତାରିଖ ଖବରଦାତା ନାରାୟଣ ମୂଳାପାଳ-ବନ୍ଧଡିହ ରାସ୍ତାରେ ଆସୁଥିବାବେଳେ ପୂର୍ବ ଶତ୍ରୁତା କାରଣରୁ କୁଆଖିଆ ଥାନା ରାଜେନ୍ଦ୍ରପୁର ପଞ୍ଚାୟତ ଦିଆଲଖଣ୍ଡି ଗ୍ରାମ ନିକଟରେ ୪ଜଣ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ନିକଟରୁ ସୁନା ଚେନ, ମୁଦି, ମୋବାଇଲ ଫୋନ ସହ ପର୍ସ ଛଡାଇ ନେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ-୧୧୭/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ମଧ୍ୟ ବିଭିନ୍ନ ଘଟଣାରେ ବହୁ ମାମଲା ରହିଛି।

# ଉପବାସରେ ୨୬ ବହିରାଗତ ଶ୍ରମିକ



୨୬ ଜଣ ବହିରାଗତ ଶ୍ରମିକ।

ରସୁଲପୁର,୧୨।୪(ଡିଏନଏ)

**ଲକ୍‌ଡାଉନକୁ ୨୦ଦିନ ବିତିଲା**

- ଏହି ଶ୍ରମିକଙ୍କୁ ଖାଦ୍ୟ ଦିଆଯିବାର ନିୟମ ନାହିଁ : ସରପଞ୍ଚ
- ନାନା ବାଦବିବାଦ ଯୋଗୁ ଭୋକରେ ରହିଛନ୍ତି ଶ୍ରମିକ

ରସୁଲପୁର ବ୍ଲକ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାବେଳେ ଖରିଫ ଫସଲ ଅମଳ ସମୟରେ କେନ୍ଦୁଝର ଜିଲାରୁ ଶ୍ରମିକମାନେ ଆସି ଏହି ବ୍ଲକ ଅଞ୍ଚଳରେ କାମଧନ୍ଦା କରିଥାନ୍ତି। ବିଶେଷ କରି ବାଦାମ, ବିରି, ମୁଗ ଆଦି ଅମଳ କରିବାରେ ଶ୍ରମିକମାନେ ସହାୟତା କରିଥାଆନ୍ତି। ଏହିକ୍ରମରେ ବ୍ଲକର ଗନ୍ଧଣ ପଞ୍ଚାୟତ ଏକତଳା, ଦରକୁଣ୍ଡି, ଗନ୍ଧଣ ଆଦି ଗ୍ରାମରେ ଶତାଧିକ ଶ୍ରମିକ କେନ୍ଦୁଝର ଜିଲାରୁ ଆସି ରହୁଛନ୍ତି। ଲକଡାଉନ ଘୋଷଣା ହୋଇଯିବା ପରେ ଏହି ଶ୍ରମିକଙ୍କୁ କାମଧନ୍ଦା ମିଳୁ ନ ଥିବାବେଳେ ଏମାନେ ନିଜ ଗାଁକୁ ଫେରି ମଧ୍ୟ ପାରୁନାହାନ୍ତି। ଫଳରେ ଏହି ଶ୍ରମିକଙ୍କୁ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ସମସ୍ୟା ୨୦ଦିନ ହେଲା ଲାଗି ରହିଛି। ତେବେ ସରପଞ୍ଚ ତାଲିକା ପ୍ରସ୍ତୁତ କରିବା ପରେ ସ୍ୱୟଂସହାୟିକା ଗୋଷ୍ଠୀ ଜରିଆରେ ସେମାନଙ୍କୁ ମଧ୍ୟାହ୍ନ ଓ ରାତ୍ରି ଭୋଜନ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶନାମାକୁ ୧୦ଦିନ ବିତି ଯାଇଥିଲେ ବି ଏଠାରେ କୃଷି ଶ୍ରମିକଙ୍କୁ ମାଗଣା ରନ୍ଧାଖାଦ୍ୟ ମିଳୁନାହିଁ। ଏ ନେଇ ଏହି ପଞ୍ଚାୟତର ଏକତଳା ଗ୍ରାମରେ ରହୁଥିବା ୨୬ଜଣ ଶ୍ରମିକ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଗାୟତ୍ରୀ ବିଶ୍ୱାଳଙ୍କୁ ପଚାରିବାରେ, ଏହି ପଞ୍ଚାୟତର ଦରକୁଣ୍ଡିରେ ରହୁଥିବା ୨୦ରୁ ଊର୍ଦ୍ଧ୍ୱ କୃଷି ଶ୍ରମିକ ଗୁପ୍ତଭାବେ ଏକ ଟ୍ରକ ସହାୟତାରେ ଗାଁ ଛାଡି ଦେଇଛନ୍ତି। ଅନ୍ୟ ଯେଉଁ ଶ୍ରମିକମାନେ ଅଛନ୍ତି, ସେମାନଙ୍କୁ ଯେଉଁମାନେ କାମ କରାଇବାକୁ ଆଣିଥିଲେ ସେମାନେ ତାଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରିବେ। ଏହି ଶ୍ରମିକଙ୍କୁ ଖାଇବାକୁ ଦେବାର ସରକାରୀ ନିୟମ ନାହିଁ ବୋଲି ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ବିଡିଓଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷେ ଏହି ଶ୍ରମିକଙ୍କୁ କେହି ଆଣି ନ ଥିଲେ ବରଂ ସେମାନେ ପ୍ରତିବର୍ଷ ଏହି ଅଞ୍ଚଳକୁ ଆସି କାମ କରନ୍ତି ଓ କୃଷିକାର୍ଯ୍ୟ ସରିଗଲେ ଫେରିଯାଆନ୍ତି। ଗାଁରେ ଯିଏ ଡାକେ ସେମାନେ ତାଙ୍କ କାମ କରିବାକୁ ଯାଆନ୍ତି ବୋଲି ଶ୍ରମିକମାନେ ମତ ରଖିଛନ୍ତି। ଏହିଭଳି ନାନା ବିବାଦ ଭିତରେ ନୀରିହ ଶ୍ରମିକମାନେ ଭୋକ ଉପାସରେ ପଡ଼ି ରହୁଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ରନ୍ଧା ଖାଦ୍ୟ ପାଇଁ ଥାଳି ଧରି ରାସ୍ତା ଅବରୋଧ

କାଳିଆପାଣି,୧୩।୪ (ଡିଏନଏ)

ଲକ୍‌ଡାଉନ ଯୋଗୁ ଲୋକେ ଭୋକ ଉପାସରେ ରହିଥିବାବେଳେ ସରକାରଙ୍କ ପକ୍ଷରୁ ବଣ୍ଟାଯାଉଥିବା ରନ୍ଧା ଖାଦ୍ୟ ପାଇବା ପାଇଁ ଥାଳି ଧରି ରାସ୍ତା ଅବରୋଧ କରିବା ଭଳି ଘଟଣା ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତରେ ସୋମବାର ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ଅଧୀନ ଦେଓଗାଁ, କୁମୁଡିବାହାଳି, ଅଶୋକଝର, ବାହାଳିସାହି, ଖଣ୍ଟପଶି ଗ୍ରାମର ବହୁ ଲୋକ ଦିନମଜୁରିଆ ଭାବେ କାର୍ଯ୍ୟକରି ପେଟ ପୋଷନ୍ତି। ଲକ୍‌ଡାଉନ୍ ଯୋଗୁ କାମଧନ୍ଦା ବନ୍ଦ ହୋଇଯିବାରୁ ସେମାନେ କିଛିଦିନ ସଞ୍ଚିତ ଖାଦ୍ୟ ଖାଇ ଦିନ କାଟୁଥିଲେ। ହେଲେ ଏବେ ଏହି ପରିବାରଗୁଡ଼ିକ ଓଳିଏ ଖାଇ ଆର ଓଳିକୁ ଉପାସ ରହୁଛନ୍ତି। ନିକଟସ୍ଥ ଗ୍ରାମ ନଗଡ଼ାରେ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବାବେଳେ କେତେକ କମ୍ପାନୀ ପକ୍ଷରୁ ମଧ୍ୟ ଏବେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ମାତ୍ର ଅନ୍ୟ ଗ୍ରାମର ଲୋକଙ୍କ ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆ ନ ଯିବା ଯୋଗୁ ସେମାନେ ସୋମବାର ହାତରେ ଥାଳି ଓ ତାଟିଆ ଧରି କାଳିଆପାଣି-ନଗଡ଼ା ରାସ୍ତା ଅବରୋଧ କରିଥିଲେ। ଖବରପାଇ କାଳିଆପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ତେବେ ଆନ୍ଦୋଳନକାରୀଙ୍କ ଅସୁବିଧା ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

# ଭକ୍ତ-ଭଗବାନ ମଧ୍ୟରେ କରୋନା ପ୍ରାଚୀର

ରସୁଲପୁର,୧୩।୪(ଡିଏନଏ)

**କଡ଼ା କଟକଣାରେ ଆରମ୍ଭ ହେଲା ସିଂହାପୁର ଯାତ୍ରା**

ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ଓଡ଼ିଶା ପ୍ରସିଦ୍ଧ ଐତିହାସିକ ସିଂହାପୁର ଯାତ୍ରା କଡ଼ା କଟକଣା ମଧ୍ୟରେ ଆରମ୍ଭ ହୋଇଛି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପ୍ରାଚୀର ଛିଡ଼ା କରାଇଛି କରୋନା। ଫଳରେ ଭକ୍ତ ଭଗବାନଙ୍କୁ ଦର୍ଶନ କରିବା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ନାରାୟଣ ଗୋସାଇଁ ସ୍ନାନାସନରେ ବିଜେ କରିଛନ୍ତି। ମନ୍ଦିରଠାରୁ ୧୦୦ମିଟର ପରିଧି ମଧ୍ୟରେ ୧୪୪ଧାରା ଜାରି ହୋଇଛି। ମାତ୍ର ପାରମ୍ପରିକ ରୀତିନୀତିରେ ପୂଜାକାର୍ଯ୍ୟ ସମ୍ପନ୍ନ ହେବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହିକ୍ରମରେ ଜଳଶାୟୀ ପ୍ରଭୁ ନାରାୟଣ ଗୋସାଇଁଙ୍କୁ ରବିବାର ରାତି ୩ଟା ୧୫ରେ ମଧୁତୀର୍ଥ ପୁଷ୍କରିଣୀରୁ ବାହାରକୁ ଅଣାଯାଇଥିଲା। ମାତ୍ର ୭ରୁ ୮ ଭକ୍ତ ଠାକୁରଙ୍କୁ ପୁଷ୍କରିଣୀର ପୂର୍ବ ପାବଚ୍ଛରେ ସ୍ଥାପନ କରିଥିଲେ। ୨୫ ମିନିଟ୍‌ରେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ରାତି ୩ଟା ୪୦ରେ ପ୍ରଭୁଙ୍କୁ ମନ୍ଦିର ପ୍ରବେଶ କରାଯାଇଥିଲା। ସ୍ଥାନୀୟ ଲୋକେ ସକାଳୁ ଉଠିଲା ବେଳକୁ ସବୁ କାମ ସରି ଯାଇଥିଲା। ଏହାକୁ ନେଇ ଭକ୍ତ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଠାକୁର ଏତେଶୀଘ୍ର ମନ୍ଦିର ଭିତରକୁ ପ୍ରବେଶ କରିବା ସେମାନଙ୍କ ଜାଣିବା ଭିତରେ କେବେ ଘଟି ନ ଥିଲା। ଭକ୍ତଶୂନ୍ୟ ଯାତ୍ରା ଯୋଗୁ ପ୍ରଭୁ ନାରାୟଣ ଗୋସାଇଁଙ୍କ ନୀତିକାନ୍ତିକୁ ସ୍ୱଳ୍ପ ସମୟ ମଧ୍ୟରେ ସୀମିତ ରଖାଯାଇଥିଲା। ଏ ସମ୍ପର୍କରେ ରସୁଲପୁର ତହସିଲଦାର ତଥା ମାଜିଷ୍ଟ୍ରେଟ୍ ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରୁ, ଠାକୁରଙ୍କ ନୀତିକାନ୍ତିକୁ ପାରମ୍ପରିକ ରୀତିନୀତିରେ ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ସମୟରେ ଲୋକଙ୍କ ଜୀବନ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସମଗ୍ର ବିଶ୍ୱ ସଂକଟ ସମୟ ଦେଇ ଗତି କରୁଛି। ଏହି ସମୟରେ ସମସ୍ତେ ସହଯୋଗ କରିବା ସହ ସଜାଗ ରହିଲେ ଆସନ୍ତାବର୍ଷ ପ୍ରଭୁଙ୍କ ଯାତ୍ରାକୁ ଧୁମ୍‌ଧାମରେ ପାଳନ କରିବା ପାରିବା ବୋଲି କହିଛନ୍ତି। ଏହି ପୂଜା କାର୍ଯ୍ୟକୁ ଜିଲା ପ୍ରଶାସନ ପକ୍ଷରୁ ତହସିଲଦାରଙ୍କ ସମେତ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ବିଡିଓ ଉମାକାନ୍ତ ପରିଡା, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ, ଇନ୍ସପେକ୍ଟର ଆଶାରାମ ବିନ୍ଧାଣୀଙ୍କ ସହ ଗୋଟିଏ ସେକ୍ସନ ପୋଲିସ ଫୋର୍ସ ତଦାରଖ କରୁଛନ୍ତି। ଏଠାରେ ୩ଦିନ ଧରି ପୂଜାକାର୍ଯ୍ୟକୁ ସୁରୁଖୁରୁରେ ସମାପନ କରିବା ପରେ ପ୍ରଭୁ ପୁଣି ଜଳାବସ୍ଥାନ କରିବେ ବୋଲି କୁହାଯାଇଛି।



ସିଂହାପୁର ଯାତ୍ରା ଏକ ଗଣପର୍ବଭାବେ ପାଳନ କରାଯାଏ। ଏହି ସମୟରେ ଘରେ ବନ୍ଧୁବାନ୍ଧବ ପୂରିଯାନ୍ତି। ଯାତ୍ରା ସମୟରେ ଦିନରାତି ଏକ ହୋଇଯାଏ। କିନ୍ତୁ କରୋନା ଯୋଗୁ ଏଥର ସବୁ କିଛି ଓଲଟପାଲଟ ହୋଇଗଲା। ବହୁ ବ୍ୟବସାୟୀଙ୍କ ବେପାର ବୁଡ଼ିଗଲା। ଏଥିପାଇଁ ବହୁତ ଦୁଃଖ ଲାଗୁଛି।

**- ଆରତୀ ପହି, ସିଂହାପରୁ ସରପଞ୍ଚ**



କରୋନାକୁ ନେଇ ଚଳିତବର୍ଷ ଯାତ୍ରା ହେବ ନାହିଁ ଶୁଣି ବହୁତ ଦୁଃଖ ଲାଗିଥିଲା। ମାତ୍ର ଠାକୁରଙ୍କୁ ଦର୍ଶନ କରିବାକୁ ସୁଯୋଗ ମିଳିବ ନାହିଁ ବୋଲି କଳ୍ପନା କରି ନ ଥିଲି। ମାନସିକ ପୂରଣ ପାଇଁ ପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା, ଯଜ୍ଞ ହୋଇଥାନ୍ତା। ଏ ସବୁ ବନ୍ଦ ହୋଇଯିବାରୁ ମୁଁ ବହୁତ ଦୁଃଖିତ। ପ୍ରଭୁଙ୍କୁ କେବଳ ଘରେ ରହି ମୁଣ୍ଡିଆ ମାରି ମନର ବେଦନା ଜଣାଇବା ଛଡା ଆଉ କିଛି ବାଟନାହିଁ।

**- ପୁଷ୍ପାଞ୍ଜଳି ସାହୁ, ଭକ୍ତ**



ଯାତ୍ରା ସବୁ ବର୍ଗର ଲୋକଙ୍କ ପାଇଁ ରୋଜଗାରର ବାଟ ଫିଟାଇଥାଏ। ଯାତ୍ରା ବନ୍ଦ ହୋଇଗଲା। ଅର୍ଥ ରୋଜଗାର ବନ୍ଦ ହୋଇଗଲା। ଏବେ ପ୍ରଭୁ ନାରାୟଣ ଗୋସାଇଁଙ୍କ ପାଦତଳେ ସବୁ ଦୁଃଖ ଜଣାଉଛୁ। ପ୍ରଭୁ ଏ ଘୋର ସଂକଟରୁ ସମସ୍ତଙ୍କୁ ରକ୍ଷା କରନ୍ତୁ।

**- ସୁଶୀଳ କୁମାର ପଣ୍ଡା, ଭକ୍ତ**



ସିଂହାପରୁର ୩ଦିନ ଯାତ୍ରାରୁ ୩ମାସର ଘର ଚଳିବା ଖର୍ଚ୍ଚ ମିଳିଥାଏ। ହଠାତ୍ ଏଭଳି ଘଟଣା ଯୋଗୁ ବହୁତ କଷ୍ଟ ହୋଇଛି। ଖାଲି ଏହି ଯାତ୍ରା ନୁହେଁ, ସବୁ ମେଳା, ଉତ୍ସବ ବନ୍ଦ ହୋଇଯିବା ପରେ ଆଗକୁ ପରିବାର କେମିତି ଚଳିବ ସେହି ଚିନ୍ତା ଘାରିଛି। ପ୍ରଭୁଙ୍କ କୃପାରୁ ସବୁ ଠିକ୍ ହୋଇଯିବ ବୋଲି ଆଶା କରୁଛି।

**- ରାମଚନ୍ଦ୍ର ଦାସ, ବ୍ୟବସାୟୀ**

# ଗାରିଆ ମହାଦେବ ମନ୍ଦିରରେ ହେଲା ଚଡ଼କଯାତ୍ରା

**ଜଗତ୍‌ସିଂହପୁର ଅଫିସ,୧୩।୪**

କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣ ଯୋଗୁ ଦେଶରେ ଲକ୍‌ଡାଉନ୍ ନିୟମ କାର୍ଯ୍ୟକାରୀ ହୋଇଛି। ଏହିକ୍ରମରେ ସୋମବାର ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି (ପଣା ସଂକ୍ରାନ୍ତି) ପାଇଁ ଦେବଦେବୀ ମନ୍ଦିରରେ ଭିଡ ହେବା ସମ୍ଭାବନା ଥିବାରୁ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ମା' ଶାରଳା ମନ୍ଦିର, ବାଲିକୁଦା ବ୍ଲକ ପରହାଟର ମା' ଭଗବତୀ ମନ୍ଦିର, ପାରାଦୀପର ରାମଘାଟ ହନୁମାନ ମନ୍ଦିର, ନୂଆବଜାର ତାରିଣୀ ମନ୍ଦିର, ଷଣ୍ଢକୁଦ କାଳୀ ମନ୍ଦିର, ନାଉଗାଁ ବ୍ଲକ ଗାରୋଇ ଜଗନ୍ନାଥ ମନ୍ଦିର ଏବଂ ବିରିଡ଼ି ଧାନକୁଦ ଜଗନ୍ନାଥ ମନ୍ଦିରରେ ୧୪୪ ଧାରା ଜାରି କରାଯାଇଥିଲା। ମାତ୍ର ଦୁଃଖର କଥା ହେଲା ଜିଲାର ଏରସମା ଥାନା ଅନ୍ତର୍ଗତ ଗାରିଆ ମହାଦେବ ମନ୍ଦିରରେ ଚଡ଼କ ଯାତ୍ରା ପୂର୍ବପରି ହୋଇଛି। ଏ ସମୟରେ ସରକାର ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ ଜିଲାରେ କିନ୍ତୁ ଏଭଳି ବ୍ୟତିକ୍ରମକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏହି ପୀଠରେ ହୋଇଥିବା ଚଡ଼କ ଯାତ୍ରାରେ ଶହସ୍ରାଧିକ ଲୋକଙ୍କ ଜନସମାଗମ ହୋଇଥିଲେ ସୁଦ୍ଧା ଏହାକୁ ନିୟନ୍ତ୍ରଣ କରା ନ ଯିବା ଆଲୋଚନାର ବିଷୟ ହୋଇଛି। ଅନ୍ୟପଟେ କିଛି ଦିନ ହେଲା ସାରା ଜିଲାରେ ଲକ୍‌ଡାଉନ ନିୟମକୁ ଲୋକେ ଫୁଁ କରି ଦେଇଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଗଡ଼ହରିଶପୁର ପଞ୍ଚାୟତ ଅନ୍ତର୍ଗତ ଗାରିଆ ମହାଦେବ ମନ୍ଦିରରେ ସକାଳୁ ବହୁ ଲୋକ ପହଞ୍ଚି ପୂଜାପାଠ କରିଥିଲେ। ଚଡ଼କ ଯାତ୍ରା ଅପରାହ୍ଣ ପାଖାପାଖି ୪ଟାରୁ ଆରମ୍ଭ ହୋଇଥିଲା। ଏହା ରାତି ୮ଟା ପର୍ଯ୍ୟନ୍ତ ଚାଲିବାର ଥିଲା। ପ୍ରଥମେ ଚଡ଼କ ପୂଜା ପରେ ଯାତ୍ରା କରାଯାଇଥିଲା। ଯେହେତୁ ଏକ ଖୁମ୍ବର ଅଗ୍ରଭାଗରେ ବନ୍ଧାଯାଇଥିବା ଦଉଡି ସାହାଯ୍ୟରେ ଚକ୍ରିପରି ବ୍ୟକ୍ତି ଘୁରନ୍ତି ଏବଂ ଏହି ଦୃଶ୍ୟ ବେସ୍ ଆକର୍ଷଣୀୟ ତେଣୁ ଏହା ଦେଖିବା ପାଇଁ ଛୋଟ ପିଲାଠାରୁ ବଡ ପର୍ଯ୍ୟନ୍ତ ପ୍ରତିବର୍ଷ ପାଖାପାଖି ୧୫ ହଜାର ଲୋକଙ୍କ ସମାଗମ ହୋଇଥାଏ। ଚଳିତବର୍ଷ ଲକ୍‌ଡାଉନ୍ ଯୋଗୁ ଏହି ସଂଖ୍ୟା କମିଥିଲେ ସୁଦ୍ଧା ବନ୍ଦ ହୋଇପାରି ନ ଥିଲା। ଶହସ୍ରାଧିକ ମହିଳା, ପୁରୁଷ, ପିଲା ଏକାଠି ହୋଇ ଚଡ଼କ ଯାତ୍ରାକୁ ଉପଭୋଗ କରିଥିଲେ। ଯାତ୍ରା ସମୟରେ ସାମାଜିକ ଦୂରତା ନ ଥିଲା। ବିଳମ୍ବରେ ପୋଲିସ ପହଞ୍ଚି ଗହଳି ହଟାଇବାକୁ ଚେଷ୍ଟା କଲାପରେ ପରିସ୍ଥିତି ନିୟନ୍ତ୍ରିତ ହୋଇଥିଲା। ଏ ସମ୍ପର୍କରେ କେତେଜଣ ଲୋକଙ୍କ କହିବା କଥା ହେଲା ଜିଲାର ୫ଟି ମନ୍ଦିରରେ ୧୪୪ ଧାରା ଜାରି ହୋଇଥିଲେ ସୁଦ୍ଧା ଏହି ମନ୍ଦିରକୁ ବାଦ୍ ଦିଆଯାଇଥିଲା। ଯେଉଁ କାରଣରୁ ଚଡ଼କ ଯାତ୍ରା ହେବା ସମ୍ଭବ ହୋଇଥିଲା। ପୋଲିସ, ପ୍ରଶାସନ ଯାତ୍ରା ସମ୍ପର୍କରେ କିଛି ଜାଣି ନ ପାରିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଶାରଳା ମନ୍ଦିର ସମେତ ଅନ୍ୟ ୪ ମନ୍ଦିରରେ ୧୪୪ ଧାରା ଜାରି ଯୋଗୁ କେବଳ ସେବା ନିଯୋଗରେ ନିୟୋଜିତ ପାଳିଆ ସେବାୟତ ଓ ପୂଜକମାନେ ନୀତିକାନ୍ତି କାର୍ଯ୍ୟ କରିଛନ୍ତି। କୌଣସି ପ୍ରକାର ସାମାଜିକ ପର୍ବପର୍ବାଣୀ ଓ କର୍ମକର୍ମାଣୀ ଆୟୋଜନ ହୋଇପାରିନାହିଁ। ଜିଲାରେ ଲକ୍‌ଡାଉନ ନିୟମ କୋହଳ କରାଯାଇଥିବା ଅନୁଭବ ହେଉଛି। ଲୋକେ ଅବାଧରେ ବାଇକ୍ ଆଦିରେ ବୁଲାବୁଲି କରୁଛନ୍ତି। ରାତି ୧୨ଟା ପରଠାରୁ ସକାଳ ୬ଟା ଭିତରେ କାର, ଅଟୋ ଆଦି ଗାଡି ଚଳପ୍ରଚଳ ହେଉଛି। ବହୁ ସଂଖ୍ୟକ ଲୋକ ବିଳମ୍ବିତ ରାତିରୁ ସକାଳ ଭିତରେ ଅବାଧରେ କଟକ, ଭୁବନେଶ୍ୱର ଯାତାୟାତ କରୁଛନ୍ତି। ଯେହେତୁ ଏହି ସମୟରେ ରାସ୍ତାରେ ପୋଲିସ ରହୁନି ତେଣୁ ଲୋକେ ନିରାପଦ ମଣୁଛନ୍ତି। ମାଦକଦ୍ରବ୍ୟ ମଧ୍ୟ ଏହି ସମୟରେ ଚୋରାଚାଲାଣ ହେଉଛି। ଏ ସମ୍ପର୍କରେ ଏରସମା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି କହିଛନ୍ତି, ଯାତ୍ରା ହେଉଥିବା ଖବର ପାଇ ଆମେ ସେଠାରେ ପହଞ୍ଚିଥିଲୁ। ଲୋକେ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ କିଛି ସମୟ ଏହି କାର୍ଯ୍ୟକମ କରିଥିଲେ। ଏହାପରେ ତାହାକୁ ବନ୍ଦ କରାଯାଇଥିଲା।


ଚଡକ ଯାତ୍ରାରେ ଲୋକଙ୍କ ଭିଡ଼।

**ଲକ୍‌ଡାଉନ୍ ନିୟମକୁ ଫୁଁ**
- ଜମିଲା ଭିଡ, ବିଳମ୍ବରେ ଘଉଡ଼ାଇଲା ପୋଲିସ
- ଶାରଳା ମନ୍ଦିରରେ କେବଳ ନୀତିକାନ୍ତି

# ଚାଷୀଙ୍କୁ ଦୁର୍ଦ୍ଦଶାକୁ ଠେଲିଦେଇଛି କରୋନା


ତରଭୁଜ ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା।

**କେନ୍ଦ୍ରାପଡ଼ା ଜିଲା**
- ବିକ୍ରି ହୋଇପାରୁନି ଉତ୍ପାଦିତ ଫସଲ
- ବିଲରେ ନଷ୍ଟ ହେଉଛି ତରଭୁଜ, କାକୁଡ଼ି
- କଷ୍ଟ ଉପାର୍ଜିତ ଫସଲର ଉଚିତ୍ ମୂଲ୍ୟ ପାଉନାହାନ୍ତି ଚାଷୀ

**କେନ୍ଦ୍ରାପଡା ଅଫିସ, ୧୩।୪**

କରୋନା ଭୂତାଣୁ ସଂକ୍ରମଣ ପାଇଁ ସାରା ଦେଶରେ ୨୧ ଦିନିଆ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ରାଜ୍ୟ ସରକାର ପୁଣି ଲକ୍‌ଡାଉନ୍ ଅବଧିକୁ ୩୦ ଏପ୍ରିଲ ଯାଏ ଘୁଞ୍ଚାଇଛନ୍ତି, ଯାହା ଚାଷୀକୁଳକୁ ହତାଶ କରିଛି। ଅଦ୍ୟାବଧି ରବି ଫସଲ ଅମଳ ହୋଇପାରି ନ ଥିବା ବେଳେ ପନିପରିବା ଚାଷୀ ମଧ୍ୟ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଅନେକ ସ୍ଥାନରେ ଚାଷୀମାନେ କଷ୍ଟ ଉପାର୍ଜିତ ପନିପରିବା ଲୋକଙ୍କ ନିକଟରେ ପହଞ୍ଚାଉ ଥିଲେ ବି ଉଚିତ ମୂଲ୍ୟ ପାଉନହାନ୍ତି। ଲକ୍‌ଡାଉନ ବ୍ୟବସ୍ଥାରେ ସରକାର ଚାଷକୁ ସାମିଲ କରି ନ ଥିଲେ ମଧ୍ୟ ବିହନ, ଔଷଧ ଓ ସରକାରୀ ପ୍ରୋତ୍ସାହନକୁ ଚାଷୀ ଅପେକ୍ଷା କରିଥିବା ମତ ପ୍ରକାଶ ପାଇଛି। କରୋନା ଚାଷୀମାନଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲିଦେଇଛି ବୋଲି କେନ୍ଦ୍ରାପଡ଼ା ଜିଲା ଅଧୀନ ବିଭିନ୍ନ ବ୍ଲକର ଚାଷୀମାନେ କହିଛନ୍ତି।

ଚଳିତ ବର୍ଷ ଜିଲାର ରାଜକନିକା, ଆଳି, ରାଜନଗର, ମହାକାଳପଡା, ଗରଦପୁର ବ୍ଲକ ଅଞ୍ଚଳରେ ପ୍ରାୟ ୧୫ ହଜାର ହେକ୍ଟର କ୍ଷେତରେ ଖରାଦିନିଆ ଫସଲ ତରଭୁଜ, କାକୁଡି, କଖାରୁ ଆଦି ଚାଷ ହୋଇଥିଲା। ହେଲେ ଲକ୍‌ଡାଉନ୍ ଯୋଗୁ ଫସଲ ବିଲରେ ନଷ୍ଟ ହୋଇଗଲା ବୋଲି ରାଜକନିକା ବ୍ଲକ ଈଶ୍ୱରପୁର ଗ୍ରାମର ହରିହର ଲେଙ୍କା କହିଛନ୍ତି। ସେ କୁହନ୍ତି ଯେ, ଖରା ବଢ଼ିଲେ ତରଭୁଜ ଓ କାକୁଡି ବିକ୍ରି ବଢ଼ିଥାଏ। ମାତ୍ର କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ତାଲା ବନ୍ଦ କରାଯିବା ଯୋଗୁ ଏହାର ବିକ୍ରି ହୋଇପାରିଲା ନାହିଁ। ଗତବର୍ଷ ତରଭୁଜ କିଲୋଗ୍ରାମ ପ୍ରତି ୩୦ ଟଙ୍କା ବିକ୍ରି ହେଉଥିବା ବେଳେ ଏବେ ୧୦ ଟଙ୍କାରେ ନେବାକୁ ବ୍ୟବସାୟୀ ରାଜି ହେଉନାହାନ୍ତି। ଫଳରେ କ୍ଷେତରେ ଫସଲ ନଷ୍ଟ ହେଉଛି। ଋଣ କରି ଚାଷୀମାନେ ଚାଷ କରିଥିବା ବେଳେ ଏବେ ଋଣ ଶୁଝିବା ନେଇ ସେମାନଙ୍କ ଚିନ୍ତା ବଢ଼ିଯାଇଛି। କେନ୍ଦ୍ରାପଡା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କୁହନ୍ତି, ଦିନ କେଇଟା ପରେ ଅକ୍ଷୟ ତୃତୀୟା। ଏହି ଦିନଠାରୁ ଖରିଫ ଧାନ ପାଇଁ ବିହନ ବୁଣା ଆରମ୍ଭ ହୁଏ। କିନ୍ତୁ ଚଳିତ ବର୍ଷ ଏଯାଏ ରବି ଫସଲ ଅମଳ ହୋଇପାରିନାହିଁ। ଏଥିସହ କୃଷିକୁ ତାଲା ବନ୍ଦରୁ ମୁକ୍ତ କରାଯିବା ଘୋଷଣା କରାଯିବା ପରେ ବି ଉପଯୁକ୍ତ ସମୟରେ ଧାନ ବିହନ ଯୋଗାଣ, ରାସାୟନିକ ସାର ଓ ଔଷଧ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସରକାରୀ ପ୍ରୋତ୍ସାହନ ନ ମିଳିଲେ ଚଳିତ ବର୍ଷ ପ୍ରାୟ ୧୫ ଏକର କ୍ଷେତରେ ଚାଷ ହେବା ଅସମ୍ଭବ ବୋଲି ସେ ପ୍ରକାଶ କରିଛନ୍ତି। ମହାକାଳପଡା ତନ୍ତିଆପାଳ ଗ୍ରାମର ମତ୍ସ୍ୟଚାଷୀ ପ୍ରମିଳା ସେଠୀ କୁହନ୍ତି, ସରକାରଙ୍କ ପକ୍ଷରୁ ମାଛ ଚାଷ ଓ ବ୍ୟବସାୟକୁ କଟକଣାମୁକ୍ତ କରାଯାଇଛି। ତେବେ ଏହି ଘୋଷଣା ମତ୍ସ୍ୟଜୀବୀଙ୍କ କୌଣସି କାର୍ଯ୍ୟରେ ଆସିବ ନାହିଁ। ତେଣୁ ଲକ୍‌ଡାଉନ ନ ଉଠିବା ପର୍ଯ୍ୟନ୍ତ ମତ୍ସ୍ୟଜୀବୀ ପରିବାରଙ୍କୁ ପ୍ରତିମାସ ଅନ୍ୟୂନ ୧୦ ହଜାର ଟଙ୍କା ପ୍ରୋତ୍ସାହନ ଯୋଗାଇ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପଚାରିବାରେ, ଲକ୍‌ଡାଉନ୍ ସମୟରେ କୃଷି କାର୍ଯ୍ୟ କରାଯିବାକୁ ଅନୁମତି ଦିଆଯାଇଛି। ତେବେ ବିଭିନ୍ନ ଗ୍ରାମ ସିଲ୍ ହୋଇଥିବାରୁ କୃଷି ଉତ୍ପାଦ ବିକ୍ରି କରିବା ସମ୍ଭବ ହେଉନାହିଁ। ଜିଲାର ବିଡିଓଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇ ଗ୍ରାମାଞ୍ଚଳରେ ଉତ୍ପାଦିତ ଫସଲ ବିକ୍ରିକୁ ପ୍ରୋତ୍ସାହିତ କରାଯିବ ବୋଲି ରାଉତ କହିଛନ୍ତି।

## ସଙ୍ଗରୋଧରେ ୩୨

**ରାଜନଗର, ୧୩।୪ (ଡି.ଏନ୍.ଏ.):** ରାଜନଗର ବ୍ଲକ ଅଧୀନ ୨୯ଟି ପଞ୍ଚାୟତରେ ସ୍ୱାସ୍ଥ୍ୟ ବିଭାଗର ୧୫ଟି ଟିମ୍ ଘରକୁ ଘର ବୁଲି ସ୍କ୍ରିନିଂ କରାଉଛନ୍ତି। ଲୋକମାନଙ୍କୁ କୋଭିଡ୍-୧୯ ଭୂତାଣୁ ସମ୍ପର୍କରେ ସଚେତନ କରାଇବା ସହ ଥଣ୍ଡା, ଜ୍ୱର ଆଦି ଲକ୍ଷଣ ରହିଛି କି ନାହିଁ, ପରିବାରର କେହି ନିକଟରେ ରାଜ୍ୟ ବାହାରୁ ଆସିଛନ୍ତି କି ନାହିଁ ସେ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ଏହି ସମୟରେ ୩୩ଜଣଙ୍କୁ ସଙ୍ଗରୋଧ ଗୃହରେ ରଖାଯାଇଥିବା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଚିକିତ୍ସାଧିକାରୀ ଡା. ପ୍ରଣବ କୁମାର ଶୁକ୍ଳା କହିଛନ୍ତି।

## ଏସ୍‌ଆଇଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି

**ଏରସମା, ୧୩।୪ (ସ୍ୱ.ପ୍ର.):** କରୋନା ସଂକ୍ରମଣକୁ ପ୍ରତିହତ କରିବା ସକାଶେ ଲକ୍‌ଡାଉନ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ନିୟମ ଉଲ୍ଲଂଘନକାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଏରସମା ଥାନା ଏସ୍‌ଆଇ ଦିନେଶ ପଟ୍ଟାଙ୍କୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ନିଲମ୍ବନ କରିଥିବାରୁ ଏ ନେଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ତାଙ୍କୁ ପୁନର୍ବାର କାର୍ଯ୍ୟରେ ଅବସ୍ଥାପିତ କରିବା ପାଇଁ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନିରଞ୍ଜନ ପ୍ରସାଦ ଦାସ, ସମ୍ପାଦକ ଧୀରେନ୍ଦ୍ର ଚୌଧୁରୀ ପ୍ରମୁଖ ଦାବି କରିଛନ୍ତି।

# ମଦ, ବ୍ରାଉନ୍‌ସୁଗାର ଚୋରା କାରବାର ବଢ଼ୁଛି

**ନାଉଗାଁ, ୧୩।୪ (ସ୍ୱ.ପ୍ର.)**

- ମାଲ୍ ପରିବହନ ଗାଡ଼ିରେ ଚୋରା ଚାଲାଣ
- ସୁରାକ ପାଉନି ଅବକାରୀ ବିଭାଗ ଓ ପୋଲିସ

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ସକାଶେ ସାରା ଦେଶରେ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଏହି ସମୟରେ ସମସ୍ତ ମଦ ଦୋକାନ ବନ୍ଦ ଲାଗି ସରକାର ନିର୍ଦ୍ଦେଶ ରହିଛି। ହେଲେ ଚୋରା ବ୍ୟବସାୟୀମାନେ ଲକ୍‌ଡାଉନ୍‌ର ସୁବିଧା ଉଠାଉଛନ୍ତି। ମାଲ୍ ପରିବହନ ଗାଡ଼ି ଚଳାଚଳ କରିପାରୁ ଥିବାରୁ ସେହି ଗାଡ଼ିରେ ଚୋରା ମଦ ବ୍ୟବସାୟୀମାନେ ମଦ ଓ ବ୍ରାଉନ୍‌ସୁଗାର ଆଣି ବ୍ୟବସାୟ କରୁଥିବା ଦେଖାଯାଉଛି। ନାଉଗାଁ ବ୍ଲକ ଅଞ୍ଚଳରେ ଲକ୍‌ଡାଉନ୍ ସମୟରେ ଚୋରା ମଦ ଓ ବ୍ରାଉନ୍‌ସୁଗାର କାରବାର ବଢ଼ିଥିବା ବେଳେ ପୋଲିସ କିମ୍ବା ଅବକାରୀ ବିଭାଗ କର୍ମଚାରୀ ଏହାର ସୁରାକ ପାଉନାହାନ୍ତି।

ତେବେ ବହୁ ମାଲ୍‌ବାହୀ ଗାଡ଼ି ବ୍ଲକ ଅଞ୍ଚଳ ଦେଇ ଯା'ଆସ କରୁଥିବା ବେଳେ କେତେକ ଗାଡ଼ିରେ ଚୋରା କାରବାର କରାଯାଉଥିବା ସ୍ଥାନୀୟ ଲୋକେ ସନ୍ଦେହ ବ୍ୟକ୍ତ କରିଛନ୍ତି। ଶିଖରଘାଟ-ବାଲିଭଉଁରୀ ରାସ୍ତା ଦେଇ ଆସୁଥିବା କେତେକ ମାଲ୍ ପରିବହନ ଗାଡ଼ିରେ ପେଟି ପେଟି ମଦ ଆସୁଥିବା ଜଣାପଡ଼ିଛି। ହେଲେ ସେହି ରାସ୍ତାରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଉଥିବା ବେଳେ କିଭଳି ଚୋରା ଚାଲାଣ ହୋଇପାରୁଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚୋରା ମଦ କାରବାର କରୁଥିବା ଲୋକମାନେ ଗାଡ଼ି ଡ୍ରାଇଭରକୁ ହାତକରି ସେଥିରେ ପିଡିଏସ୍ ଲେଖି ଦେଉଥିବାରୁ ସେହି ଗାଡ଼ିକୁ ପୋଲିସ ତନଖି କରୁ ନ ଥିବା ଜଣାପଡ଼ିଛି। ଏହାଛଡ଼ା ଦେବୀ ନଦୀରେ ଡଙ୍ଗା ଯୋଗେ ପାନ ଆସୁଥିବା ବେଳେ ସେହି ଡଙ୍ଗାରେ ପେଟି ପେଟି ମଦ ବ୍ଲକ ଅଞ୍ଚଳକୁ ଚୋରାରେ ଆସୁଛି। ଜଣେ ଚୋରା ମଦ ବ୍ୟବସାୟୀ ନାଉଗାଁ ଓ ବାଲିକୁଦା ବ୍ଲକ ଅଞ୍ଚଳରେ ବାଇକ୍ ଓ ଚାରିଚକିଆ ଯାନରେ ବୁଲି ମଦ ଚଡ଼ା ଦରରେ ବିକ୍ରି କରୁଥିବା ଆଲୋଚନା ହେଉଛି। କେବଳ ମଦ ନୁହେଁ, ବ୍ଲକ ଅଞ୍ଚଳରେ ଲକ୍‌ଡାଉନ୍ ସମୟରେ ବ୍ରାଉନ୍‌ସୁଗାର ମଧ୍ୟ ବହୁମାତ୍ରାରେ ଚୋରା କାରବାର ହେଉଛି। ଲକ୍‌ଡାଉନ୍ ଯୋଗୁ ପ୍ରାୟ ଘରର ମସସ୍ତ ସଦସ୍ୟ ଘରେ ରହୁଥିବା ବେଳେ ମଦ ଓ ବ୍ରାଉନ୍‌ସୁଗାର ଚୋରା ବେପାର ଯୋଗୁ ବିଭିନ୍ନ ଅଞ୍ଚଳରେ ଘରୋଇ ହିଂସା ବୃଦ୍ଧି ପାଉଥିବା ଦେଖାଯାଉଛି। ତୁରନ୍ତ ଚୋରା ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ଲକ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି। ଏହାଛଡ଼ା ବ୍ଲକ ଅଞ୍ଚଳକୁ କିପରି ଏସବୁ ଆସୁଛି ସେ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ରତିକାନ୍ତ ପଣ୍ଡାଙ୍କୁ ପଚାରିବାରେ, ଲକ୍‌ଡାଉନ ପାଇଁ ସମସ୍ତ କର୍ମଚାରୀ ବ୍ୟସ୍ତ ଅଛନ୍ତି। ଏବେ କର୍ମଚାରୀ ଅଭାବ, ଲକ୍‌ଡାଉନ୍ ଖୋଲିବା ପରେ ଯାହା ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ନୟାଗଡ଼

### ଲକ୍‌ଡାଉନ ବେଳେ ଜଙ୍ଗଲ ଲୁଟ୍


ଜଣଙ୍କ ଘର ଛାତରେ ଗଦାହୋଇଥିବା ଲୁଟ୍ କାଠ।

**ଓଡ଼ଗାଁ,୧୩।୪(ସ୍ୱ.ପ୍ର.):** କରୋନା ଯୋଗୁ ଲକ୍‌ଡାଉନ ଘୋଷଣା ହୋଇଥିବାବେଳେ ଓଡଗାଁ ଅଞ୍ଚଳର କେତେଜଣ ଲୋକ ଏହାକୁ ସୁଯୋଗ ମନେକରି ଜଙ୍ଗଲ ଲୁଟ୍ କରିବାରେ ଲାଗିଛନ୍ତି। ସେମାନେ ଓଡ଼ଗାଁ ବନାଞ୍ଚଳ ଗୟଳସିଂହ ସଂରକ୍ଷିତ ଜଙ୍ଗଲ ସହିତ ଭାଲୁ ମୁଣ୍ଡିଆ ଓ କୁରାଳ ସଂଲଗ୍ନ ପଞ୍ଚୁପାଣ୍ଡବ ମୁଣ୍ଡିଆରୁ ଗଜା ଶାଳ, ଶାଗୁଆନ ଓ ପିଆଶାଳ ଭଳି ମୂଲ୍ୟବାନ ଗଛ କାଟି ସାଇକେଲରେ ବୋହି ଆଣୁଛନ୍ତି। ଏଭଳି ମୂଲ୍ୟବାନ ଛୋଟ ଗଛକୁ ସେମାନେ ଜାଳକାଠ ଭାବେ ବ୍ୟବହାର କରୁଥିବାରୁ ପ୍ରକୃତିପ୍ରେମୀଙ୍କୁ ଏହା ବ୍ୟଥିତ କରିଛି। ଲକ୍‌ଡାଉନ ଉଠିଲା ବେଳକୁ ଏହି ଜଙ୍ଗଲ ପଦାହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଉକ୍ତ ଜଙ୍ଗଲରେ ପାଟ୍ରୋଲିଂ କରୁଥିବା କହିଛନ୍ତି। ଅନ୍ୟପକ୍ଷେ ନୟାଗଡ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କ ମତାମତ ନେବାରୁ ସେ ଏହାକୁ ଗୁରୁତର ସହିତ ନେଇଥିବା ବେଳେ କଡା ପାଟ୍ରୋଲିଂ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ସୂଚନା ଦେଇଛନ୍ତି।

### ଝାମୁ ଓ ପାଟମରା ଯାତ୍ରା ବନ୍ଦ

**ଖଣ୍ଡପଡ଼ା,୧୩।୪(ସ୍ୱ.ପ୍ର.):** କରୋନା ସଂକ୍ରମଣ ରୋକିବା ପାଇଁ ସାରା ରାଜ୍ୟରେ ଲକ୍‌ଡାଉନ ବ୍ୟବସ୍ଥା ଲାଗୁ କରାଯାଇଛି। ସୋମବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଖଣ୍ଡପଡା ପୋଲିସର କଡା ପହରା ଯୋଗୁ ଅଞ୍ଚଳର ବିଭିନ୍ନ ଶିବ ମନ୍ଦିର ଓ ଦେବଦେବୀ ପୀଠରେ ପାରମ୍ପରିକ ଯାତ୍ରା ବନ୍ଦ କରି ଦିଆଯାଇଛି। ବିଭିନ୍ନ ସ୍ଥାନରେ ହେବାକୁ ଥିବା ଝାମୁ ଓ ପାଟମରା ଯାତ୍ରା ମଧ୍ୟ ବନ୍ଦ ହୋଇଯାଇଛି। ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରସ୍ଥିତ ମା' ବେଢାକାଳୀଙ୍କ ପୀଠରେ ଝାମୁଚଲା ପର୍ବକୁ ଶେଷ ମୁହୂର୍ତ୍ତରେ ବାତିଲ କରିଦିଆଯାଇଛି। ମନ୍ଦିର ବେଢାରେ ରୁଣ୍ଡ ହୋଇଥିବା ଭକ୍ତ ଓ ଦଣ୍ଡୁଆମାନଙ୍କୁ ପୋଲିସ ଘଉଡାଇବା ସହ ପୂଜକମାନଙ୍କୁ ଏ ନେଇ ତାଗିଦ କରିଛି। ଶ୍ରୀ ଗିରି ହନୁମାନଙ୍କ ପୀଠରେ ପଣାଯାତ୍ରା କେବଳ ଦେବନୀତି ଅନୁଯାୟୀ ହୋଇଛି।

# କାମବେଳେ ସାମାଜିକ ଦୂରତ୍ୱ ରଖିବାକୁ ପରାମର୍ଶ

**ନୟାଗଡ଼ ଅଫିସ,୧୩।୪**

**କୃଷି ଓ କୃଷକଙ୍କ ସ୍ୱାର୍ଥ ପାଇଁ ଲକ୍‌ଡାଉନ କୋହଳ**

ନୟାଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ଅରୁଣ ସାହୁ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା କୋଭିଡ୍-୧୯ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରିଥିଲେ। କରୋନା ମୁକାବିଲା କ୍ଷେତ୍ରରେ ଜିଲା ପ୍ରଶାସନର କାର୍ଯ୍ୟକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେ ଗଣମାଧ୍ୟମକୁ କହିଥିଲେ, ବର୍ତ୍ତମାନ ରବି ଫସଲ ଅମଳ ସମୟ। ଏହାସହ କୃଷକମାନେ ପନିପରିବା ଫସଲ ଉତ୍ପାଦନ କରୁଛନ୍ତି। ସେମାନେ ସୁରୁଖୁରୁରେ କିପରି ଉତ୍ପାଦନ ସାମଗ୍ରୀ ଆଣି ବିକ୍ରିବଟା କରିବେ ସେଥିରେ ଲାଗିପଡିଛନ୍ତି। ପୁଣି ଖରିଫ ଋତୁ ଆରମ୍ଭ ହେବାକୁ ଯାଉଛି। ଅକ୍ଷୟ ତୃତୀୟାଠାରୁ ଅଖିମୁଠି ଅନୁକୂଳ ହେବ। ଚାଷୀ ଚାଷକାମରେ ଲାଗିବ। ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍‌ଡାଉନ ସମୟରେ କୃଷି ଓ କୃଷକ ସମ୍ପର୍କିତ କଟକଣାକୁ ବାଦ୍ ଦେଇଛନ୍ତି। କୃଷି ଆମ ଦେଶର ମେରୁଦଣ୍ଡ। କୃଷି ଓ କୃଷକଙ୍କୁ ଛାଡିଦେଲେ ଅର୍ଥନୀତି, ଖାଦ୍ୟ ବ୍ୟବସ୍ଥାରେ ଆମେ ସୁଧାର ଆଣିପାରିବା ନାହିଁ। ଏଣୁ କୃଷକମାନେ ସେମାନଙ୍କ କାମ କରିଚାଲନ୍ତୁ। ତେବେ କୃଷି କାର୍ଯ୍ୟ ବେଳେ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ସେ କୃଷକଙ୍କୁ ଅନୁରୋଧ କରିଛନ୍ତି। ଏହି ନିୟମ ପାଳନ କଲେ କରୋନା ସଂକ୍ରମଣକୁ ଏଡାଇ ଦିଆଯାଇ ପାରିବ। ସରକାର ସେମାନଙ୍କୁ ସବୁପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।


ମୁଖ୍ୟ ଚିକିତ୍ସାଳୟରେ ମନ୍ତ୍ରୀ ଅରୁଣ ସାହୁ।

## ଖଣ୍ଡପଡ଼ାରେ ଦଣ୍ଡପର୍ବ ଶେଷ

**ଖଣ୍ଡପଡ଼ା,୧୩।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ଅଞ୍ଚଳର ସମସ୍ତ ଶକ୍ତିପୀଠରେ ରବିବାର ଦଣ୍ଡପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ଶେଷ ହୋଇଛି। ଏହି ପର୍ବରେ ଚଳିତବର୍ଷ ସେଭଳି ମାନସିକଧାରୀଙ୍କ ଭିଡ଼ ଦେଖିବାକୁ ମିଳି ନ ଥିଲା। କରୋନା ଭୂତାଣୁ ସଂକ୍ରମଣକୁ ନଜରରେ ରଖି ପ୍ରଶାସନର ନିର୍ଦ୍ଦେଶକ୍ରମେ ଦଣ୍ଡପର୍ବରେ ଭାଗନେଇଥିବା ଦଣ୍ଡୁଆମାନେ ସାମାଜିକ ଦୂରତ୍ୱ ବଜାୟ ରଖି ସମସ୍ତ ମାଙ୍ଗଳିକ କାର୍ଯ୍ୟ ତୁଲାଇଥିଲେ। ବିଭିନ୍ନ ସ୍ଥାନରେ ରାତ୍ରକାଳରେ ଆୟୋଜିତ ଦଣ୍ଡନାଚକୁ ଏ ବର୍ଷ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା।

# ସାମାଜିକ ଦୂରତ୍ୱ ନ ରଖି କିଣାବିକା



ଗଣିଆ ସାପ୍ତାହିକ ହାଟରେ ଲୋକଙ୍କ ଗହଳି।

**ନୟାଗଡ଼ ଅଫିସ,୧୩।୪:** ନୟାଗଡ ଜିଲାର ଗଣିଆ ସାପ୍ତାହିକ ହାଟରେ ରବିବାର ସାମାଜିକ ଦୂରତ୍ୱ ନ ରଖି କିଣାବିକା ହେଉଥିବା ଦେଖାଯାଇଥିଲା। ଅଧିକାଂଶ ଖାଉଟି ମାସ୍କ ବ୍ୟବହାର କରି ନ ଥିଲେ। ଏପରି କି ସାମାଜିକ ଦୂରତ୍ୱ ରକ୍ଷା କରି ନ ଥିଲେ। ଏ ନେଇ ବ୍ୟବସାୟୀମାନେ ମଧ୍ୟ ଖାଉଟିଙ୍କୁ ପରାମର୍ଶ ଦେଇ ନ ଥିଲେ। କରୋନା ପାଇଁ ଲକ୍‌ଡାଉନ କଟକଣାକୁ ଏଠାରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ଏ ନେଇ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆ ନ ଯିବା ଘଟଣାକୁ ଅନେକ ବୁଦ୍ଧିଜୀବୀ ନାପସନ୍ଦ କରିଥିଲେ।

# ଜୟନ୍ତୀରେ ହନୁମାନ ଭୋକିଲା

**ନୟାଗଡ଼ ଅଫିସ,୧୩।୪**

ସୋମବାର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ। ତେବେ ନିଜ ଜୟନ୍ତୀରେ ହନୁମାନ ଭୋକିଲା ପରି ଜଣାପଡୁଥିଲେ। ଖାଦ୍ୟ ପାଇଁ ନୟାଗଡ଼ ସହରର ଖଣ୍ଡପଡା ରୋଡ୍‌ରେ ମାଙ୍କଡପଲ ଘରକୁ ଘର ଡିଆଁ ମାରୁଥିବା ଦେଖାଯାଇଥିଲା। ବଜାର ବନ୍ଦ କାରଣରୁ ସେମାନେ ବହୁ ସମୟ ଧରି ଏଣେତେଣେ ଧାଁ ଧପଡ କରି ବସିରହିଲେ। ଶେଷରେ ନିରାଶ ହୋଇ ଜଙ୍ଗଲ ଭିତରକୁ ପଳାଇଥିଲେ। ପ୍ରକାଶଥାଉ କି ଲକ୍‌ଡାଉନର ପ୍ରଭାବ ଅନେକଙ୍କୁ ଭୋକିଲା ରଖୁଛି। ଯେଉଁମାନେ କହିପାରିଲେ ସେମାନେ ଖାଇବାର ସୁଯୋଗ ପାଉଛନ୍ତି। ହେଲେ ନିରୀହ ଯୋଗୁ ପଶୁପକ୍ଷୀ ବେଶି ହଇରାଣ ହେଉଛନ୍ତି। ସେମାନଙ୍କ କଷ୍ଟ ବୁଝିପାରିଲେ ସମସ୍ୟା ସମାଧାନ ହୋଇପାରିବ ବୋଲି କେତେଜଣ ପରିବେଶବିତ୍ ପ୍ରକାଶ କରିଛନ୍ତି।


ଖଣ୍ଡପଡା ରୋଡ୍‌ରେ ଦୁଇ ମାଙ୍କଡ

# ୧୭ରେ ଖୋଲିବ କୋଭିଡ୍ କେୟାର ହସ୍ପିଟାଲ

## କାର୍ଯ୍ୟ କରିବାର ୧୪ ଦିନ ପରେ କ୍ୱାରାଣ୍ଟାଇନ୍‌ରେ ରହିବେ କର୍ମଚାରୀ

**ନୟାଗଡ଼ ଅଫିସ,୧୩।୪**

ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ କୋଭିଡ୍ ୧୯ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷିମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ ପ୍ରଶାସନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍‌ଓ ଶ୍ୱେତ ମହାପାତ୍ର, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଡିପିଏମ୍ ନିତ୍ୟ ରଞ୍ଜନ ବରାଳ ପ୍ରମୁଖ ମଞ୍ଚାସୀନ ଥିଲେ। ସିଡିଏମଓଙ୍କ ସୂଚନା ଅନୁସାରେ ଚାନ୍ଦପୁରଠାରେ କୋଭିଡ୍ କେୟାର ହସ୍ପିଟାଲ ଆସନ୍ତା ୧୭ରେ ଖୋଲିବ ବୋଲି ନିଷ୍ପତ୍ତି ହୋଇଛି। ହସ୍ପିଟାଲ ପାଇଁ ଷ୍ଟାଫ୍‌ନର୍ସ, ଲାବରେଟୋରି ଟେକ୍‌ନିସିଆନ, ଫାର୍ମାସିଷ୍ଟ, ରେଡିଓଗ୍ରାଫର୍ସଙ୍କୁ ନିଯୁକ୍ତିପତ୍ର ମିଳିଛି। ଏହି ଚୁକ୍ତିଭିତ୍ତିକ କର୍ମଚାରୀମାନେ ୩ମାସ ପର୍ଯ୍ୟନ୍ତ କାମ କରିବେ। ତେବେ କାର୍ଯ୍ୟ କରିବାର ୧୪ଦିନ ପରେ କର୍ମଚାରୀମାନେ କ୍ୱାରାଣ୍ଟାଇନ୍‌ରେ ରହିବେ।

### ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୋଭିଡ୍-୧୯ ହସ୍ପିଟାଲରେ ବିଭିନ୍ନ ପଦବୀ ପାଇଁ ନିଯୁକ୍ତି କାର୍ଯ୍ୟ ଶେଷ ହୋଇଛି। ତେବେ ଏହି ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ କେତେଜଣ ଆବେଦନକାରୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଅଧିକ ନମ୍ବର ରଖିଥିବା କିଛି ଆବେଦନକାରୀଙ୍କ ଚୟନ ତାଲିକାରେ ନାଁ ନ ଥିଲା। ଅଭିଯୋଗ ପରେ କେତେଜଣଙ୍କ ନାଁକୁ ସାମିଲ କରାଯାଇଛି। ହେଲେ ଆଉ କେତେଜଣଙ୍କୁ ଅଣଦେଖା କରାଯାଇଛି। ସେହିପରି କିଛି ଆବେଦନକାରୀ ଜାଲ୍ ସାର୍ଟିଫିକେଟରେ ଚାକିରି ପାଇଥିବା କୁହାଯାଇଛି। ଏ ସମ୍ପର୍କରେ ଡିପିଏମ୍ ନିତ୍ୟ ରଞ୍ଜନ ବରାଳଙ୍କୁ ପଚାରିବାରୁ ସେ କହିଥିଲେ, ନିଯୁକ୍ତିରେ କିଛି ଅନିୟମିତତା ହୋଇ ନାହିଁ। ସବୁ କିଛି ସରକାରୀ ଗାଇଡ୍‌ଲାଇନ୍ ଅନୁସାରେ ହୋଇଛି। ସିଡିଏମ୍‌ଓ ଶ୍ୱେତ ମହାପାତ୍ର କୁହନ୍ତି, ନିଯୁକ୍ତି ଠିକ୍‌ଠାକ ହୋଇଛି। ତେବେ ଅଭିଯୋଗର ସତ୍ୟତା ନାହିଁ।

# ବିଷୁବ ସଂକ୍ରାନ୍ତି ଫିକାଫିକା

## ସଂକ୍ଷେପରେ

### ଅସ୍ତ୍ରଶସ୍ତ୍ର ଜବତ, ଶିକାରୀ ଫେରାର
-ଅଖଣ୍ଡ ଶିକାର ପାଇଁ ସଜବାଜ



କପ୍ତିପଦା,୧୩।୪(ଡି.ଏନ.ଏ)- ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଝିଲ୍ଲିରୀବଣୀ ଅଞ୍ଚଳରୁ ପୋଲିସ ଶିକାର ପାଇଁ ବ୍ୟବହୃତ କେତେକ ଅସ୍ତ୍ରଶସ୍ତ୍ର ଜବତ କରିଛି। ଲକ୍ଷ୍ମଣ ଟୁଡୁଙ୍କ ଘରେ ଏହି ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିବା ଖବରପାଇ ଉଭୟ ବନ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢଉ କରାଯାଇଥିଲା। ଚଢାଉ ବେଳେ ଏକ ଦେଶୀ ବନ୍ଧୁକ, ୫ଟି ହରିଣ ସିଂଘ, ୩ଟି ଧନୁ, ୧୧ଟି ଶର, ୩ଟି ଠୁସା ରଡ୍ ଓ କିଛି ବିସ୍ଫୋରକ ଜବତ ହୋଇଛି । ପୋଲିସକୁ ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ପୋଲିସ କହିଛି। ଏ ସଂକ୍ରାନ୍ତରେ କପ୍ତିପଦା ଥାନା ପୋଲିସ ଏକ ମାମଲା(ନଂ.୧୦୬/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ କେତେକ ଶିକାରୀ ଜଙ୍ଗଲରୁ ଅଖଣ୍ଡ ଶିକାର ପାଇଁ ସଜବାଜ ହେଉଥିବାରୁ ପୋଲିସ ଓ ବନ ବିଭାଗ ସେମାନଙ୍କ ଉପରେ କଡ଼ା ନଜର ରଖି ବିଭିନ୍ନସ୍ଥାନରେ ଚଢ଼ାଉ ଜାରି ରଖିଛି।

### ବିଭିନ୍ନ ଅଞ୍ଚଳରେ କରାଗଲା ସାନିଟାଇଜ୍
ରାଇରଙ୍ଗପୁର, ୧୩।୪(ଡି.ଏନ.ଏ.)- କରୋନା ସଂକ୍ରମଣ ରୋକିବା ସକାଶେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ରାଇରଙ୍ଗପୁର ସହରାଞ୍ଚଳ ସମେତ ବିଭିନ୍ନ ପୁରପଲ୍ଲୀ ଅଞ୍ଚଳର ରାସ୍ତାଘାଟକୁ ସାନିଟାଇଜ୍ କରାଯାଇଛି। ରାଇରଙ୍ଗପୁର ଦମକଳବାହିନୀ ପକ୍ଷରୁ ସୋମବାର ରାଇରଙ୍ଗପୁର ହସ୍ପିଟାଲ ପରିସରର ବିଭିନ୍ନ ରୁମ୍ ସମେତ ଏହାର ପରିସରକୁ ସାନିଟାଇଜ୍ କରାଯାଇଛି।

### ସୁରକ୍ଷା ପ୍ରସଙ୍ଗ ଉଠାଇଲା ପୋଲିସ ମହାସଂଘ
ଭଦ୍ରକ ଅଫିସ, ୧୩।୪- କରୋନା ଲାଗି ସମଗ୍ର ଦେଶରେ ଏବେ ଲକ୍ ଡାଉନ ଜାରି ରହିଛି। ଲକ୍ ଡାଉନ କଟକଣାକୁ କଡ଼ାକଡ଼ି ବଳବତ୍ତର ରଖିବାକୁ ପୋଲିସ ବିଭାଗ ସଜାଗ ରହିଛି। ଏହି ସମୟରେ ଦିନରାତି ବାହାରେ ରହି ଡ୍ୟୁଟି କରୁଥିବା ପୋଲିସ କର୍ମଚାରୀମାନଙ୍କ ସୁରକ୍ଷା କଥା ସରକାର ଚିନ୍ତା କରୁ ନାହାନ୍ତି। ବର୍ତ୍ତମାନ ପରିସ୍ଥିତିରେ କାର୍ଯ୍ୟରତ ପୋଲିସ କର୍ମଚାରୀ ଓ ସେମାନଙ୍କ ପରିବାର କରୋନା ଦାଉରୁ କିପରି ମୁକ୍ତି ପାଇ ପାରିବେ ଏଥିପାଇଁ ସରକାର, ରାଜ୍ୟ ପୋଲିସ ମୁଖ୍ୟ ସର୍ବୋପରି ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ରାଜ୍ୟ ପୋଲିସ ହାବିଲଦାର-କନେଷ୍ଟବଳ ଏବଂ ସିପାହୀ ମହାସଂଘର ଉପସଭାପତି ସତ୍ୟାଶିଷ ତ୍ରିପାଠୀ ଅନୁରୋଧ କରିଛନ୍ତି। ତ୍ରିପାଠୀ ଜଣାଇଛନ୍ତି ଯେ, ନିଜ ପରିବାର ଓ ଜୀବନକୁ ବାଜି ଲଗାଇ ଅହରହ ଜନସାଧାରଣଙ୍କ ସଂସ୍ପର୍ଶରେ ଆସୁଥିବା ପୋଲିସ ଭାଇମାନେ ୨୪ ଘଣ୍ଟା କାର୍ଯ୍ୟରତ। ଏଥିଲାଗି ପୋଲିସ କର୍ମଚାରୀଙ୍କୁ ସରକାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ଛତା, ରାତି ଡ୍ୟୁଟି ପାଇଁ ଟର୍ଚ୍ଚଲାଇଟ୍, ୨ ବୋତଲ ସାନିଟାଇଜର, ୨ ହଳ ଗ୍ଲୋବସ୍, ୨ ହଳ ମାସ୍କ ଯୋଗାଇ ଦିଅନ୍ତୁ। ସବୁ ପୋଲିସ ଭେଇକିଲ ତଥା ପୋଲିସ ବାଇକ୍ ଗୁଡ଼ିକୁ ନିୟମିତ ଭାବେ ସାନିଟାଇଜ୍ କରିବାକୁ ମଧ ସରକାର ଗୁରୁତ୍ୱ ଦେବାକୁ ମହାସଂଘ ଉପସଭାପତି ତ୍ରିପାଠୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ପୋଖରୀରେ ବୁଡ଼ି ଯୁବକଙ୍କ ଜୀବନ ଗଲା
ରୂପ୍ସା, ୧୩।୪(ଡି.ଏନ୍.ଏ.)- ବାଲେଶ୍ୱର ଜିଲା ରୂପ୍ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମର ଯୁବକ ଶମ୍ଭୁନାଥ ସିଂ (୪୦) ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସୋମବାର ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଅସାବଧାନତା ବଶତଃ ଶମ୍ଭୁନାଥ ଗାଁ ପୋଖରୀରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶୂନଶାନ ବାରିପଦା ଛଉପଡ଼ିଆ

ବାରିପଦା ଅଫିସ, ୧୩।୪

ଚୈତ୍ର ମାସ ଆସିଲେ ଦୁଲୁକି ଉଠେ ମୟୂରଭଞ୍ଜ ମାଟି। ବିଶ୍ୱ ପ୍ରସିଦ୍ଧ ଲୋକନୃତ୍ୟ ଛଉର ତାଳ ତାଳେ ବାଦ୍ୟକାର ଏବଂ ନୃତ୍ୟଶିଳ୍ପୀମାନେ ସାରା ଚୈତ୍ରମାସ ଆଖଡା ଘରେ ଅଭ୍ୟାସ କରନ୍ତି। ଏହା ପରେ ମାସର ଶେଷ ୩ ଦିନ ବାରିପଦା ଛଉପଡ଼ିଆରେ ଅନୁଷ୍ଠିତ ହୋଇଥାଏ ଛଉନୃତ୍ୟର ବାର୍ଷିକ ଉତ୍ସବ ଚୈତ୍ରପର୍ବ। ହେଲେ ବର୍ତ୍ତମାନ ଚୈତ୍ର ମାସ ସରି ଯାଇଥିବା ବେଳେ ଛଉବାଦ୍ୟର ସ୍ୱର ଶୁଭିଲାନି କି ନୃତ୍ୟ ଦେଖିବାକୁ ମିଳିଲାନି। ୩ ଦିନ ଧରି ଯେଉଁ ଛଉପଡ଼ିଆ ଜନଗହଳିପୂର୍ଣ୍ଣ ହୋଇଥାଏ, ତାହା ଆଜି ଶୂନଶାନ ହୋଇଯାଇଛି। ରାଜା ରାଜୁଡା ଅମଳରୁ ଏହି ଛଉନୃତ୍ୟ ଉତ୍ସବ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ।

**ସରିଗଲା ଚୈତ୍ରମାସ, ଶୁଭିଲାନି ଛଉବାଦ୍ୟର ସ୍ୱର**



ଶୂନଶାନ ହୋଇ ପଡ଼ିଥିବା ଛଉପଡ଼ିଆ।

ଚଳିତବର୍ଷ କରୋନା ଯୋଗୁଁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରକାଶ ଯେ, ଚୈତ୍ରମାସର ଶେଷ ୩ଦିନ ଚୈତ୍ରପର୍ବ ପାଳନ ହେଉଥିବା ବେଳେ ପ୍ରଥମ ଦିନ ଗ୍ରାମାଞ୍ଚଳର ଛଉନୃତ୍ୟଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଶେଷ ୨ଦିନ ବାରିପଦାର ଉତ୍ତର ସାହି ଓ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନ ମଧ୍ୟରେ ସାରାରାତି ଛଉନୃତ୍ୟ ଅନୁଷ୍ଠିତ ହୋଇଥାଏ । ବାରିପଦା ଛଉନୃତ୍ୟ ଦେଖିବାକୁ କେବଳ ଜିଲାବାସୀ ନୁହଁନ୍ତି ରାଜ୍ୟ, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଆଦି ରାଜ୍ୟରୁ ମଧ ବହୁ ଦର୍ଶକ ଆସିଥାନ୍ତି । ଏହି ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ ଉପରେ ଗବେଷଣା କରୁଥିବା ଅନେକ ବହିରାଗତ ଗବେଷକ ମଧ ଏହି ଉତ୍ସବରେ ଯୋଗଦେଇ ଏହି ଅନନ୍ୟ ସମରକଳା ସାଂସ୍କୃତିକ ଲୋକନୃତ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ଗବେଷଣା ମାନ କରିଥାନ୍ତି। ଛଉନୃତ୍ୟ ଗୁରୁ ଫରେନ ନାରାୟଣ ଧଡ଼ା କୁହନ୍ତି ଯେ, ରାଜ ରାଜୁଡ଼ା ସମୟରୁ ଚାଲୁ ଆସୁଥିବା ଛଉ ଉତ୍ସବ ଲକ ଡ଼ାଉନ ଯୋଗୁଁ ଚଳିତବର୍ଷ ହୋଇପାରିଲା ନାହିଁ। ବର୍ଷ ସାରା ପିଲାମାନେ ଅଭ୍ୟାସ ଜାରି ରଖିଥିବା ବେଳେ କରୋନା ଯୋଗୁଁ ଏ ବର୍ଷ ଛଉନୃତ୍ୟ ପ୍ରଦର୍ଶିତ ହୋଇପାରିଲା ନାହିଁ। ପାରମ୍ପରିକ ଭାବେ ଆଖଡ଼ା ଘରେ ପୂଜା ବିଧି କରାଯାଉଥିବା ନେଇ ସେ ପ୍ରକାଶ କରିଥିଲେ।

## ମା'ଗଡ଼ଚଣ୍ଡୀଙ୍କ ପୀଠ ଖାଁ ଖାଁ

ବନ୍ତ, ୧୩।୪(ଡି.ଏନ୍.ଏ.)

କରୋନା ସଂକ୍ରମଣ ରୋକିବାକୁ ଲକ୍ ଡାଉନ୍ ପାଇଁ ଭଦ୍ରକ ଜିଲା ବନ୍ତ ବ୍ଲକ ଗିଲୋସ୍ଥିତ ମା'ଗଡଚଣ୍ଡୀଙ୍କ ପୀଠରେ ମହା ବିଷୁବମେଳା ଚଳିତବର୍ଷ ଫିକା ପଡିଛି। ଭକ୍ତଙ୍କ ଗହଳି ନ ଥିବାରୁ ଖାଁ ଖାଁ ହୋଇପଡିଥିଲା। ପ୍ରଶାସନିକ କଟକଣା ଯୋଗୁ ଅଳ୍ପ ସମୟ ମଧ୍ୟରେ ପୂଜାକାର୍ଯ୍ୟ ଶେଷ ହୋଇଥିଲା। ମାନସିକ ରଖିଥିବା ଭକ୍ତ ମାନେ ସାମାଜିକ ଦୂରତା ରକ୍ଷା କରି ଭୋଗ ଲଗାଇଥିଲେ। ପୂଜକ ଈଶ୍ୱର ଚନ୍ଦ୍ର ବାରିକ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ନିତ୍ୟାନନ୍ଦ ବିଶ୍ୱାଳ, ଦୀଲିପ ରାଉତ, ଗୋବିନ୍ଦ ରାଜ, ପ୍ରଶାନ୍ତ ରାଉତ, ବିପିନ ରାଉତ, ଗଙ୍ଗାଧର ରାଜ ସହଯୋଗ କରିଥିଲେ।

## ଆଖଣ୍ଡଳମଣି ପୀଠରେ ଭକ୍ତଙ୍କ ସମାଗମକୁ ରୋକିଲା ପୋଲିସ

ଆରଡି, ୧୩।୪(ଡି.ଏନ.ଏ.)

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଦେଶବ୍ୟାପୀ ଲକ୍‌ଡାଉନ ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ଦିର ସମେତ ବିଭିନ୍ନ ଧର୍ମାନୁଷ୍ଠାନ ୨୦ଦିନ ହେଲା ବନ୍ଦ ରହିଛି । ଭଦ୍ରକ ଜିଲା ଆରଡି ଆଖଣ୍ଡଳମଣିପୀଠରେ ପଣାସଂକ୍ରାନ୍ତି ଉପଲକ୍ଷେ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ପୀଠକୁ ଆଗମନ କରିଥିଲେ। ସେମାନଙ୍କଠାରୁ ସେବାୟତମାନେ କୌଣସି ପୂଜା ସାମଗ୍ରୀ ନ ନେବାକୁ କଟକଣା ଜାରି କରାଯାଇଥିଲା। ଏଥିସହିତ ଦିଅଁ ଦର୍ଶନ ମଧ ବନ୍ଦ କରାଯାଇଥିଲା। ସଂକ୍ରାନ୍ତିରେ ଗୋପାଳମାନେ ବାବା ଆଖଣ୍ଡଳମଣିଙ୍କ ମସ୍ତକରେ ଜଳଲାଗି କରି ନ ଥିଲେ। ସେବାୟତମାନେ ମଧ ବାବାଙ୍କର ଶୀତଳ ଉପଚାର ନୀତି ଆରମ୍ଭ କରିଛନ୍ତି। ଭିଡକୁ ଲକ୍ଷ୍ୟ କରି ଆରଡି ଫାଣ୍ଡି ପୋଲିସ ଓ ଧୂଷୁରୀ ଥାନା ପୋଲିସ ପୀଠରେ ପହଞ୍ଚି ଭକ୍ତମାନଙ୍କୁ କରୋନା କଟକଣା ସମ୍ପର୍କରେ ବୁଝାଇଥିଲେ। କୌଣସି ପୂଜା ସାମଗ୍ରୀ ମନ୍ଦିର ଭିତରକୁ ନ ନେବାକୁ ସେବାୟତମାନଙ୍କୁ ତାଗିଦ କରିଥିଲେ। ପରବର୍ତ୍ତୀ ସମୟରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବାରୁ ପୀଠରୁ ଭକ୍ତମାନେ ପ୍ରତ୍ୟାବର୍ତ୍ତନ କରିଥିଲେ। ସାମାଜିକ ଦୂରତା ଅବଲମ୍ବନ ସହ ଘରେ ରହିବାକୁ ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ଓ ଧୂଷୁରୀ ଏଏସ୍‌ଆଇ ଧୃତରାଷ୍ଟ୍ର ମଲ୍ଲିକ ଭକ୍ତମାନଙ୍କୁ ନିବେଦନ କରିଥିଲେ ।



ପୀଠରେ ପୋଲିସ ମୁତୟନ କରାଯାଇଛି।

## ଭକ୍ତଙ୍କ ବିନା ଚାଲିଛି ଚଇତି ପର୍ବ

କେନ୍ଦୁଝର, ୧୩।୪ (ସ୍ୱ.ପ୍ର.)

କରୋନା ପାଇଁ କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀ ପୀଠ ଭକ୍ତଶୂନ୍ୟ ହୋଇଛି। ମା'ଙ୍କ ଚଇତି ପର୍ବ ଚାଲିଥିବା ବେଳେ ସୋମବାର ପଣା ସଂକ୍ରାନ୍ତିରେ ମା'ଙ୍କ ଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଛି। ପ୍ରତ୍ୟେକ ବର୍ଷ ଏହି ଦିନରେ ଲକ୍ଷାଧିକ ଭକ୍ତଙ୍କ ଭିଡ ହୋଇଥାଏ। ସୋମବାର କେବଳ ଟ୍ରଷ୍ଟ ବୋର୍ଡ, ପ୍ରଶାସନିକ ଅଧିକାରୀ, ସେବାୟତ ଓ ପୂଜକଙ୍କ ଉପସ୍ଥିତିରେ ଏହି ପୂଜା ହୋଇଥିଲା। ପ୍ରଥମଥର ପାଇଁ ମା'ଙ୍କ ପୀଠରେ ଏଭଳି ପରିବେଶ ଦେଖିବାକୁ ମିଳିଥିଲା । କରୋନା ପାଇଁ ମନ୍ଦିର ପରିସରକୁ ଲକ୍‌ଡାଉନ୍ କରାଯାଇଛି। ମନ୍ଦିରରେ ପ୍ରବେଶ ପାଇଁ ଭକ୍ତଙ୍କୁ ବାରଣ କରାଯାଇଛି । ମା'ଙ୍କ ପ୍ରସିଦ୍ଧ ଚଇତି ପର୍ବ ଏପ୍ରିଲ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲେ। ତେବେ ଏହା ମଧ୍ୟରେ ପଣା ସଂକ୍ରାନ୍ତି ଓ ଓଡିଆ ନବବର୍ଷ ପଡୁଥିବାରୁ ବିଶେଷ କରି ପଣା ସଂକ୍ରାନ୍ତିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ତେବେ ଚଳିତ ବର୍ଷ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି ଯେ, ଏହା ହେଉଛି ମା'ଙ୍କ ସବୁଠାରୁ ବଡ ପର୍ବ। ପ୍ରତ୍ୟେକ ବର୍ଷ ଲକ୍ଷାଧିକ ଭକ୍ତ ଏହି ଦିନ ଆସି ମା'ଙ୍କ ଦର୍ଶନ କରିଥାନ୍ତି। ଏହି ଦିନରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। କେବଳ ସେବାୟତ ଓ ନୀତିକାନ୍ତି କରୁଥିବା ପୂଜକମାନେ ହିଁ ସାମିଲ ହୋଇଛନ୍ତି। ସୋମବାର ଭୋର୍‌ରୁ ମା'ଙ୍କ ପାରମ୍ପରିକ ପୂଜାର୍ଚ୍ଚନା ଓ ବେଶଭୂଷା କରାଯାଇଛି । ବଡସିଂହାର ବେଶ ଓ ସୁନା ବେଶ ଅନୁଷ୍ଠିତ ହୋଇଛି । ପଣା ସଂକ୍ରାନ୍ତି ଉପଲକ୍ଷେ ସମସ୍ତ ବିଶେଷ ପୂଜା ଭୋର ୬ଟା ସୁଦ୍ଧା ଶେଷ ହୋଇଛି।



ମା' ତାରିଣୀ ପୀଠ ।

ଭକ୍ତମାନେ ଏଠାକୁ ନ ଆସି ଘରେ ରହି ମା'ଙ୍କୁ ପ୍ରାର୍ଥନା କରନ୍ତି ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ କରୋନା କବଳରୁ ମୁକ୍ତ ହୋଇ ସମସ୍ତେ ଦର୍ଶନ କରିବେ ବୋଲି ଟ୍ରଷ୍ଟ ବୋର୍ଡର ସଭାପତି ପଟ୍ଟନାୟକ କହିଛନ୍ତି। ମୁଖ୍ୟ ପୂଜକ ଯଯାତି କେଶରୀ ଦେହୁରୀ କହିଛନ୍ତି ଯେ, ଚଳିତବର୍ଷ ହେଉଛି ମା'ଙ୍କ ୮୪ତମ ଚଇତି ପର୍ବ। ଏହି ଅବସରରେ ଷୋଡଶ ଉପଚାର ପୂଜା, ମାଜଣା ପୂଜା ଆଦି ଅନୁଷ୍ଠିତ ହୋଇଛି । ପଣା ଭୋଗ, ଅନ୍ନ ଭୋଗ ଆଦି ଲାଗି ହୋଇଛି । ନୀତି କରୁଥିବା ପୂଜକ ଓ ସେବାୟତମାନେ ସାମାଜିକ ଦୂରତ୍ୱ ନୀତି ଅବଲମ୍ବନ କରୁଛନ୍ତି।

## ରିକ୍ସାଚାଳକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ବାଲେଶ୍ୱର ଅଫିସ, ୧୩।୪

ବିଶ୍ୱ ମହାମାରୀ କରୋନାକୁ ପ୍ରତିହତ କରିବା ପାଇଁ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ହୋଇଥିବା ବେଳେ ଏଥିରେ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି ବାଲେଶ୍ୱର ଜିଲାର ରିକ୍ସା ଚାଳକମାନେ। ଏହି ଅସୁବିଧାକୁ ହୃଦୟଙ୍ଗମ କରି ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ବିଜୁ ଜନତା ଦଳର ଜିଲାସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ନିଜସ୍ୱ ଉଦ୍ୟମରେ ୪୫୦ଜଣ ରିକ୍ସା ଚାଳକ ଭାଇମାନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। ଏହି ଅବସରରେ ପୂର୍ବତନ ଏମ୍‌ପି ଇଂ. ଜେନା ସମସ୍ତଙ୍କୁ ନିଜ ନିଜ ଅଞ୍ଚଳରେ ଥିବା ପ୍ରଭାବିତମାନଙ୍କୁ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ କରିବାକୁ ଆହ୍ୱାନ କରିଛନ୍ତି।



ରିକ୍ସା ଚାଳକମାନେ ଖାଦ୍ୟ ସାମଗ୍ରୀ ନେଉଛନ୍ତି।

## ତାଲା ଭାଙ୍ଗି ବାଇକ୍ ଚୋରି

ରୂପ୍ସା, ୧୩।୪(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ରୂପ୍ସା ଥାନା ରାଉତପଡ଼ା ପଞ୍ଚାୟତ ବାରାପାଳ ଗ୍ରାମର ତପନ କୁମାର ମହାନ୍ତିଙ୍କ ଘରୁ ରବିବାର ରାତିରେ ଦୁର୍ବୃତ୍ତମାନେ ବାଇକ୍ ଚୋରି କରି ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ରାତିରେ ଖାଇସାରି ଘରବାଡ଼ି ତାଟିରେ ତାଲା ଦେଇ ଶୋଇଥିଲେ। ବାଇକ୍‌ର ହ୍ୟାଣ୍ଡେଲ ମଧ ଲକ୍ ହୋଇଥିଲା। କରୋନା କଟକଣା ସତ୍ତ୍ୱେ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ଆସି ତାଟି ତାଲା ଭାଙ୍ଗି ଓ ବାଇକ୍ ଲକ୍ ଖୋଲି ବାଇକ୍ (ନଂ. ଓଡ଼ି୦୯ଜି-୪୮୫୫) କୁ ନେଇ ପଳାଇଥିଲେ। ଏନେଇ ସୋମବାର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ବାଲେଶ୍ୱରରେ ଖୋଲିଲା କୋଭିଡ୍-୧୯ ହସ୍ପିଟାଲ

ବାଲେଶ୍ୱର ଅଫିସ,୧୩।୪

ବାଲେଶ୍ୱର କୁରୁଡାସ୍ଥିତ ଜ୍ୟୋତି ହସ୍‌ପିଟାଲ କୋଭିଡ୍-୧୯ ହସ୍ପିଟାଲ ଭାବେ ସୋମବାର କାର୍ଯ୍ୟକ୍ଷମ ହୋଇଛି। ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଏଥିଲାଗି ଅନୁଦାନ ଯୋଗାଇ ଦେଇଛନ୍ତି। ଏଠାରେ ରୋଗୀଙ୍କ ଚିକିତ୍ସା ମାଗଣାରେ କରାଯିବ। ଏହି ହସ୍‌ପିଟାଲରେ ୧୦୦ ଶଯ୍ୟା, ୧୨ ଆଇସିୟୁ, ଭେଣ୍ଟିଲେଟର, ୮ଟି ଏଚ୍‌ଡ଼ିୟୁ ଶଯ୍ୟା ବ୍ୟବସ୍ଥା କରାଯାଇଛି। ଡା. ଦୁଲାଲସେନ ଜଗଦ୍ଦେଓ ଏହାର ପ୍ରାଧିକୃତ ଚିକିତ୍ସା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡାଙ୍କୁ କୋଭିଡ଼ ହସ୍‌ପିଟାଲର ପ୍ରାଧିକୃତ ବ୍ୟକ୍ତି ଭାବେ ମନୋନୀତ କରାଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉକ୍ତ ହସ୍‌ପିଟାଲକୁ ଯାଇ ସମସ୍ତ ଡାକ୍ତର ଓ ପାରାମେଡ଼ିକାଲ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ସାମାଜିକ ଦୂରତା ବଜାୟ ରଖିବା, ବାରମ୍ବାର ହାତ ଧୋଇବା ଏବଂ ଲକ୍‌ଡାଉନ୍‌କୁ କଡ଼ାକଡ଼ି ମାନିବା ପାଇଁ ଯେଉଁ ନିର୍ଦ୍ଦେଶ ଦିଆଯାଇଛି ତାହାକୁ ଜିଲାବାସୀ ପାଳନ କରିବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି।




କୋଭିଡ୍-୧୯ ହସ୍ପିଟାଲ ଆଗରେ ଡାକ୍ତର ଓ ଅଧିକାରୀମାନେ।

## ଓଡ଼ିଆ ନବବର୍ଷରେ ଗରିବ, ଭିନ୍ନକ୍ଷମଙ୍କୁ ସହାୟତା

ଖଇରା, ୧୩।୪(ଡି.ଏନ.ଏ.)

ଲକ୍‌ଡାଉନ ସମୟରେ ପୂଜା ପର୍ବ ପାଳନ ନ କରିବା ଲାଗି ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ସୋମବାର ଓଡିଆ ନବବର୍ଷ ହୋଇଥିବାରୁ ଗରିବ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଚାଉଳ ଏବଂ ପନିପରିବା ବାଣ୍ଟି ଖଇରା ଅଞ୍ଚଳର ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ମହାକୁଡ ଓଡ଼ିଆ ନବବର୍ଷ ପାଳନ କରିଛନ୍ତି। ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଯୁବ ସମାଜସେବୀ ତଥା ଏସ୍‌ଆର ଗ୍ରୁପ ଅଧକ୍ଷ ରାଜେଶ କୁମାର ମହାକୁଡ଼ଙ୍କ ନେତୃତ୍ୱରେ ଗଣ୍ଡିବେଡ଼ର ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ମହାକୁଡ଼ ଏବଂ ଏସ୍‌ଆର୍ ଗ୍ରୁପ ସମ୍ଭାବନା ଟ୍ରଷ୍ଟର ମିଳିତ ସହଯୋଗରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ସମସ୍ତ ଗ୍ରାମ ଓ ୱାର୍ଡ ବୁଲି ୧୫୦ଜଣ ଦିନମଜୁରିଆ ଓ ଭିନ୍ନକ୍ଷମଙ୍କୁ ସଚେତନତା ବାର୍ତ୍ତା ଦେବା ସହିତ ଲକ୍‌ଡାଉନ ନିୟମକୁ ମାନିବା ପାଇଁ ପରାମର୍ଶ ଦେଇଥିଲେ। ଏହାସହିତ ଡାଲି, ଚାଉଳ, ସାବୁନ ଏବଂ ୨ଟି ମାସ୍କ ମଧ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଇଂ.ରାଜେଶ ମହାକୁଡଙ୍କ ସମେତ ଶ୍ୟାମସୁନ୍ଦରପୁର ସମିତିସଭ୍ୟ ରବୀନ୍ଦ୍ର ମହାନ୍ତି, ପରିବେଶବିତ ପଦ୍ମଲୋଚନ ଯେନା, ବିଭୂତି ପତି, ପ୍ରତାପ ଗିରି, ବିନୋଦ ପତି, ତପନ ଯେନା, ଦିନେଶ ଯେନା ପ୍ରମୁଖ ସହଯୋଗ କରିଥିଲେ।

## ଭାଜପା ପକ୍ଷରୁ ମାସ୍କ, ଖାଦ୍ୟ ବଣ୍ଟନ

ବାଲେଶ୍ୱର ଅଫିସ,୧୩।୪

ବାଲେଶ୍ୱର ଜିଲା ଭାଜପା ପକ୍ଷରୁ କରୋନା ନିୟନ୍ତ୍ରଣଜନିତ ଲକ୍‌ଡାଉନ୍ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ଆହ୍ୱାନ ଓ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଆଗ୍ରହକ୍ରମେ ୧୦ଦିନ ହେଲା ବାଲେଶ୍ୱର ଜିଲାର ସମସ୍ତ ନିର୍ବାଚନମଣ୍ଡଳୀର ୫ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ଏହାସହ ୧୦ହଜାର ଲୋକଙ୍କୁ ମାସ୍କ ବଣ୍ଟନ ହୋଇଛି ବୋଲି ଜିଲାସଭାପତି ଉମାକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଜିଲାରେ ଜଣେ କେହି ନିସ୍ୱ ଗରିବ ଲୋକ ଭୋକିଲା ରହିବେ ନାହିଁ ଏହି ଶପଥ ନେଇ କାର୍ଯ୍ୟକର୍ତ୍ତାମାନେ ନିଷ୍ଠାର ସହିତ ସେବା କାର୍ଯ୍ୟ କରୁଥିବାରୁ ଉଭୟେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଓ ଜିଲାସଭାପତି ମହାପାତ୍ର ଧନ୍ୟବାଦ ଜଣାଇଛନ୍ତି।



ଭାଜପା କାର୍ଯ୍ୟକର୍ତ୍ତା ମାସ୍କ ବଣ୍ଟନ କରୁଛନ୍ତି।

ସୋମବାର ସହରର ଅରଡ଼ବଜାର, ଦର୍ଜିପୋଖରୀ, ପୁରୁଣାବାଲେଶ୍ୱର, ଭାସ୍କରଗଞ୍ଜ ଓ ଗବଗାଁ ଅଞ୍ଚଳର ସମ ବିଚାରଧାରା ସଙ୍ଗଠନ 'ସମ୍ଭବ ପରିବାର' ଓ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ପ୍ରାୟ ୪ଶହ ପରିବାରଙ୍କୁ ରନ୍ଧା ଖାଦ୍ୟ ଓ ୭୩୦ ପରିବାରଙ୍କୁ ଶୁଖିଲା ଖାଦ୍ୟ ସହିତ ୬ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ନନ୍ଦ, ରାଜ୍ୟ ସଂଯୋଜକ ପ୍ରବୀର ଶଙ୍କର ଦାସଙ୍କ ସଂଯୋଜନାରେ ଶ୍ରୀନିବାସ ପ୍ରଧାନ, ବିକାଶ ପାଢ଼ୀ, ରଞ୍ଜିତ କୁମାର ପ୍ରଧାନ, ସିପ୍ରା ବାଜପେୟୀ, ମନୋଜ ପୋଦ୍ଦାର, ବିଜନ ମହାରଣା, ମିଠୁନ ଦାସ, ସରୋଜା ହାଜର ପ୍ରମୁଖ ସହଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଓ ଜିଲାସଭାପତି ମହାପାତ୍ର ପ୍ରତିଦିନ ଏହି ସେବା କାର୍ଯ୍ୟକୁ ସମୀକ୍ଷା କରୁଥିବା ଜିଲା ସେବା ସଂଯୋଜକ ଚନ୍ଦ୍ରଶେଖର ନନ୍ଦ ପ୍ରେସ୍ ବିବୃତି ଜରିଆରେ ଜଣାଇଛନ୍ତି।

## ସାନିଟାଇଜ୍ ହେଲା ଶ୍ରୀ ମେଟାଲିକ୍ସ କାରଖାନା

କେନ୍ଦୁଝର, ୧୩।୪ (ସ୍ୱ.ପ୍ର.)

କରୋନା ମୁକାବିଲା ପାଇଁ ଚାଲିଛି ସହର ଠାରୁ ଗ୍ରାମ ପର୍ଯ୍ୟନ୍ତ ବିଶୋଧନ। ସମସ୍ତ ପବ୍ଲିକ ଯାତାୟାତ ଅଫିସ, ସ୍ଥାନ ଆଦିକୁ ବିଶୋଧନ କରାଯାଇଛି । କରୋନା ପାଇଁ ଲକ୍‌ଡାଉନ ଘୋଷଣା ହୋଇଥିଲେ ହେଁ କାରଖାନାଗୁଡିକ ବାଦ୍ ଦିଆଯାଇଛି। ତେବେ କାରଖାନାରେ କରୋନା ସଂକ୍ରମଣ ରୋକିବା ପାଇଁ ବିଶୋଧନ କରାଯାଉଛି । ବାଂଶପାଳ ବ୍ଲକ ଅଁରା ଗ୍ରାମରେ ଥିବା ଶ୍ରୀ ମେଟାଲିକ୍ସ କାରଖାନାରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ମାସ୍କ ପ୍ରଦାନ ଓ କାର୍ଯ୍ୟସ୍ଥଳୀରେ ସାମାଜିକ ଦୂରତ୍ୱ ରକ୍ଷା ଆଦି ବ୍ୟବସ୍ଥା କରାଯାଇଥିବା ବେଳେ ସୋମବାର କାରଖାନା ପରିସରକୁ ବିଶୋଧନ କରାଯାଇଛି । କାରଖାନାର ବରିଷ୍ଠ ପରିଚାଳକ ସରୋଜ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ଚାଲିଛି। ଆଖପାଖ ଅଞ୍ଚଳ ଗୁଡିକୁ ବିଶୋଧନ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।



କାରଖାନା ପରିସର।

## ଗରା, ହାଣ୍ଡି ଧରି ରାସ୍ତାରେ ମହିଳା

ଯୋଡ଼ା, ୧୩।୪(ଡି.ଏନ.ଏ.)

**ପାଣି ଚିନ୍ତା**



ମହିଳାମାନେ ରାସ୍ତା ଉପରେ ଗରା, ହାଣ୍ଡି ରଖି ଅବରୋଧ କରିଛନ୍ତି।

କେନ୍ଦୁଝର ଜିଲା ଯୋଡା ବ୍ଲକ ଜୁରୁଡିସ୍ଥିତ କ୍ରେଚ ହଟିଂ ଅଞ୍ଚଳରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ବିଦ୍ୟୁତକାଟ୍ ଯୋଗୁ ସ୍ଥାନୀୟ ବାସିନ୍ଦା ପାଣି ଟୋପାଏ ପାଇଁ ତହଲବିକଳ ହେଉଛନ୍ତି। ଏଥିରେ ଅତିଷ୍ଠ ହୋଇ ସେମାନେ ଅସହ୍ୟ ଖରାକୁ ଖାତିର ନ କରି ସୋମବାର ରାସ୍ତାକୁ ଓହ୍ଲାଇଛନ୍ତି। ଅପରାହ୍ନ ପ୍ରାୟ ୨ଟା ବେଳେ ୨ନଂ. ରାଜ୍ୟ ରାଜପଥ ଜୁରୁଡି- ବାଂଶପାଣି ରାସ୍ତାର କ୍ରେଚହଟିଂଠାରେ ଶତାଧିକ ମହିଳା ପୁରୁଷ ଗରା, ହାଣ୍ଡି ରାସ୍ତା ଉପରେ ରଖି ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଶହ ଶହ ଖଣିଜ ବୋଝେଇ ଡମ୍ପର ଓ ଟ୍ରକ ଛିଡା ହେବାରୁ ଯାତାୟାତ ଠପ୍ ହୋଇଯାଇଥିଲା। ହଟିଂବାସୀ ଲମ୍ବୋଦର ମୁଣ୍ଡା, ରଞ୍ଜିତ ମୁଣ୍ଡା, ମଙ୍ଗଳ ମୁଣ୍ଡା, ସୁନୀଲ ବାହାଦୁର କହିଛନ୍ତି ଯେ, ସେମାନେ ନିକଟସ୍ଥ ଏକ ଖଣିରେ କାର୍ଯ୍ୟ କରୁଥିଲେ। କମ୍ପାନୀ ପକ୍ଷରୁ ଉକ୍ତ ହଟିଂରେ ଏକ ଡିପ୍ ବୋରୱେଲ ନିର୍ମାଣ କରାଯାଇ ବିଦ୍ୟୁତଚାଳିତ ପମ୍ପ ମାଧ୍ୟମରେ ପାନୀୟ ଜଳଯୋଗାଣ କରାଯାଉଥିଲା। ମାତ୍ର ଗତ ୨ତାରିଖଠାରୁ ଉକ୍ତ ହଟିଂକୁ କମ୍ପାନୀ ପକ୍ଷରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯିବାରୁ ବୋରୱେଲ ଅଚଳ ହୋଇପଡିଛି। ଫଳରେ ସ୍ଥାନୀୟ ଲୋକେ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ଉକ୍ତ ଗ୍ରାମରେ ପାନୀୟ ଜଳର ସେପରି କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ । ଏଣୁ ସ୍ଥାନୀୟ ମହିଳାମାନେ ଦୀର୍ଘ ଦେଢ କି.ମି. ଦୂର ଚାଲି ଚାଲି ଯାଇ ସେଠାରୁ ପାଣି ଆଣିବାକୁ ବାଧ ହେଉଛନ୍ତି। ଜଳସଙ୍କଟ ଦେଖାଦେବାରୁ କମ୍ପାନୀ ପକ୍ଷରୁ ଟ୍ୟାଙ୍କର ମାଧମରେ ଏଠାକୁ ପାନୀୟଜଳ ଯୋଗାଣ କରାଯାଉଥିଲା। ମାତ୍ର ତାହା ମଧ ବନ୍ଦ କରିଦିଆଯିବାରୁ ଅଞ୍ଚଳବାସୀ ବାଧ ହୋଇ ଏହି ରାସ୍ତା ଅବରୋଧ କରିଛନ୍ତି। ପୋଲିସ ଆସିଲେ ଅଞ୍ଚଳବାସୀ ଏକ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଦେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ୧୨ ଦଣ୍ଡୁଆଙ୍କୁ ଉଠାଇ ଆଣିଲା ପୋଲିସ

ପୋଲସରା, ୧୩।୪(ଡି.ଏନ.ଏ.)- ଗଞ୍ଜାମ ଜିଲା ପୋଲସରା ଥାନା ପକ୍ଷରୁ ୧୨ ଜଣ ଦଣ୍ଡୁଆଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖାଯାଇଛି। ସରକାରଙ୍କ ନିୟମ ଉଲ୍ଲଙ୍ଘନ କରି ଏମାନେ ଦଣ୍ଡଯାତ୍ରା କରୁଥିଲେ। ମାଳତେନ୍ତୁଳିଆ ଗ୍ରାମର ୪ ଜଣଙ୍କୁ ଓ ସୋଡ଼କ ଗ୍ରାମର ୮ ଏହିପରି ୧୨ ଜଣଙ୍କୁ ଉଠାଇ ଆଣିଛି ପୋଲିସ। ପରେ ଅଣ୍ଡରଟେକିଂ ଲେଖି ସମସ୍ତଙ୍କୁ ଛାଡି ଦିଆଯାଇଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଥିଲେ।

### ପୋଲିସଙ୍କୁ ଆକ୍ରମଣ ଘଟଣା, ୨କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ, ୧୩।୪-କୋଭିଡ଼-୧୯ ମୁକାବିଲା ପାଇଁ ପୋଲିସ ଚଣ୍ଡିପଦର ଗାଁରେ ପାଟ୍ରୋଲିଂ କରୁଥିଲା। ସଦର ଥାନା ଅଧୀନ ନିମଖଣ୍ଡି ଫାଣ୍ଡି ଅଧିକାରୀ ଓ ୨ ଜଣ ଗୃହରକ୍ଷୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ହରି ଦାସ ଓ ଦିବାକର ଦାସ। ନଂ. ୧୧୨/୨୦ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ରବିବାର ଚଣ୍ଡିପଦର ଗ୍ରାମରେ ବେଆଇନ ମଦ ବିକ୍ରି ହେଉଥିବା ଖବର ପାଇ ଫାଣ୍ଡି ଅଧିକାରୀ ଓ ତାଙ୍କ କର୍ମଚାରୀ ରାତି ପ୍ରାୟ ୯ଟା ରେ ପାଟ୍ରୋଲିଂ କରିବାକୁ ଯାଇଥିଲେ। ପୋଲିସକୁ ଦେଖି ମଦ ବିକ୍ରି କରୁଥିବା ପୂର୍ଣ୍ଣ ଦାସ ସେମାନଙ୍କ ସହ ଝଗଡା କରିଥିଲେ। ପରେ ପୂର୍ଣ୍ଣଙ୍କୁ ସମର୍ଥନ କରି ଗ୍ରାମର ୩୦ ରୁ ଉର୍ଦ୍ଧ୍ୱ ଲୋକ ସେଠାରେ ରୁଣ୍ଡ ହେବା ସହ ଠେଙ୍ଗା ଓ ବାଡ଼ିରେ ଫାଣ୍ଡି ଅଧିକାରୀ ଧୋବା ସ୍ୱାଇଁ, ଗୃହରକ୍ଷୀ ପ୍ରଶାନ୍ତ ମଲାଣ ଓ ଅଜୁ ସାହୁଙ୍କୁ ଆକ୍ରମଣ କରିଥିଲେ।

### ଜବରଦଖଲ ହଟାଇଲା ପ୍ରଶାସନ

କବିସୂର୍ଯ୍ୟନଗର, ୧୩।୪-ଏନ୍ଏସି ପ୍ରଶାସନ ରାସ୍ତା ପାର୍ଶ୍ୱ ଡ୍ରେନ ଉପରେ ବେଆଇନ ଭାବେ ପରିବା ବ୍ୟବସାୟ ଲାଗି ଅନୁମତି ଦେଇଥିଲା। ଟିକସ ବି ଆଦାୟ କରୁଥିଲା। ଅସରାଏ ବର୍ଷାରେ ଡ୍ରେନ ପାଣି ଆସି ରାସ୍ତାରେ ଲହଡ଼ି ମାରୁଥିଲା। ପଚା ପରିବା ପକାଇବାରୁ ଦୁର୍ଗନ୍ଧ ଯୋଗୁ ମହାମାୟୀଙ୍କୁ ଦର୍ଶନ ଲାଗି ଆସୁଥିବା ଭକ୍ତଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଥିଲା। ଏଥିଦ୍ୱାରା ଯାତାୟାତ ପାଇଁ ସମସ୍ୟା ଉପୁଜିଥିଲା। ଅନେକଥର ଅଭିଯୋଗ ହୋଇଥିଲେ ସୁଦ୍ଧା ଏନ୍ଏସି ପ୍ରଶାସନ ନୀରବ ରହିଥିଲା। ଯାହାକି ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଥିଲା। ଲକ୍‌ଡାଉନ ସମୟରେ ବିଡିଓ ବାସୁଦେବ ନାୟକ ଓ ତହସିଲଦାର ପ୍ରକାଶ ମିଶ୍ର ଉକ୍ତ ବ୍ୟବସାୟୀଙ୍କୁ ୨ ଦିନ ମଧ୍ୟରେ ଡ୍ରେନ ଉପରୁ ହଟିବାକୁ ନିର୍ଦ୍ଦେଶ ଦେଇଥିଲେ। ନ ଉଠିବାରୁ ସୋମବାର ଏମାନଙ୍କୁ ଉଠାଇ ଦିଆଯାଇଛି।

### ରକ୍ତ କର୍କଟରେ ଗୁରୁତର ଛାତ୍ରଙ୍କୁ ସହାୟତା

ଦିଗପହଣ୍ଡି, ୧୩।୪(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମର ୮ମ ଶ୍ରେଣୀ ଛାତ୍ର ଏସ୍. ସୁମନ ଦୋରା (୧୩) ରକ୍ତ କର୍କଟ ରୋଗରେ ଗୁରୁତର ହୋଇ ବ୍ରହ୍ମପୁର ବଡ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦିଗପହଣ୍ଡି ବ୍ଲକ ଉପାଧକ୍ଷା ପ୍ରତିନିଧି ଏମ୍. ନିରଞ୍ଜନ ରେଡ୍ଡୀ ଏନେଇ ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ରବିବାର ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ରେଡକ୍ରସ୍ ପାଣ୍ଠିରୁ ଛାତ୍ରଙ୍କ ବାପା ଏସ୍. ଜଟିଆ ଦୋରାଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ସୁମନ ପତାଣ୍ଡ ଗ୍ରାମ ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଛାତ୍ର। ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଗୁରୁ ଛାତ୍ର କଲ୍ୟାଣ ପାଣ୍ଠିରୁ ୧୦ ହଜାର ଓ ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ ବ୍ୟକ୍ତିଗତ ଉଦ୍ୟମରୁ ୧୦ ହଜାର ଟଙ୍କା ସଂଗ୍ରହ କରି ସୁମନଙ୍କ ବାପାଙ୍କୁ ଦେଇଛନ୍ତି।

### ଭକ୍ତଙ୍କୁ ମନ୍ଦିର ମନା

ପାଟପୁର, ୧୩।୪- ଦଣ୍ଡଯାତ୍ରାର ଶେଷଦିନ ପଣାସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି। ଏହି ଦିନ ମନ୍ଦିରରେ ଜନସମାଗମକୁ ଦୃଷ୍ଟିରେ ରଖି ପାଟପୁର ସମେତ ଏହାର ଆଖପାଖ ଅଞ୍ଚଳରେ ଥିବା ଶିବ ମନ୍ଦିର, କାଳୀ ମନ୍ଦିର ଗୁଡ଼ିକରେ ପଣାସଂକ୍ରାନ୍ତି ଅବସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ମନ୍ଦିରକୁ ବନ୍ଦ ରଖାଯିବା ସହ ଶ୍ରଦ୍ଧାଳୁଙ୍କ ପ୍ରବେଶ ବାରଣ କରାଯାଇଛି। ପାଟପୁର ସମେତ ପଳାସପୁର, ଜୟନଗର, ନୂଆଗାଁ ଆଦି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରିବା ସହ ସମସ୍ତ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ସୁରକ୍ଷାବାହିନୀ ମୁତୟନ କରାଯାଇଥିଲା।

# ଶୂନ୍‌ଶାନ୍ ହନୁମାନ, ଦଣ୍ଡକାଳୀ ପୀଠ

**ବ୍ରହ୍ମପୁର ଅଫିସ, ୧୩।୪**

 କରୋନା ସଂକ୍ରମଣ ତଥା ଜନଗହଳି ସ୍ଥାନରୁ ଲୋକଙ୍କୁ ଦୂରେଇ ରଖିବା ନେଇ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ମେରୁ ଯାତ୍ରା ବନ୍ଦ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ବ୍ରହ୍ମପୁର ସହରରେ ମେରୁ ଯାତ୍ରା ବନ୍ଦ ରହିଥିଲା। ଆମ୍ବପୁଆସ୍ଥିତ ମା' ଦଣ୍ଡକାଳୀଙ୍କ ମନ୍ଦିର ସମେତ ନୂଆବସ୍ତିଷ୍ଟାଣ୍ଡ ଦଣ୍ଡକାଳୀମନ୍ଦିର, ପାଣିଗ୍ରାହୀପେଣ୍ଠ ଦଣ୍ଡକାଳୀମନ୍ଦିରରେ ଭୋରରୁ ପୂଜା ସମ୍ପନ୍ନ ହେବା ପରେ ବନ୍ଦ କରାଯାଇଥିଲା। ଫଳରେ ମେରୁ ଯାତ୍ରା ବେଳେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଲୋକାରଣ୍ୟ ହେଉଥିବା ପୀଠ ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଥିଲା। ତେବେ କେତେକ ସ୍ଥାନରେ ଶ୍ରଦ୍ଧାଳୁମାନେ ପୂଜା ପାଇଁ ଅସିଥିଲେ ସୁଦ୍ଧା ବାହାରେ କେବଳ ଭୋଗ, ଦୀପ ଅର୍ପଣ କରିଥିବା ଦେଖିବାକୁ ମିଳିଥିଲା।

ପାଣିଗ୍ରାହୀପେଣ୍ଠ ସାହିସ୍ଥିତ ଦଣ୍ଡକାଳୀଙ୍କ ମନ୍ଦିରକୁ ସକାଳୁ କେତେକ ଶ୍ରଦ୍ଧାଳୁ ଭୋଗ ଲଗାଇବାକୁ ଆସିଥିବା ବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିୟୋଜିତ ସ୍ୱେଚ୍ଛାସେବୀମାନେ ତାଙ୍କୁ ବାହାରେ ଭୋଗ ରଖିବାକୁ କହି ଘଉଡାଇ ଦେଇଥିଲେ। ସେହିପରି ଲୋଚାପଡାର ଦଣ୍ଡକାଳୀ ମନ୍ଦିର, ବ୍ରହ୍ମପୁର ଉପକଣ୍ଠ ବୋରିଗାଁ ଦଣ୍ଡକାଳୀ ମନ୍ଦିରରେ ମେରୁ କୁଣ୍ଡ ନିକଟକୁ ପୂଜା ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କୁ ମଧ୍ୟ ପୋଲିସ ଘଉଡାଇଥିବା ଦେଖିବାକୁ ମିଳିଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ବିଭିନ୍ନ ମନ୍ଦିର ତଥା ମେରୁ ଯାତ୍ରା ଆୟୋଜିତ ସ୍ଥଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ଆସ୍କାରୋଡ ରଘୁନାଥ ମଠ ଓ ପିଟିପିଟାନଗର ହନୁମାନ ମନ୍ଦିର ଖୋଲା ଥିବାରୁ ଉକ୍ତ ମନ୍ଦିର ପୂଜାରୀଙ୍କୁ ପ୍ରଶାସନ ଦଣ୍ଡିତ କରିଥିବା ସୂଚନା ମିଳିଛି। ସେହିପରି ଲୋଚାପଡା ଦଣ୍ଡକାଳୀ ମନ୍ଦିର ନିକଟରେ ପୂଜା ସାମଗ୍ରୀ ଦୋକାନୀଙ୍କୁ ନିୟମ ଉଲ୍ଲଂଘନ ଅଭିଯୋଗରେ କୁକୁଡାଖଣ୍ଡି ତହସିଲଦାର ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର ଦଣ୍ଡିତ କରିଥିବା ଜଣାପଡିଛି।



ଶୂନ୍‌ଶାନ୍ ବୋରିଗାଁ ଦଣ୍ଡକାଳୀ ମନ୍ଦିର ସ୍ଥିତ ମେରୁ କୁଣ୍ଡ।

- ପାଳନ ହେଲାନି ମେରୁ ଯାତ୍ରା
- ବାହାରେ ପୂଜାକରି ଫେରିଲେ ଶ୍ରଦ୍ଧାଳୁ

## ଫ୍ଲୁ ଥିବା ଲୋକଙ୍କ ଦ୍ୱିତୀୟ ପର୍ଯ୍ୟାୟ ସ୍କ୍ରିନିଂ
### ଘର ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟକ୍ରମ

**ଛତ୍ରପୁର, ୧୩।୪(ଡି.ଏନ୍.ଏ.)**

କରୋନା ଭୂତାଣୁ ସଂକ୍ରମଣ ଆଶଙ୍କାକୁ ପ୍ରତିହତ କରିବା ପାଇଁ ଗଞ୍ଜାମ ଜିଲାରେ ସମୂହ ଯାଞ୍ଚ କରାଯାଇଥିଲା। ଜିଲାର ୭ ଲକ୍ଷ ୨ ହଜାର ୭୪୮ ଘରକୁ ଅଙ୍ଗନୱାଡି, ଆଶା କର୍ମୀ ଓ ଶିକ୍ଷକ ଯାଇ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ସର୍ଭେ କରିଥିଲେ। ଜିଲାର ମୋଟ ୨୯ ଲକ୍ଷ ୫୦ ହଜାର ୨୪୫ ଜଣଙ୍କୁ ସ୍କ୍ରିନିଂ କରାଯାଇଥିଲା। ସେଥିରୁ କେତେଜଣଙ୍କ ଠାରେ ସାମାନ୍ୟ ଥଣ୍ଡା, କାଶ, ଜ୍ୱର ନେଇ ଫ୍ଲୁ ଥିବା ସର୍ଭେରେ ଚିହ୍ନଟ ହୋଇଥିଲା। ଏହି ରିପୋର୍ଟକୁ ଆଧାର କରି ଡାକ୍ତରଙ୍କୁ ନେଇ ଗଠିତ ରାପିଡ଼ ରେସ୍‌ପନ୍ସ ଟିମ୍ ଫ୍ଲୁ ଥିବା ଲୋକଙ୍କ ଘରକୁ ଯାଇ ସେମାନଙ୍କର ଦ୍ୱିତୀୟ ପର୍ଯ୍ୟାୟ ସ୍କ୍ରିନିଂ ଜାରି ରଖିଛନ୍ତି। ଆବଶ୍ୟକ ପଡିଲେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ପଠାଯାଉଥିବା ସୂଚନା ଦିଆଯାଇଛି।

## କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହିଲେ ଦାଦନ ଶ୍ରମିକ

**ପାତ୍ରପୁର, ୧୩।୪(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତ ଦେଶାରୀ ଗ୍ରାମର ପରୀକ୍ଷିତ ନାୟକ ଆନ୍ଧ୍ରପ୍ରଦେଶର ନେଲୋର୍‌ରୁ ଫେରିଥିଲେ। ଶୁକ୍ରବାର ରାତିରେ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ଘରେ ପୂରାଇ ଦେଇ ନ ଥିଲେ। ଏ ନେଇ ବ୍ଲକ ପ୍ରଶାସନକୁ ସୂଚନା ଦିଆଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ସେଭଳି ତତ୍ପରତା ପ୍ରକାଶ ନ ପାଇବାରୁ ଦାଦନ ଶ୍ରମିକ ଜଣକ ଆମ୍ବତୋଟାରେ ରହିବାକୁ ବାଧ ହୋଇଥିଲେ। ଦୁଇ ଦିନ ଆମ୍ବ ତୋଟାରେ ରହିବା ପରେ ଅଙ୍ଗନୱାଡି କର୍ମୀଙ୍କ କହିବା ପ୍ରକାରେ ରବିବାର ରାତିରେ ପରୀକ୍ଷିତ ବାଦପୁର ଆଦର୍ଶ ବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ଆସିଛନ୍ତି।

# ଭୁବନେଶ୍ୱରରୁ ସାଇକେଲରେ ଆସିଲେ ବ୍ରହ୍ମପୁର

**ସ୍ୱାବ୍ ପରୀକ୍ଷା ପାଇଁ ନମୁନା ସଂଗ୍ରହ, ଘରେ ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ**

**ବ୍ରହ୍ମପୁର ଅଫିସ, ୧୩।୪**

ବ୍ରହ୍ମପୁର ମହାନଗର ନିଗମ ୩୧ ନଂ. ୱାର୍ଡ ଅନ୍ତର୍ଗତ କୋପରେଟିଭ କଲୋନୀ ୩ୟ ଲେନ୍ ଅଞ୍ଚଳର ଭୁବନେଶ୍ୱରରୁ ଫେରିଥିବା ଜଣେ ବ୍ୟକ୍ତିଙ୍କୁ ସୋମବାରରୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁଯାୟୀ, ଜଣେ ୪୩ ବର୍ଷୀୟ ବ୍ୟକ୍ତି ଗତ ତିନିଦିନ ତଳେ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରୁ ସାଇକେଲ ଯୋଗେ ବ୍ରହ୍ମପୁରର ୩୧ ନଂ. ୱାର୍ଡ ଅନ୍ତର୍ଗତ କୋଅପରେଟିଭ୍ କଲୋନୀ ୩ ଲେନ୍‌ରେ ରହୁଥିବା ଜଣାପଡିଥିଲା। ଖବର ପାଇ ସ୍ଥାନୀୟ ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରିଥିଲେ। ଏହାପରେ ସୋମବାର ଅଙ୍ଗନୱାଡି କର୍ମୀ ମିତାଞ୍ଜଳି ଶତପଥୀ, ଏଏନ୍‌ଏମ୍ ଗୀତାଞ୍ଜଳି ଡାକୁଆ, ଫାର୍ମାସିଷ୍ଟ ଏସ୍‌ଏସ୍ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ତାଙ୍କୁ ସ୍କାନିଂ କରିଥିଲେ। ଏହାପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସିଟି ହସପିଟାଲକୁ ନିଆଯାଇଥିଲା। ସେଠାରେ ଉକ୍ତ ବ୍ୟକ୍ତିଙ୍କ ସ୍ୱାବ୍ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ତେବେ ତାଙ୍କଠାରେ ବର୍ତ୍ତମାନ ସୁଧା କୋଭିଡ-୧୯ ସମ୍ପର୍କିତ କୌଣସି ଲକ୍ଷଣ ଦେଖାଯାଉ ନ ଥିବା ସୂଚନା ମିଳିଛି। ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ପୂର୍ବତନ କର୍ପୋରେଟର ମହାରଣା ସୂଚାଇଛନ୍ତି।



ଭୁବନେଶ୍ୱରରୁ ଫେରିଥିବା ବ୍ୟକ୍ତିଙ୍କ ଘର ନିକଟରେ ଯାଞ୍ଚ ପାଇଁ ପହଞ୍ଚିଥିବା ସ୍ୱାସ୍ଥ୍ୟ ଟିମ୍।

## ମେରୁଯାତ୍ରା ବନ୍ଦ କଲା ପ୍ରଶାସନ, ପୂଜକ ଅଟକ

**ଧରାକୋଟ, ୧୩।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପ୍ରଶାସନ ଚଳିତବର୍ଷ କରୋନା ପାଇଁ ମେରୁଯାତ୍ରା ବନ୍ଦ ନିଷ୍ପତ୍ତି ନେଇଥିଲା। ଧରାକୋଟ ତହସିଲଦାର କବିରାଜ ପ୍ରଧାନ, ବିଡିଓ ବିବୁଧ ଗଡ଼ନାୟକ ଓ ଥାନାଧିକାରୀ ସହଦେବ ମହାପାତ୍ର ସୋମବାର ଧରାକୋଟ, ମୁଣ୍ଡମରାଇ, ସୁନାପଲୀ, ଲକ୍ଷ୍ମୀପୁର, ପଙ୍କଲବାଡ଼ି, କୁଲାଗଡ଼, ବରଡ଼ାବାଲି, ଜାହାଡ଼ା, ପଣିବନ୍ଧ, ମାଣିକ୍ୟପୁର ପ୍ରଭୃତି ଗ୍ରାମ କାଳୀ ମନ୍ଦିରରେ ଚଢାଉ କରି ପାରମ୍ପରିକ ରୀତିରେ ପ୍ରଚଳିତ ହେଉଥିବା ମେରୁଯାତ୍ରାକୁ ବନ୍ଦ କରିଛନ୍ତି। ପୂଜାର୍ଚ୍ଚନା ବନ୍ଦ ପରେ ବିଭିନ୍ନ ଶୈବପୀଠରେ ଭିଡ଼ ହଟାଯିବା ସହ ସ୍ୱପ୍ନେଶ୍ୱର, ବାଲୁଙ୍କେଶ୍ୱର ସମେତ ଅନ୍ୟାନ୍ୟ ଶୈବପୀଠରେ ପୂଜା ବନ୍ଦ କରାଯାଇଥିଲା। ଏପରିକି ପୂଜା କରୁଥିବା ପୂଜକମାନଙ୍କୁ ମଧ୍ୟ ପ୍ରଶାସନ ନେଇ ପ୍ରାୟ ୫ ଘଣ୍ଟା ଅଟକ ରଖିଥିଲା। ପରିସ୍ଥିତି ସ୍ୱାଭାବିକ ହେବା ପରେ ସେମାନଙ୍କୁ ଛଡ଼ାଯାଇଥିଲା।

## ୭ ମନ୍ଦିର ପୂଜାରୀ ଅଟକ

**ଆସିକା, ୧୩।୪(ଡି.ଏନ୍.ଏ.):**

କରୋନା ଲାଗି ସୋମବାର ମହାବୀର ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ଏବଂ ମେରୁଯାତ୍ରା ବନ୍ଦ ରହିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଆସିକା ବ୍ଲକ ଓ ଏନ୍ଏସି ଇଲାକାର ବିଭିନ୍ନ ମନ୍ଦିରରେ ଏସବୁ ବନ୍ଦ ହୋଇଥିଲା। ତଥାପି କଟକଣା ମାନି ନ ଥିବା କାରଣରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ମନ୍ଦିରରୁ ୭ ପୂଜାରୀଙ୍କୁ ଅଟକ ରଖାଯାଇଛି। ଅନ୍ୟପକ୍ଷରେ କଟକଣା ସତ୍ତ୍ୱେ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିବା, ବାଇକ୍ ଧରି ବୁଲୁଥିବା ଓ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ପ୍ରାୟ ୧୫ ହଜାର ଟଙ୍କା ରେଡକ୍ରସ୍ ସହାୟତା ପାଣ୍ଠି ନିମନ୍ତେ ଆଦାୟ କରାଯାଇଛି। ଆସିକା ତହସିଲଦାର ସଦାନନ୍ଦ ସେଠୀ, ବିଡିଓ ପ୍ରଦୀପ କୁମାର ପଣ୍ଡା ଓ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ପୋଲିସ ସହାୟତାରେ ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ।

## ଉପଜିଲାପାଳଙ୍କ ଆଇସୋଲେଶନ କେନ୍ଦ୍ର ଅନୁଧ୍ୟାନ



ଉପଜିଲାପାଳ ଅନୁଧ୍ୟାନ କରୁଛନ୍ତି।

**ଛତ୍ରପୁର, ୧୩।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାକୁ ବିଦେଶ ଓ ଅନ୍ୟ ରାଜ୍ୟରୁ ଫେରିଥିବା ଲୋକେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଅନ୍ୟ କେତେଜଣଙ୍କୁ ପ୍ରତି ପଞ୍ଚାୟତରେ ଖୋଲିଥିବା ଆଇସୋଲେଶନ କେନ୍ଦ୍ରରେ ରଖାଯାଇଛି। ସୋମବାର ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଛତ୍ରପୁର ବ୍ଲକର କେତେକ ଆଇସୋଲେଶନ କେନ୍ଦ୍ରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ ଉପସ୍ଥିତ ଥିଲେ।

### ୭୪୯ ବିଦେଶ ଫେରନ୍ତାଙ୍କ ହୋମ୍ କ୍ୱାରାଣ୍ଟାଇନ୍ ସରିଲା

ବିଦେଶରୁ ୭୬୧ଜଣ ଜିଲାକୁ ଫେରିଥିଲେ। ସମସ୍ତେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ବର୍ତ୍ତମାନ ସୁଦ୍ଧା ୭୪୯ ଜଣଙ୍କ ହୋମ୍ କ୍ୱାରାଣ୍ଟାଇନ୍ ଅବଧି ସରିଛି। ଆଉ ମାତ୍ର ୧୨ ବିଦେଶ ଫେରନ୍ତା ନିଜ ଘରେ ସଙ୍ଗରୋଧରେ ଥିବା ଡିଆରଡିଏ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅବଧି ସାରିଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କ ଭଳି ଘରେ ରହିବେ ବୋଲି ପରାମର୍ଶ ଦିଆଯାଇଛି। ସେହିପରି ରାଜ୍ୟ ବାହାରୁ ଫେରିଥିବା ୭,୨୨୭ ହୋମ କ୍ୱାରାଣ୍ଟାଇନରେ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୪୫୧ ଜଣ କରୋନା ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା କରାଯାଇଛି। ତେବେ କାହା ପାଖରେ ପଜିଟିଭ ମିଳି ନ ଥିବା ସୂଚନା ଦିଆଯାଇଛି। ରବିବାର ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରିଥିବା ୪୪ ଗାଡି ଜବତ ହୋଇଥିବାବେଳେ ମାସ୍କ ପିନ୍ଧି ନ ଥିବା ନେଇ ୧୫୯ ଜଣଙ୍କଠାରୁ ଜରିମାନା ଆଦାୟ ହୋଇଛି।

# ସ୍ୱେଚ୍ଛାସେବୀଙ୍କୁ ଧରି ସଚେତନ କଲା ପୋଲିସ

**ଫୁଲବାଣୀ ଅଫିସ, ୧୩।୪**

ଫୁଲବାଣୀ ସହରରେ ପୋଲିସ ସୋମବାର ଟିମ୍ ହ୍ୟୁମାନିଟ୍‌ର ସ୍ୱେଚ୍ଛାସେବୀଙ୍କୁ ଧରି କରୋନା ସଚେତନ କରିଛି। ଟିମ୍‌ର ସଦସ୍ୟ ସାଇରାମ ପାତ୍ର, ହିମାଂଶୁ ନାୟକ, ଲମ୍ବୋଦର ରଥ, ଏସ୍. କେ. ଅବଦୁଲ୍ ସାକିର ପ୍ରମୁଖ କରୋନା ଚିତ୍ରକଳା ଥିବା ପୋଷାକ ସହିତ ହେଲମେଟ୍ ପିନ୍ଧି ସହରର ବିଭିନ୍ନ ଅଞ୍ଚଳ ଗସ୍ତ କରି ସଚେତତନା କରିଥିଲେ। ଗୋପବନ୍ଧୁ ଛକଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉପ ଜିଲାପାଳ ସୁରେଶ କୁମାର ପ୍ରଧାନ, ସଦର ଏସ୍‌ଡ଼ିପିଓ ମହେନ୍ଦ୍ରନାଥ ମୁର୍ମୁ, ଆଦର୍ଶ ଥାନାଧିକାରୀ ନରେଶ କୁମାର ସାହୁ, ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନ, ସର୍ଜେଣ୍ଟ ସରୋଜ ବେହେରା, ଅତିରିକ୍ତ ତହସିଲଦାର ଅନିତା ସାହୁଙ୍କ ସମେତ ଅନ୍ୟମାନେ ସାମିଲ୍ ହୋଇ ଲୋକଙ୍କୁ କରୋନା ଭୟାବହତା, ମାସ୍କ ବ୍ୟବହାର, ବାରମ୍ବର ହାତ ଧୋଇବା ଆଦି ଉପରେ ସଚେତନ କରିଥିଲେ।



ସ୍ୱଚ୍ଛାସେବୀଙ୍କୁ ନେଇ ପୋଲିସ ସଚେତନ କରୁଛି।

## ୧୫ରୁ ଉର୍ଦ୍ଧ୍ୱ ବାଇକ୍ ଜବତ

**ଦାରିଙ୍ଗବାଡ଼ି, ୧୩।୪(ଡି.ଏନ.ଏ.)**

ଲକ୍‌ଡାଉନ କଟକଣା ନ ମାନି ବୁଲୁଥିବା ବେଳେ ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁ ପୋଲିସ ସୋମବାର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଅମାନିଆଙ୍କ ବାଇକ୍ ଜବତ କରିଛି। ଏମାନେ ରାସ୍ତା କଡରେ ଗାଡି ରଖି ବୁଲୁଥିବାବେଳେ କିଣାକିଣି ପାଇଁ ଧରି ଆସିଥିଲେ ବୋଲି ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝି କହିଛନ୍ତି। ସେମାନଙ୍କଠାରୁ ଜରିମାନା ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ସେହିପରି ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ମଧ୍ୟ ଅମାନିଆଙ୍କ ବାଇକ୍ ଜବତ କରାଯାଇଥିବା ବ୍ରାହ୍ମଣୀଗାଁ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି।

## ମନ୍ଦିରରେ ଭିଡ଼, ୫ ଜଣଙ୍କ ନାମରେ ମାମଲା

**ଫୁଲବାଣୀ ଅଫିସ, ୧୩।୪**

ଲକ୍‌ଡ଼ାଉନ ପାଇଁ ମନ୍ଦିରରେ ଭିଡ ଜମାଇବାକୁ ବାରଣ କରାଯାଇଛି। ହେଲେ ପଣା ସଂକ୍ରାନ୍ତିରେ ଏହାକୁ ନ ମାନି ମନ୍ଦିରରେ ଭିଡ ଜମାଇଥିବାରୁ ଫୁଲବାଣୀ ଆଦର୍ଶ ଥାନା ପୋଲିସ ପୂଜକଙ୍କ ସହ କର୍ମକର୍ତ୍ତାଙ୍କ ନାମରେ ମାମଲା ରୁଜୁ କରିଛି। କନ୍ଧମାଳ ଏସ୍‌ପି ପ୍ରତିକ ଗୀତା ସିଂ ସୋମବାର ସ୍ୱତନ୍ତ୍ର ଭାବେ ବିଭିନ୍ନ ମନ୍ଦିର ବୁଲି ତଦାରଖ କରୁଥିଲେ। ପିଅନପଡ଼ା ରାସ୍ତାରେ କେତେଜଣ ମହିଳା ମନ୍ଦିର ଯାଉଥିବା ଦେଖି ତାଙ୍କୁ ଅଟକାଇ ପଚାରିଥିଲେ। ସେମାନେ କାଳୀ ମନ୍ଦିରକୁ ଯାଉଥିବା କହିଥିଲେ। ଏହାପରେ ଏସ୍‌ପି ମନ୍ଦିର ପୂଜକଙ୍କୁ ତାଗିତ କରିବା ସହ ମାମଲା ରୁଜୁ ପାଇଁ ଆଦର୍ଶ ଥାନାଧିକାରୀ ନରେଶ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଥାନାରେ ମନ୍ଦିର କମିଟି ସଭାପତି, ସମ୍ପାଦକ, ପୂଜକ ଓ ଅନ୍ୟ ଦୁଇ ଜଣଙ୍କ ନାମରେ ନଂ.୪୦/୨୦ରେ ମାମଲା ରୁଜୁ ହୋଇଛି।

## ସହାୟତା ଦାବି କଲା ମୋଟର ଚାଳକ ସଂଘ

**ଭଞ୍ଜନଗର, ୧୩।୪(ଡି.ଏନ.ଏ.)**

ଲକ୍‌ଡ଼ାଉନ ଯୋଗୁ ଲୋକେ ଅସୁବିଧାରେ ଅଛନ୍ତି। ସରକାର ରାଶନକାର୍ଡ, ଲେବରକାର୍ଡ ଧାରୀ ଓ ଗରିବଙ୍କ ପାଇଁ ବହୁ ଯୋଜନା କରୁଛନ୍ତି। କିନ୍ତୁ ମଧ୍ୟବିତଙ୍କ ଅବସ୍ଥା ଦୟନୀୟ ହୋଇପଡ଼ିଲାଣି। ସେମାନଙ୍କ କଥା ବିଚାରକୁ ନେବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ଉଠିଲାଣି। ଏହିଭଳି ଓଡ଼ିଶା ମୋଟର ଚାଳକ ସଂଘ ଭଞ୍ଜନଗର ଶାଖା ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ଦାବିପତ୍ର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ପ୍ରଦାନ କରାଯାଇଛି। ଗାଡି ଚଳାଚଳ ବନ୍ଦ ଯୋଗୁ ଚାଳକମାନେ ରୋଜଗାର ହରାଇ ଦୁଃଖରେ ଦିନ କାଟୁଛନ୍ତି। ତେଣୁ ସରକାର ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ ବୋଲି ଓଡ଼ିଶା ମୋଟର ଚାଳକ ସଂଘ ଭଞ୍ଜନଗର ଶାଖା ସଭାପତି ସୀମାଞ୍ଚଳ ବେହେରା ଓ ସମ୍ପାଦକ ରଞ୍ଜନ ନାୟକ ପ୍ରମୁଖ ଦାବି କରିଛନ୍ତି।

## କୋଭିଡ୍ ଫଣ୍ଡକୁ ଜନପ୍ରତିନିଧି ଦେଲେ ୩.୫୧ଲକ୍ଷ

**ଚାଷ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଆରମ୍ଭ କର: ଜିଲାପାଳ**

**ଶେରଗଡ଼, ୧୩।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଶେରଗଡ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବାପରେ ସ୍ଥାନୀୟ ଜନପ୍ରତିନିଧିମାନେ ୩.୫୧ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟ ଓ ବଦାନ୍ୟ ବ୍ୟକ୍ତି ଏହିଅର୍ଥ ରାଜ୍ୟ କୋଭିଡ଼ ଫଣ୍ଡକୁ ଦାନ କରିଛନ୍ତି। ଏହାପରେ ଜିଲାପାଳ କୁଲାଙ୍ଗେ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ସାମାଜିକ ଦୂରତା ରଖି ଆରମ୍ଭ କରିବାକୁ ବିଡିଓ ସୁରଞ୍ଜନ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମଗୁଡିକରେ ବଦାନ୍ୟବ୍ୟକ୍ତିଙ୍କୁ ଯୋଗାଡ କରି ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ଦେବାକୁ ପରାମର୍ଶ ଦେଇଥିଲେ। କୃଷି କାର୍ଯ୍ୟ, ମାଛଚାଷ, ମାଛବିକ୍ରିରେ କଟକଣା ନାହିଁ, ସାମାଜିକ ଦୂରତା ରକ୍ଷାକରି ଏସବୁ କରନ୍ତୁ ବୋଲି ଜିଲାପାଳ କହିଥିଲେ। ସ୍ଥାନୀୟ ରାମଚଣ୍ଡୀ ମନ୍ଦିର ରାସ୍ତାରେ ତହସିଲଦାର ଡ. ଦୟାସିନ୍ଧୁ ପରିଡାଙ୍କୁ ଭେଟି ମନ୍ଦିର ଗୁଡିକର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ଉପାଧକ୍ଷ ବଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବାବୁଲା କୁମାର ଚୋଧୁରୀ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଚେକ ଗ୍ରହଣ କରୁଛନ୍ତି।

## କରୋନା ମୁକାବିଲା ବୈଠକରେ ଯୋଗଦେଲେ ବିଭିନ୍ନ ସମ୍ପ୍ରଦାୟ, ଲୋକ ପ୍ରତିନିଧି

**ଦାରିଙ୍ଗବାଡ଼ି, ୧୩।୪(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ସଭାଗୃହରେ କରୋନା ମୁକାବିଲା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡ. ଜଗଦୀଶ ଷଡ଼ଙ୍ଗୀ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଯଦି କରୋନା ସଂକ୍ରମିତ ଚିହ୍ନଟ ହୁଅନ୍ତି କିମ୍ବା କୌଣସି ଲୋକ ଏହାଦ୍ୱାରା ଆକ୍ରାନ୍ତ ହୋଇ ମୃତ୍ୟୁ ଘଟେ ତେବେ ପ୍ରଶାସନ କିଭଳି ପଦକ୍ଷେପ ନେବ ଏବଂ ମୃତକଙ୍କ ଅନ୍ତିମ ସଂସ୍କାର କିଭଳି କରାଯିବ ଆଲୋଚନା ହୋଇଥିଲା। ଅସ୍ଥାୟୀ ଶ୍ମଶାନ ପାଇଁ ଗ୍ରୀନ୍‌ବାଡ଼ି ପଞ୍ଚାୟତ କୁଡୁମାଡ଼ି ଅଞ୍ଚଳରେ ଏକ ପତ୍ରା ଜଙ୍ଗଲ ଚିହ୍ନଟ କରାଯାଇଥିବା ତହସିଲଦାର ନୀତିଶ କୁମାର ତ୍ରିପାଠୀ ସୂଚନା ଦେଇଥିଲେ। ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ସମ୍ପ୍ରଦାୟର ସଦସ୍ୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ବିଡିଓ ଷଡ଼ଙ୍ଗୀ, ତହସିଲଦାର ତ୍ରିପାଠୀ, ଆଇଆଇସି କୌଶିକ ମାଝି, ବ୍ରାହ୍ମଣୀଗାଁ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବଂଶୀଧର ପାତ୍ର, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଅମାନିଆ ଗାଡ଼ି ଚାଳକଙ୍କୁ ଜରିମାନା

ବିଜେପୁର, ୧୩।୪ (ଡି.ଏନ.ଏ): କରୋନା ମହାମାରିକୁ ପ୍ରତିରୋଧ କରିବାକୁ ଲକ୍ ଡାଉନ ଅବ୍ୟାହତ ରହିଛି । ବାଇକ ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ହେଲେ ଅମାନିଆ ବାଇକ ଚାଳକ ସବୁ ନିୟମକୁ ଫୁ କରି ବେଧଡକ ଗାଡି ଚଳାଉଛନ୍ତି । ତେଣୁ ବରଗଡ ଜିଲା ବିଜେପୁର ଥାନା ପକ୍ଷରୁ ଅମାନିଆ ବାଇକ ଚାଳକ ଧରପଗଡ ଅଭିଯାନକୁ କଡାକଡି କରିଛି। ଶନିବାର ୧୫ ଜଣ ଏବଂ ରବିବାର ମଧ୍ୟାହ୍ନ ସୁଦ୍ଧା ୫୦ଜଣ ଅମାନିଆ ବାଇକ ଚାଳକଙ୍କ ନାମ ପଞ୍ଜୀକରଣ କରାଯାଇଥିବା ଜଣାପଡିଛି। ଅପରପକ୍ଷେ ଜବତ ହୋଇଥିବା ୨୦ଟି ବାଇକକୁ ଶନିବାର ବ୍ୟକ୍ତିଗତ ମୁଚାଲିକାରେ ଛଡା ଯାଇଛି। ଏ ନେଇ ଆଇଆଇସି ରାଜେନ୍ଦ୍ର ସିଆଲଙ୍କୁ ପଚାରିବାରୁ ଅମାନିଆମାନଙ୍କ ନାମକୁ ଅନଲାଇନରେ ପଞ୍ଜୀକରଣ କରାଯାଉଛି। ସରକାର ଧାର୍ଯ୍ୟ କରିଥିବା ଜରିମାନା ଆଦାୟ କରାହେବ ବୋଲି ସେ କହିଛନ୍ତି । ସେହିପରି ମାସ୍କ ପିନ୍ଧି ନ ଥିବାରୁ ୯ଜଣ ୨ଶ ଟଙ୍କା ଲେଖାଏ ଜରିମାନା ଦେଇଛନ୍ତି ।

### କଟକଣା ସତ୍ତ୍ୱେ ମେରୁଯାତ୍ରା ସମ୍ପନ୍ନ

ଜହ୍ନାପଙ୍କ, ୧୩।୪ (ଡି.ଏନ.ଏ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଚଣ୍ଡୀତଳ ଶୈବପୀଠରେ ଧୁମଧାମରେ ସୋମବାର ମେରୁଯାତ୍ରା ସମ୍ପନ୍ନ ହୋଇଛି। ସକାଳ ୯ଟାରୁ ଯଥାରୀତି ପୂଜାର୍ଚ୍ଚନା ପରେ ମେରୁଯାତ୍ରା ଆରମ୍ଭ ହେବାକୁ ଯାଉଥିବା ବେଳେ ଖବର ପାଇ ଜହ୍ନାପଙ୍କ ଫାଣ୍ଡି ଅଧିକାରିଣୀ ମମତା ହେମ୍ବ୍ରମ ସଦଳବଳ ଯାତ୍ରାସ୍ଥଳରେ ପହଞ୍ଚିଥିଲେ। ଫାଣ୍ଡି ଅଧିକାରୀ ବାରଣ କରିବା ସତ୍ତ୍ୱେ ଲୋକେ ନ ମାନିବାରୁ ଘଟଣାସ୍ଥଳରେ ବୌଦ୍ଧ ବିଡିଓ ପହଞ୍ଚି ଯାତ୍ରା ନ କରିବାକୁ ବାର କରିଥିଲେ। ଏହାପରେ ମଧ ଲୋକେ ନ ମାନିବାରୁ ବୌଦ୍ଧ ପୋଲିସକୁ ଖବର ଦିଆଯାଇଥିଲା । ବୌଦ୍ଧ ପୋଲିସ ସେଠାରେ ପହଞ୍ଚିବାରୁ ଯାତ୍ରାସ୍ଥଳରୁ ଲୋକେ ପଳାଇଥିଲେ। ତେବେ କରୋନା ପାଇଁ ଲକଡାଉନ କଟକଣା ଜାରି କରାଯାଇଥିବାରୁ ଏହାକୁ ନ ମାନି ଦଣ୍ଡ ମାଲିକ ଯାତ୍ରା କରିଥିବାରୁ ପ୍ରଶାସନ ତାଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଉଛି ଦେଖିବାକୁ ବାକି ରହିଲା ।

# କ୍ଷତିରେ ମହୁଲ ଗୋଟାଳି

ଲାଞ୍ଜିଗଡ,୧୩।୪(ଡି.ଏନ୍.ଏ)


ଗୋଟାଳିମାନେ ମହୁଲ ସଂଗ୍ରହ କରି ଫେରୁଛନ୍ତି ।

ନିର୍ଦ୍ଧାରଣ ହୋଇପାରିନି ଦର

କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ସରକାରୀ ସ୍ତରରେ ମହୁଲ ଦର ନିର୍ଦ୍ଧାରଣ ହୋଇନାହିଁ । କରୋନା ପାଇଁ ଲକଡାଉନ କଟକଣା ଯୋଗୁ ବାହାର ରାଜ୍ୟର ବେପାରୀ ଏଠାକୁ ଆସୁନାହାନ୍ତି । ଏହା ସ୍ଥାନୀୟ ମଦଭାଟି ଓ ଦଲାଲଙ୍କୁ ସୁହାଇଛି। ସେମାନେ କମ୍ ଦରରେ ମହୁଲ କିଣି ନେଉଥିବାରୁ ଏଥିରେ ପେଟ ପୋଷୁଥିବା ଗୋଟାଳିମାନେ କ୍ଷତି ସହୁଛନ୍ତି ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ଅନେକ ଗାଁର ଅଧିବାସୀ ମହୁଲ ସଂଗ୍ରହ କରି ପେଟ ପୋଷିଥାନ୍ତି। ଫେବୃଆରୀ ଶେଷ ସପ୍ତାହରୁ ମହୁଲ ସଂଗ୍ରହ ଆରମ୍ଭ ହୋଇଥାଏ ଏବଂ ମାର୍ଚ୍ଚ ଓ ଏପ୍ରିଲ ମାସରେ ଗୋଟାଳିମାନେ ମହୁଲ ବିକ୍ରି କରନ୍ତି । ମାତ୍ର ଚଳିତ ବର୍ଷ କରୋନା କଟକଣା ମହୁଲ ସଂଗ୍ରହ ଉପରେ ପ୍ରଭାବ ପକାଇଛି। ଲକ୍‌ଡାଉନ୍ ଯୋଗୁ ଲୋକମାନେ ଅନ୍ୟ ରୋଜଗାର ନ ପାଇ ଜଙ୍ଗଲ ଓ ନିଜସ୍ୱ ଜମିରେ ଥିବା ଗଛଗୁଡିକରୁ ମହୁଲ ସଂଗ୍ରହ କରୁଛନ୍ତି । ଲାଞ୍ଜିଗଡ ବ୍ଲକର ଘାଟି ଅଞ୍ଚଳରେ ଥିବା ବେଡାଗାଁ, କୁମଖାଲ, ତ୍ରିଲୋଚନପୁର, କାନକୁଟ୍ରୁ, ବେନଗାଁ, ପାହାଡପଦର, ଲାଖବାହାଲି, ମାଳିଯୁବାଙ୍ଗ, ଗୁଣ୍ଡୁରୀ ଏପରି ୨୬ଟି ପଞ୍ଚାୟତ ଅଧୀନ ବିଭିନ୍ନ ଗାଁର ଲୋକମାନେ କିଛି ରୋଜଗାର ଆଶଙ୍କାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜଙ୍ଗଲ ଭିତରେ ମହୁଲ ଗୋଟାଉଛନ୍ତି। ପିଲା ଠାରୁ ବୁଢା ଓ ସ୍ତ୍ରୀ ଲୋକମାନେ ମଧ ଦିନତମାମ ଜଙ୍ଗଲରେ ରହି ମହୁଲ ସଂଗ୍ରହ କରିବାରେ ଲାଗି ପଡିଛନ୍ତି । ହେଲେ ଏତେ ପରିଶ୍ରମ ସତ୍ତ୍ୱେ ମଧ କିଛି ଲାଭ ମିଳୁ ନ ଥିବା ଅଭିଯୋଗ ହେଉଛି। ଲକ୍‌ଡାଉନ୍ କଟକଣା ଯୋଗୁ ଏ ପର୍ଯ୍ୟନ୍ତ ମହୁଲର ବଜାର ଦର ନିର୍ଦ୍ଧାରଣ କରାଯାଇ ନାହିଁ । ଅବକାରୀ ବିଭାଗ ପକ୍ଷରୁ ମଧ ମହୁଲ କିଣାବିକା ପାଇଁ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ବର୍ତ୍ତମାନ ମହୁଲ ଗୋଟାଉ ଥିବା ପରିବାର ଚିନ୍ତାରେ ପଡିଯାଇଛନ୍ତି । ସେମାନେ ବାଧ ହୋଇ ସ୍ଥାନୀୟ ଦଲାଲଙ୍କ ହାବୁଡରେ ପଡିଛନ୍ତି। ଦଲାଲମାନେ କମ୍ ଦାମ୍ ଦେବା ସହ ତେଲ, ଲୁଣ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଦେଇ ମହୁଲ ନେଇଯାଉଛନ୍ତି । ସେମାନେ ସଂଗ୍ରହକାରୀଙ୍କ ଠାରୁ ମହୁଲ କେଜି ପ୍ରତି ୧୦ରୁ ୧୫ଟଙ୍କାରେ କିଣି ଦେଶୀ ମଦ ଭାଟିଗୁଡିକୁ ଚଢାଦରରେ ବିକ୍ରି କରୁଛନ୍ତି। କରୋନା ଯୋଗୁ ବାହାର ରାଜ୍ୟକୁ ମହୁଲ ଚାଲାଣ ହୋଇପାରୁନାହିଁ। ରାଜ୍ୟ ବାହାର ବ୍ୟବସାୟୀ ନ ଆସିବାରୁ ସ୍ଥାନୀୟ ଭାଟି ମାଲିକ ଓ ତାଙ୍କ ଦଲାଲ ମାନେ ସକ୍ରିୟ ହୋଇପଡିଛନ୍ତି । ଏ ନେଇ ଜିଲା ପରିଷଦ ସଭ୍ୟ ଉପେନ୍ଦ୍ର କୁମାର ରାଉତ କହିଛନ୍ତି, କରୋନା କଟକଣା ଥିବା ସମୟରେ ନିୟମ ପାଳନ କରି ମଧ ମହୁଲ କିଣାଯାଇ ପାରିବ । ସରକାର ଅନୁମତି ଦେଲେ ପଞ୍ଚାୟତ ପକ୍ଷରୁ ମହୁଲ କିଣାଯାଇ ଗଚ୍ଛିତ ରଖାଯିବ । ଏମିତି କଲେ ମହୁଲ ଗୋଟାଳିମାନେ ଉଚିତ ଦର ପାଇପାରିବେ। କରୋନା ମୁକାବିଲା ନେଇ ସବୁ କାମ ବନ୍ଦ ହୋଇ ଯାଇଥିବା ବେଳେ ଏହି ମହୁଲ ଉଚିତ ଦରରେ ବିକ୍ରି କଲେ ସେମାନେ ଲାଭବାନ ହୋଇପାରିବେ ।


ସୋମବାର ସମ୍ବଲପୁର ବୁଢ଼ାହିଲ୍ ହନୁମାନ ମନ୍ଦିରରେ ହୋମଯଜ୍ଞ କରାଯାଉଛି ।

## ପୂଜାର୍ଚ୍ଚନାରେ ସୀମିତ ହନୁମାନ ଜୟନ୍ତୀ

ସମ୍ବଲପୁର, ୧୩।୪ (ବ୍ୟୁରୋ)

କରୋନା ଯୋଗୁ ସମସ୍ତ ଧାର୍ମିକ ପୀଠରେ ମଧ ତାଲା ଝୁଲୁଛି । ଏଣୁ ସମ୍ବଲପୁରର ପ୍ରସିଦ୍ଧ ହନୁମାନ ଜୟନ୍ତୀ ଶୋଭାଯାତ୍ରା କରୋନା କଟକଣା ଯୋଗୁ କେବଳ ପୂଜାର୍ଚ୍ଚନାରେ ହିଁ ସୀମିତ ରହିଛି। ସୋମବାର ସହରର ହନୁମାନ ମନ୍ଦିର ଗୁଡିକରେ ପଣା ସଂକ୍ରାନ୍ତି ଓ ହନୁମାନଙ୍କ ପୂଜାର୍ଚ୍ଚନା ନିଡାମ୍ବରରେ କରାଯାଇଛି। ବୁଢ଼ାହିଲ୍ ସ୍ଥିତ ପ୍ରସିଦ୍ଧ ହନୁମାନ ମନ୍ଦିରରେ ସକାଳେ ପରମ୍ପରା ଓ ରୀତିନୀତି ସହ ମୁଖ୍ୟ ପୂଜକ ହରିଶ୍ଚନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରିଥିଲେ । ଏହାପରେ ପଣ୍ଡିତ ବ୍ୟାସଦେବ ପଣ୍ଡା ହୋମଯଜ୍ଞ କରିଥିଲେ। ଅବଶ୍ୟ ଭକ୍ତମାନେ ମନ୍ଦିର ମୁଖ୍ୟ ଫାଟକରେ ଦୀପ ଜାଳୁଥିବା ଦେଖିବାକୁ ମିଳିଛି। ତେବେ ନେଇ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ବହିଦାର କହିଛନ୍ତି ଯେ, ସହରରେ ଥିବା ୩୫ଟି ହନୁମାନ ଜୟନ୍ତୀ କମିଟି ସିମିତିର କର୍ମକର୍ତ୍ତା ସନ୍ଧ୍ୟା ୫ଟା ୫୫ରେ ପୂଜାର୍ଚ୍ଚନା କରି ଦୀପ ପ୍ରଜ୍ୱଳନ କରିବେ । ବିଶ୍ୱ କିପରି ଏହି ମହମାରିରୁ ମୁକ୍ତି ମିଳିବ ସେ ନେଇ ହନୁମାନ ଚାଳିଶା ପାଠ ସହ ସେମାନେ ଦୀପ ଦାନ କରିବେ। ଜିଲା ପ୍ରଶାସନର ନିୟମ ପାଳନ କରାଯିବ । କେବଳ ୬ଟି କମିଟିର ସଭ୍ୟ ସଚେତନତା ସହ ଦୂରତ୍ୱ ପାଳନ କରି ପ୍ରସାଦବଣ୍ଟନ କରିବେ ବୋଲି ସୁଧୀର କହିଛନ୍ତି ।

## ଦୋକାନରେ ବିକ୍ରିହେଲା ସ୍କୁଲ ଡାଲି

ନୂଆଗାଁ, ୧୩।୪ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ହାତୀବାରି ହାଇସ୍କୁଲ ହଷ୍ଟେଲ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ୩୦ କେଜି ହରଡ ଡାଲି ବସ୍ତାକୁ ବାହାର ଦୋକାନରେ ବିକ୍ରି କରାଯାଇଛି। ଏହି ଘଟଣା ପ୍ରଘଟ ହେବା ପରେ ଗାଁ ଲୋକେ ବିରୋଧ କରିଛନ୍ତି। ଏହା ଜାଣିବା ପରେ ସମ୍ପୃକ୍ତ ଦୋକାନୀ ଉକ୍ତ ଡାଲି ବସ୍ତାକୁ ଆଣି ସ୍କୁଲରେ ଫେରାଇ ଦେଇଛନ୍ତି। ଖବର ପାଇ ସ୍ଥାନୀୟ ସରପଞ୍ଚ ବିନୋଦ ବିହାରୀ ଦେହୁରୀ ଓ ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ ପ୍ରମୁଖ ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁଶ୍ରୀ ଭୂୟାଁଙ୍କୁ ପଚାରିଥିଲେ। ତେବେ ଶିକ୍ଷୟିତ୍ରୀ ଭୂୟା କହିଥିଲେ ଯେ, ସେ ଉକ୍ତ ଡାଲି ବସ୍ତା ନିଜେ କିଣିଥିଲେ। ଏଣୁ ତାଙ୍କର ଏହି ମନ୍ତବ୍ୟକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଉକ୍ତ ଡାଲି ବସ୍ତାକୁ ଥାନା ଅଧିକାରୀ ଜବତ କରିଛନ୍ତି । ନୂଆଗାଁ ବ୍ଲକ ସଂପ୍ରସାରଣ ଅଧିକାରୀ ତଦନ୍ତ କଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି । ଏହି ଘଟଣା ପରେ ହାତୀବାରି ସ୍କୁଲ ଫାଟକରେ


ସ୍କୁଲ ଡାଲି ବିକ୍ରି ଘଟଣାରେ ପୋଲିସ ତଦନ୍ତ କରୁଛି ।

ସରପଞ୍ଚ ଓ ଶିକ୍ଷା କମିଟି ସଭାପତିଙ୍କ ଉପସ୍ଥିତିରେ ତାଲା ପକାଯାଇଛି। ଏ ସମ୍ପର୍କରେ ଶିକ୍ଷୟିତ୍ରୀ ଭୂୟାଁ କହିଛନ୍ତି ଯେ, ତାଙ୍କୁ ଏ ପର୍ଯ୍ୟନ୍ତ ଉକ୍ତ ହଷ୍ଟେଲର ଦାୟିତ୍ୱ ମିଳିନାହିଁ। ତେଣୁ ସେ ଅଧିକ କିଛି କହିପାରିବେ ନାହିଁ । ଏ ସମ୍ପର୍କରେ ନୂଆଗାଁ ଡବ୍ଲୁଇଓ ସତ୍ୟଭାନୁ ସିଂଙ୍କୁ ପଚାରିବାରୁ କହିଛନ୍ତି ଯେ, ଘଟଣା ସମ୍ପର୍କରେ ସେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛନ୍ତି।

## ମାସ୍କ ପିନ୍ଧିଲେନି, ଜରିମାନା ଦେଲେ

ବଲାଙ୍ଗୀର ଅଫିସ, ୧୩।୪

ବଲାଙ୍ଗୀର ସହରର ବିଭିନ୍ନ ଛକରେ ପୋଲିସ ପକ୍ଷରୁ ସୋମବାର ତନଖି କରାଯାଇ ମାସ୍କ ପିନ୍ଧି ନ ଥିବା ଶହେ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଲକ୍‌ଡାଉନ କଟକଣା ବୃଦ୍ଧି କରାଯିବା ପରେ ପୋଲିସ କଡାକଡି ସତ୍ତ୍ୱେ ଲୋକେ ଚେତୁନାହାନ୍ତି। ମାସ୍କ ବାଧ୍ୟତାମୂଳକ କରାଯାଇଥିଲେ ମଧ କେତେକ ଲୋକେ କଟକଣାକୁ ଖାତିର ନକରି ବିନା କାମରେ ସହରରେ ମାସ୍କ ନ ପିନ୍ଧି ବୁଲୁଥିଲେ। ଆଦର୍ଶ ଥାନା ପୋଲିସ ପକ୍ଷରୁ ବିଭିନ୍ନ ଛକରେ ଯାଞ୍ଚ କରୁଥିବାବେଳେ ଏମାନଙ୍କୁ ଧରି ୫୦ଟଙ୍କା ଲେଖାଏ ଜରିମାନା ଆଦାୟ କରି ମାସ୍କ ପିନ୍ଧାଇଥିଲେ । ଆଗାମୀ ଦିନରେ ବାଇକ ଓ ମାସ୍କ ଯାଞ୍ଚ କଡାକଡି କରାଯିବ ବୋଲି ପୋଲିସ ପକ୍ଷରୁ ଆଇଆଇସି ସଂଗ୍ରାମ ପଟ୍ଟନାୟକ କହିଛନ୍ତି।

## ଜଳିଗଲା ୩ ବଖରା

ମନମୁଣ୍ଡା, ୧୩।୪ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ପଞ୍ଚାୟତର କୁରୁମୁଣ୍ଡା ଗାଁରେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ନିଆଁ ଲାଗିଯିବାରୁ ୨ଟି ପରିବାରର ୩ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ପୋଡି ଯାଇଥିବା ଘର କମ୍ପୁ ମଲିକ ଏବଂ ସନ୍ତୋଷ ମଲିକଙ୍କ ବୋଲି ଜଣାପଡିଛି । ଉଭୟ ପରିବାର ଲୋକେ ମହୁଲ ସଂଗ୍ରହ କରିବାକୁ ଯାଇଥିବା ବେଳେ ଘରେ ଆକସ୍ମିକ ଭାବେ ନିଆଁ ଲାଗିଯାଇଥିଲା। ଫଳରେ ଘରେ ଥିବା ଆସବାବପତ୍ର, ଧାନ, ଚାଉଳ ପୋଡଇ ପାଉଁଶ ହୋଇଯାଇଥିଲା । ବର୍ତ୍ତମାନ ଦୁଇ ପରିବାରର ୮ ପ୍ରାଣୀ ଖୋଲା ଆକାଶ ତଳେ ରହିଛନ୍ତି ।

## ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

କୋକସରା, ୧୩।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ସାହାଜଖୋଲ ଜଙ୍ଗଲରୁ ସୋମବାର ଜଣେ ଯୁବକଙ୍କ ଗଳିତ ମୃତଦେହକୁ ଆମପାଣି ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଆମପାଣି ପଞ୍ଚାୟତ ଅନ୍ତର୍ଗତ କୁଟ୍ରୁ ଗ୍ରାମର ସାମ ମାଝୀ (୪୫)। ପୋଲିସ ମୃତଦେହ ଚିହ୍ନଟ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି। ଘଟଣାସ୍ଥଳରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆମପାଣି ପୋଲିସ ପକ୍ଷରୁ ସୂଚନା ମିଳିଛି। ପୋଲିସ ସୂଚନା ଅନୁସାରେ, ଗତ ରବିବାରଠାରୁ ସାମ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କର ପତ୍ତା ପାଇ ନ ଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ପୋଲିସ କହିଛି।

## ଫଟୋରେ ଖବର


ଜନଧନ ଆକାଉଣ୍ଟରୁ ଟଙ୍କା ଉଠାଇବା ପାଇଁ ବରଗଡ଼ ଜିଲା ପାଇକମାଳ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ସୋମବାର ଗ୍ରାହକଙ୍କ ଭିଡ ଜମିଛି ।

## କୋଭିଡ୍-୧୯ ହସ୍ପିଟାଲ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

ଝାରସୁଗୁଡା ଅଫିସ,୧୩।୪

**ପୁରୁଣା ହସ୍ପିଟାଲରେ ୨୪ ସୁଦ୍ଧା କାର୍ଯ୍ୟକ୍ଷମ ହେବ**

ଝାରସୁଗୁଡା ସହରରେ କୋଭିଡ-୧୯ ହସ୍ପିଟାଲ ପ୍ରତିଷ୍ଠା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସହରର ମଙ୍ଗଳ ବଜାରସ୍ଥିତ ପୁରୁଣା ଜିଲା ମୁଖ୍ୟ ଚକିତ୍ସାଳୟ କୋଠାରେ ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲା ଖଣିଜ ପାଣ୍ଠି ବିନିଯୋଗ କରାଯାଉଥିବା ବେଳେ ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜ ସହଯୋଗ କରୁଛି। ଏଥିସହ ଝାରସୁଗୁଡାସ୍ଥିତ ବେଦାନ୍ତ ସହଯୋଗ କରୁଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ତାରିଖ ସୁଦ୍ଧା ଏହି ହସ୍ପିଟାଲ କାର୍ଯ୍ୟକ୍ଷମ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଡିଏମଏଫ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ, ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ଓ ହାଇଟେକ ମେଡିକାଲ କଲେଜ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଚିକିତ୍ସାଳୟରେ ୧୧୦ଶଯ୍ୟା ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ୧୦ଟି ଶଯ୍ୟା ଆଇସିୟୁରେ ଅନ୍ତର୍ଭୁକ୍ତ। ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ନିଯୁକ୍ତ କରାଯାଇଥିବା ଜିଲାପାଳ ସରୋଜ କୁମାର ସାମଲ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ତପିରାମ ମାଝୀ, ସିଡିଏମଓ ଡା.ଜଗଦୀଶ ଚନ୍ଦ୍ର ବାରିକ, ହାଇଟେକ ମେଡିକାଲ କଲେଜର ଜ୍ୟୋତିର୍ମୟ ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କରୋନା ମୁକାବିଲା କାର୍ଯ୍ୟ ସମୀକ୍ଷା କଲେ ଡିଜିପି

ଝାରସୁଗୁଡା ଅଫିସ,୧୩।୪

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅଭୟ ସୋମବାର ଦିନିକିଆ ଝାରସୁଗୁଡା ଗସ୍ତରେ ଆସିଥିଲେ। ଏକ ସ୍ୱତନ୍ତ୍ର ବିମାନ ଯୋଗେ ଡିଜିପି ଅପରାହ୍ନ ୨ଟା ବେଳେ ଝାରସୁଗୁଡା ବିମାନ ବନ୍ଦରରେ ଅବତରଣ କରିଥିଲେ। ସେଠାରୁ କାର ଯୋଗେ ଜିଲା ପୋଲିସ କାର୍ଯ୍ୟାଳୟକୁ ଆସି କରୋନା ମୁକାବିଲା ପାଇଁ ଜିଲା ପୋଲିସର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ଝାରସୁଗୁଡା ଥାନା, ରେଳ ଷ୍ଟେଶନ ଛକ, ବସ୍‌ଷ୍ଟାଣ୍ଡ ଛକ ଓ କିଶାନ ଛକରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀମାନଙ୍କ ସହିତ ରାସ୍ତାରେ ଆଲୋଚନ କରିଥିଲେ। ଡ୍ୟୁଟି ବେଳେ ପୋଲିସ କର୍ମଚାରୀମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ସେ ପଚାରି ବୁଝିଥିଲେ। ସେଠାରୁ ବିମାନବନ୍ଦରକୁ ଯାଇ ଅପରାହ୍ନ ୪।୩୦ରେ ଭୁବନେଶ୍ୱର ଫେରିଯାଇଥିଲେ। ଡିଜିପିଙ୍କ ଗସ୍ତ ସମୟରେ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ଝାରସୁଗୁଡା ଏସପି ଅଶ୍ୱିନୀ କୁମାର ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ଡିଜିପି ଅଭୟ ପୋଲିସ କର୍ମଚାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ।

## ମିଥ୍ୟା ଖବର ପରିବେଷଣ କରି ୱେବ ମିଡିଆ ଖବରଦାତା ଗିରଫ

ଭବାନୀପାଟଣା/ଜୟପାଟଣା, ୧୩।୪(ସ୍ୱ.ପ୍ର/ଡି.ଏନ.ଏ.)

ମହାମାରୀ କରୋନା ସମ୍ପର୍କରେ ମିଥ୍ୟା ଖବର ପରିବେଷଣ କରିବା ଅଭିଯୋଗରେ ଜଣେ ୱେବ ମିଡିଆ ଖବରଦାତାଙ୍କୁ କଳାହାଣ୍ଡି ଜିଲା ଜୟପାଟଣା ଥାନା ପୋଲିସ ଗିରଫ କରିଛି। ତାଙ୍କ ନାମ ବିମଳକାନ୍ତ ପଣ୍ଡା। ଏ ନେଇ ଏକ ମାମଲା (ନଂ. ୧୧୮/୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜୟପାଟଣା ଥାନା ଅଧିକାରୀ ରଶ୍ମିତା ପ୍ରଧାନ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଖମାରହଲଦୀ ପଞ୍ଚାୟତରେ ଦ୍ୱିତୀୟ କରୋନା ରୋଗୀ ଚିହ୍ନଟ ହୋଇଥିବା ବ୍ୟକ୍ତି ଜଣକ ଜୟପାଟଣା ବ୍ଲକ କପୁରମାଲ ଗାଁର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ଭଳି ମିଥ୍ୟା ଖବର ପରିବେଷଣ କରିଥିଲେ। ଏ ନେଇ ସ୍ଥାନୀୟ ସରପଞ୍ଚ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ତିନି ଜଣଙ୍କୁ ପାସ୍, ଗଲେ ଛଅ

ବରଗଡ଼ ଅଫିସ୍/ସରଣ୍ଡା,୧୩।୪

**ଲକ୍‌ଡାଉନ କଟକଣା ଉଲ୍ଲଂଘନ**
- ଅତାବିରାରୁ ଆନ୍ଧ୍ର ପ୍ରଦେଶକୁ ଗାଡ଼ି ପାସ୍
- ହାର୍ଭେଷ୍ଟର ମରାମତି ପାଇଁ ପାସ୍ ଦେଲେ ତହସିଲଦାର
- ଫେରିବା ପରେ କ୍ୱାରାଣ୍ଟାଇନରେ ରହିନାହାନ୍ତି
- ଆନ୍ଧ୍ର ଫେରନ୍ତାକୁ ନେଇ ଲୋକଙ୍କ ମଧ୍ୟରେ ଭୟ

କରୋନା ଭୂତାଣୁକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ କଟକଣା ଲାଗୁ କରାଯାଇଛି । ଏହି କ୍ରମରେ ଘରୁ ପଦାକୁ ବାହାରିଲେ ଲୋକଙ୍କୁ ପୋଲିସ ଭୟ ଘାରୁଛି । ଅନ୍ୟପଟେ ରାଜ୍ୟ ବାହାରୁ ଫେରନ୍ତାଙ୍କୁ ପଞ୍ଜିକରଣ କରିବା ସହିତ ହୋମ କ୍ୱାରେଣ୍ଟାଇନରେ ରହିବାକୁ ପରାମର୍ଶ ଦିଆଯାଉଛି । ଏଭଳି ସ୍ଥଳେ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଦୁଲମପୁର ପଞ୍ଚାୟତରୁ ଆନ୍ଧ୍ରପ୍ରଦେଶ ଯିବା ପାଇଁ ସ୍ଥାନୀୟ ତହସିଲଦାର ଗାଡ଼ି ପାସ୍ ପ୍ରଦାନ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । କେବଳ ସେତିକି ନୁହେଁ, ତହସିଲଦାରଙ୍କ ସେହି ଗାଡ଼ି ପାସ୍‌ର ମଧ୍ୟ ଉଲ୍ଲଂଘନ କରାଯାଇଥିବା ସୂଚନା ମିଳିଛି । ସେଠାରୁ ସେମାନେ ଫେରିବା ପରେ ଅଞ୍ଚଳବାସୀଙ୍କୁ କରୋନା ଭୟ ଘାରିଛି ।

ସୂଚନା ଅନୁଯାୟୀ, ଦୁଲମପୁର ଗ୍ରାମର ଭି. ଭେଙ୍କେନା ବାବୁ ଆନ୍ଧ୍ର ପ୍ରଦେଶର ଇଷ୍ଟ ଗୋଦାବରୀ ଜିଲାରେ ଥିବା ତାଙ୍କ ହାର୍ଭେଷ୍ଟର (ଧାନ ଅମଳ ଯନ୍ତ୍ର) ମରାମତି ସକାଶେ ଯିବା ପାଇଁ ଅତାବିରା ତହସିଲଦାରଙ୍କଠାରୁ ଗାଡି ପାସ୍ ପ୍ରଦାନ ନେଇଥିଲେ । ଉକ୍ତ ପାସ୍‌ରେ ସେଠାକୁ ଯିବା ପାଇଁ ଏକ ଚାରି ଚକିଆ ଗାଡ଼ି (ନଂ.ଓଡ଼ି ୧୭ଏଚ୍/୩୭୦୮)କୁ ଅନୁମତି ମିଳିଥିବାବେଳେ ଏହି ଗାଡ଼ିରେ ଡ୍ରାଇଭର ସାମନ୍ତ ପ୍ରଧାନ ଏବଂ ଅନ୍ୟ ଦୁଇଜଣ ଅପରେଟର ରମେଶ କର୍ଣ୍ଣ ଓ ଇନ୍ଦ୍ରମଣି ପ୍ରଧାନ ଯାଇ ପାରିବେ ବୋଲି ଉଲ୍ଲେଖ ରହିଥିଲା । ଗତ ୪ତାରିଖରେ ତହସିଲଦାରଙ୍କଠାରୁ ପାସ୍ ପାଇବା ପରେ ଉକ୍ତ ଗାଡ଼ିରେ ଉପର ଲିଖିତ ୩ଜଣଙ୍କ ସହିତ ଅନ୍ୟ ୩ଜଣ ଅର୍ଥାତ୍ ସମୁଦାୟ ୬ଜଣ ଆନ୍ଧ୍ର ଯାଇଥିଲେ । ସମ୍ପୃକ୍ତ ୬ଜଣଙ୍କ ମଧ୍ୟରୁ ୪ଜଣ ଆନ୍ଧ୍ର ପ୍ରଦେଶରେ ରହିଯାଇଥିବା ବେଳେ ଅନ୍ୟ ୨ଜଣ ଦୁଲମପୁରକୁ ଗତ ୮ତାରିଖରେ ଫେରି ଆସିଥିଲେ । ସେଠାରୁ ଫେରିବା ପରେ ସ୍ଥାନୀୟ ଆଶା କର୍ମୀ ଉଭୟଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦେଇଥିଲେ । ଫଳରେ ଜଣେ ହୋମ କ୍ୱାରାଣ୍ଟାଇନରେ ଥିବାବେଳେ ଅନ୍ୟ ଜଣକ ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ାଙ୍କୁ ପଚାରିବାରୁ ହାର୍ଭେଷ୍ଟର ମରାମତି ପାଇଁ ସେ ଗାଡ଼ି ପାସ୍ ଦେଇଥିବା କହିଥିଲେ। ସେଠାରୁ ଫେରିଥିବା ୨ଜଣଙ୍କ ମଧ୍ୟରୁ ଜଣେ କ୍ୱାରାଣ୍ଟାଇନରେ ନ ଥିବା ଏବଂ ଯିଏ କ୍ୱାରାଣ୍ଟାଇନରେ ଅଛନ୍ତି, ସେ ଅସୁବିଧାରେ ଅଛନ୍ତି ବୋଲି ପଚାରିବାରୁ କଣ ହୋଇଛି ଦେଖୁଛି ବୋଲି ତହସିଲଦାର ଅଡ଼ା ପ୍ରକାଶ କରିଥିଲେ ।

ଧରିତ୍ରୀ
DHARITRI
ମଙ୍ଗଳବାର, ଏପ୍ରିଲ ୧୪, ୨୦୨୦



## ଶହେ ଲୋକଙ୍କୁ ମାଗଣା ରିଚାର୍ଜ ଦେଲେ

**ଯୁବ ବ୍ୟବସାୟୀଙ୍କ ଅଭିନବ ଉପାୟରେ ସହାୟତା**

ଚନ୍ଦାହାଣ୍ଡି,୧୩।୪(ଡି.ଏନ୍.ଏ.)

କରୋନା ମୁକାବିଲରେ ନିଜର ସହଭାଗିତା ପାଇଁ ଅନେକ ବ୍ୟକ୍ତିବିଶେଷ ସହଯୋଗର ହାତ ବଢ଼ାଇ ସମାଜ ପ୍ରତି ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି। କିଏ ପ୍ରଧାନମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠି କୁ ଆର୍ଥିକ ଅନୁଦାନ ପ୍ରଦାନ କରୁଛନ୍ତି ତ କିଏ ଗରିବ ଲୋକଙ୍କୁ ଆହାର ଯୋଗାଉଛନ୍ତି । ମାତ୍ର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ଗ୍ରାମର ଜଣେ ଯୁବ ବ୍ୟବସାୟୀ



ମହମ୍ମଦ ସାହିଲ ଏହି ଅସମୟରେ ସମସ୍ତଙ୍କୁ ସେବା ଯୋଗାଉଥିବା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ବିଦ୍ୟୁତ୍ ବିଭାଗ କର୍ମଚାରୀ, ଜଳଯୋଗାଣ କର୍ମଚାରୀ, ବ୍ଲକର ସମସ୍ତ ଖବରଦାତା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମୋବାଇଲକୁ ୨ଶହ ଟଙ୍କାର ମାସିକ ରିଚାର୍ଜ କରି ଅଭିନବ ଭାବେ ସହାୟତାର ହାତ ବଢାଇଛନ୍ତି। ପ୍ରାୟ ଶହେ ଜଣଙ୍କୁସେଏପରିସହାୟତାକରିଥିବାଜଣାପଡିଛି।

**ସହୃଦୟତାର ବାର୍ତ୍ତା**

## ୩୮ ଦୋକାନର ଭଡ଼ା ଛାଡ଼ିଲେ ମାଲିକ

ବୋରିଗୁମ୍ମା,୧୩।୪(ଡି.ଏନ୍.ଏ.)

ଲକ୍ ଡାଉନ ଯୋଗୁ ସମସ୍ତ କ୍ଷେତ୍ରରେ ଆର୍ଥିକ ସଙ୍କଟ ଦେଖାଦେଇଛି। ତେଣୁ ଏ ପରିସ୍ଥିତିରେ ଏକାଠି ହୋଇ ମୁକାବିଲା କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଏହି ମାସର ଭଡ଼ା ଛାଡ଼ କିମ୍ବା କୋହଳ କରିବା ପାଇଁ ମାଲିକମାନଙ୍କୁ ଅନୁରୋଧ କରାଯାଇଥିଲା। ଏହାକୁ ସମ୍ମାନ ଜଣାଇ ଅନେକ ଘର ଓ ଦୋକାନ ମାଲିକ ଭଡ଼ାଟିଆଙ୍କ ଭଡ଼ା ଛାଡ଼ କରିଛନ୍ତି। ସେହିଭଳି ଏକ ମାନବିକତାର ଦୃଷ୍ଟାନ୍ତ ଛାଡ଼ିଛନ୍ତି କୋରାପୁଟ ଜିଲା ବୋରିଗୁମ୍ମାର ମିନାକ୍ଷୀ କମ୍ପ୍ଲେକ୍ସ ମାଲିକ ପି. ଶ୍ରୀନିବାସ ରାଓ। ବୋରିଗୁମ୍ମା ଟ୍ରାଫିକ ଛକ ୨୬ ଓ ୬୩ ନଂ. ଜାତୀୟ ରାଜପଥ ପାର୍ଶ୍ୱ ମିନାକ୍ଷୀ କମ୍ପ୍ଲେକ୍ସରେ ଥିବା ୩୮ଟି ଦୋକାନର ଗୋଟିଏ ମାସର ଭଡ଼ା ସେ ଛାଡ଼ କରିଛନ୍ତି। ଏଥିପାଇଁ ଦୋକାନୀମାନେ ମାଲିକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ଅନ୍ୟ ଘର ମାଲିକଙ୍କୁ ମଧ୍ୟ ପ୍ରେରଣା ଯୋଗାଇବ।



## ସଂକ୍ଷେପରେ

### ଫିଙ୍କାପଡ଼ିଲା ଓଡ଼ିଆ ନବବର୍ଷ,ପଣା ସଂକ୍ରାନ୍ତି

ପାରଳାଖେମୁଣ୍ଡି, ୧୩।୪ (ସ୍ୱ.ପ୍ର.) - ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ସୋମବାର ପବିତ୍ର ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଫିଙ୍କା ପଡ଼ିଛି । ଚଳିତ ବର୍ଷ କରୋନା ମୁକାବିଲା ଲାଗି ଲକ୍‌ଡାଉନ ଯୋଗୁ ସବୁ କାର୍ଯ୍ୟକ୍ରମ ବନ୍ଦ ରହିଛି। ସହରର କୌଣସି ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳି ନ ଥିଲା କି କେଉଁଠି ପଣା ବଣ୍ଟନ କରାଯିବାର ଦୃଶ୍ୟ ଦେଖିବାକୁ ମିଳିନାହିଁ । ଲୋକେ ନିଜ ପରିବାରରେ ପଣା ସଂକ୍ରାନ୍ତି ପାଳନ କରିଛନ୍ତି। ପଣା ତିଆରିକରି ପୂଜା କରିଛନ୍ତି। ଅନ୍ୟପକ୍ଷରେ କେତେକ ମନ୍ଦିର ସମ୍ମୁଖରେ ସକାଳୁ ଦୀପ ଲଗାଇ ପୂଜାର୍ଚ୍ଚନା କରିବା ପାଇଁ ସାମାନ୍ୟ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ଘଉଡ଼ାଇ ଦେଇଥିଲା।

### ୩୨ ଉଲ୍ଲଂଘନକାରୀଙ୍କୁ ଧରିଲା ପୋଲିସ

ପାରଳାଖେମୁଣ୍ଡି, ୧୩।୪ (ସ୍ୱ.ପ୍ର.) - ପାରଳାଖେମୁଣ୍ଡିସ୍ଥିତ ଆଦର୍ଶ ଥାନା ପକ୍ଷରୁ ସହରର ବିଭିନ୍ନ ସ୍ଥାନରୁ ୩୨ ଜଣ ଲକ୍‌ଡାଉନ ଉଲ୍ଲଂଘନକାରୀଙ୍କୁ ଧରାଯାଇଛି। କେତେଜଣ ଅମାନିଆ ଯୁବକ କିଛି କାମ ନ ଥାଇ ମଧ ସୋମବାର ଦ୍ୱିପ୍ରହରରେ ସହରର ବିଭିନ୍ନ ସ୍ଥାନରେ ବୁଲୁଥିବାବେଳେ ପୋଲିସ ସେମାନଙ୍କୁ ଧରିଛି । ସହରର ଶୁଣ୍ଡିସାହି, ଓମ୍‌ଶାନ୍ତି କଲୋନୀ, ସଞ୍ଜୟ ଗାନ୍ଧୀ କଲୋନୀ, ଜାଗିଲି ସାହି, ନୂଆକାଞ୍ଚ ସାହି, ସୁଭାଷନଗର, ଅନ୍ନପୂର୍ଣ୍ଣା ସାହି, ରାଜନହର ରୋଡ୍ ଓ ସିଦ୍ଧାମଡଙ୍ଗ ଅଞ୍ଚଳରେ ଚଢ଼ାଉ କରାଯାଇ ୩୨ଜଣଙ୍କୁ ଧରାଯାଇ ଥାନାକୁ ଅଣାଯାଇଛି। ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଥାନା ସୂତ୍ରରୁ ଜଣାପଡିଛି। କେସ୍ ନଂ. ୭୮/୨୦ରେ ମାମଲା ରୁଜୁ ହୋଇଛି ।

### ୧୮ ଯୁବକ ଦେଲେ ରିଲିଫ ପାଣ୍ଠିକୁ ସହାୟତା

ପାରଳାଖେମୁଣ୍ଡି, ୧୩।୪ (ସ୍ୱ.ପ୍ର.) - ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ କୁମାର ଚୌଧୁରୀଙ୍କୁ ଗଜପତି ଜିଲା ଗୋଷାଣୀ ବ୍ଲକ ବଡ଼ଗାଁ ଅଞ୍ଚଳର ୧୮ଜଣ ଯୁବକ ୧୧ହଜାର ୨୫୦ ଟଙ୍କା କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି । ଆର୍.ସୁନୀଲ କୁମାରଙ୍କ ଜରିଆରେ ସେମାନେ ଏ ବାବଦ ଚେକ୍ ଦେଇଥିବା ଜଣାପଡିଛି।

### ନିୟମ ନ ମାନିବାରୁ ଦୋକାନ ସିଲ୍

କୋରୁକୋଣ୍ଡା, ୧୩।୪(ଡି.ଏନ.ଏ.)- ସାରା ଦେଶରେ କରୋନା ପାଇଁ ଲକ୍‌ଡାଉନ କରାଯାଇଛି। କେବଳ ଆତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହୁଛି। ସୋମବାର କୋରୁକୋଣ୍ଡା ବ୍ଲକ ସଦରସ୍ଥିତ ଏକ ଗ୍ରୋସରି ଦୋକାନକୁ ଜିଲା ପ୍ରଶାସନ ସିଲ୍ କରିଛି। ଖବରରୁ ଜଣାପଡିଛି ମାଲକାନଗିରି ଜିଲାପାଳ ଜିଲାର ସମସ୍ତ ଦୋକାନ ସକାଳ ୭ରୁ ମଧାହ୍ନ ୧ଟାଯାଏ ଖୋଲାଯିବାକୁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାକୁ କୋରୁକୋଣ୍ଡାର ସମ୍ପୃକ୍ତ ବ୍ୟବସାୟୀ ଉଲ୍ଲଂଘନ କରି ଦୋକାନ ଖୋଲା ରଖିଥିଲେ। ଫଳରେ ଜିଲା ପ୍ରଶାସନର ଉପଜିଲାପାଳ ରାମେଶର ପ୍ରଧାନ, ତହସିଲଦାର ଡ. ଗୁଣାନିଧି ନାୟକ ଓ ଥାନା ଅଧିକାରୀ ରାମପ୍ରସାଦ ନାଗ ପରିଦର୍ଶନ କଲା ବେଳେ ଏହା ନଜରକୁ ଆସିଥିଲା

### ଦିଲ୍ଲୀ ଦର୍‌ଘାରୁ ଫେରିଥିବା ଯୁବକ କ୍ୱାରାଣ୍ଟାଇନରେ ରହିଲେ

ପଡ଼ିଆ, ୧୩।୪(ଡି.ଏନ୍.ଏ. )- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ଦୋରନାପାଲ ଅଞ୍ଚଳରେ ଦିଲ୍ଲୀ ଫେରନ୍ତା ଜଣେ ଯୁବକଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଥିବା ଜଣାପଡ଼ିଛି। ଏହି ଯୁବକ ଜଣକ ଗତ ମାର୍ଚ୍ଚ ୬ରେ ଦିଲ୍ଲୀରେ ହୋଇଥିବା ଏକ ଦର୍‌ଘାରେ ଯୋଗଦେଇ ଫେରିଥିଲେ। ସେଠାରୁ ଆସି ଦୋରନାପାଲରେ ରହୁଥିଲେ। ଏପ୍ରିଲ ୧୧ରେ ତାଙ୍କୁ ଜ୍ୱର ହେବାରୁ ସେ ଦୋରନାପାଲ ଡାକ୍ତରଖାନାକୁ ଯାଇଥିଲେ। ସେ ଦିଲ୍ଲୀରୁ ଫେରିଥିବା ଜାଣିବା ପରେ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଥିଲା। ପରେ ସୁକ୍‌ମା ଜିଲା ପ୍ରଶାସନ ଯୁବକଙ୍କୁ ପଚରାଉଚୁରା କରି ତାଙ୍କୁ ଆଇସୋଲେଶନ ସେଣ୍ଟରରେ ରଖିଥିଲା।

## ରାୟଗଡ଼ା, ଜୟପୁରରେ କୋଭିଡ୍ ହସ୍ପିଟାଲ ଲୋକାର୍ପିତ

ରାୟଗଡ଼ା ଅଫିସ/ଜୟପୁର, ୧୩।୪ (ନି.ପ୍ର./ଡି.ଏନ୍.ଏ.)

ରାୟଗଡ଼ା ଜିଲା ଜେକେପୁର ଓ କୋରାପୁଟ ଜିଲା ଜୟପୁରରେ କୋଭିଡ୍ ହସ୍ପିଟାଲ ସୋମବାର ଉଦ୍‌ଘାଟିତ ହୋଇଛି। ଜେକେପୁରର ସ୍ଥାନୀୟ ଇଏସ୍‌ଆଇ ହସ୍ପିଟାଲ୍‌ରେ ୧୦୦ ଶଯ୍ୟାବିଶିଷ୍ଟ ଏହି ଜିଲାସ୍ତରୀୟ ସ୍ୱତନ୍ତ୍ର ଚିକିତ୍ସାଳୟକୁ ରାୟଗଡ଼ା ଜିଲାପାଳ ପ୍ରମୋଦ ବେହେରା ଲୋକାର୍ପଣ କରିଛନ୍ତି। ଏଠାରେ ଚିକିତ୍ସା ପାଇଁ ଭେଣ୍ଟିଲେଟର, ସ୍ୱତନ୍ତ୍ର ଆଇସୋଲେଶନ, କରୋନା ସନ୍ଦିଗ୍ଧଙ୍କ ନମୁନା ସଂଗ୍ରହ, ସ୍ୱାବ ପରୀକ୍ଷା ଏବଂ ଔଷଧ କେନ୍ଦ୍ରର ସୁବିଧା ମଧ୍ୟ ରହିଛି। ରୋଗୀଙ୍କ ପାଇଁ ୫ ଡାକ୍ତର, ୩ ଫାର୍ମାସିଷ୍ଟ, ୨ ପରୀକ୍ଷକ, ୧୨ ଷ୍ଟାଫ୍ ନର୍ସ, ୬ ସଫେଇ କର୍ମଚାରୀ, ୪ ସିକ୍ୟୁରିଟି, ଜଣେ ଏଟ୍‌ଏମ୍ ନିୟୋଜିତ ହୋଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଏସ୍‌ପି ଡ. ଶର୍ବଣା ବିବେକ ଏମ୍, ପିଡି ଅମୃତ ଋତୁରାଜ, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ ଉପସ୍ଥିତ ଥିଲେ।

ସେହିପରି ଜୟପୁରରେ ୧୫୦ ଶଯ୍ୟାବିଶିଷ୍ଟ ଜିଲାସ୍ତରୀୟ କୋଭିଡ ହସ୍ପିଟାଲକୁ ସୋମବାର ଲୋକାର୍ପଣ କରିଛନ୍ତି କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର। ନାଲ୍‌କୋ ସହାୟତାରେ ସ୍ଥାନୀୟ ପୁରୁଣା ଉପଖଣ୍ଡ ହସ୍ପିଟାଲରେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ ହୋଇଥିବା ଏହି ସ୍ୱତନ୍ତ୍ର ହସ୍ପିଟାଲରେ ୪ ଆଇସିୟୁ ଓ ୩ ଭେଣ୍ଟିଲେଟର ସମେତ ସଂକ୍ରମିତ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ରହିଛି। ଚିକିତ୍ସା ପାଇଁ ୨୭ ଡାକ୍ତର, ୪୨ ନର୍ସ, ୧୫ ଫାର୍ମାସିଷ୍ଟ, ୪ ଲାବୋରାଟୋରୀ ଟେକ୍ନିସିଆନଙ୍କ ସମେତ ୧୦୦ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଡାକ୍ତରଙ୍କ ରହିବା ପାଇଁ ୨ଟି ହୋଟେଲ୍‌ର ବ୍ୟବସ୍ଥା ସହ ନବ ନିର୍ମିତ ବିକ୍ରମଦେବ କଲେଜର ବାଳିକା ହଷ୍ଟେଲରେ ପାରାମେଡିକାଲ୍ ଷ୍ଟାଫଙ୍କ ରହିବା ବ୍ୟବସ୍ଥା ହୋଇଛି। ଉଲ୍ଲେଖଯୋଗ୍ୟ, ଜିଲାରେ ଏ ପର୍ଯ୍ୟନ୍ତ ୯୦ଟି ସ୍ୱାବ ନମୁନା ପରୀକ୍ଷା ପାଇଁ ଯାଇଥିବାବେଳେ ସେଥିରୁ ୧୯ଟି ରିପୋର୍ଟ ନେଗେଟିଭ୍ ରହିଥିବା ସିଡିଏମ୍‌ଓ ସୂଚନା ଦେଇଛନ୍ତି। ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଡିଆରଡିଏ ପିଡି ପ୍ରବୀର ନାୟକ, ସିଡିଏମ୍‌ଓ ଡା. ମକରନ୍ଦ ବେଉରା, ଡିଆଇପିଆର୍‌ଓ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, ଜିଲା ଚିକିତ୍ସାଳୟ ଅଧୀକ୍ଷକ ରାମପ୍ରସାଦ ମହାନ୍ତି, ଉପଜିଲାପାଳ ଲୋକନାଥ ଦଳବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ।




ରାୟଗଡାରେ ଜେକେପୁରରେ ଲୋକାର୍ପିତ ହୋଇଥିବା କୋଭିଡ୍ ହସ୍ପିଟାଲ ।




ଜୟପୁରରେ ଉଦ୍‌ଘାଟିତ ହୋଇଥିବା କୋଭିଡ୍ ହସ୍ପିଟାଲ ।

**ମିଳିବ ଭେଣ୍ଟିଲେଟର୍, ଆଇସିୟୁ, ସ୍ୱାବ ପରୀକ୍ଷା ବ୍ୟବସ୍ଥା**

## ମଦ ବନ୍ଦ ନ କଲେ ରାସ୍ତାକୁ ଓହ୍ଲାଇବେ ଏସ୍‌ଏଚ୍‌ଜି

ଦଶମନ୍ତପୁର,୧୩।୪(ଡି.ଏନ୍.ଏ.)

ଲକ୍ ଡାଉନ ଯୋଗୁ ଚଳିବାକୁ ଅର୍ଥ ନିଅଣ୍ଟ। କିନ୍ତୁ ଘରର ପୁରୁଷମାନେ ମଦ ପିଇବାରେ ବ୍ୟସ୍ତ। ଚିନ୍ତାରେ ପରିବାରର ସ୍ତ୍ରୀଲୋକ ଓ ପିଲାଛୁଆ। ଏଭଳି ପରିସ୍ଥିତିରେ ମୁକାବିଲା କରିବା ପାଇଁ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତ ଉପରଗଦଳା ଗ୍ରାମର ଏହି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଅଭିଯୋଗ କରିଛନ୍ତି, ମଦ ପିଇବା ପାଇଁ ଘରେ ଥିବା ଖାଦ୍ୟଶସ୍ୟ, ବାସନକୁସନ ବିକ୍ରି କରିଦେଉଛନ୍ତି ଘରର ପୁରୁଷ। ଘରେ ବିଶୃଙ୍ଖଳା ବିକରୁଛନ୍ତି। ତେଣୁ ମଦ ବନ୍ଦ କରିବାକୁ ସେମାନେ ଚେତାବନୀ ଦେଇଥିଲେ ମଧ୍ୟ ଏହାକୁ ବେଖାତିର କରିଥିଲେ ମଦ ବ୍ୟବସାୟୀ। ତେଣୁ ୭ ଦିନ ଭିତରେ ଗାଁରେ ଦେଶୀ ଓ ବିଦେଶୀ ମଦ ବନ୍ଦ ନ କଲେ, ମଦ ବିରୋଧୀ ଆନ୍ଦୋଳନ କରିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଏନେଇ ସେମାନେ ଥାନାରେ ଏତଲା କରିଛନ୍ତି। ଖୁବ ଶୀଘ୍ର ଅବକାରୀ ବିଭାଗ ସହ ଯାଇ ଗାଁରେ ଚଢ଼ାଉ କରି ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ କହିଛନ୍ତି।

## ସଙ୍ଗରୋଧରେ ରହିଲେ ୧୦ ଦାଦନ

କାଶୀନଗର,୧୩।୪(ଡି.ଏନ୍.ଏ.): କଟକଣା ସତ୍ତ୍ୱେ କାଶୀନଗର ଅଞ୍ଚଳକୁ ପଶି ଆସୁଥିବା ୧୦ ଘରବାହୁଡ଼ା ଦାଦନଙ୍କୁ ସଙ୍ଗରୋଧରେ ରଖାଯାଇଛି। ଆନ୍ଧ୍ର ସୀମା ଦେଇ କାଶୀନଗରକୁ ଫେରୁଥିବା ଏହି ଶ୍ରମିକମାନଙ୍କୁ ଶୁକ୍ରବାର ପୋଲିସ ଓ ତହସିଲଦାର ହାଡୁଭାଙ୍ଗି ଠାରେ ଅଟକାଇଥିଲେ। ଏମାନଙ୍କୁ କାଶୀନଗର ହାଇସ୍କୁଲସ୍ଥିତ ଅସ୍ଥାୟୀ ସଙ୍ଗରୋଧ ଗୃହରେ ୧୪ ଦିନ ପାଇଁ ରଖାଯିବ ବୋଲି ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ଓ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ସୂଚନା ଦେଇଛନ୍ତି।

## ସହର ହେଲା ସାନିଟାଇଜ

କାଳିମେଳା,୧୩।୪(ଡି.ଏନ.ଏ.)

କାଳିମେଳା ବ୍ଲକ ପ୍ରଶାସନ ପକ୍ଷରୁ ଅଗ୍ନିଶମ ବିଭାଗ ଦ୍ୱାରା ସୋମବାର ବ୍ଲକ ସଦରମହକୁମାସ୍ଥିତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ଅଳିଆ ଆବର୍ଜନା ପଡିଥିବା ସ୍ଥାନକୁ ସାନିଟାଇଜ କରାଯାଇଛି। ଫାୟାର ଅଫିସର ଗୁପ୍ତେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ଓପିଡି, ମା'ଗୃହ, ବ୍ଲକ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟାଳୟ, ଆଇସିଆଇସିଆଇ ବ୍ୟାଙ୍କ,ଔଷଧ ଦୋକାନ, ପନିପରିବା ଓ ମାଛ ମାଂସ ବିକ୍ରି ହେଉଥିବା ସ୍ଥାନ ସାନିଟାଇଜ୍ କରାଯାଇଛି।

## କୋଭିଡ୍-୧୯ ଚିକିତ୍ସାଳୟ ପ୍ରସ୍ତୁତ

ମାଲକାନଗିରି,୧୩।୪(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ପାଇଁ ୩୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଚିକିତ୍ସାଳୟ ପ୍ରସ୍ତୁତି ଶେଷ ହୋଇଛି। ଏଥିପାଇଁ ଅଭିଜ୍ଞ ଡାକ୍ତରମାନଙ୍କୁ ତାଲିମ ପ୍ରଦାନ କରାଯାଇ ପ୍ରସ୍ତୁତ ରଖାଯାଇଛି। ସୋମବାର କୋଭିଡ୍-୧୯ ଚିକିତ୍ସାଳୟ ପରିସରରେ ଜିଲାପାଳ ମନୀଷ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ କୁମାର ପାଢ଼ୀ ଓ ତାଲିମପ୍ରାପ୍ତ ଡାକ୍ତରମାନେ ଉପସ୍ଥିତ ଥିଲେ। ଏହି ଚିକିତ୍ସାଳୟ ୨୦ଦିନ ମଧ୍ୟରେ ପୁରୁଣା ଜିଲା ଚିକିତ୍ସାଳୟ ପରିସରରେ କରାଯାଇଛି। ସମସ୍ତ ଆନୁଷଙ୍ଗିକ ଯନ୍ତ୍ରପାତି, ଅକ୍ସିଜେନ୍, ସଙ୍ଗରୋଧ କକ୍ଷ, ଭେଣ୍ଟିଲେଟର ଆଦି ବ୍ୟବସ୍ଥା ହୋଇଛି। ଜିଲାର ସମସ୍ତ ଅଞ୍ଚଳରେ ୧୪୩ ଅସ୍ଥାୟୀ କେନ୍ଦ୍ରରେ ୫୫୫୫ଟି ଶଯ୍ୟା ପ୍ରସ୍ତୁତ କରାଯାଇଛି। ସେହିପରି ଦୁଇଟି ପୌରାଞ୍ଚଳରେ ୬ଟି ଅସ୍ଥାୟୀ କେନ୍ଦ୍ରରେ ୭୭୧ଟି ଶଯ୍ୟା ପ୍ରସ୍ତୁତ ଅଛି ବୋଲି ଜିଲାପାଳ କହିଛନ୍ତି। ଘରୁ ବାହାରି ଆଇନ ଉଲ୍ଲଂଘନ କରିଥିବା ଜିଲାର ୨୧୫ ଜଣଙ୍କୁ ବିଭିନ୍ନ କ୍ୟାମ୍ପରେ ରଖାଯାଇଛି। ଲକ୍‌ଡାଉନ ସମୟରେ ବାହାର ରାଜ୍ୟରୁ ଆସିଥିବା ୩୫୧ ଜଣଙ୍କୁ ସୀମା ସଙ୍ଗରୋଧ ଗୃହରେ ରଖାଯାଇଛି। ଜିଲାରେ ୧୧ଟି ମନିଟରିଂ ଟିମ୍, ୨ଟି ଆର୍‌ଆର୍ ଟିମ୍ ମାଧ୍ୟମରେ ପ୍ରତିଦିନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରାଯାଉଛି। ବାହାର ରାଜ୍ୟରୁ ଜିଲାକୁ ଆସିଥିବା ଶ୍ରମିକ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଅନେକ ଶ୍ରମିକଙ୍କୁ ୧୪ ଦିନ ସଙ୍ଗରୋଧରେ ରଖାଗଲା ପରେ କୋଭିଡ୍ ଲକ୍ଷଣ ନ ଥିବା ବ୍ୟକ୍ତିମାନଙ୍କୁ ଛଡ଼ାଯାଉଛି। ମାଲକାନଗିରି ଜିଲା ସ୍ଥିତି ଭଲ ଅଛି ଏବଂ ଜନସାଧାରଣ ଏନେଇ ନିୟମ ପାଳନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଯେଉଁମାନେ ନିୟମ ଭଙ୍ଗ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆଗାମୀ ଦିନରେ ମଧ ଅମାନିଆଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରକାଶ କରିଛନ୍ତି।




ମାଲକାନଗିରି କୋଭିଡ୍ ଚିକିତ୍ସାଳୟ ସମ୍ମୁଖରେ ଜିଲାପାଳ, ଡାକ୍ତର ଓ ଅନ୍ୟ ଅଧିକାରୀମାନେ ।

- ୨୧୫ ଆଇନ ଉଲ୍ଲଂଘନକାରୀଙ୍କୁ କ୍ୟାମ୍ପରେ ରଖାଯାଇଛି
- ୩୫୧ ସଙ୍ଗରୋଧ ଗୃହରେ ଅଛନ୍ତି
- ଅମାନିଆଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଅବ୍ୟାହତ ରହିବ

## ସତର୍କ ଦୃଷ୍ଟି ରଖିବ ଡ୍ରୋନ୍

ରାୟଗଡ଼ା ଅଫିସ,୧୩।୪

**ରେଳ ସମ୍ପତ୍ତିର ସୁରକ୍ଷା, ଅନ୍ୟ ରାଜ୍ୟରୁ ଆସୁଥିବା ଲୋକଙ୍କ ଉପରେ ରହିବ ନଜର**

କରୋନା ମୁକାବିଲା ପାଇଁ ସାରା ଭାରତ ଲକ୍ ଡାଉନରେ ଥିବାବେଳେ ଅଧିକ ନିରାପତ୍ତା ପାଇଁ ସତର୍କ ଦୃଷ୍ଟି ରଖିବ ଡ୍ରୋନ୍ କ୍ୟାମେରା। ରେଳ ବିଭାଗ ଅଧୀନରେ ଥିବା ସମସ୍ତ ସମ୍ପତ୍ତିର ସୁରକ୍ଷା ଓ କେତେକ ପ୍ରବାସୀ ଅନ୍ୟ ରାଜ୍ୟରୁ ଚାଲିଚାଲି ନଚେତ କୌଣସି ମାଲବାହୀ ଗାଡ଼ିରେ ରାୟଗଡ଼ାକୁ ପଶିଆସୁଛନ୍ତି। ଏ ସବୁର ନିରୀକ୍ଷଣ ପାଇଁ ପାଇଁ ରାୟଗଡ଼ା ଜିଲା ଆରପିଏଫ୍ ପକ୍ଷରୁ ଏକ ଡ୍ରୋନ୍ କ୍ୟାମେରା ସର୍ଭେଲାନ୍ସ କାର୍ଯ୍ୟକ୍ରମ ହୋଇଛି। ଲକ୍ ଡାଉନ ପାଇଁ ରେଳ ବିଭାଗର ସମସ୍ତ ଅଫିସ ପ୍ରାୟ ବନ୍ଦ ରହୁଛି । ବିଭାଗୀୟ ସମ୍ପତ୍ତିର ସୁରକ୍ଷା ସହ ଲୋକଙ୍କ ଜୀବନ ରକ୍ଷା ପାଇଁ ଏହି ଡ୍ରୋନ୍ କ୍ୟାମେରା ମାଧ୍ୟମରେ ସବୁ କିଛି ଅନୁଧ୍ୟାନ କରାଯାଉଥିବା ଆରପିଏଫ୍ ଆଇଆଇସି ଡି.ଏନ୍. ତ୍ରିଲୋକ କହିଛନ୍ତି। ରାୟଗଡ଼ା ରେଳ ଷ୍ଟେଶନରେ ସୋମବାର ଏହି ଡ୍ରୋନ କ୍ୟାମେରା କାର୍ଯ୍ୟକ୍ଷମ କରାଯାଇଛି।

## ଦାଦନ ଶ୍ରମିକଙ୍କ ନିକଟରେ ପହଞ୍ଚିଲା ସହାୟତା

ପାପଡ଼ାହାଣ୍ଡି, ୧୩।୪(ଡି.ଏନ.ଏ.)

**ତାମିଲନାଡୁରେ ୧୮ ଶ୍ରମିକ ଫସିବା ଘଟଣା**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚାନ୍ଦିଲି ଗ୍ରାମର ୧୮ ଜଣ ଦାଦନ ଶ୍ରମିକ ତାମିଲନାଡୁ ଯାଇ ଫସି ରହିଥିବା ଘଟଣା ରବିବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ସେଠାକାର ପ୍ରଶାସନ ସହାୟତାର ହାତ ବଢାଇଛି। ସୋମବାର ଶ୍ରମିକମାନେ ଯେଉଁ କମ୍ପାନୀରେ କାମ କରୁଥିଲେ ସେଠାକାର ଅଧିକାରୀମାନେ ପହଞ୍ଚି ସେମାନଙ୍କ ରହିବା ବ୍ୟବସ୍ଥା କରିବା ସହ ଖାଇବା ଲାଗି ଚାଉଳ, ଡାଲି, ପିଆଜ, ଆଳୁ, ଓ ପନିପରିବା ଆଦି ଯୋଗାଇ ଦେଇଛନ୍ତି। ଗତ ମାର୍ଚ୍ଚ ୧୪ରେ ଚାନ୍ଦିଲି ଗ୍ରାମର ୧୮ ଜଣ କାମ କରିବାକୁ ତାମିଲନାଡୁ ଯାଇ ଫସି ରହିଥିଲେ।

## ବାଇକ୍‌ରେ ବୁଲି ୨୩ ଧରାପଡ଼ିଲେ

ନବରଙ୍ଗପୁର,୧୩।୪ (ବି.ପ୍ର.)

କରୋନା ସଂକ୍ରମିତ ନେଇ ସାରା ବିଶ୍ୱ ଚିନ୍ତାରେ ରହିଛି। ସରକାର ଲାକ୍‌ଡାଉନ ଜାରି କରିଛନ୍ତି। ବାହାରକୁ ନ ବାହାରିବା, ଯଦି ବାହାରନ୍ତି ବାଇକ୍ ନ ନେବା, ମାସ୍କ ପିନ୍ଧିବା ନଚେତ୍ ମୁହଁରେ ରୁମାଲ ବାନ୍ଧିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ନବରଙ୍ଗପୁରରେ ଲକ୍‌ଡାଉନ ସମୟରେ ନିୟମ ଉଲ୍ଲଂଘନ କରି ବାହାରେ ବାଇକ୍‌ରେ ବୁଲୁଥିବା ବେଳେ ୨୩ ଜଣ ଧରାପଡିଛନ୍ତି। ସେମାନଙ୍କ ବାଇକ୍ ଜବତ କରାଯାଇଛି । ମାସ୍କ ନ ପିନ୍ଧି ସାମାଜିକ ଦୂରତା ମାନି ନ ଥିବାରୁ ସମସ୍ତଙ୍କଠାରୁ ୨ ଶହ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ପୂର୍ବାହ୍ନରେ ଏସ୍‌ପି ନୀତିନ କୁସଲକର ସହରରେ ବୁଲି ଏହି ପଦକ୍ଷେପ ନେଇଛନ୍ତି

## ୬୩ ହିତାଧିକାରୀଙ୍କ ଖାତାକୁ ଆସିଲା ୫ଶହ

ନବରଙ୍ଗପୁର,୧୩।୪(ବି.ପ୍ର.)-

**ପ୍ରଧାନମନ୍ତ୍ରୀ ଜନଧନ ଯୋଜନା**

ମହାମାରୀ କରୋନାର ମୁକାବିଲା ପାଇଁ ଅବ୍ୟାହତ ରହିଛି ଲକ ଡାଉନ। ଏହି ଦୁର୍ଦ୍ଦିନ ସମୟରେ ସହାୟତାର ହାତ ବଢାଇଛନ୍ତି କେନ୍ଦ୍ର ସରକାର। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ବ୍ୟାଙ୍କରେ ଜମାଖାତା ଖୋଲିଥିବା ମହିଳା ହିତାଧିକାରୀଙ୍କୁ ସରକାର ୫ଶହ ଟଙ୍କା ଲେଖାଏ ସହାୟତା ଦେଇଛନ୍ତି। ସମଗ୍ର ଦେଶର ୧୯.୮୬ କୋଟି ମହିଳା ହିତାଧିକାରୀଙ୍କୁ ୯୯୩୦ କୋଟି ଟଙ୍କା ମିଳିଛି। ନବରଙ୍ଗପୁର ଜିଲାରେ ଥିବା ୧୦ ବ୍ଲକ ଓ ୨ ପୌରପାଳିକାରରେ ଥିବା ୬୩ ମହିଳା ହିତାଧିକାରୀଙ୍କୁ ଏହି ସହାୟତା ମିଳିଛି। ବ୍ୟାଙ୍କରେ ଜମାଖାତା ଖୋଲିଥିବା ଜିଲାର ହିତାଧିକାରୀଙ୍କୁ ୫ଶହ ଲେଖାଏ ଟଙ୍କା ମିଳିଛି। ଏହି ଟଙ୍କା ସେମାନେ ବ୍ୟାଙ୍କରେ ସାମାଜିକ ଦୂରତା ରକ୍ଷା କରିବା ସହ ମୁହଁରେ ମାସ୍କ କିମ୍ବା ରୁମାଲ ବାନ୍ଧି ଧାଡିରେ ଛିଡା ହୋଇ ଉଠାଉଥିବା ଦେଖିବାକୁ ମିଳୁଛି।

## କରୋନା ଲଢ଼େଇରେ ଦମ୍ ଦେଖାଉଛନ୍ତି ଯୁବପିଢ଼ି

ବୈପାରୀଗୁଡ଼ା,୧୩।୪(ଡି.ଏନ୍.ଏ.)

କରୋନା ସ୍ଥିତିକୁ ପ୍ରତିହତ କରିବା ପାଇଁ କୋରାପୁଟ ଜିଲା ବୈପାରୀଗୁଡ଼ା ଅଞ୍ଚଳର ଯୁବପିଢ଼ି ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଛନ୍ତି। ଅଞ୍ଚଳର କେତେକ ଯୁବ ସ୍ୱେଚ୍ଛାସେବୀ ବାବା ଗୁପ୍ତେଶ୍ୱର ସେବା କମିଟି ଗଢ଼ି ଲକ୍ ଡାଉନ୍ ପରଠାରୁ ଗରିବ ଅସହାୟଙ୍କୁ ଗୋଟିଏ ଓଳା ରନ୍ଧାଖାଦ୍ୟ ଦେଉଛି। ବାଇକ୍‌ରେ ଗାଁ ଗାଁ ବୁଲି ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସଚେତନ କରିବା ସହ ମାଗଣାରେ ମାସ୍କ ବାଣ୍ଟୁଛନ୍ତି ଯୁବ ସ୍ୱେଚ୍ଛାସେବୀ। ବାଦଲ ବିଶୋଇ, ଆର୍. ଦାମ୍ବିକା, ନଟବର ପଟ୍ଟନାୟକ ଓ ପପୁ ଖାନ ଏହି କମିଟିର ନେତୃତ୍ୱ ନେଉଛନ୍ତି। ସେହିପରି ଅନ୍ୟ ଏକ ଯୁବ ସଂଗଠନ ମହାବୀର ଗ୍ରୁପ୍‌ର ସଦସ୍ୟମାନେ ବୈପାରୀଗୁଡ଼ା ଅଞ୍ଚଳରେ ଫସିଥିବା ବାହାର ଅଞ୍ଚଳର ଲୋକ ତଥା ସ୍ଥାନୀୟ ଗରିବଙ୍କୁ ରାଶନ ସାମଗ୍ରୀ ଦେଉଛନ୍ତି। ବୈପାରୀଗୁଡା ଓକିଲ ସଂଘ ଗାଁ ଗାଁ ବୁଲି ଲୋକଙ୍କୁ ମାଗଣା ସାବୁନ୍ ଦେଇ ହାତଧୁଆ ପାଇଁ ସଚେତନ କରୁଛି। ଯୁବ ସ୍ୱେଚ୍ଛାସେବୀ ଏନ୍. ହରି ପ୍ରସାଦ ଘରେ ରାନ୍ଧି ଫିଦିନ ୫ରୁ ୧୦ ଜଣ ବ୍ୟକ୍ତିଙ୍କ ପାଇଁ ଖାଦ୍ୟ ଘର ଆଗରେ ରଖୁଛନ୍ତି। ଗାଡ଼ି ଡ୍ରାଇଭର କିମ୍ବା ଶ୍ରମିକଙ୍କୁ ସେହି ଖାଦ୍ୟ ଦେଉଛନ୍ତି। ବୁଲା ଗୋରୁଗାଈ ଓ ପକ୍ଷୀଙ୍କ ପାଇଁ ମଧ୍ୟ ଅଲଗା ଖାଦ୍ୟ ରଖୁଛନ୍ତି। ସ୍ୱେଚ୍ଛାସେବୀ ନଟବର ପଟ୍ଟନାୟକ, କେଶବ ଖିଲ ଗାଁ ଗାଁ ବୁଲି କରୋନା ସଚେତନତା ବାର୍ତ୍ତା ଓ ମାସ୍କ ବାଣ୍ଟୁଛନ୍ତି। ଲକ୍‌ଡାଉନ ଯୋଗୁ ବ୍ଲଡ୍ ବ୍ୟାଙ୍କରେ ଅଭାବୀ ରକ୍ତ ଭରଣା କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ତଥା ଜିଲା ରକ୍ତଦାତା ଫୋରମର ସଂପାଦକ ଚନ୍ଦ୍ରଶେଖର ରଥଙ୍କ ପ୍ରଚେଷ୍ଟାରେ ବ୍ଲକର ବିଭିନ୍ନ ସ୍ଥାନରେ ଶିବିର କରାଯାଇ ୧୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିକ୍ଷକ ବୃତ୍ତିରେ ଥିବା ଯୁବକ କାହ୍ନୁ ଚରଣ ବେହେରା ନିଜ ବାଇକ୍‌କୁ କରୋନା ରଥରେ ସଜାଇ ବିଭିନ୍ନ ଗାଁର ଲୋକଙ୍କୁ ସଚେତନ କରୁଛନ୍ତି। ମୁଣ୍ଡାଗୁଡ଼ା ଗ୍ରାମର ଯୁବକ ନିରଞ୍ଜନ ଜେନା ନିଜ ଖର୍ଚ୍ଚରେ ଗାଁକୁ ଗାଁ ବୁଲି ସାନିଟାଇଜ୍ କରୁଛନ୍ତି।




ଶିକ୍ଷକ କାହ୍ନୁଚରଣ ବେହେରା ସଚେତନତା ରଥ ଧରି ପ୍ରଚାର କରୁଛନ୍ତି ।

## ୩୪୬୫ ଲିଟର ପୋଚ ନଷ୍ଟ

**ଭୁବନ, ୧୩।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଚନ୍ଦାର ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୪୬୫ ଲିଟର ପୋଚ ନଷ୍ଟ କରାଯାଇଛି। ଏଥିସହ ବିପୁଳ ପରିମାଣର ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଛି। ସମ୍ବଲପୁର ୟୁନିଟ୍-୨ ଏବଂ ଢେଙ୍କାନାଳ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଏହି ଚଢ଼ାଉ କରାଯାଇଥିଲା। ଇନ୍ସପେକ୍ଟର ସମୀର ମହାନ୍ତି, ମୁକ୍ତେଶ୍ୱର ପ୍ରଧାନ, କାମାକ୍ଷାନଗର ଏସ୍‌ଆଇ ମାନସୀ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# କାର୍ଯ୍ୟକ୍ଷମ ହେଲା କୋଭିଡ୍ ହେଲ୍‌ଥ ସେଣ୍ଟର

**ଢେଙ୍କାନାଳ ଅଫିସ, ୧୩।୪**

ଢେଙ୍କାନାଳ ବାଜିଚୌକସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସୋମବାରଠାରୁ କାର୍ଯ୍ୟକ୍ଷମ ହୋଇଛି ଜିଲାସ୍ତରୀୟ କୋଭିଡ୍ ହେଲ୍‌ଥ ସେଣ୍ଟର। ରାଜ୍ୟ ସରକାର ଏବଂ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଅନୁଦାନରେ ଏହା ଆରମ୍ଭ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହାକୁ ଲୋକାର୍ପଣ କରିଥିଲେ।

କୋଭିଡ୍-୧୯ ପ୍ରତିରୋଧ ସମ୍ପର୍କିତ ଗାଇଡ୍ ଲାଇନ ଅନୁଯାୟୀ ଏଥିରେ ମୋଟ ୧୦୬ ଶଯ୍ୟା ରହିଛି। ସେଥିରୁ ୫୪ଟିରେ ଅକ୍ସିଜେନ ସୁବିଧା ରହିଛି। ୪୦ଟି ଆଇସୋଲେଶନ ଶଯ୍ୟା ଭାବେ ବ୍ୟବହାର କରାଯାଇପାରିବ। ସେହିପରି ୬ଶଯ୍ୟାରେ ହାଇଫର ଡିପେଣ୍ଡାଣ୍ଟ ୟୁନିଟ୍ (ଏଚ୍‌ଡିୟୁ)ର ବ୍ୟବସ୍ଥା କରାଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତାଲିମପ୍ରାପ୍ତ ସ୍ୱତନ୍ତ୍ର ଡାକ୍ତର, ଷ୍ଟାଫ୍‌ନର୍ସ ଏବଂ ଟେକ୍ନିସିଆନ ଏହି ହେଲ୍‌ଥ ସେଣ୍ଟରରେ କାର୍ଯ୍ୟ କରିବେ।



କାର୍ଯ୍ୟକ୍ରମରେ ପ୍ରଶାସନିକ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ।

■ ୫୪ ଶଯ୍ୟାରେ ଅକ୍ସିଜେନ୍ ସୁବିଧା
■ ୪୦ ଆଇସୋଲେଶନ ବେଡ୍
■ ୬ ହାଇଫର ଡିପେଣ୍ଡାଣ୍ଟ ୟୁନିଟ୍

ଡାକ୍ତରମାନେ ହୋଟେଲରେ ରହିବେ। ସେହିପରି ସହଯୋଗୀ କର୍ମଚାରୀମାନଙ୍କ ଲାଗି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନିଶାଦ୍ରୀ'ର ହଷ୍ଟେଲରେ ରହିବା ବ୍ୟବସ୍ଥା କରାଯାଇଛି। ଏଣିକି ଜିଲାରେ କରୋନା ସଂକ୍ରମିତ ରୋଗୀଙ୍କୁ ଅନ୍ୟତ୍ର ଯିବାକୁ ପଡ଼ିବ ନାହିଁ। ସେମାନେ ଏଠାରେ ସୁବିଧାରେ ଚିକିତ୍ସିତ ହୋଇପାରିବେ। ଗୁରୁତର ରୋଗୀଙ୍କୁ ଆବଶ୍ୟକ ପଡ଼ିଲେ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ। କୋଭିଡ୍ ହେଲ୍‌ଥ ସେଣ୍ଟର ପରିଚାଳନା ଦାୟିତ୍ୱ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏଡିଏମ୍‌ଓ ଡା. ଅଭୟ କୁମାର ଦାସଙ୍କୁ କୋଭିଡ୍ ହେଲ୍‌ଥ ସେଣ୍ଟରର ମେଡିକାଲ ଅଫିସର ଦାୟିତ୍ୱ ଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ନରୋତ୍ତମ ବେହେରା, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୩ ଶ୍ରମିକ ଉଦ୍ଧାର

# କେନ୍ଦ୍ରାପଡ଼ାରୁ ଯାଉଥିଲେ ଛତିଶଗଡ଼

**ଢେଙ୍କାନାଳ ଅଫିସ, ୧୩।୪**

କେନ୍ଦ୍ରାପଡ଼ାରୁ ଛତିଶଗଡ଼ ଚାଲି ଚାଲି ଯାଉଥିବା ୧୩ଜଣ ଶ୍ରମିକଙ୍କୁ ଢେଙ୍କାନାଳ ସହର ଉପକଣ୍ଠ କଲେଜ ବାଇପାସ୍‌ରୁ ସୋମବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ଛତିଶଗଡ଼ ନଉଗାଁ ଅଞ୍ଚଳର ସମ୍ପୃକ୍ତ ଶ୍ରମିକମାନେ ଦୀର୍ଘଦିନ ହେଲା କେନ୍ଦ୍ରାପଡ଼ାରେ ରହି ଇଟାଭାଟିରେ କାମ କରି ଆସୁଥିଲେ। କରୋନା ସଂକ୍ରମଣ ରୋକିବା ଲାଗି ଲକ୍‌ଡାଉନ ଘୋଷଣା କରାଯିବା ପରେ ସେମାନେ ଫସି ରହିଥିଲେ। ହାତରେ କାମ ନ ଥିବାରୁ ପେଟକୁ ଦାନା ଯୋଗାଡ଼ କରିବା ବି କଷ୍ଟକର ହୋଇପଡ଼ିଥିଲା। ଏହାପରେ ସେମାନେ ଭିଟାମାଟିକୁ ଫେରିଯିବାକୁ ମନସ୍ଥ କରିଥିଲେ। ହେଲେ ଗାଡ଼ିମୋଟର ଯାତାୟାତ କରୁ ନ ଥିବାରୁ ପାଦରେ ଚାଲିଚାଲି ଯିବାକୁ ବାହାରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା କଡ଼ାକଡ଼ି ଯାଞ୍ଚ ସତ୍ତ୍ୱେ ସମ୍ପୃକ୍ତ ଶ୍ରମିକମାନେ କେନ୍ଦ୍ରାପଡ଼ାରୁ ସାଲେପୁର, କଟକ ଦେଇ ୫୫ନଂ. ଜାତୀୟ ରାଜପଥରେ ଢେଙ୍କାନାଳ ପହଞ୍ଚିବା ଚର୍ଚ୍ଚାର ବିଷୟ ହୋଇଛି। ଉଦ୍ଧାର ଶ୍ରମିକଙ୍କୁ ସ୍ଥାନୀୟ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରଖାଯାଇଛି। ସେମାନଙ୍କୁ ପୌରସଂସ୍ଥା ପକ୍ଷରୁ ଖାଦ୍ୟପାନୀୟ ଦିଆଯିବା ବ୍ୟବସ୍ଥା କରାଯାଇଥିବା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଏବଂ ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।


ଉଦ୍ଧାର ଶ୍ରମିକମାନେ।

## ସଂକ୍ଷେପରେ

### ଜରିମାନା ଗଣିଲେ ୨୦ ଯୁବକ

**ବଇଣ୍ଡା, ୧୩।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ଛକ ଓ ହଣ୍ଡପା ଥାନା ଅଞ୍ଚଳରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଛି। ଖୋଲାଯାଇଥିବା ଦୋକାନଗୁଡିକରେ ସାମାଜିକ ଦୂରତା ରକ୍ଷା କରାଯାଉଛି କି ନାହିଁ ତାହା ଯାଞ୍ଚ କରାଯାଇଥିଲା। ଏହି ସମୟରେ ଲକ୍‌ଡାଉନ ଉଲ୍ଲଂଘନ କରି ବିନା ମାସ୍କରେ ବାହାରେ ବୁଲୁଥିବା ୨୦ ଜଣଙ୍କଠାରୁ ୨ ଶହ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଥିଲା। ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ସୁପରଭାଇଜର ମାଧୁରୀ ନାୟକ, ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ କୁମାର ଦାସ, ଏଏସ୍‌ଆଇ ଆର ବିଶ୍ୱାଳ ପ୍ରମୁଖ ଚଢ଼ାଉ କରିଥିଲେ।

### ଯୁବତୀଙ୍କ ଆତ୍ମହତ୍ୟା

**ବଣ୍ଡଁରପାଳ, ୧୩।୪(ଡି.ଏନ.ଏ.):** ନାଲ୍‌କୋ ଥାନା କାଣ୍ଡସର କନ୍ହେଇନଗରର ଯୁବତୀ ସୁମିତ୍ରା ସାହୁ ସୋମବାର ଆତ୍ମହତ୍ୟା କରିଥିବା ଜଣାପଡିଛି। କୌଣସି କାରଣରୁ ସେ ଘରେ ରଶି ଲଗାଇ ଦେଇଥିଲେ। ନାଲ୍‌କୋ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କ୍ୱାରାଣ୍ଟାଇନରେ ନ ରହିବାରୁ ଗିରଫ

**ବଇଣ୍ଡା, ୧୩।୪(ଡି.ଏନ.ଏ.):** ଭୁବନେଶ୍ୱରରୁ ଅନୁଗୋଳ ଆସି କ୍ୱାରାଣ୍ଟାଇନରେ ନ ରହିବା ଅଭିଯୋଗରେ ହଣ୍ଡପା ପୋଲିସ ବଇସିଣା ଗ୍ରାମର ଜଣେ ଯୁବକଙ୍କୁ ରବିବାର ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୬୫/୨୦ରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

### ଅସଦାଚରଣ, ୩ ଗିରଫ

**ପାଲଲହଡ଼ା, ୧୩।୪(ଡି.ଏନ.ଏ.):** ପାଲଲହଡା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମିଟୁ ବାଙ୍କୀରା, ବାଗୁଲ ବିରୁଆ ଓ ବାବୁଲା ବିରୁଆ। ଏ ନେଇ ନଂ. ୬୮/୨୦ରେ ଏକ ମାମଲା ରୁଜୁ ସହ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

### ଲକ୍ଷାଧିକ ଟଙ୍କାର ମଦ ଚୋରି

**ପାଲଲହଡ଼ା, ୧୩।୪(ଡି.ଏନ.ଏ.):** ପାଲଲହଡ଼ା ସଦରମହକୁମାଠାରେ ଥିବା ଏକ ବିଦେଶୀ ମଦ ଦୋକାନରୁ ରବିବାର ରାତିରେ ଲକ୍ଷାଧିକ ଟଙ୍କାର ମଦ ଚୋରି ହୋଇଛି। ଏ ନେଇ ଦୋକାନ ମ୍ୟାନେଜର କୁନା ସିଂ ଅଭିଯୋଗ କରିବା ପରେ ନଂ. ୬୭/୨୦ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

### କରୋନାକୁ ହରାଇବାକୁ ପୂଜାର୍ଚ୍ଚନା

**ପାଲଲହଡା, ୧୩।୪(ଡି.ଏନ.ଏ.):** ହନୁମାନ ଜୟନ୍ତୀ ଏବଂ ପଣା ସଂକ୍ରାନ୍ତି ଅବସରରେ ସୋମବାର ପାଲଲହଡା ବିଧାୟକ ମୁକେଶ କୁମାର ପାଲ ସ୍ଥାନୀୟ ପାଟବେଡା ଗ୍ରାମରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ସେଠାରେ ଆୟୋଜିତ ପୂଜା କାର୍ଯ୍ୟକ୍ରମରେ ବିଧାୟକ ପାଲ ଯୋଗଦେଇ କରୋନା ମହାମାରୀରୁ ସାରା ବିଶ୍ୱର ମୁକ୍ତି ପାଇଁ ପ୍ରାର୍ଥନା କରିବା ସହିତ ହନୁମାନ ଚାଳିଶା ପାଠ କରିଥିଲେ।

### ମେରୁ ଯାତ୍ରା ବନ୍ଦ

**ଆଠମଲ୍ଲିକ, ୧୩।୪(ଡି.ଏନ.ଏ.):** ଆଠମଲ୍ଲିକରେ ଚଳିତ ବର୍ଷ ମେରୁ ଯାତ୍ରା ପାଳନ ହୋଇନାହିଁ। ମେରୁ ପର୍ବ ଦିନ ଏଠାକାର ପ୍ରସିଦ୍ଧ ଦଣ୍ଡ ଯାତ୍ରା ଉଦ୍‌ଯାପିତ ହୋଇଥାଏ। ସହରର ଗୁଗୁଡି ସାହି, ନୂଆସାହି, ବ୍ଲକର ଲିପିଲୋଇ, ହରିଡାକୋଠ, ଅଏଡା, ଓଡସିଙ୍ଗା, ଲୁଣହାଣ୍ଡି, କମ୍ପଲା ଓ ଖୋଲପଦା ଅଞ୍ଚଳରେ ମେରୁ ଯାତ୍ରା ହୋଇଥାଏ। ମାତ୍ର ଚଳିତ ବର୍ଷ ଲକ୍‌ଡାଉନ ଯୋଗୁ ଯାତ୍ରା ବନ୍ଦ ହୋଇଛି। ତେବେ ନୂଆସାହିରେ ମେରୁଯାତ୍ରା ବେଳେ ପୋଲିସ ଯାତ୍ରା ବନ୍ଦ କରିବା ସହିତ ୧୦ରୁ ଅଧିକ ଭକ୍ତଙ୍କୁ ଥାନାକୁ ଆଣି ଅଟକ ରଖିଛି।

### ଷ୍ଟାଡିୟମକୁ ଉଠିଲା ପରିବା ବଜାର

**ଅନୁଗୋଳ ଅଫିସ, ୧୩।୪-** ଅନୁଗୋଳ ସହରରେ ଆଉ ଏଣେ ତେଣେ ପରିବା ମିଳିବ ନାହିଁ। ପରିବା କିଣିବାକୁ ହେଲେ ଷ୍ଟାଡିୟମକୁ ଯିବାକୁ ପଡ଼ିବ। ପାଖାପାଖି ଶହେ ବ୍ୟବସାୟୀଙ୍କୁ ପ୍ରଶାସନ ଓ ପୋଲିସ ସେଠାରେ ବସାଇଛି। ସହରର ବିଭିନ୍ନ ୱାର୍ଡରେ ଖୋଲିଥିବା ପରିବା ଦୋକାନ ସମ୍ମୁଖରେ ଅସମ୍ଭାଳ ଭିଡ଼ ହେଉଥିବାରୁ ପ୍ରଶାସନ ଓ ପୋଲିସ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

# ଡେଙ୍ଗୁରା ପିଟି ଚେତାବନୀ

**ଅନୁଗୋଳ ଅଫିସ, ୧୩।୪–** ଗାଁକୁ ବାହାର ଲୋକ ଆସିଲେ ସ୍କୁଲ ଘରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବାକୁ ହେବ। ନଚେତ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ବେଡ଼ା ପଞ୍ଚାୟତ ହମାମୀରା ଗାଁରେ ରବିବାର ଡେଙ୍ଗୁରା ଦିଆଯାଇଥିବା ଭିଡିଓ ଭାଇରାଲ ହୋଇଛି। ଡେଙ୍ଗୁରା ପିଟି ଗାଁ ଦାଣ୍ଡରେ ବୁଲୁଥିବା ଜଣେ ବ୍ୟକ୍ତି ଏହି କଟକଣା ସମ୍ପର୍କରେ ଚେତାବନୀ ଦେଉଥିବା ଭିଡିଓରେ ଦେଖାଯାଉଛି। ତେବେ ଗାଁକୁ ପଶିବା ପୂର୍ବରୁ ପୋଲିସ ଠାରୁ ଅନୁମତି ଆଣିବା ବାଧ୍ୟତାମୂଳକ ବୋଲି କୁହାଯାଇଛି। ଏ ନେଇ ସରପଞ୍ଚ ମନ୍ଦରଧର ଦେହୁରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନାହିଁ। ବନ୍ତଳା ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି ସୌରଭ ଓତା କହିଛନ୍ତି, ପ୍ରଶାସନ ପକ୍ଷରୁ ଏମିତି କିଛି ନିର୍ଦ୍ଦେଶ ଦିଆଯାଇ ନାହିଁ। ଘଟଣାର ତଦନ୍ତ କରାଯିବ।

**ଭିଡିଓ ଭାଇରାଲ**


ଗାଁରେ ଡେଙ୍ଗୁରା ଦିଆଯାଉଛି।

# କରୋନା ମୁକାବିଲା ସଚେତନତା


ଅନୁଷ୍ଠାନର ସଦସ୍ୟା ଜଣେ ମହିଳାଙ୍କୁ ସଚେତନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୩।୪**

ଢେଙ୍କାନାଳ ସଦର ବ୍ଲକ ଭାପୁର ନୂଆସାହି ଏବଂ ଶବରସାହିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍‌ପିଂହ୍ୟାଣ୍ଡ ଏସ୍-୨ ପକ୍ଷରୁ ସାମାଜିକ ଦୂରତା ରକ୍ଷା ଉପରେ ସଚେତନତା କରାଯାଇଛି। କୋଭିଡ୍-୧୯ କବଳରୁ ନିଜକୁ ଏବଂ ପରିବାରକୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ନେଇ ଅନୁଷ୍ଠାନର ସଦସ୍ୟମାନେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହି ଅବସରରେ ମାସ୍କ, ସାବୁନ, ଅତ୍ୟାବଶ୍ୟକ ସାମଗ୍ରୀ, ପରିବା ବଣ୍ଟନ କରାଯାଇଥିଲା। ଷ୍ଟାଲିନ ମହାନ୍ତି, ଭବାନୀ ପୃଷ୍ଟି, ସତ୍ୟପ୍ରକାଶ ନାୟକ, ସୁବ୍ରତ ରାଉତ, ଜିତେନ୍ଦ୍ର ବ୍ରହ୍ମ, ରାକେଶ ପାତ୍ର, ନିହାର ରଞ୍ଜନ ପୃଷ୍ଟି, ସୌମ୍ୟା ମିଶ୍ର, ମଧୁସ୍ମିତା ସାହୁ, କାବେରୀ ପ୍ରିୟଦର୍ଶିନୀ, ସତ୍ୟସ୍ୱରୂପ ଦାସ, ସନ୍ଦୀପ୍ତା ମହାନ୍ତି, ଐଶ୍ୱର୍ଯ୍ୟା ମାନସିଂହ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ମନୋଗ୍ରାଫ୍‌ରେ ଜାଲିଆନାୱାଲାବାଗ୍

**ଢେଙ୍କାନାଳ ଅଫିସ, ୧୩।୪:** ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପରିସରରେ ସୋମବାର ଜାଲିଆନାୱାଲାବାଗ୍ ଗଣହତ୍ୟା ସମ୍ପର୍କିତ ଏକ ମନୋଗ୍ରାଫ୍ ଉନ୍ମୋଚିତ ହୋଇଛି। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀ ଏହାକୁ ଉନ୍ମୋଚନ କରିଥିଲେ। ଏଥିରେ ବିଶିଷ୍ଟ ଐତିହାସିକ ରାମଚନ୍ଦ୍ର ଗୁହା, ରକ୍ଷାନନ୍ଦ ଜଲିଲ, ମହେନ୍ଦ୍ର ବେଦ, ସୋମା ଚାଟାର୍ଜୀ, ସୁବୀର ଘୋଷ, ସ୍ନେହାଶିଷ ସୁର, ଡ. ମୃଣାଳ ଚାଟାର୍ଜୀ, ପ୍ରଫେସର ସୂର୍ଯ୍ୟ ମିଶ୍ର, ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟଙ୍କ ଲେଖା ରହିଛି। ଉଭୟ ଇଂଲିଶ ଏବଂ ଓଡ଼ିଆ ଭାଷାରେ ନିବନ୍ଧଗୁଡିକ ସ୍ଥାନିତ ହୋଇଛି। ଜାଲିଆନାୱାଲାବାଗ୍ ସମ୍ପର୍କିତ ଫିଲ୍ମ, ଡାକଟିକେଟ, ଖବରକାଗଜ କ୍ଲିପିଂ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ଏଥିସହ ଓଡ଼ିଶାରେ ବ୍ରିଟିଶ ଶାସନ ସମୟରେ ଘଟିଥିବା ବିଭିନ୍ନ ଗୁଳିକାଣ୍ଡ ସମ୍ପର୍କିତ ନିବନ୍ଧ ମଧ୍ୟ ପ୍ରକାଶିତ ହୋଇଛି। ବ୍ରିଟିଶ ଶାସନର କଳା ଇତିହାସର କାହାଣୀ କହେ ଜାଲିଆନାୱାଲାବାଗ୍ ଗଣହତ୍ୟା। ଏହି ଦିବସର ସ୍ମୃତିଚାରଣ କରିବାକୁ ଏହି ମନୋଗ୍ରାଫ୍ ଉନ୍ମୋଚିତ ହୋଇଥିବା ନିର୍ଦ୍ଦେଶକ ଚାଟାର୍ଜୀ ସୂଚନା ଦେଇଛନ୍ତି।

## ମାସ୍କ, ସାବୁନ ବଣ୍ଟନ

**ଢେଙ୍କାନାଳ ଅଫିସ, ୧୩।୪:** ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ପୌରାଞ୍ଚଳର ଚଣ୍ଡିଆସାହି, ଶିତୁଳାବସ୍ତି, ଶଅରସାହି, ଦଳିତସାହିର ଜନସାଧାରଣଙ୍କୁ ୨୫୦ ମାସ୍କ ଓ ୩୨୦ ସାବୁନ ବଣ୍ଟନ କରାଯାଇଛି। ଏଥିସହ କରୋନା ସଂକ୍ରମଣ ସମ୍ପର୍କରେ ସଚେତନ କରାଯାଇଛି। ଫୋରମ୍‌ର ଉପସଭାପତି ପଙ୍କଜ ନାୟକ, ସମ୍ପାଦକ ଭରତ ଦାସ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ପ୍ରଦୀପ ମହାନ୍ତି, ବିନୋଦ ଅଗ୍ରୱାଲ, ଦେବବ୍ରତ ଭଞ୍ଜ, ବୈଦ୍ୟନାଥ ମହାପାତ୍ର, ଜ୍ଞାନଚାନ୍ଦ ମିଶ୍ର, ମଙ୍ଗୁଳି ଚରଣ ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଅସହାୟଙ୍କ ଦୁଃଖ ବୁଝିଲେ ଜିଲାପାଳ

**ଅନୁଗୋଳ ଅଫିସ, ୧୩।୪**

କରୋନା କଟକଣା ପାଇଁ ସୋମବାର ଓଡ଼ିଆ ନବବର୍ଷ ସାଙ୍ଗକୁ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଫିକା ପଡ଼ିଯାଇଛି। ଓଡ଼ିଆ ଘରର ଏହି ବଡ଼ ପର୍ବରେ କାଳେ କେହି ଅମାନିଆ କଟକଣାକୁ ବେଖାତିର କରି ଦେବାଳୟକୁ ଚାଲିଆସିବେ ତାହାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ସହରରେ ରହୁଥିବା ଅସହାୟ ଲୋକଙ୍କୁ ଭେଟି ମିଳୁଥିବା ସେବା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପୌରପାଳିକା ଓ ସହରର ବିଭିନ୍ନ ସ୍ଥାନ ବୁଲି ଲକ୍‌ଡାଉନ୍ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଜିଲାପାଳ ମହାନ୍ତି ବରିଷ୍ଠ ଅଧିକାରୀଙ୍କ ସହ ତାଳଚେରସ୍ଥିତ ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ମେଡିକାଲର କୋଭିଡ -୧୯ ହସ୍ପିଟାଲ ପରିଦର୍ଶନ କରିଥିଲେ। ଅନୁଗୋଳ ସିଡିଏମ୍‌ଓ (ମେଡିକାଲ) ପ୍ରତାପ ବେହେରା, ସେଣ୍ଟ୍ରାଲ ହସ୍ପିଟାଲର ପରିଚାଳନା ମୁଖ୍ୟ ମନୋଜ କୁମାର ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହାକୁ ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।



■ ମିଳୁଥିବା ସେବା ସମ୍ପର୍କରେ ଆଲୋଚନା
■ ସହରରେ ଲକ୍‌ଡାଉନ୍ ସ୍ଥିତି କଲେ ଯାଞ୍ଚ

## କରୋନା ଯୋଦ୍ଧାଙ୍କ ମନୋବଳ ବୃଦ୍ଧି କଲେ ଶିଳ୍ପୀ

**ଛେଣ୍ଡିପଦା, ୧୩।୪(ସ୍ୱ.ପ୍ର.)–** କରୋନା ଯୋଦ୍ଧା ସାଜିଥିବା ରାଜ୍ୟ ପୋଲିସର ମନୋବଳ ବୃଦ୍ଧି ପାଇଁ ଛେଣ୍ଡିପଦା ବ୍ଲକ ଖମାର ଗ୍ରାମର ଶିଳ୍ପୀ ବୀରବର ବେହେରା ଓଡ଼ିଶା ପୋଲିସର ଏକ ଲୋଗୋ ତିଆରି କରିଛନ୍ତି। ସିମେଣ୍ଟରେ ନିର୍ମିତ ୫ ଫୁଟର ଏହି ଲୋଗୋକୁ ଆଇଜି ନରସିଂହ ଭୋଳଙ୍କୁ ପ୍ରଦାନ କରାଯିବ ବୋଲି ଶିଳ୍ପୀ ବୀରବର ପ୍ରକାଶ କରିଛନ୍ତି।



## ଫଟୋରେ ଖବର


ଅଗ୍ନିଶମ ବିଭାଗ ପକ୍ଷରୁ ବନ୍ତଳା ଛକ, ଷ୍ଟେଟବ୍ୟାଙ୍କ ଶାଖା, ମେଡିକାଲ, ଥାନା, ଜନଗହଳି ସ୍ଥାନଗୁଡିକୁ ସାନିଟାଇଜ କରାଯାଉଛି।


ଅନୁଗୋଳ ସହରର ଏକ ରାସ୍ତାରେ ମରୀଚିକାର ଦୃଶ୍ୟ। (ଫଟୋ- ବୁଲୁ)


କରୋନାରୁ ମୁକ୍ତି ଉଦ୍ଦେଶ୍ୟରେ ତାଳଚେର ଘଣ୍ଟାପଡା ଦକ୍ଷିଣ କାଳୀ ମନ୍ଦିରରେ ସୋମବାର ୧୦୦୮ ଦ୍ୱୀପ ପ୍ରଜ୍ୱଳନ କରାଯାଉଛି।


କବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଉପଲକ୍ଷେ ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ଢେଙ୍କାନାଳ କଲେଜ ବାଇପାସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।


କରୋନା ମୁକାବିଲା ପାଇଁ ଆଠମଲ୍ଲିକର ବିଜେଡି ଯୁବନେତା ମହେନ୍ଦ୍ର ସାହୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଏକ ଲକ୍ଷ ଟଙ୍କା ଦାନ କରୁଛନ୍ତି।


ପାଲଲହଡା ଉପଖଣ୍ଡ ଆଦିବାସୀ ନେତା ଲଛମନ ହେମ୍ବ୍ରମ ଉପଜିଲାପାଳଙ୍କ ଜରିଆରେ ୨୫ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରୁଛନ୍ତି।

# ମେନି କିୟୋର

ସୌନ୍ଦର୍ଯ୍ୟ

**ନିୟମିତ ମେନି କିୟୋର କରିବା ଦ୍ୱାରା ହାତ ସୁନ୍ଦର ଦେଖାଯିବା ସହ ମାଂସପେଶୀ ରିଲାକ୍ସ ହୋଇଥାଏ। ଯଦି ସବୁବେଳେ ପାର୍ଲର ଯାଇ ମେନି କିୟୋର କରିବା ସମ୍ଭବ ହେଉ ନାହିଁ ତେବେ କିଛି କଥା ନାହିଁ–ଘରେ ମଧ୍ୟ ଏହାକୁ ସହଜ ଉପାୟରେ କରିପାରିବେ...**



- ନେଲ୍‌ପଲିସ୍ ରିମୁଭର ଦ୍ୱାରା ହାତରେ ଲାଗିଥିବା ନେଲ୍‌ପଲିସ୍‌କୁ ଭଲଭାବେ ଛଡ଼ାନ୍ତୁ। ଏହାକୁ ଛଡ଼ାଇବା ପାଇଁ ବ୍ଲେଡ଼, ଛୁରି ଆଦି ବ୍ୟବହାର କରନ୍ତୁ ନାହିଁ। ନେଲ୍‌ପଲିସ୍ ରିମୁଭର ବ୍ୟବହାର କରିବା ଦ୍ୱାରା ନଖ ଡ୍ରାଏ ହୋଇଯାଏ। ଏଥିପାଇଁ ନେଲ୍‌ପଲିସ୍ ରିମୁଭର ବୋତଲରେ ୪-୫ ବୁନ୍ଦା ତେଲ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏପରି କରିବା ଦ୍ୱାରା ନଖ ସଫା ବି ହୋଇଯିବ କିନ୍ତୁ ଡ୍ରାଏ ଲାଗିବ ନାହିଁ।
- ପାଖାପାଖି ୧ ଲିଟର ନଖଉଷୁମ ପାଣିରେ ୨ ଚାମଚ ଶାମ୍ପୁ ପକାନ୍ତୁ। ଏଥିରେ ନଖକୁ ଅତିକମ୍‌ରେ ଦୁଇ ମିନିଟ୍ ବୁଡ଼ାଇ ରଖନ୍ତୁ। ଦେଖିବେ, ନଖରେ ଚମକ ଆସିବ।
- ହାତକୁ ମୁଲାୟମ ବ୍ରଶ୍ ସାହାଯ୍ୟରେ ସଫା କରନ୍ତୁ। ନଖର କୋଣକୁ ମଧ୍ୟ ଭଲଭାବେ ସଫା କରନ୍ତୁ।
- ନଖରେ କ୍ୟୁଟିକାଲ କ୍ରିମ୍ ଲଗାନ୍ତୁ। ଏହାକୁ ସଫା କରିବା ପରେ ଅଳ୍ପ ଫାଇଲ୍ କରନ୍ତୁ। ଅରେଞ୍ଜ ଷ୍ଟିକ୍‌ରେ କ୍ୟୁଟିକଲକୁ ଭିତର ଆଡ଼କୁ ପୁଶ୍ କରନ୍ତୁ।
- ସଫା କପଡ଼ା ଦ୍ୱାରା ହାତକୁ ପୋଛି ହ୍ୟାଣ୍ଡ କ୍ରିମ୍ ଲଗାଇ ହାତକୁ ମସାଜ୍ କରନ୍ତୁ।
- ନେଲ୍‌ପଲିସ୍ ଲଗାଇବାକୁ ପ୍ରସ୍ତୁତି କରନ୍ତୁ। ନେଲ୍‌ପଲିସ୍ ଲଗାଉଥିଲେ ଏହାର ଦୁଇଟି କୋଟ୍ ଲଗାନ୍ତୁ, ଶେଷରେ ଗ୍ଲସି ଦେଖାଯିବା ଲାଗି ଗ୍ଲସି ଇଫେକ୍ଟ ଉପରେ ଲଗାଇପାରିବେ।



# କରୋନା ଯୁଦ୍ଧରେ ଗୃହିଣୀ

ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

ପ୍ରକୃତିର କ୍ଷୁଦ୍ରାତିକ୍ଷୁଦ୍ର ଜୀବ କରୋନା ଭୂତାଣୁ ୨୧୦ ଦେଶକୁ କବଳିତ କରି ସାରିଲାଣି। ମନୁଷ୍ୟ ସମାଜ ଭୟଭୀତ ହୋଇ ରୋଗ କବଳରୁ ରକ୍ଷାପାଇବା ପାଇଁ ଆତ୍ମ ବନ୍ଦୀ ଜୀବନଯାପନ କରୁଛି।

ଗୋଟିଏ ଦେଶର କ୍ଷୁଦ୍ର ଏକକ ହେଲା ପରିବାର। ଏହି ପରିବାରର ଦାୟିତ୍ୱ ଗୃହିଣୀଙ୍କ ଉପରେ। ଗୃହିଣୀର ସ୍ୱାସ୍ଥ୍ୟ, ମାନସିକ ସ୍ଥିତି ପରିବାରର ସୁସ୍ଥତା ଓ ପରିବାରର ସୁଖ ଉପରେ ନିର୍ଭର କରେ। ସାମ୍ପ୍ରତିକ ସ୍ଥିତିରେ ଗୃହିଣୀମାନେ ମାନସିକ ଅବସାଦରେ ରହିବା ସ୍ୱାଭାବିକ। ପ୍ରଥମତଃ କାର୍ଯ୍ୟର ଚାପ ବୃଦ୍ଧି, ଦ୍ୱିତୀୟରେ ସମସ୍ତେ ଗୃହବନ୍ଦୀ ରହିବା ଫଳରେ ସମସ୍ତଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି, ଯାହା ପ୍ରାୟ ଦିନରେ ଚାରି ଥର। ସାନ ପିଲା ଥିଲେ ସେମାନଙ୍କର ସ୍ୱତନ୍ତ୍ର ଯତ୍ନ ଓ ଶିଶୁ ଖାଦ୍ୟ ପ୍ରସ୍ତୁତି, ସ୍ତନ୍ୟପାନ କରାଇବା ଇତ୍ୟାଦି କରିବାକୁ ପଡ଼ିଥାଏ। ନିଜର ବୃଦ୍ଧ ପିତାମାତା କିମ୍ବା ରୁଗ୍ଣ ବ୍ୟକ୍ତି ଥିଲେ ଅବସ୍ଥା ଆହୁରି ଅସମ୍ଭାଳ, ଯାହା କି ବେଡ଼ି ଉପରେ କୋରଡ଼ା ମାଡ଼।

ଏହି ସମୟରେ କୌଣସି ସାହାଯ୍ୟକାରିଣୀ ଆସୁ ନ ଥିଲେ ନିଜ ଗୃହକୁ ପରିଷ୍କାର ରଖିବା, ବାସନକୁସନ ମାଜିବା, ଲୁଗାପଟା ସଫା ରଖିବା ଦାୟିତ୍ୱ ମଧ୍ୟ ଗୃହିଣୀଙ୍କ ଉପରେ ନିର୍ଭର କରୁଛି।





**"ଗୋଟିଏ ଦେଶର କ୍ଷୁଦ୍ର ଏକକ ହେଲା ପରିବାର। ଏହି ପରିବାରର ଦାୟିତ୍ୱ ଗୃହିଣୀଙ୍କ ଉପରେ। ଗୃହିଣୀର ସ୍ୱାସ୍ଥ୍ୟ, ମାନସିକ ସ୍ଥିତି ପରିବାରର ସୁସ୍ଥତା ଓ ପରିବାରର ସୁଖ ଉପରେ ନିର୍ଭର କରେ। ସାମ୍ପ୍ରତିକ ସ୍ଥିତିରେ ଗୃହିଣୀମାନେ ମାନସିକ ଅବସାଦରେ ରହିବା ସ୍ୱାଭାବିକ। ପ୍ରଥମତଃ କାର୍ଯ୍ୟର ଚାପ ବୃଦ୍ଧି, ଦ୍ୱିତୀୟରେ ସମସ୍ତେ ଗୃହବନ୍ଦୀ ରହିବା ଫଳରେ ସମସ୍ତଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି, ଯାହା ପ୍ରାୟ ଦିନରେ ଚାରି ଥର।"**

ବଜାରରୁ ଖାଦ୍ୟ ସାମଗ୍ରୀ ଆଣିବା, ଏହାର ଦରବୃଦ୍ଧି, ସତେଜ ପନିପରିବା ମିଳିବା ମଧ୍ୟ ଗୃହିଣୀର ଚିନ୍ତାର କାରଣ। ତା' ମନରେ ସନ୍ଦେହ ଥାଏ ଏଥିରେ ବାହାରୁ କରୋନା ଭୂତାଣୁ ଗୃହକୁ ପ୍ରବେଶ କରୁନାହିଁ ତ! ଏହିସବୁ ମନସ୍ତାପକୁ ଆହୁରି ବଢ଼ାଇ ଦେଇଥାଏ ସ୍କୁଲରେ ପଢୁଥିବା ପୁତ୍ରକନ୍ୟାମାନଙ୍କର ପାଠ ଚିନ୍ତା, ପରୀକ୍ଷା ଚିନ୍ତା। ସ୍କୁଲ କେବେ ଖୋଲିବ ଏହି ସବୁ ଚିନ୍ତା ଗୃହିଣୀକୁ ଚିନ୍ତାଜନକ ସ୍ଥିତିକୁ ନେଇ ଯାଇଥାଏ।

ପରିବାର ମୁଖିଆଙ୍କର ବ୍ୟବସାୟ ବନ୍ଦ, ଆୟ କମିବା, ଚାକିରି ଯିବାର ଭୟ, ବନ୍ଧୁମାନଙ୍କଠାରୁ ଦୂରତା, ନିଜର ପିତ୍ରାଳୟ ଯାଇ ନ ପାରିବା, ପିଲାମାନଙ୍କର ଖେଳ ଓ ସାଙ୍ଗସାଥୀଙ୍କଠାରୁ ଦୂରତ୍ୱ ମାନସିକ ଅଶାନ୍ତିକୁ ବଢ଼ାଇ ଦେଇଥାଏ।

କର୍ମଜୀବୀ ମହିଳାଙ୍କର ଅବସ୍ଥା ଅବର୍ଣ୍ଣନୀୟ। ସେମାନେ ମାନସିକ ଅବସାଦ ଦୂର କରିବା ପାଇଁ ଟିଭି କିମ୍ବା ସୋସିଆଲ ମିଡିଆର ସାହାଯ୍ୟ ନିଅନ୍ତି, କିନ୍ତୁ ସେଥିରେ କରୋନା ସମ୍ପର୍କୀୟ ମୃତ୍ୟୁ ଖବର ସେମାନଙ୍କୁ ଆହୁରି ଅଧିକ ଆତଙ୍କିତ କରି ଦେଇଥାଏ।

**ମୁକ୍ତି ପାଇବେ କିପରି:**

– ପ୍ରଥମତଃ ଦିନର ସମସ୍ତ କାର୍ଯ୍ୟକୁ ପ୍ଲାନ କରି କରନ୍ତୁ। କାମକୁ କମ୍ କରିବାକୁ ଚେଷ୍ଟା କରନ୍ତୁ। ଯେପରି ରାନ୍ଧିଲାବେଳେ ଗୋଟିଏ କିମ୍ବା ଦୁଇଟି ପ୍ରକାରର କରନ୍ତୁ। ପ୍ଲେଟ୍‌ରେ ବଫେ ପରି ଖାଇବାକୁ ଦିଅନ୍ତୁ। ରୋଷେଇ ଦିନରେ ଥରେ କରନ୍ତୁ ଓ ସକାଳ ସନ୍ଧ୍ୟା ପାଇଁ ରଖିଦିଅନ୍ତୁ।

– ଫୋନ୍, ଭିଡିଓ କଲିଂ ଦ୍ୱାରା ନିଜର ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବଙ୍କ ସହିତ ସମ୍ପର୍କ ରଖନ୍ତୁ। ନିଜର ସମସ୍ୟାକୁ ସେମାନଙ୍କ ସହିତ ଆଲୋଚନା କରନ୍ତୁ। କୌଣସି ବନ୍ଧୁଙ୍କୁ ଘରକୁ ଡାକନ୍ତୁ ନାହିଁ। ନିଜର ପିଲାମାନଙ୍କୁ ମଧ୍ୟ ଫୋନ୍ ଏବଂ ଭିଡିଓ କଲିଂ ଦ୍ୱାରା ସାଙ୍ଗ ତଥା ବନ୍ଧୁମାନଙ୍କ ସହ ସମ୍ପର୍କ ରଖିବାକୁ କୁହନ୍ତୁ। ଇ-ଲର୍ନିଂ ମାଧ୍ୟମରେ ପିଲାଙ୍କୁ ପାଠ ପଢ଼ାନ୍ତୁ।

– ସକାଳ ସନ୍ଧ୍ୟାରେ ଯୋଗ ଓ ପ୍ରାଣାୟାମ କରନ୍ତୁ। ବାଡ଼ିବଗିଚାରେ ଫୁଲଗଛର ଯତ୍ନ ନିଅନ୍ତୁ। ପିଲାଙ୍କୁ ବାହାରକୁ ଛାଡ଼ନ୍ତୁ ନାହିଁ। ନିଜେ ପଢ଼ାନ୍ତୁ କିମ୍ବା ଅନ୍‌ଲାଇନ୍ ପଢ଼ିବାକୁ ଦିଅନ୍ତୁ।

– ପ୍ରତିଦିନ ପ୍ରାର୍ଥନା କରନ୍ତୁ ଏବଂ ନିଜକୁ ସାନ୍ତ୍ୱନା ଦିଅନ୍ତୁ। ଦୁଃଖ ହେଉ ବା ସୁଖ ହେଉ କୌଣସିଟି ସ୍ଥାୟୀ ନୁହେଁ। ଏହି ସମୟ ଚାଲିଯିବ ଓ ପୁନଶ୍ଚ ସାଧାରଣ ସମୟ ଆସିବ। ତେଣୁ ଧୈର୍ଯ୍ୟର ସହିତ ପରିସ୍ଥିତିର ମୁକାବିଲା କରନ୍ତୁ।

– ଲିଙ୍ଗରାଜ ବିହାର,
ପୋଖରୀପୁଟ, ଭୁବନେଶ୍ୱର
ମୋ: ୯୪୩୭୧୦୩୬୭୭





## ଘରୋଇ ଟିପ୍ସ



- ପନିପରିବାଗୁଡିକ ଫ୍ରିଜ୍‌ରେ ରଖିବା ପୂର୍ବରୁ ତାକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାପରେ ତାକୁ କପଡ଼ାରେ ପୋଛି ପଲିଥିନ୍‌ରେ ଭର୍ତ୍ତି କରି ଫ୍ରିଜ୍‌ରେ ରଖି ଦିଅନ୍ତୁ। ଏପରି କରିବା ଦ୍ୱାରା ପନିପରିବା ଜଲ୍‌ଦି ଖରାପ ହେବ ନାହିଁ।
- ଯଦି କଞ୍ଚାଲଙ୍କା ଷ୍ଟୋର କରି ରଖିବାକୁ ଚାହାନ୍ତି ତେବେ ତା'ର ଭୁଣ୍ଡି କାଢ଼ି ରଖନ୍ତୁ।
- ଘରେ ଅତିଥି ଆସିବା ଆଗରୁ ଫଳ କାଟି ରଖିବାକୁ ଚାହୁଁଥିଲେ ସେଥିରେ ଅଳ୍ପ ଟିକେ ଲେମ୍ବୁ ଚିପୁଡି ରଖି ଦିଅନ୍ତୁ । ଏପରି କରିବା ଦ୍ୱାରା ସେଓ ରଙ୍ଗରେ ପରିବର୍ତ୍ତନ ହୋଇ ନ ଥାଏ।
- ପ୍ରତିଦିନ ସକାଳୁ ଅଟା ଚକଟୁ ଥିବା ସମୟରେ ସନ୍ଧ୍ୟା ପାଇଁ ଚକଟି ରଖି ଦିଅନ୍ତୁ। ସକାଳ ରୁଟି ପ୍ରସ୍ତୁତ ହୋଇସାରିବା ପରେ ବାକି ଅଟା ଚକଟାକୁ ଅଳ୍ପ ଟିକେ ତେଲ ଲଗାଇ ରଖି ଦିଅନ୍ତୁ। ଏମିତି କଲେ ଅଟା ନରମ ରହିବ ଏବଂ ରୁଟି ବି ସଫ୍ଟ ହେବ।
- କେକ୍ ବି ଆପଣ ଭଲ ଭାବେ ଯଦି ବେକ୍ କରିପାରିବେ ତେବେ କେକ୍ ତିନି ଚାରିଦିନ ପର୍ଯ୍ୟନ୍ତ ଭଲ ରହିବ।



ଖାଦ୍ୟରୁଚି

# କାଜୁ ପନିର

**ଆବଶ୍ୟକ ସାମଗ୍ରୀ:** ପନିର ୨୦୦ଗ୍ରାମ୍, ଅଧା ଛୋଟ ଗିନା କାଜୁ ପେଷ୍ଟ, ଦୁଇଟି ପିଆଜ(ମୋଟା ଆକାରରେ କଟା ହୋଇଥିବ), ଏକ ଛୋଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ, ଅଧା ଛୋଟ ଚାମଚ ରସୁଣ ପେଷ୍ଟ, ଏକ ବଡ଼ ଚାମଚ ଟମାଟୋ ପ୍ୟୁରି, ଏକ ଛୋଟ ଚାମଚ ହଳଦୀ, ଏକ ଛୋଟ ଚାମଚ ଧନିଆ ପାଉଡର, ଏକ ଛୋଟ କାଶ୍ମୀରୀ ମିର୍ଚ୍ଚ ପାଉଡର, ଏକ ବଡ଼ ଚାମଚ କ୍ରିମ୍, ଏକ ଛୋଟ ଚାମଚ ଜିରା, ଏକ ଛୋଟ ଚାମଚ ଗରମମସଲା, ଲୁଣ ସ୍ୱାଦ ଅନୁସାରେ, ଏକ ଛୋଟ ଚାମଚ ଧନିଆପତ୍ର, ଭଜା ହୋଇଥିବା କାଜୁ ୫-୬ଟି।

**ପ୍ରସ୍ତୁତି ପ୍ରଣାଳୀ:** କାଜୁ ପନିର କରିବାକୁ ହେଲେ ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। ମିଡିୟମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟ୍‌କୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ କରେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀରୀ ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ନିର୍ଦ୍ଦିଷ୍ଟ ସମୟ ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ। ଏହି ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ। ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ। ଏବେ ଆପଣଙ୍କ କାଜୁ ପନିର ପ୍ରସ୍ତୁତ ହୋଇଗଲା। ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।



ଫ୍ୟାଶନ୍

# ଲେଦର ବ୍ୟାଗ୍

**ଯଦି ଆପଣ ଷ୍ଟାଇଲିସ, କ୍ଲାସି ଏବଂ ଲଙ୍ଗଲାଷ୍ଟିଙ୍ଗ ଲେଦର ବ୍ୟାଗ୍ ଚୟନ କରୁଥାନ୍ତି ତେବେ, ଲେଦର ବ୍ୟାଗ୍‌ଠୁ ଭଲ ଅପ୍‌ସନ୍ କିଛି ନାହିଁ। ନିହାତି ଏହା ଟିକେ କଷ୍ଟଲି ହୋଇପାରେ କିନ୍ତୁ ଏହାର କ୍ୱାଲିଟିରେ ଗ୍ୟାରେଣ୍ଟି ରହିଛି। ଉପଯୁକ୍ତ ଯତ୍ନ ନେଲେ ଏହାର କଲର ଏବଂ ଶେପ୍‌ରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା କମ୍ ଥାଏ। ଯଦି ଆପଣଙ୍କ ପାଖରେ ଦାମୀ ଲେଦର ବ୍ୟାଗ୍ ଥାଏ ତେବେ ନିମ୍ନୋକ୍ତ ଟିପ୍ସ ଆଣ୍ଡ ଟ୍ରିକ୍ସ ଆପଣେଇ ପାରନ୍ତି...**



-ପରିଷ୍କାର ହାତରେ ଲେଦର ବ୍ୟାଗ୍‌କୁ ସଫା କରନ୍ତୁ। କାହିଁକି ନା ଲେଦର ବ୍ୟାଗ୍‌ରୁ ଧୂଳି, ଅଏଲ ଏବଂ ଗ୍ରୀସ ଭଳି ଦାଗକୁ ଦୂର କରିବା ବହୁତ କଷ୍ଟ। ଯଦି ବ୍ୟାଗ୍ ଉପରେ ତେଲ, ଗ୍ରୀସ୍ ଭଳି ଦାଗ ଲାଗିଛି ତେବେ ଏହାକୁ ଛଡ଼ାଇବା ଲାଗି ସଫା ଏବଂ ଧଳା କପଡ଼ା ବ୍ୟବହାର କରନ୍ତୁ। ଏଥିପାଇଁ ପାଣି ବ୍ୟବହାର କରନ୍ତୁ ନାହିଁ।

– ସୋପ୍ ସଲ୍ୟୁସନ୍‌ରେ ବ୍ୟାଗ୍ ସଫା ନ କରି ଲେଦର ସଫା କରୁଥିବା ତଥା ବଜାରରେ ଉପଲବ୍ଧ ସ୍ୱତନ୍ତ୍ର କ୍ଲିନର୍ସର ବ୍ୟବହାର କରନ୍ତୁ।

-ଏହି ସଲ୍ୟୁସନ୍‌ର ବ୍ୟବହାର ଅଧିକ ଥର କରନ୍ତୁ ନାହିଁ। ଏହାର ଅଧିକ ପ୍ରୟୋଗ ଯୋଗୁ ବ୍ୟାଗ୍‌ର କଲର ଫିକା ପଡ଼ିବାର ସମ୍ଭାବନା ରହିଛି।

-ଲେଦର ବ୍ୟାଗ୍ ମଶ୍ଚରାଇଜର ରଖିବା ବହୁତ ଜରୁରୀ। ଏଥିପାଇଁ ମାର୍କେଟ୍‌ରେ ଲେଦର କଣ୍ଡିସନର ମିଳୁଛି ଏହାକୁ ବ୍ୟବହାର କରନ୍ତୁ।



– ଲେଦର ବ୍ୟାଗ୍ ଉପରେ ଲାଗିଥିବା ଦାଗକୁ ସେହି ସମୟରେ ହିଁ ତୁରନ୍ତ ସଫା କରନ୍ତୁ। ନ ହେଲେ ପରେ ଦାଗ ଛଡ଼ାଇବା ଆପଣଙ୍କ ପାଇଁ କଷ୍ଟ ହୋଇପାରେ।

– ଲେଦର ବ୍ୟାଗ୍‌କୁ ସବୁବେଳେ ମୁଲାୟମ ହାତରେ ସଫା କରନ୍ତୁ। ନ ହେଲେ ଏହା ଜଲ୍‌ଦି ଖରାପ ହେବାର ଆଶଙ୍କା ରହିଛି।



– ଲାଇଟ୍ କଲର ଲେଦର ବ୍ୟାଗ୍‌ରେ ଲାଗିଥିବା ଦାଗ ଦୂର କରିବାକୁ ହେଲେ ନେଲ୍‌ପେଣ୍ଟ ରିମୁଭରର ସହାୟତା ନେଇପାରିବେ। କିନ୍ତୁ ଏହାକୁ ଅଧିକ ପରିମାଣ ବ୍ୟବହାର କରନ୍ତୁ ନାହିଁ। ଏହାପରେ ତୁରନ୍ତ ସଫା କପଡ଼ାରେ ବ୍ୟାଗ୍‌କୁ ପୋଛି ଦିଅନ୍ତୁ।

# ଆଂଶିକାଙ୍କ ଉପରେ ଅନୁରାଧାଙ୍କ ନଜର


ଝିଅ ଆଂଶିକାକୁ ଫିଟ୍‌ନେସ୍ ଟ୍ରେନିଂ ଦେଉଛନ୍ତି ଅନୁରାଧା।

## ରୋଷେଇ, କ୍ୟାରମ ଖେଳି, ଗୀତ ଶୁଣି ବିତୁଛି ସମୟ

**ଭୁବନେଶ୍ୱର, ୧୩।୪(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ଉଦୀୟମାନ ଆଥଲେଟ୍ ଆଂଶିକା ରାଉତରାୟ। ପାଠପଢ଼ା ସହ ଶଟ୍‌ପୁଟ୍‌କୁ କ୍ୟାରିୟର କରୁଥିବା ଆଂଶିକାଙ୍କ ଉପରେ ଏବେ ମା’ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ ତୀକ୍ଷ୍ଣ ନଜର। କାରଣ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ପଢୁଥିବା ଆଂଶିକା ପଢ଼ା ସହ ସର୍ବଦା ଶଟ୍‌ପୁଟ ଅଭ୍ୟାସ ଏବଂ ଜୁନିୟର ସ୍ତରରେ କିଛି ନା କିଛି ପ୍ରତିଯୋଗିତା ପାଇଁ ବ୍ୟସ୍ତ ରହିଥାନ୍ତି। ମାତ୍ର ଏବେ କରୋନା ଭାଇରସ ସଂକ୍ରମଣ କାରଣରୁ ସବୁକିଛି ବନ୍ଦ। ସମ୍ପୂର୍ଣ୍ଣ ଦେଶ ଲକ୍‌ଡାଉନ୍‌ରେ ଥିବାରୁ ବାହାରକୁ ବାହାରିବା ସମ୍ଭବ ନୁହେଁ। ଏହାର ଗୁରୁତ୍ୱକୁ ଆଂଶିକା ଯେତିକି ବୁଝିଛନ୍ତି ତା’ଠାରୁ ଅଧିକ ବୁଝିଛନ୍ତି ହର୍ଡଲ୍ସ କୁଇନ୍ ଅନୁରାଧା। ଘରେ ବାନ୍ଧି ହୋଇ ରହିବା କାରଣରୁ ଆଂଶିକାଙ୍କ ପିଲାମନ ବିଚଳିତ ହେବା ସମ୍ଭାବନା ରହିଛି। ତେଣୁ ସେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିଜ ପାଇଁ ଏବଂ ଆଂଶିକାଙ୍କ ପାଇଁ ରୁଟିନ୍ ପ୍ରସ୍ତୁତ କରିଛନ୍ତି। ଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ସବୁକିଛି ଠିକ୍ ଚାଲିଛି ବୋଲି ପ୍ରକାଶ କରିଛନ୍ତି ଅନୁରାଧା ।

‘‘ନାଲ୍‌କୋ କଲୋନୀରେ ଆମ କ୍ୱାର୍ଟର ନିକଟରେ ଏକ ଛୋଟ ପଡ଼ିଆ ରହିଛି। ସେଠାରେ ସକାଳେ ଆଂଶିକାଙ୍କୁ ନେଇ ଫିଟ୍‌ନେସ ଟ୍ରେନିଂ କରାଉଛି। କାରଣ ତାଙ୍କ ପାଇଁ ବର୍ତ୍ତମାନ ପରିସ୍ଥିତିରେ ଫିଟ୍‌ନେସ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହି ପଡ଼ିଆରେ ୱାର୍ମଅପ୍, ୱେଟ୍ ଟ୍ରେନିଂ, ହର୍ଡଲ୍ସ ଜମ୍ପ, ଶଟ୍‌ପୁଟ ଫ୍ରଣ୍ଟ ଥ୍ରୋ, ବ୍ୟାକ୍ ଥ୍ରୋ, ଡିସ୍‌କସ୍ ଏକ୍ସରସାଇଜ୍ ଆଦି କରାଯାଉଛି। ଏହା ବ୍ୟତୀତ ଏଣ୍ଡୁରାନ୍ସ ପାୱାର ବଢ଼ାଇବା ପାଇଁ କ୍ରମାଗତ ରନିଂ କରାଉଛି। ପାଗ ଦେଖି କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବାକୁ ପଡୁଛି। ଦଶମ ସିବିଏସଇ ବୋର୍ଡ ପରୀକ୍ଷା ସରିଯାଇଥିବାରୁ ଏବେ ହଠାତ୍ ପାଠ ଚିନ୍ତା ବେଶି ନାହିଁ। ପଢ଼ାରୁ ଚିନ୍ତାମୁକ୍ତ ଥିବାରୁ ଏ ଦିଗରେ ସେ ବେଶି ଧ୍ୟାନ ଦେଇ ପାରୁଛନ୍ତି। ଏହା ବ୍ୟତୀତ ଯୋଗ ଏବଂ ପ୍ରାଣାୟମ ମଧ୍ୟ ଆମେ କରାଉଛୁ। ମନ ଶାନ୍ତ ଥିଲେ ଜଣେ ନିଶ୍ଚିତ ଭଲକଥା ଚିନ୍ତା କରିପାରିବ। ଆମେ ତା’ ଉପରେ ମଧ୍ୟ ଗୁରୁତ୍ୱ ଦେଉଛୁ।ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଅଭ୍ୟାସ ପରେ ହେଉ କିମ୍ବା ପ୍ରତିଟି କାର୍ଯ୍ୟକଳାପ ପରେ ପିଲାମାନେ ଯେପରି ହାତ ଧୁଅନ୍ତି ତା’ ଉପରେ ଗୁରୁତ୍ୱ ଦେଉଛୁ। ସେମାନଙ୍କୁ ଏହା ବାରମ୍ବାର ମଧ୍ୟ ଶିଖାଉଛୁ। ମୋଟାମୋଟି କହିବାକୁ ଗଲେ ଆଂଶିକାଙ୍କ ମନରେ ଯେପରି ଅନ୍ୟ କିଛି କଥା ନ ପଶିବ ସେଥିପ୍ରତି ଆମେ ଧ୍ୟାନ ଦେଉଛୁ। ଗଛ ଲଗାଇବା ଏବଂ ଲାଗିଥିବା ଗଛରେ ପାଣିଦେବା ଆଦି କାର୍ଯ୍ୟରେ ତାଙ୍କୁ ନିୟୋଜିତ କରୁଛୁ। ମୋ ସମୟରେ ମୁଁ ପାଇଥିବା ବିଭିନ୍ନ ସଫଳତାର ପେପର କଟିଂ ରହିଛି। ଏବେ ସମୟ ମିଳୁଥିବାରୁ ସେଗୁଡ଼ିକୁ ଆଂଶିକାଙ୍କୁ ଦେଖାଉଛି। ସେ ସେଥିରୁ ପ୍ରେରଣା ପାଉଛନ୍ତି ଏବଂ ଉତ୍ସାହିତ ମଧ୍ୟ ହେଉଛନ୍ତି। ‘‘ମୋ ମା’ ଏପରି ସମ୍ମାନ ପାଇଥିଲେ, ମୁଁ ମଧ୍ୟ ଏପରି କିଛି ରାଜ୍ୟ କିମ୍ବା ଦେଶ ପାଇଁ କରିବି’’ ବୋଲି ତାଙ୍କ ମନରେ ଭାବନା ଆସୁଛି ; ଯାହାକି ବହୁତ ଭଲ କଥା ବୋଲି ଅନୁରାଧା ପ୍ରକାଶ କରିଛନ୍ତି। ଏ ସବୁ କାର୍ଯ୍ୟ ସହ ଛୋଟ ପୁଅକୁ ଭିଡିଓ ଗେମ୍ ଖେଳାଇବା, ପେଣ୍ଟିଂ ଶିଖାଇବାରେ ସମୟ ଯାଉଛି। ପୁରୁଣା ମ୍ୟୁଜିକ୍ ଶୁଣିବାରେ ମୁଁ ରୁଚି ରଖେ। ରୋଷେଇ ହେଉ କିମ୍ବା ଅନ୍ୟ ଯେଉଁ କାର୍ଯ୍ୟ, ମ୍ୟୁଜିକ୍ ବାଜୁଥିଲେ ମତେ ଭଲ ଲାଗେ। ବିଶେଷ କରି ୮୦ ଦଶକର ମ୍ୟୁଜିକ୍ ଶୁଣି ମୁଁ ଆନନ୍ଦ ପାଇଥାଏ। ଏହା ବ୍ୟତୀତ ସମୟ ମିଳିଲେ ପରିବାରର ସଦସ୍ୟମାନେ ବସି କ୍ୟାରମ ଖେଳିଥାଉ ବୋଲି ସେ କହିଛନ୍ତି।

ଅନୁରାଧାଙ୍କ କହିବା ଅନୁସାରେ ସକାଳେ ନିତ୍ୟକର୍ମ ଶେଷ କରି ସେ କିଛି ସମୟ ଶାରୀରିକ ବ୍ୟାୟାମ କରିଥାନ୍ତି। ଆଂଶିକାଙ୍କୁ ମଧ୍ୟ ଏଥିରେ ସାମିଲ କରିଥାନ୍ତି। ଏହାପରେ ଅନ୍ୟାନ୍ୟ କାର୍ଯ୍ୟ ସାରିବା ସହ ଫୁଲ ତୋଳି ସାଇବାବାଙ୍କୁ ପୂଜା କରିଥାନ୍ତି। ବିଶ୍ୱରୁ ଏହି ରୋଗ କିପରି ଶୀଘ୍ର ଅପସରିଯାଉ ବୋଲି ପ୍ରାର୍ଥନା କରିଥାନ୍ତି। କାରଣ ତାଙ୍କ ମତରେ ଜୀବନଠାରୁ ଆଉ କିଛି ମୂଲ୍ୟବାନ ନାହିଁ । ତା’ପରେ ସେ ଇ-ପେପର ପଢ଼ି ରାଜ୍ୟ ତଥା ଦେଶ ବିଦେଶର ଖବର ଉପରେ ନଜର ପକାଇ ଥାଆନ୍ତି। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଖବର ପରିବେଷଣ ଜାରି ରଖୁଥିବାରୁ ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ ସାଲ୍ୟୁଟ କରିଛନ୍ତି। ଏହା ବ୍ୟତୀତ ଏହି ଅବସରରେ ସେ ପୋଲିସ ଏବଂ ମେଡିକାଲ ଟିମ୍‌କୁ ସେ ଧନ୍ୟବାଦ ଜଣାଇଛନ୍ତି। ରୋଷେଇ କଥା କହିଲେ ଆମେ କ୍ରୀଡ଼ାବିତ୍ ପରିବାର ହୋଇଥିବାରୁ ନନ୍‌ଭେଜ୍‌କୁ ଅଧିକ ପସନ୍ଦ କରିଥାଉ। ତେଣୁ ଚିଲି ଚିକେନ ମୋର ଅଧିକ ପସନ୍ଦ ଏବଂ ଏହି ରୋଷେଇକୁ ମୁଁ ଏବେ ଭଲଭାବେ ଶିଖିଯାଇଛି। ଚିକେନ ବିରିୟାନି ମଧ୍ୟ ପ୍ରସ୍ତୁତ କରୁଛି। ଏହା ବ୍ୟତୀତ ଭେଜ୍ ଆଇଟମ୍‌ରେ ପନିର କ୍ୟାପ୍ସିକମ୍‌କୁ ପସନ୍ଦ କରୁଛି। ମୁଖ୍ୟତଃ ପ୍ରୋଟିନ୍‌ଯୁକ୍ତ ଖାଦ୍ୟକୁ ଆମେ ଗୁରୁତ୍ୱ ଦେଉଛୁ । ରୋଷେଇ ଏବଂ ପ୍ରତିଟି କାର୍ଯ୍ୟରେ ମୋ ସ୍ୱାମୀ ପରମାନନ୍ଦ ରାଉତରାୟ ମୋତେ ସାହାଯ୍ୟ କରୁଛନ୍ତି ।

କରୋନା ବିଶ୍ୱ ମହାମାରୀ ଘୋଷଣା ହୋଇଛି, ଅର୍ଥାତ୍ ଆମେ ଘରେ ଯେତେ ରହିବା ସେତେ ସୁରକ୍ଷିତ ରହିପାରିବା । ଏଥିପାଇଁ ବାରମ୍ବାର ସଚେତନ କରାଯାଉଛି। ତେଣୁ ଅନ୍ୟମାନଙ୍କ ପରି ଆମେ ମଧ୍ୟ ଗୋଟିଏ ସ୍ଥାନରେ ରହିଛୁ। ବ୍ୟସ୍ତ ବହୁଳ ଜୀବନ ଯୋଗୁ ଆମେ କେବେହେଲେ ପରିବାର ପ୍ରତି ଅଧିକ ସମୟ ଦେଇ ପାରୁନାହୁଁ। ମାତ୍ର ଏବେ ସେହି ସମୟ ଆସିଛି। ଏଥିରୁ ଫାଇଦା ମଧ୍ୟ ମିଳୁଛି। ଉଦାହରଣ ସ୍ୱରୂପ ମୁଁ ନାଲ୍‌କୋରେ କାର୍ଯ୍ୟରତ ଥିବାରୁ ଖେଳ ଜୀବନ ପରେ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହୁଥିଲି। ଫଳରେ ଆଜି ପର୍ଯ୍ୟନ୍ତ ଭଲ ରୋଷେଇ ମଧ୍ୟ ଶିଖିପାରି ନ ଥିଲି। ଏବେ ଘରେ ଶାଶୁ ଥିବାରୁ ମୁଁ ତାଙ୍କ ନିକଟରୁ କିଛି ରୋଷେଇ ଶିଖିଯାଇଛି। ଏବେ ସମସ୍ତେ ଘରେ ରହୁଥିବାରୁ ପରସ୍ପରକୁ ସାହାଯ୍ୟ କରୁଛନ୍ତି। ଏହା ବ୍ୟତୀତ ଦୂରଦର୍ଶନରେ ରାମାୟଣ ଓ ମହାଭାରତ ସିରିୟଲ ଦେଉଥିବାରୁ ପିଲାମାନେ ଶାଶୁଙ୍କ ନିକଟରେ ବସି ଏହାକୁ ଉପଭୋଗ କରିବା ସହ ବିଭିନ୍ନ କଥା ପଚାରି ବୁଝୁଛନ୍ତି ଏବଂ କିଛି ଶିଖୁଛନ୍ତି ; ଯାହାକି ତାଙ୍କ ପାଇଁ ଭବିଷ୍ୟତରେ ନିଶ୍ଚିତ ଉପକାରରେ ଆସିବ ବୋଲି ମହିଳା ହର୍ଡଲ୍ସରେ ଜାତୀୟ ରେକର୍ଡଧାରିଣୀ ଅନୁରାଧା ପ୍ରକାଶ କରିଛନ୍ତି।



# ଭାରତରେ ହେବ ଏସିଆନ ବକ୍ସିଂ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ,୧୩।୪ (ପି.ଟି.):** ଚଳିତବର୍ଷ ନଭେମ୍ବର-ଡିସେମ୍ବରରେ ଭାରତ ଉଭୟ ପୁରୁଷ ଓ ମହିଳା ଏସିଆନ ବକ୍ସିଂ ଚାମ୍ପିୟନଶିପ୍ ଆୟୋଜନ କରିବ। ବକ୍ସିଂ ଜାତୀୟ ଫେଡେରେଶନ ସୋମବାର ଏ ନେଇ ସୂଚନା ଦେଇଛି। ସେତେବେଳକୁ କୋଭିଡ୍-୧୯ ସଂକ୍ରମଣ ନିୟନ୍ତ୍ରଣକୁ ଆସିଯାଇଥିବ ବୋଲି ଫେଡେରେଶନ ବିଶ୍ୱାସର ସହ କହିଛି। ୧୯୮୦ରେ ମୁମ୍ବାଇରେ ଭାରତ ଶେଷଥର ପାଇଁ ଏସିଆନ୍ ବକ୍ସିଂ ଚାମ୍ପିୟନଶିପ୍ ଆୟୋଜନ କରିଥିଲା। ସେହିପରି ମହିଳା ଇଭେଣ୍ଟକୁ ୨୦୦୩ରେ ହିସାରରେ ଆୟୋଜନ କରିଥିଲା। ଏବେ ଏହି ଦୁଇ ଇଭେଣ୍ଟ ଗତବର୍ଷଠାରୁ ମିଳିତ ଭାବେ ଆୟୋଜନ ହୋଇ ଆସୁଛି। ଏସିଆନ ବକ୍ସିଂ କନ୍‌ଫେଡେରେଶନ ବୈଠକରେ ଭାରତକୁ ଆୟୋଜନ ଅଧିକାର ପ୍ରଦାନ କରାଯାଇଥିଲା। ନଭେମ୍ବର-ଡିସେମ୍ବରରେ ଟୁର୍ନାମେଣ୍ଟ ଆୟୋଜନ କରାଯିବ। ସ୍ଥିତି ସ୍ୱାଭାବିକ ହେଲା ପରେ ଆୟୋଜକ ସହର ସମ୍ପର୍କରେ ସୂଚନା ଦିଆଯିବ ବୋଲି ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) କାର୍ଯ୍ୟକାରୀ ନିର୍ଦ୍ଦେଶକ ଆର.କେ. ସାଚେତି କହିଛନ୍ତି।

କୋଭିଡ୍-୧୯ ମହାମାରୀ ଜୁନ୍ ସୁଦ୍ଧା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଯାଇଥିବ। ଏହାପରେ ଆଉ ୩-୪ ମାସରେ ସବୁ କିଛି ସ୍ୱାଭାବିକ ହୋଇଯାଇଥିବ ବୋଲି ସାଚେତି କହିଛନ୍ତି। ପ୍ରତି ଦୁଇବର୍ଷରେ ଥରେ ଏହି ଇଭେଣ୍ଟ ଆୟୋଜିତ ହୋଇଥାଏ। କିନ୍ତୁ ଗତ କିଛିବର୍ଷ ହେବ ଏହା ନିୟମିତ ପ୍ରତିବର୍ଷ ଖେଳାଯାଉଛି। ଗତ ଜାନୁୟାରୀରେ ଇଭେଣ୍ଟର ବିଡ୍ ଆହ୍ୱାନ କରାଯାଇଥିଲା। କୋଭିଡ୍-୧୯ ସ୍ଥିତିରେ ଉନ୍ନତି ହେଲେ ଆନୁଷ୍ଠାନିକ ଭାବେ ଏସିଆନ ବକ୍ସିଂ କନ୍‌ଫେଡେରେଶନ ଏ ନେଇ ଘୋଷଣା କରିବ। ଉଲ୍ଲେଖଥାଉ କି, କୋଭିଡ୍-୧୯ ସଂକ୍ରମଣ କାରଣରୁ ସାରା ବିଶ୍ୱରେ କ୍ରୀଡ଼ା ଇଭେଣ୍ଟଗୁଡ଼ିକ ବାତିଲ ହୋଇଛି କିମ୍ବା ସ୍ଥଗିତ ରଖାଯାଇଛି। ଏପର୍ଯ୍ୟନ୍ତ ୯ଜଣ ଭାରତୀୟ ବକ୍ସର ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ପୁରୁଷ ଓ ୪ ଜଣ ମହିଳା ବକ୍ସର ସାମିଲ ଅଛନ୍ତି।

# ‘ଇନ୍ ଆଣ୍ଡ ଆଉଟ୍ ଅଫ୍ ଗ୍ରାସ୍‌ରୁଟ୍ ଫୁଟ୍‌ବଲ ଡେଭଲପମେଣ୍ଟ’ କାର୍ଯ୍ୟକ୍ରମ


ଶ୍ୟାମ ମାନିକ୍ ଲୋଧ୍

**ଭୁବନେଶ୍ୱର, ୧୩।୪ (ସ୍ପୋର୍ଟ୍ସ ବ୍ୟୁରୋ):** କରୋନା ଭାଇରସ୍ ସଂକ୍ରମଣ ଆଶଙ୍କା ଯୋଗୁ ସମଗ୍ର ଦେଶରେ ଲକ୍‌ଡାଉନ୍ ଚାଲିଥିବାରୁ କ୍ରୀଡ଼ା କାର୍ଯ୍ୟକଳାପ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି। ତେବେ ଏହି ସମୟରେ ଅଗ୍ରଣୀ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କମ୍ପାନୀ ଆଇଡିଆଜ୍ ଅନ୍‌ଲିମିଟେଡ୍ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ ଗ୍ରୁପ୍ (ଆଇୟୁଏସ୍‌ଏମ୍) ତରଫରୁ ସଂସ୍ଥାର ଫେସ୍‌ବୁକ୍ ପେଜ୍‌ରେ ‘ ଇନ୍ ଆଣ୍ଡ ଆଉଟ୍ ଅଫ୍ ଗ୍ରାସ୍‌ରୁଟ୍ ଫୁଟ୍‌ବଲ ଡେଭଲପମେଣ୍ଟ’ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଉଛି। ପ୍ରଥମ ସେସନ ରବିବାର ସକାଳ ୧୧ ଟା ୩୦ରେ ଆରମ୍ଭ ହୋଇଥିଲା। ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ଓ ଗୁରୁବାର ସକାଳେ ଏହି ସେସନର ସିଧାପ୍ରସାରଣ କରାଯିବ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ପୂର୍ବତନ ମୁଖ୍ୟ କୋଚ୍ ଶ୍ୟାମ ମାନିକ୍ ଲୋଧ୍ ସମସ୍ତ ସେସନ ପରିଚାଳନା କରୁଛନ୍ତି। ଲୋଧ୍ ଗତ ଦୁଇ ବର୍ଷ କଟକ ସାଇ ହଷ୍ଟେଲରେ କାର୍ଯ୍ୟ କରିଥିଲେ। ଓଡ଼ିଶାରେ ମହିଳା ଫୁଟ୍‌ବଲର ବିକାଶ କ୍ଷେତ୍ରରେ ସେ କାର୍ଯ୍ୟ କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଓଡ଼ିଶାରୁ ୪ ଜଣ ବାଳିକା ଜାତୀୟ ମହିଳା ଦଳରେ ସ୍ଥାନ ପାଇଥିଲେ। ଲୋଧ୍ ଏସିଆନ ଫୁଟ୍‌ବଲ କନଫେଡେରେଶନର ଏ’ ଲାଇସେନ୍ସପ୍ରାପ୍ତ କୋଚ୍ ତଥା ଏଆଇଏଫ୍‌ଏଫ୍‌ର ଡି’ ଲାଇସେନ୍ସପ୍ରାପ୍ତ କୋଚ୍ ତଥା ଏଜୁକେଟର। ଆଇୟୁଏସ୍‌ଏମ୍ ତରଫରୁ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ଯୁବ ଫୁଟ୍‌ବଲ କୋଚ୍‌ଙ୍କୁ ବିକଶିତ କରିବା ସହ ନିଜ ପିଲାଙ୍କୁ ଭବିଷ୍ୟତରେ ଜଣେ ଫୁଟ୍‌ବଲର କରିବାକୁ ଅଭିଳାଷ ରଖିଥିବା ମାତାପିତାଙ୍କୁ ଉପଯୋଗୀ ପରାମର୍ଶ ଦିଆଯିବାର ବ୍ୟବସ୍ଥା କରାଯାଇ ଥିବା ସଂସ୍ଥାର ସିଓଓ ସଞ୍ଜୟ ଶ୍ରୀବାସ୍ତବ କହିଛନ୍ତି।

# ବହି ଲେଖୁଛନ୍ତି ମାରିଜନେ

**ନୂଆଦିଲ୍ଲୀ,୧୩।୪ (ପି.ଟି.):** କୋଭିଡ୍-୧୯ ପାଇଁ ସାରା ଦେଶ ତଥା ବିଶ୍ୱରେ ଲକ୍‌ଡାଉନ ଜାରି ହୋଇଛି। ଏହି ସମୟରେ ଭାରତୀୟ ମହିଳା ହକି ଦଳର କୋଚ ଜୋର୍ଡ ମାରିଜନେ ପରିବାରଠାରୁ ଦୂରେଇ ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟର ରହୁଛନ୍ତି। ଏହି ସମୟରେ କ୍ରୀଡ଼ାଜନିତ କାର୍ଯ୍ୟକଳାପ ନ ଥିବାରୁ ସେ ପର୍ଯ୍ୟାପ୍ତ ସମୟ ପାଇଛନ୍ତି। ଏହାର ସଦ୍‌ବ୍ୟବହାର କରିବାକୁ ଯାଇ ସେ ଲେଖକ ହୋଇଛନ୍ତି। ସେ ଏହି ଅବକାଶରେ ବହି ଲେଖିବା ଜାରି ରଖିଛନ୍ତି। ଭାରତରେ ରହଣି ଅଭିଜ୍ଞତାକୁ ନେଇ ସେ ଲେଖା ଜାରି ରଖିଛନ୍ତି।



ହଲାଣ୍ଡର ଅଧିବାସୀ ମାରିଜନେ ହେର୍ଟୋଜେନବୋସ୍କରେ ରୁହନ୍ତି। ସେଠାରେ ତାଙ୍କ ସ୍ତ୍ରୀ, ୩ ଝିଅ ଓ ଗୋଟିଏ ପୁଅ ରୁହନ୍ତି। ପରିବାରଠାରୁ ଦୂରରେ ରହି ସମୟ କାଟିବା କଷ୍ଟକର ବୋଲି ୪୫ ବର୍ଷୀୟ ମାରିଜନେ କୁହନ୍ତି। ଯେତେ ସମ୍ଭବ ନିଜକୁ ବ୍ୟସ୍ତ ରଖିବା ପାଇଁ ପ୍ରୟାସ କରୁଛି। ଭାରତରେ ସାଢେ ୩ ବର୍ଷ ହେବ ରହିଆସୁଛି। ଜଣେ କୋଚ୍ ହିସାବରେ ଓ ବ୍ୟବସାୟିକ ଜୀବନରେ ଏଠାରେ ମୋର ବହୁ ମଜାଦାର ଅଭିଜ୍ଞତା ମଧ୍ୟ ରହିଛି। ଭାରତରେ ଲକ୍‌ଡାଉନ୍ ଜାରି ହେବାର ଠିକ୍ ପୂର୍ବରୁ ମାରିଜନେ ନେଦରଲାଣ୍ଡ ଯାତ୍ରା କରିଥିଲେ। ତେବେ ନିଜ ଦଳ ଓ ପରିବାର ହିତକୁ ଦୃଷ୍ଟିରେ ରଖି ସେ ଅଧାବାଟରୁ ପୁଣି ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ନିଜ ସ୍ତ୍ରୀ ଓ ପରିବାରକୁ ସେ ପ୍ରଶଂସା କରିଛନ୍ତି। ଏହି କଷ୍ଟକର ସମୟ ଓ ପରିସ୍ଥିତିରେ ସେମାନେ ବେଶ୍ ସାହସିକତାର ପରିଚୟ ଦେଇଥିବା ମାରିଜନେ କହିଛନ୍ତି। ଅଧା ବାଟରୁ ଫେରିଆସିବା କଷ୍ଟକର ହୋଇଥିଲେ ମଧ୍ୟ ଭାରତୀୟ ଦଳ ପ୍ରତି ମୋର ଦାୟିତ୍ୱବୋଧତା ରହିଛି। ଲକ୍‌ଡାଉନ୍ ସମୟରେ ସମ୍ପୂର୍ଣ୍ଣ ଦଳ ଏକାଠି ରହିଛି। ଏବେ ମଧ୍ୟ ଆମେ ପୂରା ଅଭ୍ୟାସ କରୁଛୁ। ଦଳକୁ ଏକାଠି କରିବାକୁ ଆମେ ଆହୁରି ପ୍ରୟାସ ଜାରି ରଖିଛୁ। ମହିଳା ଖେଳାଳିମାନେ ମଧ୍ୟ ସେମାନଙ୍କ ସ୍ପୋକନ ଇଂଲିଶ୍ ଶିକ୍ଷା ଜାରି ରଖିଛନ୍ତି।

# ‘କରୋନା’ କଟକଣାରେ ଛନ୍ଦି ହୋଇଛି କ୍ରିକେଟ

**କଟକ ଅଫିସ,୧୩।୪: କରୋନା ପ୍ରଭାବରୁ ମୁକୁଳିନି କ୍ରୀଡ଼ା ଜଗତ। ରାଜ୍ୟ ସମେତ ସମଗ୍ର ଦେଶ ଓ ବିଶ୍ୱର କ୍ରୀଡ଼ା ସାମ୍ରାଜ୍ୟ ମଧ୍ୟ କରୋନା ଭାଇରସ ଯୋଗୁଁ ପ୍ରଭାବିତ ହୋଇଛି। ଅନେକ ପ୍ରମୁଖ ଟୁର୍ନାମେଣ୍ଟକୁ ଇତି ମଧ୍ୟରେ ବାତିଲ କରାଯାଇଛି। ଭାରତୀୟ ଘରୋଇ କ୍ରିକେଟର ପ୍ରମୁଖ ପେସାଦାର ଟୁର୍ନାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ। ସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ କ୍ରୀଡ଼ାର ଭବିଷ୍ୟତକୁ ନେଇ ଆକଳନ କରିବା କଷ୍ଟକର। ତେବେ ଚଳିତ ବର୍ଷ ତଥା ଆଗାମୀ କ୍ରିକେଟ ସିଜିନରେ ରାଜ୍ୟ କ୍ରିକେଟର ସ୍ଥିତି କିପରି ରହିବ ତାହାକୁ ନେଇ ମତାମତ**

### ଭିଜନ-୨୦୨୪ ଉପରେ ଆଞ୍ଚ ଆସିବ



ସବୁ କିଛି ଭଲଭାବେ ଚାଲିଥିଲା। ଆମେ କ୍ଲବ ସ୍ତରୀୟ ଟୁର୍ନାମେଣ୍ଟ ସଫଳପୂର୍ଣ୍ଣ ଭାବେ ଆୟୋଜନ କରିଛୁ। ଏଥିରୁ ଅନେକ ନୂତନ ପ୍ରତିଭା ସମ୍ମୁଖକୁ ଆସିଛନ୍ତି। ହେଲେ ପରବର୍ତ୍ତୀ କୌଣସି ପଦକ୍ଷେପ ପୂର୍ବରୁ ଆମ ହାତ ବାନ୍ଧି ହୋଇ ଗଲା।କରୋନା ଭାଇରସର ପ୍ରଭାବ ଯୋଗୁଁ ଏବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମଧ୍ୟ କୌଣସି ସ୍ପଷ୍ଟ ଘୋଷଣା କରିନାହିଁ । ଭିଜନ-୨୦୨୪କୁ ଲକ୍ଷ୍ୟରେ ରଖି ଯେଉଁ ସମସ୍ତ କାର୍ଯ୍ୟକ୍ରମ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆରମ୍ଭ କରିଥିଲା, ସେଥିରେ ନିଶ୍ଚିତ ଭାବେ ଆଞ୍ଚ ଆସିବ। ତଥାପି ରାଜ୍ୟ କ୍ରିକେଟ ଦୁର୍ବଳ ହେବନି ବୋଲି ଆମର ବିଶ୍ୱାସ।

– **ସଞ୍ଜୟ ବେହେରା,** ସମ୍ପାଦକ, ଓସିଏ

### ସବୁକିଛି ଅନିଶ୍ଚିତତା ଭିତରେ ରହିଛି



ଘରୋଇ କ୍ରିକେଟ ଟୁର୍ନାମେଣ୍ଟକୁ ନେଇ ବିସିସିଆଇ ଖେଳସୂଚୀ ଘୋଷଣା କରିନାହିଁ । ଏଣୁ ଆଗାମୀ ଦିନରେ କେଉଁ ସବୁ ଟୁର୍ନାମେଣ୍ଟ ହେବ ତାହା ସ୍ପଷ୍ଟ ହେଉନି । କେବଳ ଓଡ଼ିଶା କ୍ରିକେଟ ନୁହେଁ ଭାରତର ସମସ୍ତ ରାଜ୍ୟରେ କ୍ରିକେଟ ଖେଳ ଉପରେ ଏବେ ପ୍ରଭାବ ପଡ଼ିଛି । ବୋଧ ହୁଏ ଆଗାମୀ ଦିନରେ ଟୁର୍ନାମେଣ୍ଟ ଆୟୋଜନ କରାଗଲେ ମ୍ୟାଚ ସଂଖ୍ୟା କମିବ । କ୍ଲବ ଟୁର୍ନାମେଣ୍ଟରୁ ଯେଉଁ ସମସ୍ତ ଖେଳାଳି ସମ୍ମୁଖକୁ ଆସିଛନ୍ତି, ଦଳ ଚୟନରେ ସେମାନଙ୍କ ଉପରେ ନଜର ରଖାଯିବ ।ଜୁନିୟର ବର୍ଗର କ୍ରିକେଟକୁ ନେଇ ମଧ୍ୟ କୌଣସି ସ୍ପଷ୍ଟ ଚିତ୍ର ସମ୍ମୁଖକୁ ଆସୁନି । ସବୁ କିଛି ଏବେ ଅନିଶ୍ଚିତତା ଭିତରେ ରହିଛି ।

– **ସୁବ୍ରତ କୁମାର ବେହେରା,** ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓସିଏ

### ସ୍ଥିତି ସୁଧୁରିବା ଯାଏ ଅପେକ୍ଷା



ଗୋଟିଏ ବର୍ଷର ଖେଳ ଖରାପ ହୋଇଗଲେ ବି କୌଣସି ଅସୁବିଧା ନାହିଁ । ଏବେ ସମଗ୍ର ମାନବସମାଜ ମାରାତ୍ମକ ଭାଇରସ ଯୋଗୁଁ ଚିନ୍ତାରେ । ଯଦି ସବୁକିଛି ଠିକ ହୋଇଯାଏ, ତାହେଲେ ପୁନର୍ବାର କ୍ରିକେଟ ଟୁର୍ନାମେଣ୍ଟ ଗୁଡ଼ିକ ଆରମ୍ଭ ହେବ । ସେତେବେଳେ ପ୍ରସ୍ତୁତି ପାଇଁ ଆମ ପାଖରେ କେତେ ସମୟ ରହିବ ଓ ଏହାକୁ ଆମେ କେତେମାତ୍ରାରେ ଉପଯୋଗ କରିବୁ ତାହା ଚ୍ୟାଲେଞ୍ଜିଂ ହେବ ।

– **ରଶ୍ମିରଞ୍ଜନ ପରିଡ଼ା,** କୋଚ୍

### କ୍ରିକେଟଠାରୁ ଜୀବନ ମୂଲ୍ୟବାନ



କ୍ରିକେଟର ବିକାଶ ଆଜି ନହେଲେ କାଲି ବି ହୋଇ ପାରିବ । ଏବେ ଦେଶର ପରିସ୍ଥିତି ଯାହା, ସେ ସମୟରେ କ୍ରିକେଟର ବିକାଶ କଥା ଭାବି ହେଉନାହିଁ । ରାଜ୍ୟ କ୍ରିକେଟ ଉପରେ ଏହା ନିଶ୍ଚିତ ଭାବେ ବଡ଼ ଧରଣର ପ୍ରଭାବ ପକାଇବ । ହେଲେ ଏବେ ମଣିଷର ଜୀବନ ମୂଲ୍ୟବାନ।

– **ସୌରଜିତ ମହାପାତ୍ର,** ପୂର୍ବତନ କ୍ରିକେଟ ଖେଳାଳି



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ